


▶ପୃଷ୍ଠା 9 ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-227 ◆BHUBANESWAR ◆WEDNESDAY ◆12 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୨୭ ◆ଭୁବନେଶ୍ୱର ◆ବୁଧବାର ◆୧୨ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


# ସରକାରଙ୍କ କାନ୍ଧରେ ଦାଦନ ଶବ

## ୪୦ ଦିନରେ ଗଲାଣି କଳାହାଣ୍ଡି ଜିଲ୍ଲାର ୫ ଦାଦନଙ୍କ ଜୀବନ

■ ଭବାନୀପାଟଣା, ୧୧।୨ (ସମିସ): କେଇମାସ ତଳେ ଓଡ଼ିଶାର ଦାଦନ ସମସ୍ୟାକୁ ନିର୍ବାଚନରେ ପ୍ରସଙ୍ଗ କରିଥିଲା ବିଜେପି । କାମଧନ୍ଦା ନ ମିଳିବା କାରଣରୁ ଓଡ଼ିଶାର ଶ୍ରମିକ ଗୁଜୁରାଟରେ କାମ କରୁଛନ୍ତି ବୋଲି ତାଚ୍ଛଲ୍ୟ କରିଥିଲେ ବିଜେପିର ତୁଙ୍ଗ ନେତା। କେବଳ ସେତିକି ନୁହେଁ ରାଜ୍ୟରେ ବିଜେପି ସରକାର ଗଢ଼ିଲେ ଦାଦନ ଚାଲାଣ ବନ୍ଦ ହେବ ଓ ସମସ୍ତଙ୍କୁ କାମ ଯୋଗାଇ ଦିଆଯିବ ବୋଲି ମଧ୍ୟ ଘୋଷଣା କରିଥିଲେ। ମାତ୍ର ମାସ କେଇଟା ଯାଇନାହିଁ, ନିଜ ଘୋଷଣା ବିଜେପି ପାଇଁ ବୁମେରାଂ ହୋଇଛି। ପ୍ରତିଦିନ ରାଜ୍ୟରୁ ଲୋକମାନେ ଦାଦନ ଖଟିବାକୁ ଅନ୍ୟରାଜ୍ୟକୁ ଯାଉଛନ୍ତି ଓ ପ୍ରତିଦିନ କେଉଁଠି ନା କେଉଁଠି ଓଡ଼ିଶାର ଦାଦନ ମୃତ୍ୟୁବରଣ ଖବର ରାଜ୍ୟରେ ପହଞ୍ଚୁଛି। ପ୍ରତିଦିନ ରାଜ୍ୟ ସରକାର ଦାଦନ ଶବକୁ କାନ୍ଧ ଦେଉଛନ୍ତି। ଗତ ୪୦ ଦିନ ମଧ୍ୟରେ କଳାହାଣ୍ଡି ଜିଲ୍ଲାର ୫ ଜଣ ଦାଦନ ଅନ୍ୟ ରାଜ୍ୟରେ ପ୍ରାଣ ହରାଇଥିବା ଖବର ଜିଲ୍ଲାବାସୀଙ୍କୁ ବ୍ୟଥିତ କରିଥିଲେ ହେଁ ସରକାର ସମ୍ପୂର୍ଣ୍ଣ ନିଦାବିଷ୍ଟ ସାଜିଛନ୍ତି। ଏପରିକି ଆଜି ମୁମ୍ବାଇରୁ ଜଣେ ଦାଦନଙ୍କ ଶବ ଜିଲ୍ଲାକୁ ଆସିଥିବାବେଳେ ସରକାର, ପ୍ରଶାସନ ଏ ସମ୍ପର୍କରେ ଅତ୍ୟନ୍ତ ବେଫିକର ଥିବା ଅଭିଯୋଗ ହୋଇଛି।

ଧାନ ଉତ୍ପାଦନରେ କଳାହାଣ୍ଡି ଦେଶର ଆଗଧାଡ଼ିର ଜିଲ୍ଲାର ମାନ୍ୟତା ପାଇଛି। କପା ଉତ୍ପାଦନରେ ଏହି ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି। ଏହା ସତ୍ତ୍ୱେ କୃଷିଜୀବୀଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କ ପାଖରେ କାମ ନାହିଁ। ପେଟପାଟଣା ପାଇଁ ଜିଲ୍ଲାର ହଜାର ହଜାର ଲୋକ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଲାଞ୍ଜିଗଡ଼, ଥୁ.ରାମପୁର, ଗୋଲାମୁଣ୍ଡା, ଭବାନୀପାଟଣା ଏବଂ ଏମ.ରାମପୁର, କୋକସରା, ଗୋଲାମୁଣ୍ଡାର ବହୁ ଶ୍ରମିକ ଏବେ କେରଳ, ତାମିଲନାଡୁ, ଗୁଜୁରାଟ, ଆନ୍ଧ୍ର ପ୍ରଦେଶ ▶ପୃଷ୍ଠା-୭

## ଗାଁ ଦାଣ୍ଡରେ ଦାଦନ ଗାଡି




■ ଜି.ଉଦୟଗିରି, ୧୧।୨ (ସମିସ): ହାତରେ କାମ ନାହିଁ। ଜିଲ୍ଲାରେ କଳକାରଖାନା ନାହିଁ। ପର୍ଯ୍ୟଟନସ୍ଥଳୀର ବିକାଶ ନାହିଁ। ଉତ୍ପାଦିତ ପ୍ରାକୃତିକ ଦ୍ରବ୍ୟ ନେଇ କୁଟୀର ଶିଳ୍ପ ନାହିଁ। ଏହି ସବୁ କାରଣରୁ କନ୍ଧମାଳ ଜିଲ୍ଲାରେ ବଢ଼ି ଚାଲିଛି ଦାଦନ। ପ୍ରତି ଶୁକ୍ରବାର ରାଇକିଆରୁ କେରଳକୁ ବସ୍ ଯୋଗେ ଶ୍ରମିକମାନେ ଯାଉଛନ୍ତି। ରାଇକିଆରୁ ବସ ବାହାରୁ ଥିଲେ ମଧ୍ୟ ୩୦ କିମି ଅଞ୍ଚଳରେ ବସ୍ ଯାଉଥିବା ପୋଷ୍ଟର ଲାଗିଛି। କାମଧନ୍ଦା ନ ପାଇ ଭିଟାମାଟି ଛାଡୁଛନ୍ତି କନ୍ଧମାଳ ଜିଲ୍ଲାର ଯୁବାଗୋଷ୍ଠୀ। ଜୀବନକୁ ବାଜି ଲଗାଇ ବିପଦପୂର୍ଣ୍ଣ କାମ କରୁଛନ୍ତି। ଦଲାଲ ହାତରେ ପଡ଼ି ନିର୍ଯାତନା ସହୁଛନ୍ତି। ଶେଷରେ ଶବ ହୋଇ ଫେରୁଛନ୍ତି। ଜି. ଉଦୟଗିରି ନିକଟସ୍ଥ କୁର୍ମିଙ୍ଗିଆ ଗ୍ରାମରେ ଗାଡ଼ି ଯିବାର ପୋଷ୍ଟର ଲାଗିଛି। ସେମିତି ରାଇକିଆରେ ଠିଆ ହୋଇଛି ଦାଦନ ବୁହା ବସ୍। ଏହି ବସ୍, ଏହି ▶ପୃଷ୍ଠା-୭

### ଇଭିଏମ୍ ଯାଞ୍ଚ ନୀତିକୁ ନେଇ ସୁପ୍ରିମକୋର୍ଟରେ ପିଟିସନ୍

# ଇଭିଏମ୍ ତଥ୍ୟ ନ ହଟାଇବାକୁ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ



■ ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ଇଭିଏମ୍ ଯାଞ୍ଚ କରିବା ନେଇ ନୀତି ପ୍ରସ୍ତୁତ କରିବା ସଂକ୍ରାନ୍ତୀୟ ଏକ ପିଟିସନ୍ ଉପରେ ମଙ୍ଗଳବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଏହି ପ୍ରସଙ୍ଗରେ ଶୁଣାଣି କରି ସୁପ୍ରିମକୋର୍ଟ ନିର୍ବାଚନ କମିସନଙ୍କୁ ଜବାବ ଦାଖଲ କରିବାକୁ କହିଥିଲା ବେଳେ ନିକଟରେ ଶେଷ ହୋଇଥିବା ନିର୍ବାଚନ ସଂପର୍କିତ ସମସ୍ତ ତଥ୍ୟ ଇଭିଏମରୁ ନ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ହେଉଥିବା ନିର୍ବାଚନରେ ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠୁଥିବାରୁ ସୁପ୍ରିମ କୋର୍ଟଙ୍କ ଏହି ନିର୍ଦ୍ଦେଶ ବିଶେଷ ଗୁରୁତ୍ୱ ବହନ କରୁଛି।

'ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର)' ପକ୍ଷରୁ ଦାଖଲ କରାଯାଇଥିବା ଏହି ପିଟିସନରେ ଇଭିଏମର 'ବର୍ନଟ୍ ମେମୋରି ଯାଞ୍ଚ' ପାଇଁ ଏକ ପ୍ରୋଟୋକଲ୍ ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଦାବି କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି ଯେ ଇଭିଏମ ଯାଞ୍ଚ ପାଇଁ ନିର୍ବାଚନ କମିସନଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା 'ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁୟର(ଏସଓପି)' ୨୦୨୪ ଏପ୍ରିଲରେ ସୁପ୍ରିମକୋର୍ଟ ଦେଇଥିବା ରାୟ ସହ ଖାପ ଖାଉନାହିଁ। ତେଣୁ ଏଥିପାଇଁ ସ୍ୱତନ୍ତ୍ର ଭାବେ ନୀତି ପ୍ରସ୍ତୁତ ହେବା ଉଚିତ ବୋଲି ଏଡିଆର ପକ୍ଷରୁ ଦାବି କରାଯାଇଛି। ପ୍ରଧାନବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ▶ପୃଷ୍ଠା-୭

### ଜେଇଇ ମେନ୍ ପରୀକ୍ଷା

# ନବନୀତ ଓଡ଼ିଶା ଟପର୍



■ ଭୁବନେଶ୍ୱର, ୧୧।୨ (ସମିସ): ଜେଇଇ ମେନ୍-୨୦୨୫ ପ୍ରଥମ ସେସନ୍‌ର ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଚଳିତ ବର୍ଷ ମୋଟ୍ ୧୪ ଜଣ ଛାତ୍ରଛାତ୍ରୀ ୧୦୦ ପର୍‌ସେଣ୍ଟାଇଲ୍ ରଖିଥିବା ବେଳେ ରାଜସ୍ଥାନର ଆୟୁଷ ସିଂଘଲ୍ ପ୍ରଥମ ସ୍ଥାନରେ ରହିଛନ୍ତି। କିନ୍ତୁ ଏହି ୧୪ ଜଣଙ୍କ ମଧ୍ୟରେ ଓଡ଼ିଶାରୁ କେହି ନାହାନ୍ତି। ସେହିପରି ଏକମାତ୍ର ଛାତ୍ରୀ ଭାବେ ଆନ୍ଧ୍ରପ୍ରଦେଶର ସାଇ ମନୋଗନା ଗୁଥିକୋଣ୍ଡା ରହିଛନ୍ତି। ତେବେ ଓଡ଼ିଶାରୁ ନବନୀତ ପ୍ରିୟଦର୍ଶୀ ୯୯.୯୮ ପର୍‌ସେଣ୍ଟାଇଲ୍ ସହ ରାଜ୍ୟ ଟପର୍ ହୋଇଛନ୍ତି। ସେ ଭୁବନେଶ୍ୱର ୟୁନିଟ୍-୮ ସ୍ଥିତ ଡିଏଭି ସ୍କୁଲ୍‌ର ଛାତ୍ର। ସଫଳତା ପରେ ସେ କହିଛନ୍ତି ଯେ ଗତ ଡିସେମ୍ବରରୁ ଏହି ପରୀକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ପରୀକ୍ଷା ପ୍ରସ୍ତୁତି ଆରମ୍ଭ କରିଥିଲେ। ସପ୍ତାହକୁ ୪ଟି ମକ୍ ଟେଷ୍ଟ ଦେବା ସହ ନିୟମିତ ଭାବେ ଦୈନିକ ୭ରୁ ୮ଘଣ୍ଟା ପଢୁଥିଲେ। ପ୍ରଶ୍ନପତ୍ର ଅଭ୍ୟାସ କରିବା ଅନେକାଂଶରେ ତାଙ୍କୁ ସହାୟକ ହୋଇଥିଲା ବୋଲି ସେ କହିଛନ୍ତି।

ପରୀକ୍ଷା ପରିଚାଳନା କରିଥିବା ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ସୂଚନା ଅନୁଯାୟୀ, ପ୍ରଥମ ସେସନ୍‌ର ପ୍ରଥମ ପେପର୍‌ରେ ପରୀକ୍ଷା ଦେବା ପାଇଁ ୧୩ ଲକ୍ଷ ୧୧ ହଜାର ୫୪୪ ଜଣ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୯୫.୯୩ ପ୍ରତିଶତ ଅର୍ଥାତ୍ ୧୨ ଲକ୍ଷ ୫୮ ହଜାର ୧୩୬ଜଣ ପରୀକ୍ଷା ଦେଇଥିଲେ। ଅସାଧୁ ଉପାୟ ଅବଲମ୍ବନ କରି ଧରାପଡ଼ିଥିବା ୩୯ଜଣ ପରୀକ୍ଷାର୍ଥୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ପେପର-୧ର ଉଭୟ ▶ପୃଷ୍ଠା-୭

### କାଲିଠାରୁ ବିଧାନସଭା ବଜେଟ ଅଧିବେଶନ

# ବିରୋଧୀଙ୍କ ହାତରେ ଗଦାଗଦା ପ୍ରସଙ୍ଗ

■ ଭୁବନେଶ୍ୱର, ୧୧।୨ (ସମିସ): ଗୁରୁବାରଠାରୁ ସପ୍ତଦଶ ବିଧାନସଭାର ତୃତୀୟ ତଥା ବଜେଟ ଅଧିବେଶନ ଆରମ୍ଭ ହେବ। ଏଥିପାଇଁ ବୁଧବାର ଶାସକ ବିଜେପି ସହ ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ବିଧାୟକ ଦଳ ବୈଠକ



**ପ୍ରସଙ୍ଗ ହେବ ଧାନକିଣା ବିଭ୍ରାଟ, ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା**

**ପୋଲାଭରମ୍, ମହାନଦୀ ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ପ୍ରସ୍ତୁତି**

**ଆଜି ହେବ ବିଜେପି, ବିଜେଡି, କଂଗ୍ରେସ ବିଧାୟକ ଦଳ ବୈଠକ**

ଡକାଯାଇଛି। ତେବେ ଚଳିତ ଅଧିବେଶନରେ ଧାନକିଣାରେ ଚରମ ବିଭ୍ରାଟ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଗୃହ କମ୍ପମାନ ହେବ ବୋଲି ବିରୋଧୀଙ୍କ ପକ୍ଷରୁ ଆଗୁଆ ସୂଚନା ମିଳିଛି। ଚାଷୀଙ୍କୁ ୩୧୦୦ ଟଙ୍କା ଏମଏସପି ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଥିବା ବେଳେ ପ୍ରତିଦିନ ରାଜ୍ୟବ୍ୟାପୀ କଟନୀଛଟନୀକୁ ନେଇ ଗଦାଗଦା ଅଭିଯୋଗ ଆସୁଛି। ମିଲରରାଜ ଯୋଗୁଁ ଚାଷୀ ସନ୍ତୁଳି ହେଉଥିବା ବେଳେ ସରକାର ଏକପ୍ରକାର ହାତବାନ୍ଧି ବସିଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି, ପୋଲାଭାରମ୍, ମହାନଦୀ ବିବାଦରେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା, କଣାସରେ ହଇଜା ମୃତ୍ୟୁ, ବଲାଙ୍ଗୀରରେ ଦାଦନ ମୃତ୍ୟୁ, ବାରବାଟୀ କଳଙ୍କ ସର୍ବୋପରି ୮ ମାସର ସରକାରରେ ବିକାଶ କାମ ଠପ୍‌କୁ ନେଇ ଗୃହ ହୁଲୁସ୍ଥୁଲ କରିବେ ବୋଲି କହିଛନ୍ତି। ଦୁଇଟି ପର୍ଯ୍ୟାୟରେ ମୋଟ ୨୮ଟି କାର୍ଯ୍ୟଦିବସ ଥିବାବେଳେ ଏହା ସରକାରଙ୍କ ପାଇଁ ବେଶ୍ ଅକଳିଆ ପରିସ୍ଥିତି ସୃଷ୍ଟି କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

ଧାନକିଣାରେ ଆରମ୍ଭ ହେବା ପୂର୍ବରୁ କଟନୀ ଛଟନୀକୁ ନେଇ ସରକାରଙ୍କ ପକ୍ଷରୁ ବଡ଼ ବଡ଼ ଘୋଷଣା କରାଯାଇଥିଲା। ମାତ୍ର ନଭେମ୍ବର ମାସରୁ ଧାନକିଣା ଆରମ୍ଭ ହୋଇଥିବା ବେଳେ କଟନୀ ଛଟନୀ ନହେଲେ ଧାନ ମଣ୍ଡିରୁ ଉଠୁନାହିଁ। କଟନୀ ଛଟନୀକୁ ସରକାର ଏକପ୍ରକାର ମାନ୍ୟତା ପ୍ରଦାନ କରି ଦେଇଥିବା ବେଳେ ମିଲର କ୍ୱିଣ୍ଟାଲ ପ୍ରତି ୧୦ କିଲୋ ପର୍ଯ୍ୟନ୍ତ କଟନୀ ଛଟନୀ କରୁଛନ୍ତି। ପ୍ରତିବାଦ ସ୍ୱରୂପ ଚାଷୀ ରାସ୍ତାକୁ ଓହ୍ଲାଇଛନ୍ତି, ମାତ୍ର ସରକାରଙ୍କ ଉପରେ ଏହା ଆପାତତଃ ପ୍ରଭାବଶୂନ୍ୟ ରହିଛି। ▶ପୃଷ୍ଠା-୭

# ଭକ୍ତ ଚରଣ ଦାସ ନୂଆ ପିସିସି ସଭାପତି



**ସମସ୍ତଙ୍କୁ ସାଥୀରେ ନେଇ କାମ କରିବି**

■ ଭୁବନେଶ୍ୱର, ୧୧।୨ (ସମିସ): ଦୀର୍ଘ ୭ ମାସ ପିସିସି ମୁଖିଆ ପଦ ଖାଲି ରହିବା ପରେ ମଙ୍ଗଳବାର ଏଆଇସିସି କର୍ତ୍ତୃପକ୍ଷ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ଓଡ଼ିଶା ପିସିସି ସଭାପତି ରୂପେ ନିଯୁକ୍ତି ଦେଇଛନ୍ତି। ତାଙ୍କ ନିଯୁକ୍ତି ଖବର ପାଇ ବହୁ କଂଗ୍ରେସ ନେତା ଓ କର୍ମୀ ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ପହଞ୍ଚି ଶ୍ରୀ ଦାସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭକ୍ତ ଦାସ ଭବାନୀପାଟଣା ବିଧାନସଭା ଆସନରୁ ପ୍ରଥମ ଥର ପାଇଁ ୧୯୮୫ ମସିହାରେ ଜନତା ଦଳ ପ୍ରାର୍ଥୀ ରୂପେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ୧୯୮୯, ୧୯୯୬ ଓ ୨୦୦୯ରେ ୩ଥର କଳାହାଣ୍ଡି ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ୧୯୮୯ରୁ ୧୯୯୦ ପର୍ଯ୍ୟନ୍ତ ଶ୍ରୀ ଦାସ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ବେଳେ ୧୯୯୦ରୁ ୧୯୯୧ ପର୍ଯ୍ୟନ୍ତ ସେ ରେଳ ରାଷ୍ଟ୍ରମନ୍ତ୍ରୀ ରହିଥିଲେ। ତେବେ ▶ପୃଷ୍ଠା-୭





| STUDENTS NAME | 12TH MARK | 12TH % | 10TH % | GROWTH |
|---|---|---|---|---|
| YASHRAJ THAKUR | 393 | 65.50 | 43.60 | 21.90 |
| RINKU MEHER | 461 | 76.83 | 55.20 | 21.63 |
| BAISHNABI JAYAPURIA | 379 | 63.17 | 43.40 | 19.77 |
| DHIREN KISHAN | 388 | 64.67 | 50.00 | 14.67 |
| AMIYARANJAN SAHU | 458 | 76.33 | 64.40 | 11.93 |
| DEBABRATA MISHRA | 515 | 85.83 | 74.00 | 11.83 |
| TANUSHREE BUDHIA | 446 | 74.33 | 62.60 | 11.73 |
| BISWAJIT PRADHAN | 485 | 80.83 | 69.66 | 11.17 |
| PURUSHOTTAM DASH | 352 | 58.67 | 47.60 | 11.07 |
| SONAM PRADHAN | 451 | 75.17 | 65.00 | 10.17 |



SIKSHA 'O' ANUSANDHAN

SAAT-2025

Empowering students for a brighter future

EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ସ୍କର୍ପିଓ-ଅଟୋ ଧକ୍କା; ୨ ମୃତ

■ ବାରିପଦା, ୧୧।୨ (ସମିସ): ବାରିପଦା ସହର ଉପକଣ୍ଠ ଦେଇ ଯାଇଥିବା ୧୮ ନଂ. ଜାତୀୟ ରାଜପଥର ସଦର ଥାନା ଅନ୍ତର୍ଗତ ମଞ୍ଚାବନ୍ଧାଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ସ୍କର୍ପିଓ ଏବଂ ଏକ ମାଲବାହୀ ଅଟୋ ମଧ୍ୟରେ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଶୁଳିଆପଦା ଥାନା ଅନ୍ତର୍ଗତ ମହୁଲିଆ ଅଞ୍ଚଳର ଉତ୍କଳ କୁମାର ଥୟାଲ ଓ ଜଗଦୀଶ ସି। ସଦର ଥାନା ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଛି। ସୂଚନାନୁଯାୟୀ, ସ୍କର୍ପିଓଟି ବାଲେଶ୍ୱର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ବେଳେ ମଞ୍ଚାବନ୍ଧା ହ୍ୟୁଣ୍ଡାଇ ସୋ'ରୁମ୍ ସମ୍ମୁଖରେ ଅଟୋକୁ ଧକ୍କା ଦେଇଥିଲା। ଅଟୋଟି ସମାନ ଦିଗରେ ଯାଉଥିବା ବେଳେ ହଠାତ ବେଆଇନ ଡାଇଭର୍ସନ୍ ଦେଇ ରାସ୍ତା ପାର ହେବା ପାଇଁ ଡାହାଣକୁ ବୁଲିବା ସମୟରେ ପଛରୁ ▶ପୃଷ୍ଠା-୭

# ବିଶ୍ୱସ୍ତରୀୟ ଫିଲ୍ମ ହେବ 'ଟକ୍ସିକ୍'



'କେଜିଏଫ୍' ଓ 'କେଜିଏଫ୍-୨' ପରେ ଏବେ ଯଶ୍ 'ଟକ୍ସିକ୍: ଏ ଫ୍ୟାରିଟେଲ ଫର ଗ୍ରୋନ୍‌ଅପ୍ସ'କୁ ନେଇ ଚର୍ଚ୍ଚାରେ। ଏବେ ଏହି ଫିଲ୍ମକୁ ନେଇ ଏକ ଅପଡେଟ୍ ଆସିଛି। ଏହା ପ୍ୟାନ୍ ଇଣ୍ଡିଆ ନୁହେଁ ବରଂ ପ୍ୟାନ୍‌ୱାର୍ଲ୍ଡ ଫିଲ୍ମ ହେବ। ଫିଲ୍ମର ନିର୍ମାତା ବିଶ୍ୱସ୍ତରର ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ପୂରା ବନ୍ଦୋବସ୍ତ କରିଛନ୍ତି। 'ଟକ୍ସିକ୍'ର କାହାଣୀ ଇଂରାଜୀ ଓ କନ୍ନଡ଼ ଦୁଇଟି ଭାଷାରେ ଲେଖାଯିବା ସହ ଏହାର ସୁଟ୍ ମଧ୍ୟ କରାଯିବ। ପରେ ଏହାକୁ ଭାରତ ଓ ଅନ୍ତର୍ଜାତୀୟ ସ୍ତରରେ ଅଲଗା ଅଲଗା ଭାଷାରେ ଡବିଂ କରାଯିବ। ଏହାପରେ ଏହା ବିଶ୍ୱସ୍ତରୀୟ ଫିଲ୍ମ ହୋଇଯିବ। ଏଥିଯୋଗୁଁ ଫିଲ୍ମର ବଜେଟ୍ ବଢ଼ିବା ସହ ସୁଟିଂ ସମୟ ମଧ୍ୟ ବଢ଼ିଯିବ। ଏହା ଭାରତର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ହେବ ବୋଲି କୁହାଯାଉଛି। ଏଯାବତ୍ ଏସ୍. ଏସ୍ ରାଜମୌଳିଙ୍କ ଫିଲ୍ମ 'ଏସ୍‌ଏସ୍‌ଏମ୍‌ବି୨୯'କୁ ଭାରତର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ କୁହାଯାଉଛି। ଏହାର ବଜେଟ୍ ରହିଛି ୧୦୦୦ କୋଟି। 'ଟକ୍ସିକ୍'ରେ ଯଶ୍‌ଙ୍କ ସହ କିଆରା ଆଡଭାନୀ, ନୟନତାରା, ହ୍ୟୁମା କ୍ୟୁରେଶି, ତାରା ସୂତାରିଆ ନଜର ଆସିବେ। ଯଶ୍‌ଙ୍କ ଜନ୍ମଦିନ ଅବସରରେ ଏହି ଫିଲ୍ମ ସମ୍ପର୍କରେ ଘୋଷଣା କରାଯାଇଥିଲା। ଏହି ସମୟରେ ଫିଲ୍ମର ଟିଜର୍ ଜାରି କରାଯାଇଥିଲା। ଟିଜର୍ ଦେଖି ଦର୍ଶକେ ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ହୋଇଯାଇଥିଲେ।

# ସମ୍ପର୍କରେ ନିବିଡ଼ତା ଆଣେ ଆଲିଙ୍ଗନ



ଚାଲିଛି ଭାଲେଣ୍ଟାଇନ୍ସ ସପ୍ତାହ। ପ୍ରେମ ସପ୍ତାହ ଶେଷ ହେବାକୁ ବାକି ରହିଯାଇଛି ଆଉ ଦୁଇ ଦିନ। ଭାଲେଣ୍ଟାଇନ୍ସ ସପ୍ତାହର ଷଷ୍ଠ ଦିବସରେ ପାଳନ କରାଯାଏ ଆଲିଙ୍ଗନ ଦିବସ ବା ହଗ୍ ଡେ'। ପ୍ରେମୀ ଯୁଗଳଙ୍କ ପାଇଁ ଏହି ଦିନର ଗୁରୁତ୍ୱ ବେଶୀ। ଯେଉଁ ପ୍ରେମିକ ବା ପ୍ରେମିକା ମନ କଥା ଖୋଲି କହି ପାରୁନାହାନ୍ତି ସେମାନେ ଆଲିଙ୍ଗନ ଦ୍ୱାରା ମନ ଭିତରର କଥାକୁ ପ୍ରକାଶ କରିପାରିବେ। ଦୁଃଖ ହେଉ ଅବା ସୁଖ, ସଫଳତା ହେଉ ଅବା ବିଫଳତା ସବୁ ପ୍ରକାର ଭାବନାକୁ ପରିପ୍ରକାଶ କରିବା ପାଇଁ ଏକ ସୁନ୍ଦର ମାଧ୍ୟମ ହେଉଛି ଆଲିଙ୍ଗନ। ସ୍ପର୍ଶ ମାଧ୍ୟମରେ ପ୍ରେମ ପ୍ରକାଶ କରିବାର ଏହା ଏକ ସୁନ୍ଦର ଭାବନା। ସେଥିପାଇଁ ତ ଆଲିଙ୍ଗନ କରିବା ଭଲପାଇବାର ଏକ ତରିକା ଓ ଏଥିରେ ନିବିଡ଼ତା ବଢିଥାଏ। ଆଜିର ଦିନରେ ପ୍ରେମୀ ଯୁଗଳ ଆଲିଙ୍ଗନ କରି ଉଭୟଙ୍କୁ ସ୍ୱତନ୍ତ୍ର ଅନୁଭବ କରାଇଥାଆନ୍ତି। କାଲିର ମିଠା ପ୍ରତିଶ୍ରୁତି ପରେ ଆଜି ଆଲିଙ୍ଗନ ଦ୍ୱାରା ସୁଦୃଢ଼ ହୋଇଥାଏ ସମ୍ପର୍କ। କେବଳ ସେତିକି ନୁହେଁ, ଏହା ପରସ୍ପର ପ୍ରତି ବିଶ୍ୱାସ ଓ ସମର୍ପଣ ଭାବକୁ ଦର୍ଶାଏ। କୁହାଯାଏ, ଆଲିଙ୍ଗନ କରିବା ଦ୍ୱାରା ଲଭ୍ ହରମୋନ୍ ସ୍ତର ବଢ଼ିଯାଇଥାଏ। ଫଳରେ ମଣିଷ ଚାପମୁକ୍ତ ହୋଇ ଖୁସି ରହେ। ଜୀବନରେ ସାଥୀର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା କେବଳ ଆଲିଙ୍ଗନ ଦ୍ୱାରା ଅନୁଭବ ହୋଇଥାଏ। ଆଲିଙ୍ଗନ ହେଉଛି ଦକ୍ଷ ପ୍ରେମ ଭାଷା। ଯେଉଁଠାରେ ଶବ୍ଦ ବିଫଳ ହୁଏ, ସେତେବେଳେ ଆଲିଙ୍ଗନ ପ୍ରେମ ଭାବନାକୁ ପ୍ରକାଶ କରିଥାଏ। ଆଲିଙ୍ଗନ ହେଉଛି ଦୁଇଟି ଆତ୍ମା ମଧ୍ୟରେ ଥିବା ଭୌତିକ ସମ୍ପର୍କର ଶୁଦ୍ଧତମ ରୂପ। ତେବେ ପ୍ରେମିକ ପ୍ରେମିକା ବ୍ୟତୀତ ପିତାମାତା, ଭାଇଭଉଣୀ କିମ୍ବା ବନ୍ଧୁପରିଜନମାନଙ୍କୁ ସ୍ନେହଭରା ଆଲିଙ୍ଗନ କରାଯାଇ ପାରିବ। ଆଲିଙ୍ଗନ ଦ୍ୱାରା ଅନ୍ୟ ପ୍ରତି ପ୍ରେମ ଭାବନା ପରିପ୍ରକାଶ ହୋଇଥାଏ ଏବଂ ମତଭେଦ ଦୂର ହୋଇଥାଏ।

# ରାଗରେ ମୁହଁ ଲାଲ୍ ଦିଶେ କାହିଁକି

ଲୋକଙ୍କଠାରେ କ୍ରୋଧ ଆସିବା ଏକ ସାଧାରଣ କଥା। ସେହିପରି ରାଗିଲେ ମୁହଁ ନାଲି ପଡ଼ିଯାଏ ବୋଲି କୁହାଯାଏ। ତେବେ ରାଗିଲେ ଜଣକ ମୁହଁ କାହିଁକି ନାଲି ଦେଖାଯାଏ, ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ। ରାଗିବା ହେଉଛି ଏକ ବିଶେଷ ପ୍ରକାର ମନୋସ୍ଥିତି। ସାଧାରଣ ଭାବନା ଭାବେ କ୍ରୋଧକୁ ଗ୍ରହଣ କରିବା ଅନୁଚିତ। ସେହିପରି ବୈଜ୍ଞାନିକମାନେ ଦୀର୍ଘ ସମୟ ହେବ ଭାବନାକୁ ରଙ୍ଗ ସହ ଯୋଡ଼ି ଦେଖୁଛନ୍ତି। ବୈଜ୍ଞାନିକଙ୍କ ଅନୁସାରେ, ଲୋକମାନେ ଯେତେବେଳେ କ୍ରୋଧ ପ୍ରକଟ କରନ୍ତି, ସେମାନଙ୍କ ଶରୀର କଳି ଝଗଡ଼ା ପ୍ରତିକ୍ରିୟା ଦେଇ ଗତି କରେ। ଏଭଳି ସ୍ଥିତିରେ ଏଡ୍ରେନାଲାଇନ ଭଳି ଚାପ ସୃଷ୍ଟିକାରୀ ହରମୋନ ଶରୀରରେ କ୍ଷରଣ ହୁଏ। ତେବେ ଏ ହରମୋନ ଶରୀରକୁ ଯେକୌଣସି ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ପ୍ରସ୍ତୁତ କରିଥାଏ। ସେହିପରି ଏହି ହରମୋନର ଅନ୍ୟ ପ୍ରକାର ପ୍ରଭାବ ବି ରହିଛି। ଏଡ୍ରେନାଲାଇନ୍ ରକ୍ତବାହିକାକୁ ବ୍ୟାପ୍ତ କରିବାର କାମ କରିଥାଏ। ଏହା ବିଶେଷକରି ମୁହଁରେ ଘଟିଥାଏ। ସେଥିପାଇଁ ମୁହଁରେ ରକ୍ତର ପ୍ରଭାବ ବୃଦ୍ଧି ପାଏ ଏବଂ ମୁହଁ ନାଲି ଦିଶେ। ଏହାବାଦ୍ ରାଗିବା ଦ୍ୱାରା ହୃଦ୍‌ସ୍ପନ୍ଦନର ଗତି ବି ବଢ଼ିଯାଏ। ଏହାଦ୍ୱାରା ରକ୍ତ ଶୀଘ୍ର ପ୍ରବାହିତ ହୁଏ। ତା'ସହ ମୁହଁରେ ରକ୍ତ ଶୀଘ୍ର ପହଞ୍ଚେ ଏବଂ ମୁହଁ ନାଲି ଦିଶେ। କେବଳ ସେତିକି ନୁହେଁ, କ୍ରୋଧ ଶରୀରର ତାପମାତ୍ରାକୁ ବୃଦ୍ଧି କରେ। ଏହି କ୍ରିୟା ମୁହଁକୁ ନାଲି କରିବାରେ ସାହାଯ୍ୟ କରିଥାଏ। ତେବେ କୌଣସି ପରିସ୍ଥିତିରେ କ୍ରୋଧକୁ ନିୟନ୍ତ୍ରଣରେ ରଖିବା ଭଲ।



## ଆଜିର ଇତିହାସ

- ୧୭୩୬: ନାଦିର ଶାହା ଫ୍ରାନ୍ସର ଶାସକ ହେଲେ।
- ୧୮୦୯: ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍‌ଙ୍କ ଜନ୍ମ।
- ୧୮୨୪: ଆର୍ଯ୍ୟ ସମାଜର ସଂସ୍ଥାପକ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ।
- ୧୯୨୨: ମହାତ୍ମା ଗାନ୍ଧୀ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ ଘୋଷଣା କଲେ।
- ୧୯୪୬: କଲିକତାରେ ଦଙ୍ଗାରେ ୧୪ ଜଣଙ୍କ ମୃତ୍ୟୁ।
- ୧୯୯୯: ବିହାରରେ ରାଷ୍ଟ୍ରପତି ଶାସନ ଲାଗୁ।
- ୨୦୧୩: ଉତ୍ତର କୋରିଆ ତୃତୀୟ ଭୂମିଗତ ପରମାଣୁ ପରୀକ୍ଷା କଲା।

# ବେକରେ କମ୍ପାନି ଲୋଗୋ

ଗୋଟିଏ କମ୍ପାନିରେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କାମ କରୁଥିବା କର୍ମଚାରୀଙ୍କର କାମ ପ୍ରତି ନିଷ୍ଠା ଓ ଭଲପାଇବା ଥିବା କଥା କୁହାଯାଏ। ଏହି କ୍ରମରେ ଜଣେ ବ୍ୟକ୍ତି ନିଆରା ଢଙ୍ଗରେ କମ୍ପାନି ପ୍ରତି ଥିବା ଭଲପାଇବାକୁ ଦର୍ଶାଇଛନ୍ତି। ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। କାନାଡାରେ ରହୁଥିବା ଭାରତୀୟ ବଂଶୋଦ୍ଭବ ରମିନ୍ଦର ଗ୍ରେୱାଲ କିଷ୍ଟୋନ ଏନଭାରମେଣ୍ଟାଲ କମ୍ପାନିର ପ୍ରେସିଡେଣ୍ଟ ଅଛନ୍ତି। ଏହା ହେଉଛି ଏକ କନ୍‌ସଲଟିଂ ସର୍ଭିସ୍ କମ୍ପାନି। ୨୫ ବର୍ଷ ଧରି ସେ ଏହି କମ୍ପାନି ସହିତ ଜଡ଼ିତ ଅଛନ୍ତି। ପ୍ରଥମେ ସେ ପ୍ରୋଜେକ୍ଟ ମ୍ୟାନେଜର ଭାବେ କାମ ଆରମ୍ଭ କରିଥିଲେ। ଏହାପରେ କମ୍ପାନିର ପାର୍ଟନର ରହିବା ସହ ଏବେ ପ୍ରେସିଡେଣ୍ଟ ପଦରେ ଅଛନ୍ତି। ଅବଶ୍ୟ ଏତେ ବର୍ଷ ଧରି ଏଠାରେ କାମ କରୁଥିବାରୁ ରମିନ୍ଦରଙ୍କ କମ୍ପାନି ସହ ଏକ ବିଶେଷ ସମ୍ବନ୍ଧ ରହିବା ସ୍ୱାଭାବିକ କଥା। ତେବେ କମ୍ପାନି ତାଙ୍କ ଜୀବନରେ ଏତେ ବେଶୀ ଗୁରୁତ୍ୱ ରଖେ ଯେ, ସେ କମ୍ପାନି ଲୋଗୋକୁ ନିଜ ବେକରେ ଟାଟୁ କରିଛନ୍ତି। ବେକ ପାର୍ଶ୍ୱରେ କରିଥିବା ଏହି ଟାଟୁକୁ ସେ ସାମାଜିକ ଗଣମାଧ୍ୟମରେ ସେୟାର୍ ମଧ୍ୟ କରିଛନ୍ତି। ଏହା ହେଉଛି ଏକ ସ୍ଥାୟୀ ଟାଟୁ। ସେହିପରି ରମିନ୍ଦର ଟାଟୁ ଫଟୋ ସହ ଏହାର ଶୀର୍ଷକରେ ନିଜ ଭାବନାକୁ ପରିପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି, 'ଯେତେବେଳେ ତୁମେ ତୁମ ଟିମ୍, କାମ ଓ ମିଶନକୁ ନେଇ ଗର୍ବ କର, ଏହାକୁ ମଧ୍ୟ ଗର୍ବର ସହ ନିଜ ସହିତ ଧାରଣ କରିବା ଦରକାର। କିଛି ଲୋକ ନିଜ ଲୋକ ନିଜ ଭାବନାକୁ ଲୁଚାଇ ପାରନ୍ତି ନାହିଁ। ମୁଁ ମଧ୍ୟ କିଛି ନିଆରା ଓ ଭିନ୍ନ କରିବାକୁ ଚିନ୍ତା କଲି। ତେଣୁ ମୁଁ ଏଭଳି କିଛି କରିଛି।' ଅନ୍ୟପଟେ ତାଙ୍କର ଏହି କାର୍ଯ୍ୟ ଉପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।





# ଜାଣିଜାଣି ଜେଲ୍

ଜାପାନରେ ବୟସ୍କଙ୍କ ବର୍ଦ୍ଧିତ ସଂଖ୍ୟା ଏବେ ବଡ଼ ସମାଜିକ ସମସ୍ୟା ଭାବେ ଉଭା ହୋଇଛି। କିଛି ବର୍ଷ ଧରି ଏଭଳି ମାମଲା ବୃଦ୍ଧି ପାଇବାରେ ଲାଗିଛି। ତେବେ ଅନେକ ଜଣ ରହିବା, ଖାଇବା ସମସ୍ୟା ସହ ଏକାକୀତ୍ୱକୁ ଅନୁଭବ କରୁଛନ୍ତି। ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ, ଏଥିରୁ ମୁକ୍ତିପାଇଁ ଅନେକ ଜେଲର ସାହାରା ନେଉଛନ୍ତି। ଏଥିପାଇଁ ଜାଣିଶୁଣି ଛୋଟମୋଟ ଅପରାଧ କରୁଥିବା ଜଣାପଡ଼ିଛି। ଏହି କ୍ରମରେ ଏଠାକାର ଜଣେ ୮୧ ବର୍ଷୀୟା ବୃଦ୍ଧା ଓକିୟୋ ଖାଇବା ପିଇବା ଏବଂ ରହିବା ଅସୁବିଧାକୁ ଦୂର କରିବା ପାଇଁ ଜାଣିଶୁଣି ଆଇନ ଉଲଙ୍ଘନ କରିଛନ୍ତି। ଫଳରେ ସେ ଏବେ ଜେଲର ଚାରିକାନ୍ଥ ଭିତରେ ରହିଛନ୍ତି। ଏହା ଦୁଃଖ ନୁହେଁ, ବରଂ ତାଙ୍କୁ ଖୁସି ଦେଇଛି ବୋଲି ସେ କହିଛନ୍ତି। ଟୋକିଓର ତୋଚିଗି ମହିଳା ଜେଲ୍‌ରେ ଅଛନ୍ତି ଓକିୟୋ। ସେ କହିଛନ୍ତି, ଜେଲ୍‌କୁ ଆସିବାରୁ ତାଙ୍କ ଜୀବନରେ ସ୍ଥିରତା ଆସିଛି। ପ୍ରଥମ ଥର ଓକିୟୋ ୬୦ ବର୍ଷ ବୟସରେ ଖାଦ୍ୟ ଚୋରି କରିବା ଅଭିଯୋଗରେ ଜେଲ୍ ଯାଇଥିଲେ। ଏହାପରେ ଜେଲ୍‌ରେ ତାଙ୍କୁ ଭଲ ଖାଦ୍ୟ ଓ ରହିବାକୁ ଛାତ ମିଳିବାରୁ ସେ ଏମିତି କାମ ବାରମ୍ବାର କରିବା ପାଇଁ ନିଷ୍ପତ୍ତି ନେଲେ। ଯଦିଓ ଏଠାକାର ସରକାର ବୟସ୍କଙ୍କ ଲାଗି ଭତ୍ତା ବ୍ୟବସ୍ଥା କରିଛନ୍ତି, କିନ୍ତୁ ଏଥିରେ ଜୀବନ ଜିଇଁବା ସହଜ ନୁହେଁ। ଏହି ଜେଲ୍‌ରେ ପ୍ରାୟ ୫୦୦ରୁ ଅଧିକ ମହିଳା କଏଦୀ ଅଛନ୍ତି। ଏଥିରୁ ଏକ ଚତୁର୍ଥାଂଶ ବୟସ୍କ। ଓକିୟୋଙ୍କ କହିବାନୁସାରେ, ଜେଲ୍ ଭିତରର ପରିବେଶ ଭଲ। ଏଠାରେ ଲୋକେ ପରସ୍ପରକୁ ସାହାଯ୍ୟ କରିଥାନ୍ତି। ଅବଶ୍ୟ ସେ ଏକଥା ବି କହିଛନ୍ତି, ଆର୍ଥିକ ଭାବେ ମଜଭୁତ ଥିଲେ ସେ ଜେଲ୍ ଆସିବା କଥା ଭାବି ନ ଥାନ୍ତେ। ଓକିୟୋଙ୍କ ପରିବାର ତାଙ୍କଠାରୁ ଅଲଗା ରହୁଥିବାରୁ ତେଣୁ ତାଙ୍କୁ ଏହି ସ୍ଥାନକୁ ଆସିବାକୁ ପଡ଼ିଲା ବୋଲି ସେ କହିଛନ୍ତି। ସେହିପରି ଜେଲ୍‌କୁ ଆସିବା ପୂର୍ବରୁ ସେ ନିଜ ୪୩ ବର୍ଷର ପୁଅ ସହିତ ରହୁଥିଲେ। କିନ୍ତୁ ପୁଅ ସହ ଝଗଡ଼ା ହେବାରୁ ସେ ଘର ଛାଡ଼ି ଆସିଲେ ଏବଂ ତାଙ୍କ ସ୍ଥିତି ବିଗିଡ଼ି ଗଲା। ତେବେ ଏହା କେବଳ ଓକିୟୋଙ୍କ ସମସ୍ୟା ନୁହେଁ, ଦୀର୍ଘଦିନ ଧରି ଜାପାନର ଅଧିକାଂଶ ବୟସ୍କ ଏଭଳି ସମସ୍ୟା ଭୋଗୁଛନ୍ତି। ତେଣୁ ସେମାନେ ଭଲ ଖାଦ୍ୟ, ଘର ଏବଂ ଏକଲାପଣକୁ ଦୂର କରିବା ପାଇଁ ଜେଲ୍‌ର ରାସ୍ତାକୁ ବାଛିଛନ୍ତି। ଅନ୍ୟପକ୍ଷରେ ଏହି ସ୍ଥାନରେ ସେମାନଙ୍କରୁ ରହିବା ଓ ଖାଇବା ବ୍ୟବସ୍ଥା ହୋଇ ଯାଉଥିବାରୁ ସେମାନଙ୍କ ଜୀବନରେ କିଛି ରୋମାଞ୍ଚ ଆସୁଛି।

# ପେଟ୍ ରକ୍

## ଚାପରୁ ମୁକ୍ତି ପାଇଁ ଉପଯୋଗୀ

ସାଧାରଣତଃ ଲୋକେ ଗୃହପାଳିତ ପଶୁ ଭାବେ ଘରେ ଗାଈ, ବିଲେଇ, କୁକୁର ଆଦି ରଖିଥାନ୍ତି। ସେମାନଙ୍କୁ ସମୟାନୁସାରେ ଖାଦ୍ୟ, ପାନୀୟ ଆଦି ଯୋଗାଇବା ସହ ଗାଧୋଇବା, ବୁଲେଇବା କାର୍ଯ୍ୟ କରିଥାନ୍ତି। ଯାହା ଅନେକଙ୍କ ପାଇଁ ସମସ୍ୟା ସୃଷ୍ଟି କରେ। ତେଣୁ ଏ ସମସ୍ତ ସମସ୍ୟାରୁ ମୁକ୍ତିପାଇବା ପାଇଁ ଏବେ ଲୋକେ ଘରେ ପେଟ୍ ରକ୍ ତଥା ପୋଷା ପଥର ରଖୁଛନ୍ତି। ଏହା ପୋଷା କୁକୁର, ବିଲେଇଙ୍କ ବିକଳ୍ପ ଭାବେ ଜଣାଯାଏ। ୧୯୭୦ ଦଶକରୁ ଏକ ମଜାକ୍‌ରୁ ଆରମ୍ଭ ହୋଇଥିବା ଏହି 'ପେଟ ରକ୍' ବର୍ତ୍ତମାନ ସମୟରେ ପୁଣିଥରେ ଟ୍ରେଣ୍ଡରେ ରହିଛି। ଲୋକେ ଏହାକୁ ଷ୍ଟ୍ରେସ୍ ବୁଷ୍ଟର ତଥା ଘରସଜ୍ଜା ଉପକରଣ ଭାବେ ଜାଣନ୍ତି। ୧୯୭୦ ଦଶକରେ ଗୈରୀ ଡହଲ ନାମକ ଜଣେ ଆମେରିକୀୟ ବ୍ୟକ୍ତି ଏମିତି ଏକ ଉଦ୍ଭଟ ଚିନ୍ତାଧାରା ନେଇ ଆସିଥିଲେ। ସେ ଏକଦା ତାଙ୍କର ଜଣେ ସାଙ୍ଗକୁ ପୋଷା କୁକୁର, ବିଲେଇଙ୍କ ସମସ୍ୟାକୁ ନେଇ ଅଭିଯୋଗ କରୁଥିବା ଶୁଣିଥିଲେ। ସେତେବେଳେ ସେ ମଜାକ୍‌ରେ କହିଥିଲେ, ଆମେ ପୋଷା ଜୀବ ଭଳି କିଛି ଏପରି ଜିନିଷ ରଖିପାରନ୍ତେ ନାହିଁ ଯାହା କୌଣସି ସମସ୍ୟା ସୃଷ୍ଟି କରିପାରିବ ନାହିଁ। ଏଥିରୁ ସେ 'ପୋଷା ପଥର' ତଥା 'ପେଟ୍ ରକ୍' ଆଇଡିଆ ତାଙ୍କ ମୁଣ୍ଡକୁ ଆସିଥିଲା। ପରବର୍ତ୍ତୀ ସମୟରେ ସେ ଏହି ମଜାକ୍‌କୁ ବାସ୍ତବ ରୂପ ଦେଇଥିଲେ। ୧୯୭୫ରେ ସେ ପେଟ୍ ରକ୍ ବଜାରକୁ ଆଣିଲେ। ଏହାକୁ ଏକ ସ୍ୱତନ୍ତ୍ର କାର୍ଡବୋର୍ଡ ବକ୍ସରେ ରଖାଯାଇଥିଲା। ଏଥିରେ ନଡ଼ା ମଧ୍ୟ ରଖାଯାଇଥିଲା। ଯଦ୍ଦ୍ୱାରା ଏହା ସତସତିକା ପୋଷା ଜୀବଜନ୍ତୁ ପ୍ୟାକେଜ୍ ହେଲା ଭଳି ଲାଗିବ। ସେହିପରି ଏଥିରେ ବାୟୁ ଚଳାଚଳ ପାଇଁ ଛିଦ୍ର ମଧ୍ୟ କରାଯାଇଥିଲା। ସେ ପେଟ୍‌ରକ୍ ସାଥିରେ ଏକ କୌତୁକିଆ ଗାଇଡ୍ ମଧ୍ୟ ଦେଉଥିଲେ। ଯେଉଁଥିରେ ଲେଖାଥିଲା, ଏହା କେବେ ରୋଗାକ୍ରାନ୍ତ ହେବ ନାହିଁ, କିଛି ଅପରିଷ୍କାର ମଧ୍ୟ କରିବ ନାହିଁ। ସର୍ବଦା ସାଥିରେ ରହିବ। ଏହାର ପ୍ୟାକେଜିଂ ଏତେ ସୁନ୍ଦର ଥିଲା ଯେ, ଲୋକେ ଏହା କିଣିବାକୁ ଆଗ୍ରହ ଦେଖାଇଥିଲେ। ୧୯୭୫ ମସିହାରେ କ୍ରିସ୍‌ମାସ୍ ସିଜିନ୍‌ରେ ଏହା ଅଧିକ ବିକ୍ରି ହୋଇଥିଲା। କିଛିମାସ ମଧ୍ୟରେ ଗେରୀ ଡହଲ କୋଟିପତି ହୋଇଗଲେ। ଅବଶ୍ୟ କିଛି ଦିନ ପରେ, ଏହାର ଲୋକପ୍ରିୟତା କମିଗଲା। ୨୦୨୨ ମସିହାରେ ସୁପର୍ ଇମ୍ପଲ୍ସ ନାମକ ଏକ ଖେଳନା କମ୍ପାନୀ ଏହି ପେଟ୍ ରକ୍‌କୁ କ୍ରୟ କରି, ଏହାକୁ ପୁନର୍ବାର ଲଞ୍ଚ୍ କରିଥିଲେ। ବିଶେଷ କରି ଦକ୍ଷିଣ କୋରିଆରେ ଏହା ପୁଣିଥରେ ପ୍ରସିଦ୍ଧି ଲାଭ କରିଥିଲା। ଯାହାକୁ ଲୋକେ ଧ୍ୟାନ ଓ ଚାପ କମ୍ କରିବା ପାଇଁ ବ୍ୟବହାର କରୁଥିଲେ। ଏବେ ଏହି ପୋଷା ପଥର ଅନ୍‌ଲାଇନ୍‌ରେ ୮-୧୦ ହଜାର ଟଙ୍କା ମଧ୍ୟରେ ବିକ୍ରି ହେଉଛି। ଦକ୍ଷିଣ କୋରିଆର ଲୋକେ ଏହି ପଥରକୁ ସୁନ୍ଦର ସୁନ୍ଦର ପୋଷାକ ପିନ୍ଧାଇବା ସହ ଶୀତଦିନେ ଗରମ ପୋଷାକ ମଧ୍ୟ ପିନ୍ଧାଉଛନ୍ତି। କେବଳ ସେତିକି ନୁହେଁ, ସେମାନେ ପୋଷା ଜୀବ ଭଳି ପଥରକୁ କୌଣସି ସ୍ଥାନକୁ ଗଲାବେଳେ ସାଙ୍ଗରେ ନେଇ ଯାଉଛନ୍ତି।




## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଧୈର୍ଯ୍ୟର ସହ କାମ କରନ୍ତୁ। ଅଚାନକ ଖୁସି ଖବର ପାଇବେ। କ୍ୟାରିୟରରେ ଉନ୍ନତି କରିବେ।

**ବୃଷ:** ଅଟକି ଥିବା କାମ ପୂରା ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବିଦେଶ ଯାତ୍ରା କରିପାରନ୍ତି`ଆଇଟି କର୍ମଚାରୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ସୁସମ୍ବାଦ ମିଳିପାରେ। ଧନପ୍ରାପ୍ତି ଯୋଗ ରହିଛି। ପ୍ରତ୍ୟେକ କ୍ଷେତ୍ରରେ ମାନସମ୍ମାନ ଓ ପ୍ରଶଂସିତ ହେବେ। ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ। ଅତିଥି ସତ୍କାର କରିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ।

**ସିଂହ:** କାମଚାପ ଅଧିକ ରହିବ। ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଦିନସାରା ବ୍ୟସ୍ତ ରହିବା କାରଣରୁ ଥକ୍କାପଣ ଅନୁଭବ କରିବେ।

**ତୁଳା:** ଘର ମାହୋଲ ଶାନ୍ତିପୂର୍ଣ୍ଣ ରହିବ। କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ବହୁତ ଭଲ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର। ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ। ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ। ଘର କାମରେ ବ୍ୟସ୍ତ ରହିପାରନ୍ତି।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ଶତ୍ରୁଠାରୁ ଦୂରେଇ ରହିବା ଭଲ।

**ମକର:** ଟଙ୍କା ନେଣଦେଣ କାର୍ଯ୍ୟରେ ଅନ୍ୟ ଉପରେ ଅଧିକ ଭରସା କରନ୍ତୁନି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ। ମନକୁ ଆୟତ୍ତରେ ରଖିବା ଭଲ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ। ପେଟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ।

**ମୀନ:** କର୍ମକ୍ଷେତ୍ରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ। ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ। ସାବଧାନତା ସହିତ କାର୍ଯ୍ୟ କରନ୍ତୁ। ଲୋକ ସମ୍ପର୍କ ବଢ଼ିବ।

# ଓଡ଼ିଶାକୁ ଉପେକ୍ଷା, ଅନ୍ୟ ରାଜ୍ୟଙ୍କୁ ହାତଖୋଲା ଅନୁଦାନ

## ଲଗାତାର ପ୍ରାକୃତିକ ବିପର୍ଯ୍ୟୟରେ ଓଡ଼ିଶା ସହୁଛି ଅପୂରଣୀୟ କ୍ଷତି

**ଭୁବନେଶ୍ୱର, ୧୧।୨(ସମିସ):** ଡବଲ ଇଞ୍ଜିନ ସ୍ୱପ୍ନ ସାକାର ହେଲା । ରାଜ୍ୟରେ ପ୍ରଥମ ଥର ଲାଗି ନିଜ ଦମ୍‌ରେ ସରକାର ଗଢ଼ିଲା ବିଜେପି । ସାରା ଦେଶରେ ଏନ୍‌ଡିଏ ବିରୋଧୀ ହାୱା ଚାଲିଥିବା ବେଳେ ୨୦ ଜଣ ବିଜେପି ସାଂସଦଙ୍କୁ ଦିଲ୍ଲୀ ପଠାଇଲା ଓଡ଼ିଶା । ନହେଲେ କେନ୍ଦ୍ରରେ ଏନ୍‌ଡିଏ ସରକାର ଗଠନ ଏତେ ସହଜ ହୋଇପାରିନଥାଆନ୍ତା । ଏହା ବଦଳରେ ଓଡ଼ିଶାକୁ ମିଳିଛି କେବଳ ଅବହେଳା, ଅନ୍ୟାୟ ଓ ନିର୍ଯାତନା । ରାଜ୍ୟକୁ ସ୍ୱତନ୍ତ୍ର ସୁବିଧା କି ସହାୟତା ମିଳୁନି । ଓଲଟି ପଡ଼ୋଶୀ ରାଜ୍ୟମାନଙ୍କର ଯେଉଁ ପ୍ରକଳ୍ପ ଯୋଗୁଁ ଓଡ଼ିଶାର କ୍ଷତି ହେବ, ସେହି ପ୍ରକଳ୍ପଗୁଡ଼ିକୁ କେନ୍ଦ୍ର ଗୁରୁତ୍ୱ ଦେଉଛି । ରେଳ ଡିଭିଜନ ନାମରେ ଓଡ଼ିଶାକୁ ରାଜସ୍ୱ ଦୃଷ୍ଟିକୋଣରୁ ଦରିଦ୍ର କରିବାକୁ ବି ପଛାଉ ନାହାନ୍ତି ।

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଏବଂ ପରବର୍ତ୍ତୀ ସମୟରେ ଫୋକସ ରାଜ୍ୟ ମାନ୍ୟତା ଦେବାକୁ ଦୀର୍ଘ ବର୍ଷ ହେଲାଣି ବିଭିନ୍ନ ମହଲରୁ ଦାବି ହୋଇ ଆସୁଛି । ଓଡ଼ିଶାର ଭୌଗଳିକ ସ୍ଥିତି, ପ୍ରତିବର୍ଷ ଆସୁଥିବା ବିପର୍ଯ୍ୟୟ ଏବଂ ଏଥିରେ ହଜାର ହଜାର କୋଟି ଟଙ୍କାର କ୍ଷତି ଓଡ଼ିଶାର ବିକାଶରେ ଅନ୍ତରାୟ ସୃଷ୍ଟି କରୁଛି । ସାମଗ୍ରିକ ଦୃଷ୍ଟିକୋଣରୁ ଓଡ଼ିଶା ସ୍ୱତନ୍ତ୍ର ସହାୟତା ପାଇଁ ସବୁଠାରୁ ଯୋଗ୍ୟ ରାଜ୍ୟ ହୋଇଥିଲେ ହେଁ କେନ୍ଦ୍ର ସରକାର ଏନେଇ ପାଟି ଖୋଲୁନାହାନ୍ତି । ଦେଶରେ ଏବେ ଆଉ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା କାର୍ଯ୍ୟକାରୀ ହେଉନଥିବା କହି କେନ୍ଦ୍ର ସରକାର ଓଡ଼ିଶାର ଦାବିକୁ କ୍ରମାଗତ ଏଡ଼ାଇ ଚାଲିଛନ୍ତି । କିନ୍ତୁ ନିଜର ରାଜନୈତିକ ସ୍ୱାର୍ଥ ହେଉ ଅଥବା ବାଧ୍ୟବାଧକତା;

### ସ୍ୱତନ୍ତ୍ର ପ୍ୟାକେଜ ଦେବାରେ ଅସୁବିଧା କେଉଁଠି ?

ସମାନ ସମୟରେ କେନ୍ଦ୍ର ସରକାର ବିହାର, ଆନ୍ଧ୍ର ପ୍ରଦେଶ ପରି ରାଜ୍ୟମାନଙ୍କୁ ହଜାର ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ରଦାନ କରୁଛନ୍ତି । ତାହେଲେ ଓଡ଼ିଶା ପ୍ରତି ଏତେ ଅବିଚାର କାହିଁକି ? ସ୍ୱତନ୍ତ୍ର ରାଜ୍ୟ ପାହ୍ୟା କିମ୍ବା ଫୋକସ ରାଜ୍ୟ ମାନ୍ୟତା ନହେଲା ନାହିଁ, ଅନ୍ୟ ରାଜ୍ୟଙ୍କ ପରି ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନରେ ଅସୁବିଧା କେଉଁଠି ? ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ବିଗତ ବର୍ଷମାନଙ୍କରେ ଓଡ଼ିଶା ପ୍ରାୟ ୮୦ ହଜାର କୋଟି ଟଙ୍କାର କ୍ଷତି ସହିଲାଣି ।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହୋଇଥିବା ବେଳେ ରାଜ୍ୟବାସୀ ଆଶା କରିଥିଲେ, ଏଥିରୁ ଓଡ଼ିଶା ବେଶ୍ ଲାଭବାନ ହେବ। ଏପରିକି ପୂର୍ବୋଦୟ ବିକାଶରେ ଓଡ଼ିଶା ଗ୍ରୋଥ ଇଞ୍ଜିନ ହେବ ବୋଲି ପ୍ରଧାନମନ୍ତ୍ରୀ ନିଜେ ବାରମ୍ବାର କହିଥିଲେ। ମାତ୍ର ୨୦୨୪-୨୫ ବଜେଟରେ କେନ୍ଦ୍ର ସରକାର ବିହାର, ଆନ୍ଧ୍ର ପ୍ରଦେଶ ସରକାରଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କଲେ। ବିହାର ପାଇଁ ସ୍ୱତନ୍ତ୍ର ଭାବେ ବଜେଟରେ ୫୮ ୯୦୦ କୋଟି ଟଙ୍କାର ବ୍ୟୟବରାଦ କରିଥିବା ବେଳେ ଆନ୍ଧ୍ର ସରକାରଙ୍କ ପାଇଁ ୧୫ ହଜାର କୋଟି ଟଙ୍କାର ଅର୍ଥ ମଞ୍ଜୁର କଲେ। କେବଳ ଅର୍ଥ ପ୍ରଦାନ କଲେ ନାହିଁ, ଓଡ଼ିଶାର ସ୍ୱାର୍ଥ ପରିପନ୍ଥୀ ପୋଲାଭରମ୍ ପ୍ରକଳ୍ପ ପାଇଁ ମଧ୍ୟ ସ୍ୱତନ୍ତ୍ର ଭାବେ ଆର୍ଥିକ ସହାୟତା ଘୋଷଣା କଲେ କେନ୍ଦ୍ର ସରକାର। ଏଥିପାଇଁ କଣ ରାଜ୍ୟବାସୀ ବିଜେପିର ୨୦ ସାଂସଦଙ୍କୁ ନିର୍ବାଚିତ କରି ଦିଲ୍ଲୀ ପଠାଇଥିଲେ କି ବୋଲି ସାଧାରଣରେ ପ୍ରଶ୍ନ ଉଠିଲାଣି।

ଗତ ବଜେଟ ପରି ଚଳିତ ବଜେଟରେ ମଧ୍ୟ କେନ୍ଦ୍ର ସରକାର ଓଡ଼ିଶା ପ୍ରତି ସମାନ ଆଭିମୁଖ୍ୟ ପୋଷଣ କରିଛନ୍ତି। ଓଡ଼ିଶା ପାଇଁ ବଜେଟରେ କିଛି ନଥିବା ବେଳେ ବିହାରକୁ କେନ୍ଦ୍ର ସରକାର ପ୍ରକଳ୍ପ ବର୍ଷା କରିଛନ୍ତି। ସେହିପରି ଓଡ଼ିଶାର କଟା ଘାରେ ଚୂନ ଦେଇ ପୋଲାଭରମ୍ ପ୍ରକଳ୍ପ ବାବଦରେ କେନ୍ଦ୍ର ସରକାର ଆନ୍ଧ୍ରକୁ ଆଉ ୫୯୩୬ କୋଟି ଟଙ୍କା ଆବଣ୍ଟିତ କରିଛନ୍ତି। ବଜେଟ ଆଗତ ପରେ କିନ୍ତୁ କେନ୍ଦ୍ର ଅର୍ଥମନ୍ତ୍ରୀ ଆଶ୍ଚର୍ଯ୍ୟଜନକ ଭାବେ କେନ୍ଦ୍ର ସରକାର ଆଗାମୀ ଦିନରେ ମଧ୍ୟ କେନ୍ଦ୍ର ସରକାର ଉତ୍ତର-ପୂର୍ବ ରାଜ୍ୟ ଯଥା ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ବିହାର ଓ ଝାଡ଼ଖଣ୍ଡ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଜାରି ରଖିବେ ବୋଲି ମତବ୍ୟକ୍ତ କଲେ। ଓଡ଼ିଶାକୁ ବଜେଟରେ କୌଣସି ଅନୁଦାନ ପ୍ରଦାନ ନକରି ଆମେ ସ୍ୱତନ୍ତ୍ର ଦୃଷ୍ଟି ଦେଉଛୁ ବୋଲି କହିବା ଓଡ଼ିଶା ପ୍ରତି ପରୋକ୍ଷରେ ଉପହାସ ନୁହେଁ କି ବୋଲି ଏବେ ବୁଦ୍ଧିଜୀବୀ ମହଲ କ୍ଷୋଭ ପ୍ରକାଶ କରୁଛନ୍ତି।

## କୁଡ଼ିଆରେ ନିଆଁ ଲାଗି ଜିଅନ୍ତା ଜଳିଗଲେ ଭାଇ-ଭଉଣୀ



**ଲାଞ୍ଜିଗଡ଼,୧୧।୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଲାଖବାହାଲି ପଞ୍ଚାୟତ ତାଳବୋରା ଗାଁରେ ଆଜି ଏକ ଦୁଃଖଦ ଘଟଣା ଘଟିଛି । ଚାଷ ଜମିରେ ତିଆରି କରିଥିବା ଅସ୍ଥାୟୀ ପାଳ କୁଡ଼ିଆରେ ନିଆଁ ଲାଗି ଭାଇ-ଭଉଣୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ମୃତ ଶିଶୁଦ୍ୱୟ ହେଲେ, ଗାଁର ବଡ଼ ବିଶି ମାଝୀ ଓ ସୁଶାରୀ ମାଝୀଙ୍କ ପାଞ୍ଚ ବର୍ଷର ପୁଅ ଓ ଚାରି ବର୍ଷର ଝିଅ । ମିଳିଥିବା ସୂଚନାନୁସାରେ, ମଙ୍ଗଳବାର ସକାଳେ ଶିଶୁଦ୍ୱୟ କାନ୍ଦୁଲ ଗୁଡ଼ିଆ (କାନ୍ଦୁଲ ଚାଷ କରିଥିବା ପାହାଡ଼ିଆ ଜମି) ରେ ତିଆରି ହାଇଥିବା ପାଳ କୁଡ଼ିଆରେ ବସି ଖେଳୁଥିଲେ । ଏହି ସମୟରେ ମା' ସୁଶାରୀ କାଠ ସଂଗ୍ରହ ପାଇଁ ପାଖକୁ ଯାଇଥିଲେ । ତେବେ କିଛି ସମୟ ପରେ ଫେରି ଦେଖିବା ବେଳକୁ ପାଳ ତିଆରି ଅସ୍ଥାୟୀ କୁଡ଼ିଆରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳୁଛି ଏବଂ ତାଙ୍କର ଦୁଇ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ପୁଅ ଝିଅଙ୍କ ମୃତ୍ୟୁରେ ଏହି ମାଝୀ ଦମ୍ପତି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ସରକାରୀ ନିୟମକାନୁନ ସଂପର୍କରେ ଅଜ୍ଞ ହେତୁ ପୁଲିସ୍‌କୁ ସେମାନେ ସୂଚନା ଦେଇନାହାନ୍ତି । ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି ।

## କେନ୍ଦ୍ରାପଡ଼ାର ବ୍ୟବସାୟୀଙ୍କୁ ବ୍ରହ୍ମପୁରରୁ ଅପହରଣ



**ବ୍ରହ୍ମପୁର,୧୧।୨(ସମିସ):** କେନ୍ଦ୍ରାପଡ଼ାର ଜଣେ ଯୁବକଙ୍କୁ ବ୍ରହ୍ମପୁରରୁ ଅପହରଣ କରି ଦୁର୍ବୃତ୍ତମାନେ ୧୦ ଲକ୍ଷ ଟଙ୍କା ମୁଣ୍ଡ ଜାମିନ୍ ରଖିବା ଏବଂ ପରେ ପୁଲିସ୍ ଅପହୃତ ଯୁବକଙ୍କୁ ଢେଙ୍କାନାଳରୁ ଉଦ୍ଧାର କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି । ଅଭିଯୁକ୍ତମାନେ ହେଲେ, ଢେଙ୍କାନାଳ ଜିଲ୍ଲା ବେଲପଡ଼ା ଥାନା ଅନ୍ତର୍ଗତ ପୁରିଆପାଳ ଗ୍ରାମର ଅଶ୍ରୁଲୋଚନ ମହାନ୍ତି(୨୭), ସତ୍ୟରଞ୍ଜନ ସ୍ୱାଇଁ (୩୫) ଓ ଢେଙ୍କାନାଳ ଜିଲ୍ଲା ବରଡ଼ା ଗ୍ରାମର ସୌରଭ

- ଢେଙ୍କାନାଳରୁ ଉଦ୍ଧାର କଲା ପୁଲିସ୍; ୩ ଗିରଫ
- ୧୦ଲକ୍ଷ ଦାବିରେ ହାତଗୋଡ଼ ବାନ୍ଧି ନିସ୍ତୁକ ମାଡ଼

କୁମାର ସ୍ୱାଇଁ (୨୭) । ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୁଲିସ୍ ଆଜି ଏମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଏମାନେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ସଂସିଆ ଗ୍ରାମର ଅନୀଲ କୁମାର ଭୂୟାଁ ଗତ ୪ ତାରିଖ ଦିନ ଅପହରଣ କରିନେଇଥିଲେ ବୋଲି ଅଭିଯୋଗ ହୋଇଛି ।

ପୁଲିସ୍ ସୂଚନାନୁଯାୟୀ, ଅନୀଲ ଗତ ୪ ତାରିଖ ଦିନ ବ୍ରହ୍ମପୁର ଆସି ବ୍ରହ୍ମପୁର ମହୋତ୍ସବରେ ଷ୍ଟଲ ଖୋଲିଥିଲେ । ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡଠାରେ ଏକ ଲଜ୍‌ରେ ଅନୀଲ ୬ ତାରିଖ ପର୍ଯ୍ୟନ୍ତ ରହିଥିଲେ । ତେବେ ୬ ତାରିଖ ଦିନ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଅନୀଲ ଲଜ୍‌ରୁ ବାହାରିବା ସମୟରେ ସତ୍ୟରଂଜନ ସ୍ୱାଇଁ ଓ ଅନ୍ୟ ୨ଜଣ ଯୁବକ ଆସି ତାଙ୍କଠାରୁ ମୋବାଇଲ ଓ ବାଇକ୍ ଛଡ଼ାଇ ନେଇଥିଲେ । ପରେ ଅନ୍ୟ ଏକ ବାଇକ୍‌ରେ ଅନୀଲଙ୍କୁ ଛତ୍ରପୁର ଅଭିମୁଖେ ନେଇଯାଇଥିଲେ । ରାସ୍ତାରେ ସତ୍ୟରଂଜନ ସ୍ୱାଇଁ ଓ ଅନ୍ୟ ଦୁଇଜଣ ଏକ ସ୍ୱିଫ୍ଟ କାରରେ ଅନୀଲଙ୍କୁ ଢେଙ୍କାନାଳ ଅଭିମୁଖେ ନେଇଯାଇଥିଲେ । ପରେ ଅପହରଣକାରୀମାନେ ଅନୀଲଙ୍କୁ ସେମାନଙ୍କ ନିଜ ଗାଁକୁ ନେଇ ଘର ପଛପଟେ ଥିବା ଏକ ପରିତ୍ୟକ୍ତ ଘରେ ହାତଗୋଡ଼ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ । ଏହାସହ ଅନୀଲଙ୍କୁ ମୁକୁଳାଇବା ପାଇଁ ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ମାଗିଥିଲେ । କୌଣସି ସୂତ୍ରରୁ ଖବର ପାଇ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୁଲିସ ଢେଙ୍କାନାଳ ପୁଲିସର ସହାୟତାରେ ଗତ ୧୦ ତାରିଖ ଦିନ ଅପହୃତ ଅନୀଲଙ୍କୁ ସୁରକ୍ଷିତ ଉଦ୍ଧାର କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା । ତେବେ କେଉଁ କାରଣରୁ ସେମାନେ ଅନୀଲଙ୍କୁ ଅପହରଣ କରିଥିଲେ, ସେନେଇ ପୁଲିସ୍ ତନାଘନା ଚଳାଇଛି ।

## ୬୫ ବର୍ଷୀୟ ବୃଦ୍ଧାଙ୍କୁ ଦୁଷ୍କର୍ମ

**ଜଳେଶ୍ୱର, ୧୧।୨ (ସମିସ):** ରାଇବଣିଆ ଥାନା ଅଞ୍ଚଳରେ ଜଣେ ୬୫ ବର୍ଷୀୟା ବୃଦ୍ଧାଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏହି ଘଟଣାରେ ପୁଲିସ୍ ନିହାରସନ ବିହାରୀ ନାମକ ଜଣେ ଯୁବକଙ୍କୁ ଗିରଫ କରି ତଦନ୍ତ ଚଳାଇଛି । ଲିଫ୍ଟ ଦେବାକୁ କହି ସେ ବୃଦ୍ଧାଙ୍କୁ ନିକଟସ୍ଥ ଏକ ଘରୋଇ ଜଙ୍ଗଲକୁ ନେଇ ଯାଇଥିଲା ଏବଂ ସେଠାରେ ଦୁଷ୍କର୍ମ କରିଥିଲା ବୋଲି ମହିଳାଙ୍କ ବୋହୂ ଏତଲା ଦେଇଛନ୍ତି । ଅପରପକ୍ଷେ, ବୃଦ୍ଧାଙ୍କୁ ଗୁରୁତର ଅବସ୍ଥାରେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

ଜଳେଶ୍ୱରରେ ଲଜ୍ଜା

## ତହସିଲଦାରଙ୍କ ଘରେ କେଜିଏ ସୁନା

**ଭୁବନେଶ୍ୱର,୧୧।୨(ସମିସ):** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ ଘରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି । ବିଦ୍ୟାଧରଙ୍କ ଘର, ରେମୁଣା ସ୍ଥିତ କାର୍ଯ୍ୟାଳୟ, ସମ୍ପର୍କୀୟଙ୍କ ଘର ସହ ମୋଟ ୭ଟି ସ୍ଥାନରେ ଚଢ଼ଉ ହୋଇଛି । ଭୁବନେଶ୍ୱରରେ

- ୨ ଫ୍ଲାଟ୍, ୨ ପ୍ଲଟ୍; ଡାକ ଘରେ ଜମା ୧ କୋଟି

ଶୈଳଶ୍ରୀବିହାର ଫ୍ଲାଟ୍, ରୁଦ୍ରପୁରସ୍ଥିତ ୩ ବିଏଚ୍‌କେ ଫ୍ଲାଟ୍, ବାଲେଶ୍ୱର ସଦର ଥାନା କୁରୁଡ଼ା ସ୍ଥିତ ୨ ମହଲା କୋଠା, ସୋରସ୍ଥିତ ପୈତୃକ ବାସଭବନ, ରେମୁଣା ଅଫିସ ଚାମ୍ବର, ବାଲେଶ୍ୱରସ୍ଥିତ ଘର ଓ ଭୁବନେଶ୍ୱର ଡୁମୁଡୁମା ସ୍ଥିତ ସଂପର୍କୀୟଙ୍କ ଘରେ ଏହି ଚଢଉ କରାଯାଇଛି । ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭୁବନେଶ୍ୱର ଓ ବାଲେଶ୍ୱରର ୭ଟି ସ୍ଥାନରେ ଚଢାଉରେ ୬ ଜଣ ଡିଏସପି, ୩ ଜଣ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଛନ୍ତି । ତାଙ୍କ ଘରୁ ୯୧୭ ଗ୍ରାମର ସୁନା ଗହଣା, ଡ଼ାକଘରେ ୧କୋଟି ଟଙ୍କା ଜମା ଥିବା ସୂଚନା ମିଳିଛି । ସେହିପରି ୨୨ଲକ୍ଷ ବ୍ୟାଙ୍କ ଜମା ସହ ଗୋଟିଏ ଚାରି ଚକିଆ ଏବଂ ୨ଟା ଦୁଇ ଚକିଆ ଗାଡି ଥିବା ଜଣାପଡ଼ିଛି । ଆୟ ବର୍ହିଭୂତ ସମ୍ପତ୍ତି ସୁରାକ ମିଳିବା ପରେ ବିଦ୍ୟାଧରଙ୍କୁ ଅଟକ ରଖାଯାଇଛି ।

## ଜେଲ୍‌ଫେରନ୍ତା ଅଭିଯୁକ୍ତକୁ ଜେଲ୍ ଦାୟିତ୍ୱ

**ପାରାଦୀପ, ୧୧।୨(ସମିସ):** ଜଗତସିଂହପୁର ଜିଲ୍ଲା ପ୍ରଶାସନର ବିଚିତ୍ର ନିର୍ଦ୍ଦେଶକୁ ନେଇ ଜିଲ୍ଲାରେ ଏବେ ଚର୍ଚ୍ଚା ଜୋର୍ ଧରିଛି । ଜିଲ୍ଲାପାଳଙ୍କୁ ଏଥିପାଇଁ ସମାଲୋଚନାର ଶିକାର ହେବାକୁ ପଡ଼ିଛି । ଦୁଇ ବର୍ଷ ତଳେ ଜେଲ୍‌ରେ ମାସାଧିକ କାଳ ବିଚାରାଧୀନ

- ଅଭିଯୁକ୍ତଙ୍କୁ ସାଙ୍ଗରେ ନେଇ ଜେଲ ପରିଦର୍ଶନ କଲେ ମନ୍ତ୍ରୀ
- ନିଯୁକ୍ତିକୁ ନେଇ ଅଡୁଆରେ ଜିଲ୍ଲା ପ୍ରଶାସନ



କଏଦୀ ଥିବା ରାକେଶ କୁମାର ପଟ୍ଟନାୟକ (ରାକା)ଙ୍କୁ ଏବେ ସମାଗୋଳ ଜେଲର ତତ୍ତ୍ୱାବଧାରକ କମିଟିରେ ନିଯୁକ୍ତି ଦିଆଯାଇଛି । ଏହି କମିଟିରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବାଲିକୁଦା ବିଧାୟକ ସାରଦା ଜେନା ରହିଥିବା ବେଳେ ଅଭିଯୁକ୍ତ ରାକାଙ୍କୁ ରଖାଯାଇଛି । ଏଠାରେ ପ୍ରଶ୍ନ ଉଠୁଛି, ଯେଉଁ ମାମଲାରେ ରାକା ଗିରଫ ହୋଇ ଜେଲ ଯାଇଥିଲେ, ସେ ମାମଲା ଏବେ ବିଚାରାଧୀନ ରହିଛି । ଦୁଇ ଦୁଇ ଥର ବିଭିନ୍ନ ଅପରାଧରେ ଅଭିଯୁକ୍ତ ଥାଇ ଜେଲ ଯାଇଥିବା ଏବଂ ସେହି ଜେଲ କୋଠରିରେ ଦୀର୍ଘ ଦିନ ବିତାଇଥିବା ଅଭିଯୁକ୍ତଙ୍କୁ କିଭଳି ଜିଲ୍ଲା ପ୍ରଶାସନ ଜେଲ୍ ଦାୟିତ୍ୱ ଦେଲା, ତାକୁ ନେଇ ଅଡୁଆ ପରିସ୍ଥିତି ଉପୁଜିଛି । ଜିଲ୍ଲା ପ୍ରଶାସନ ମଧ୍ୟ ଏହାକୁ ନେଇ ହରଡ଼ଘଣାରେ ପଡ଼ିଛି । ସେପଟେ ପାରାଦୀପରେ ପ୍ରଭାବଶାଳୀ ଥିବା ରାକାକୁ ଏହି କମିଟିରେ ରଖିବା ପାଇଁ ସୁପାରିସ୍ କରିଥିବା ନେତା ଅଡୁଆରେ ଛନ୍ଦି ହୋଇଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା, ପାରାଦୀପ ବିଧାୟକ ତଥା ମନ୍ତ୍ରୀ ଅଭିଯୁକ୍ତଙ୍କୁ ଧରି ସମ୍ପୃକ୍ତ ଜେଲ ପରିଦର୍ଶନ କରିବା ଓ ଜେଲ କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ ଓ ତାଗିଦ କରିବା ସମସ୍ତଙ୍କୁ ଚକିତ କରିଛି ।

ସୂଚନାଯୋଗ୍ୟ, ଅଭୟଚାନ୍ଦପୁର ଓ ପାରାଦୀପ ଥାନାର ପୃଥକ ମାମଲାରେ ଗିରଫ ହୋଇ ରାକା ଜେଲ୍ ଯାଇଥିଲେ ।

## ଖୁବ୍‌ଶୀଘ୍ର ଏଆଇ ମାଧ୍ୟମରେ ହେବ ଭିଡ଼ ନିୟନ୍ତ୍ରଣ

**ପୁରୀ,୧୧।୨(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ହୋଇ ନଥିବାରୁ ଭକ୍ତମହଲରେ ଅସନ୍ତୋଷ ଲାଗି ରହିଛି । ବିଶେଷକରି ସ୍ୱତନ୍ତ୍ର ପର୍ବପର୍ବାଣି ଏବଂ ଛୁଟି ଦିନମାନଙ୍କ ଗହଳି ଏମିତି ହେଉଛି ଯେ ଅନେକ ଦର୍ଶନ କରି ନପାରି ଫେରିବାକୁ ବାଧ୍ୟ ହେଉଛନ୍ତି । ଫଳରେ ପ୍ରଶାସନର ଦକ୍ଷତା ଓ ପରିଚାଳନକୁ ନେଇ ବାରମ୍ବାର ପ୍ରଶ୍ନ ଉଠିଛି । ତେବେ, ଏଣିକି ମନ୍ଦିର ପ୍ରଶାସନ ପକ୍ଷରୁ ଏଆଇ ବେସ୍‌ଡ ଟେକ୍ନୋଲୋଜି ଦ୍ୱାରା ଭିଡ଼ ନିୟନ୍ତ୍ରଣ କରାଯିବ ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ । ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି, ଶ୍ରୀମନ୍ଦିରରେ ଖୁବ୍‌ଶୀଘ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ କରାଯିବ । ଚଳିତ ସପ୍ତାହରୁ ଶ୍ରୀମନ୍ଦିରରେ ଏଆଇ ପାଇଁ ଓପନ୍ ହେବ ଫାଇନାନ୍ସିଆଲ୍ ବିଡ୍ । ଏଥିପାଇଁ ଟେକ୍ନିକାଲ ଆସେସମେଣ୍ଟ ଫାଇନାଲ ପ୍ରେଜେଣ୍ଟେସନ୍ ସରିଛି । ପ୍ରୁଫ୍ ଅଫ୍ କନ୍‌ସେପ୍ଟ ଓ ୟୁଆଇ ଫ୍ଲୋଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ।

## ଜିଲ୍ଲା ଗସ୍ତରେ ଯାଉ ନାହାନ୍ତି ସଚିବ

### ଏବେ ପୁଣି ୧୬ ଆଇଏଏସ୍‌ଙ୍କୁ ଆକାଂକ୍ଷୀ ଜିଲ୍ଲା ଦାୟିତ୍ୱ

**ଭୁବନେଶ୍ୱର,୧୧।୨(ସମିସ):** ନିର୍ଦ୍ଦେଶନାମା ଜାରି ହେବାର ୫ ମାସ ପରେ ବି ଜିଲ୍ଲା ଗସ୍ତରେ ଗଲେ ନାହିଁ ସଚିବସ୍ତରୀୟ ଅଧିକାରୀ । ମାତ୍ର ପୁଣି ୧୬ ଜଣ ବରିଷ୍ଠ ଆଇଏଏସ୍‌ଙ୍କୁ ଆକାଂକ୍ଷୀ ଜିଲ୍ଲା ଦାୟିତ୍ୱ ପ୍ରଦାନ କରିଛନ୍ତି ସରକାର । ସେମାନେ ଆବଣ୍ଟିତ ଜିଲ୍ଲା ଗସ୍ତ କରି ନୀତି ଆୟୋଗଙ୍କ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ ଗୁଡିକର ସମୀକ୍ଷା କରିବେ ବୋଲି ସରକାର କହିଛନ୍ତି । ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ଉପରକୁ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ଲାଗି ସେମାନଙ୍କୁ ଜିଲ୍ଲା ଗସ୍ତରେ ପଠାଯିବା ଧାରା ଲାଗି ରହିଛି । ନୂଆ ସରକାର ୩୦ ଜଣ ସଚିବସ୍ତରୀୟ ଅଧିକାରୀଙ୍କୁ ଜିଲ୍ଲା ଗସ୍ତରେ ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ଆଜି ଯାଏ ଜଣେ ହେଲେ ବି ଅଧିକାରୀ ଜିଲ୍ଲା ଗସ୍ତରେ ଗଲେ ନାହିଁ। ଏପଟେ ବିଭାଗ ପକ୍ଷରୁ ବାରମ୍ବାର ସଚିବଙ୍କ ଜିଲ୍ଲା ତାଲିକାରେ ପରିବର୍ତ୍ତନ ହୋଇ ଚାଲିଛି। ଶେଷରେ ଫେବୃଆରୀ-ମାର୍ଚ୍ଚ ମାସରେ ଅଧିକାରୀମାନେ ଜିଲ୍ଲା ଗସ୍ତ କରିବେ ବୋଲି ଚୂଡାନ୍ତ ହୋଇଛି। ପୁଣି ସେହି ଅଧିକାରୀମାନଙ୍କୁ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ୍ ଦାୟିତ୍ୱ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା କେତେଦୂର କାର୍ଯ୍ୟକାରୀ ହେବ ତାକୁ ନେଇ ସନ୍ଦେହ ରହିଛି।

ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମାଙ୍କୁ ସମ୍ବଲପୁର ଜିଲ୍ଲା ଦାୟିତ୍ୱ ମିଳିଥିବା ବେଳେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଜି ମାଥିଭାଥନ୍ ବଲାଙ୍ଗିର, ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଢ଼େଙ୍କାନାଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ନୟାଗଡ଼, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ମୟୂରଭଞ୍ଜ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା ମାଲକାନଗିରି ଜିଲ୍ଲା ଦାୟିତ୍ୱ ପାଇଛନ୍ତି। ସେହିପରି ସଚିବସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ଆର ସନ୍ଥଗୋପାଳନ କନ୍ଧମାଳ, ଗିରୀଶ ଏସ୍‌ଏନ୍ କଳାହାଣ୍ଡି, ଅଶ୍ୱଥୀ ଏସ୍ ଗଜପତି, ରାଜେଶ ପ୍ରଭାକର ପାଟିଲ କୋରାପୁଟ ଏବଂ ଅରବିନ୍ଦ ଅଗ୍ରୱାଲ ରାୟଗଡ଼ା ଏବଂ ବଲଓ୍ୱନ୍ତ ସିଂ କେନ୍ଦୁଝର ଜିଲ୍ଲା ଦାୟିତ୍ୱ ପାଇଛନ୍ତି। ଶିଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କେ ରେଡ୍ଡୀ ନୂଆପଡ଼ା, ଓଡିଆ ଭାଷା ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ନବରଙ୍ଗପୁର ଏବଂ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ବରଗଡ଼ ଦାୟିତ୍ୱ ପାଇଛନ୍ତି।

- ନାବାଳିକାକୁ ଗଣଦୁଷ୍କର୍ମ ଘଟଣା

## ୪ ଅଭିଯୁକ୍ତ କୋର୍ଟ ଚାଲାଣ

**ଲକ୍ଷ୍ମୀପୁର, ୧୧।୨ (ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅଞ୍ଚଳରେ ଜଣେ ଆଦିବାସୀ ନାବାଳିକାକୁ ଗଣଦୁଷ୍କର୍ମ ଘଟଣାରେ ଲକ୍ଷ୍ମୀପୁର ପୁଲିସ୍ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ, ରାୟଗଡ଼ା ଜିଲ୍ଲା ଟିକିରି ଥାନା ଅଞ୍ଚଳର ନାଗେଶ୍ୱର ମାଝୀ(୨୫), ଦେବ ମାଝୀ (୨୧), ସୋନୁ ମାଝୀ (୨୧), ଅମିନ ମାଝୀ (୨୦) ।ଆଜି ଡାକ୍ତରୀମାଇନା ପରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଲକ୍ଷ୍ମୀପୁର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଏସ୍‌ପି ରୋହିତ ବର୍ମା ଏହି ସୂଚନା ଦେଇଛନ୍ତି । ସୂଚନାନୁଯାୟୀ, ଶନିବାର ସ୍ଥାନୀୟ ଏକ ଗ୍ରାମରେ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ପାଇଁ କୋରାପୁଟିଆ ଦେଶିଆ ନାଟକ ଆୟୋଜିତ ହୋଇଥିଲା । ନାଟକ ଦେଖିବାକୁ ଯାଇଥିବା ପୀଡ଼ିତା ନାବାଳିକା ପରିସ୍ରା ପାଇଁ ଯାଇଥିବା ବେଳେ ଉପରୋକ୍ତ ୪ ଅଭିଯୁକ୍ତ ତାଙ୍କୁ ଗଣଦୁଷ୍କର୍ମ କରିଥିଲେ । ଏନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ସୋମବାର ଲକ୍ଷ୍ମୀପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା ।

# ବିଜେଡି ବିଜୟକୁ ହଜମ କରି ପାରୁନି ବିଜେପି

## ଯାଜପୁର ଆର୍‌ଏମ୍‌ସି ନିର୍ବାଚନକୁ ଅସିଦ୍ଧ ଲାଗି ଷଡ଼ଯନ୍ତ୍ର

**ଯାଜପୁର, ୧୧।୨(ସମିସ):** ସରକାର ଗଠନ ପରେ ଅନୁଷ୍ଠିତ ସରପଞ୍ଚ, ସମିତି ସଭ୍ୟ ଉପନିର୍ବାଚନଗୁଡ଼ିରେ ବିଜେପିକୁ ଧକ୍କା ପରେ ଧକ୍କା ଲାଗିଛି । କ୍ଷମତାରେ ଥିବା ସତ୍ତ୍ୱେ ଶାସକ ଦଳର ସମର୍ଥିତ ପ୍ରାର୍ଥୀମାନେ ଉପନିର୍ବାଚନଗୁଡ଼ିକରେ ପରାଜୟର ସ୍ୱାଦ ଚାଖିଛନ୍ତି । ଏହି କ୍ରମରେ ଯାଜପୁର ଆର୍‌ଏମ୍‌ସି ନିର୍ବାଚନରେ ବିଜେପିକୁ ଲାଗିଥିବା ବଡ଼ ଧକ୍କାକୁ ଦଳ ସହ୍ୟ କରିପାରିନାହିଁ। ବିଜେଡିର ବିପୁଳ ବିଜୟକୁ ହଜମ କରି ନ ପାରି ଆର୍‌ଏମ୍‌ସି ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ଷଡ଼ଯନ୍ତ୍ର ଆରମ୍ଭ କରିଛି । କୌତୂହଳର କଥା ହେଉଛି ଏଥିପାଇଁ ସରକାର ଓ ଶାସକ ଦଳ ଜିଲ୍ଲାପାଳଙ୍କୁ ବ୍ୟବହାର କରିବାକୁ ଉଦ୍ୟମ କରିଛି । ଏପରିକି ଆର୍‌ଏମ୍‌ସି ନିର୍ବାଚନ ସଂଯୋଜନାର ମୁଖ୍ୟ ଅଧିକାରୀ ତଥା ଯାଜପୁର ଜିଲ୍ଲାପାଳଙ୍କ ବିଜ୍ଞତା ଉପରେ ସମବାୟ ବିଭାଗ ପ୍ରଶ୍ନ ଉଠାଇବା ସହ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିୟନ୍ତ୍ରିତ ବଜାର କମିଟି ନିର୍ବାଚନ ପରିଚାଳନା ପାଇଁ ଅନୁସୃତ ଓଏପିଏମ୍ ଆକଟ ୧୯୫୬କୁ ଯାଜପୁର ଜିଲ୍ଲାପାଳ ଉଲଙ୍ଘନ କରିଥିବା ଅଭିଯୋଗ କରି ରିପୋର୍ଟ ଦେବାକୁ ସମବାୟ ବିଭାଗ ଚିଠି ଲେଖିଛି ।

ଯାଜପୁର ନିୟନ୍ତ୍ରିତ ବଜାର କମିଟିର ନିର୍ବାଚନ ଯାଜପୁର ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଆରଏମ୍‌ସି ପକ୍ଷରୁ ୨୦୨୫ ଜାନୁଆରୀ ୪ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି ହୋଇଥିଲା। ଜିଲ୍ଲାପାଳ ଏହି ନିର୍ବାଚନ


### ଜିଲ୍ଲାପାଳଙ୍କ ଉପରେ ଚାପ; ରିପୋର୍ଟ ଦାଖଲ ନିର୍ଦ୍ଦେଶ

ସମ୍ପର୍କରେ ଜାନୁଆରୀ ୩ ତାରିଖ ଆଦେଶ ସଂଖ୍ୟା ୯୫୩/୨୫ରେ ବିଜ୍ଞପ୍ତି ଜାରି କରିଥିଲେ। କୃଷକ ନିର୍ବାଚନ ମଣ୍ଡଳୀରୁ ୮ଜଣ, ବ୍ୟବସାୟୀ ନିର୍ବାଚନ ମଣ୍ଡଳୀରୁ ୪ଜଣ, ପୌର ପରିଷଦରୁ ଓ ଗ୍ରାମ ପଞ୍ଚାୟତରୁ ଜଣେ ଲେଖାଏଁ ମୋଟ ୧୪ଟି ପଦ ପାଇଁ ଚଳିତ ମାସ ୪ ତାରିଖରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଓ ସେହିଦିନ ହିଁ ନିର୍ବାଚନ ଫଳ ପ୍ରକାଶ ପାଇଥିଲା। ଆରଏମ୍‌ସି ନିର୍ବାଚନରେ ବିଜେଡି ସମର୍ଥିତ ୮ ଜଣ ସଭ୍ୟ ନିର୍ବାଚିତ ହୋଇଥିଲେ।

ମାତ୍ର ନିର୍ବାଚନ ଫଳ ପ୍ରକାଶର ୩ ଦିନ ପରେ ଅର୍ଥାତ୍ ଫେବୃଆରୀ ୭ ତାରିଖରେ ରାଜ୍ୟ କୃଷି ବିପଣନ ନିର୍ଦ୍ଦେଶକ ରାଜ୍ୟ ସମବାୟ ବିଭାଗ ସଚିବଙ୍କୁ ଯାଜପୁର ଆରଏମ୍‌ସି ନିର୍ବାଚନ ପ୍ରକ୍ରିୟାରେ ଆଇନକୁ ଉଲଂଘନ କରାଯାଇଛି ବୋଲି ସୂଚନା ଦେଇଥିଲେ। ଆରଏମ୍‌ସି ନିର୍ବାଚନ ପାଇଁ ଅନୁସୃତ ଓଏପିଏମ୍ ନିୟମାବଳୀ ୧୯୫୮ ଧାରା ୯ ମୁତାବକ, ଯାଜପୁର ଜିଲ୍ଲାପାଳ ନିର୍ବାଚନ ବିଜ୍ଞପ୍ତିକୁ ୩୦ ଦିନ ପୂର୍ବରୁ ଖବରକାଗଜରେ ପ୍ରକାଶ କରି ନ ଥିବା ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଆରଏମ୍‌ସି ନିର୍ବାଚନ ବିଜ୍ଞପ୍ତିକୁ ଖବରକାଗଜରେ ୨୦୨୫ ଜାନୁଆରୀ ୧୧ ତାରିଖରେ ପ୍ରକାଶ କରିଥିବା ବେଳେ ୩୦ ଦିନ ପୂର୍ବରୁ ଅର୍ଥାତ୍ ୨୦୨୫ ଫେବୃଆରୀ ୪ ତାରିଖରେ ଅନୁଷ୍ଠିତ କରାଯାଇଥିବା ଏଥିରେ ଅଭିଯୋଗ କରାଯାଇଥିଲା। ଫଳରେ ଯେ କୌଣସି ଆଳ ଦେଖାଇ ଯାଜପୁର ଆରଏମସି ନିର୍ବାଚନକୁ ଅସିଦ୍ଧ କରିବା ପାଇଁ ରାଜ୍ୟ ସରକାର ଷଡ଼ଯନ୍ତ୍ର ଆରମ୍ଭ କରିଥିବା ସ୍ପଷ୍ଟ ହୋଇଛି।

ଖବର କାଗଜ ବିଜ୍ଞପ୍ତିକୁ ଆଳ କରି ଜିଲ୍ଲାପାଳଙ୍କ ମୁଣ୍ଡରେ ରାଜ୍ୟ ସମବାୟ ବିଭାଗ ଅଠାବୋଳି ଆର୍‌ଏମ୍‌ସି ନିର୍ବାଚନକୁ ଅସିଦ୍ଧ କରିବାକୁ ମସୁଧା ରଚାଯାଇଛି। ଅପରପକ୍ଷରେ ଯଦି ରାଜ୍ୟ ସରକାରଙ୍କ ବୈଧାନିକ ଯୁକ୍ତି ଠିକ୍ ତେବେ ଜିଲ୍ଲାପାଳଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। ମାତ୍ର ଏହା ପରିବର୍ତ୍ତେ ହଜାରହଜାର ଲୋକଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରିବା ପାଇଁ ଅଗଣତାନ୍ତ୍ରିକ ଭାବରେ ଆର୍‌ଏମ୍‌ସିକୁ ଅସିଦ୍ଧ କରିବା ନିମନ୍ତେ ଯୋଜନାକୁ ସାଧାରଣରେ ତୀବ୍ର ବିରୋଧ କରାଯାଇଛି। ସରକାର ଗଠନ ପରେ ବିଭିନ୍ନ ଅଗଣତାନ୍ତ୍ରିକ କାର୍ଯ୍ୟ, ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷାରେ ବିଫଳ ହୋଇଥିବା ସରକାର ଲୋକଙ୍କ ରୋଷକୁ ସମ୍ମୁଖୀନ ହୋଇ ନ ପାରି ଗଳାବାଟରେ କାମ କରିବା ପାଇଁ ଯୋଜନା କରୁଥିବା ଅଭିଯୋଗ ହୋଇଛି।

## ବାଘଛାଲ ଜବତ; ୭ ତସ୍କର ଅଟକ



**ଦେବଗଡ଼, ୧୧।୨ (ସମିସ):** ରିଆମାଳ ପୁଲିସ୍ ଆଜି ତାରଙ୍ଗ ଗ୍ରାମରେ ଚଢ଼ଉ କରି ୭ଜଣ ବନ୍ୟଜନ୍ତୁ ଅଙ୍ଗ ତସ୍କରଙ୍କୁ ଅଟକ ରଖିବା ସହ ସେମାନଙ୍କ ନିକଟରୁ ଗୋଟିଏ ବାଘଛାଲ ଜବତ କରିଛି। ଅଟକ ଅଭିଯୁକ୍ତମାନେ ହେଲେ, ଦେବଗଡ଼ ଜିଲ୍ଲା କୁଣ୍ଡେଇଗୋଳା ଥାନା ସିଆରିମାଳିଆ ଗ୍ରାମର ପରମାନନ୍ଦ ବଣିଚୁଲ, ସମ୍ବଲପୁର ଜିଲ୍ଲା କିସିଣ୍ଡା ଥାନା ଅନ୍ତର୍ଗତ ଡେରାପଥର ଗ୍ରାମର କାର୍ତ୍ତିକ ଦେହୁରି, ଧୋଲପୁର ଗ୍ରାମର ପ୍ରତାପ ଛେଲକେଚଲା, ମହୁଲପାଲି ଗ୍ରାମର ଦୁର୍ଯ୍ୟୋଧନ ବାଘ, ଯୁଯୁମୁରା ଥାନା ମେଘପାଳ ଗ୍ରାମର ଧନକୁଁଅର ଭେଙ୍ଗରା, ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅନ୍ତର୍ଗତ ମଳେହିପଡ଼ା ଗ୍ରାମର ମହେନ୍ଦ୍ର ହାତୀ ଓ କଦୋପଡ଼ା ଗ୍ରାମର ରଞ୍ଜିତ ଦେହୁରୀ। ବିଶେଷ ସୂତ୍ରରୁ ସୂଚନା ପାଇ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଏବଂ ଅନ୍ୟ ପୁଲିସ୍ କର୍ମଚାରୀମାନେ ଆଜି ପୂର୍ବାହ୍ନରେ ଉକ୍ତ ଗ୍ରାମରେ ଚଢ଼ଉ କରିଥିଲେ। ତେବେ ଏମାନଙ୍କ ସହ ଆଉ କିଏ କିଏ ସାମିଲ ଅଛନ୍ତି, ପୂର୍ବରୁ କେତେ ବନ୍ୟଜନ୍ତୁ ଶିକାର କରିଛନ୍ତି; ସେନେଇ ଅଧିକ ତଦନ୍ତ ପାଇଁ ମାମଲା ଏସଟିଏଫ୍‌କୁ ହସ୍ତାନ୍ତର କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅନୀଲ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସକାଳ
THE SAKALA



### ନୂତନ ବ୍ଲକ ଗଠନ ନିଷ୍ପତ୍ତି

# ବଲାଙ୍ଗିରରୁ ଏକାଧିକ ସ୍ୱତନ୍ତ୍ର ବ୍ଲକ୍ ମାନ୍ୟତା ଦାବି

**ବଲାଙ୍ଗିର, ୧୧।୨(ସମିସ)**

ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆରମ୍ଭ ହେଲା ଦିନଠାରୁ ବିଶେଷ ଭାବେ ଅବହେଳିତ ହୋଇଛି ବଲାଙ୍ଗିର ଜିଲ୍ଲା। ଯଦିଓ ଏହି ଜିଲ୍ଲାରୁ ଉପମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଛନ୍ତି ତଥାପି ଜିଲ୍ଲା ଯେଉଁଭଳି ଭାବେ ଗୁରୁତ୍ୱ ପାଇବା କଥା ତାହା ପାଇନାହିଁ। ନୂଆ ସରକାର ଆସିବା ପରେ ପୁରୁଣା ସରକାରଙ୍କ ନିଷ୍ପତ୍ତିକୁ ଭୁଲିଯାଇ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଯାହାକୁ ନେଇ ବଲାଙ୍ଗିରରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସାଧାରଣ ନିର୍ବାଚନ ପୂର୍ବରୁ ଜିଲ୍ଲାରେ ୪ ନୂଆ ସହର ଗଠନ ପାଇଁ ନିଷ୍ପତ୍ତି ହୋଇଥିଲା। ଯାହାକୁ ନିଜେ ବିଜେପିର ନେତାମାନେ ମଧ୍ୟ ସ୍ୱାଗତ କରିଥିଲେ କାହିଁକିନା ସେମାନେ ହିଁ ଉକ୍ତ ଦାବି କରିଆସୁଥିଲେ। କିନ୍ତୁ ସରକାରକୁ ଆସିବା ପରେ ସେହି ଦାବି ଭୁଲିଯାଇ ଏବେ ନୂଆ ବ୍ଲକ ଗଠନ ପାଇଁ କସରତ ଆରମ୍ଭ କରିଛନ୍ତି। ଯାହାକୁ ନେଇ ଜିଲ୍ଲାର ବିଭିନ୍ନ ବ୍ଲକରେ ଏବେ ନୂତନ ବ୍ଲକ ଗଠନ କରିବା ଦାବି ଆରମ୍ଭ ହୋଇଛି। ଯଦି ଏହା ହୁଏ ତେବେ ଜିଲ୍ଲାର ବିଭିନ୍ନ ବ୍ଲକରେ ନୂତନ ବ୍ଲକ ଗଠନ ନେଇ ଏକ ଭିନ୍ନ ପରିସ୍ଥିତି ଦେଖାଦେବାର ସମ୍ଭାବନା ରହିଛି। ଏହି ସମସ୍ୟା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀରେ ଅଧିକ ବୋଲି ଚର୍ଚ୍ଚା ହେଉଛି।

ରାଜ୍ୟରେ ସରକାରୀ ଓ ପ୍ରଶାସନିକ ବ୍ୟବସ୍ଥାକୁ ଆହୁରି ସହଜ କରିବା ପାଇଁ ରାଜ୍ୟ ସରକାର ନୂଆ ବ୍ଲକ ଗଠନ କରିବାକୁ ନିଷ୍ପତ୍ତି ନେଇଥିବା ନିଜେ ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି। ଯାହାକୁ ନେଇ ଏବେ ଗାଁ ଗାଁରେ ରାଜନୀତି ସରଗରମ ହୋଇଛି। ଜିଲ୍ଲାରେ ଏମିତି ଅନେକ ବ୍ଲକ ରହିଛି ଯେଉଁଠି ୨୫ରୁ ୨୬ ପଞ୍ଚାୟତ ରହିଛି। ସେଠାରେ ଜଣେ ବିଡିଓ କାମ କରିବା ନିହାତି ଭାବେ ମୁସ୍କିଲ। ତେବେ ନୂତନ ବ୍ଲକ ଗଠନ ପ୍ରକ୍ରିୟା ମାର୍ଚ୍ଚମାସ ପରେ ଆରମ୍ଭ ହେବ ବୋଲି ସୂଚନା ମିଳିଥିବାବେଳେ ନିଜ ଅଞ୍ଚଳକୁ ନୂଆ ବ୍ଲକ କରିବା ପାଇଁ ଲୋକେ ଏବେଠୁ ଆରମ୍ଭ କରିଛନ୍ତି ଅଭିଯାନ। ଏହି କ୍ରମରେ ବଲାଙ୍ଗିର ଜିଲ୍ଲାରେ କିଛି ନୂଆ ବ୍ଲକ ଗଠନ ପାଇଁ ଦାବି ଜୋର ଧରିବା ଆରମ୍ଭ କରିଛି। ସୂଚନା ଅନୁସାରେ ଲୋଇସିଂହା ବ୍ଲକରେ ୨୦ ପଞ୍ଚାୟତ ରହିଛି। ଏହି ବ୍ଲକରେ ଥିବା ୩୩ ନଂ ଜିଲ୍ଲାପରିଷଦ ଓ ୩୪ ନଂ ଜିଲ୍ଲାପରିଷଦ ଜୋନ୍‌ରେ ୧୦ ଟି ଲେଖାଏଁ ପଞ୍ଚାୟତ ରହିଛି। ତେବେ ୩୪ ନଂ ଜୋନ୍‌କୁ ଲୋଇସିଂହା ବ୍ଲକରୁ ଭାଗ କରି ସ୍ୱତନ୍ତ୍ର ବ୍ଲକ ଗଠନ କରିବା ପାଇଁ ଦାବି ହୋଇଛି। ଏନେଇ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଖୁବଶୀଘ୍ର ଏହି ଦାବିକୁ ସରକାର ଆଗରେ ଉପସ୍ଥାପନ କରାଯିବ ବୋଲି ଜଣାପଡ଼ିଛି। ସେହିପରି ପୁଇଁନ୍ତଳା ବ୍ଲକରେ

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରୁ ଅଧିକ ଦାବି

୨୫ ଟି ପଞ୍ଚାୟତ ରହିଛି। ମହିମୁଣ୍ଡାର ଆଖପାଖ ପଞ୍ଚାୟତକୁ ମିଶାଇ ବ୍ଲକ ଗଠନ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିବା ଆରମ୍ଭ କରିଛନ୍ତି। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକଙ୍କୁ ଲୋକେ ଦାବିପତ୍ର ମଧ୍ୟ ପ୍ରଦାନ କରିଥିବାବେଳେ ତାଙ୍କ ଦାବିକୁ ଗ୍ରହଣ କରିବା ପାଇଁ ଲୋକେ କହିଛନ୍ତି। ବଲାଙ୍ଗିର ଜିଲ୍ଲାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକ ସଦର ବ୍ଲକକୁ ମଧ୍ୟ ଭାଗ କରି ଏକ ସ୍ୱତନ୍ତ୍ର ବ୍ଲକ ଗଠନ କରିବା ପାଇଁ ଦାବି ହୋଇଛି। ଶିବତଳା ପଞ୍ଚାୟତ ଓ ଆଖପାଖ ପଞ୍ଚାୟତକୁ ମିଶାଇ ଶିବତଳା ପଞ୍ଚାୟତ ଗଠନ ପାଇଁ ଲୋକେ ଦାବି କରିଥିବା ବେଳେ ଏହା ପୂରଣ ନହେଲେ ଲୋକେ ଆନ୍ଦୋଳନ ଚେତାବନୀ ମଧ୍ୟ ଦେଇଛନ୍ତି। ସେହିପରି ସିନ୍ଧେକେଲା ପଞ୍ଚାୟତ ଓ ଆଖପାଖ ପଞ୍ଚାୟତକୁ ମିଶାଇ ସ୍ୱତନ୍ତ୍ର ବ୍ଲକ ଗଠନ ଦାବି ହୋଇଛି। କେବଳ ଏହି କିଛି ପଞ୍ଚାୟତବାସୀ ନୁହଁନ୍ତି ଜିଲ୍ଲାରେ ଥିବା ବ୍ଲକ ଓ ବ୍ଲକ ଅଧୀନରେ ଥିବା ପଞ୍ଚାୟତ ସଂଖ୍ୟା ଉପରେ ନଜର ପକାଇବା ତେବେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ନେଇ ଆଗକୁ ବଡ଼ ବିବାଦ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଗଲପୁର, ଲୋଇସିଂହା ବ୍ଲକରେ ୨୦ ପଞ୍ଚାୟତ ଥିବାବେଳେ ତୁରେକେଲା ବ୍ଲକରେ ୧୯ ପଞ୍ଚାୟତ, ଗୁଡଭେଲା ବ୍ଲକରେ ୧୩ ପଞ୍ଚାୟତ ରହିଛି। ସେହିପରି ବଲାଙ୍ଗିର ସଦର ବ୍ଲକରେ ୨୫, ବଙ୍ଗୋମୁଣ୍ଡା ବ୍ଲକରେ ୨୬, ବେଲପଡ଼ା ବ୍ଲକରେ ୨୪, ଦେଓଗାଁ ବ୍ଲକରେ ୨୬, ମୁରିବାହାଲ ବ୍ଲକରେ ୨୨, ପାଟଣାଗଡ଼ ବ୍ଲକରେ ୩୦, ପୁଇଁନ୍ତଳା ବ୍ଲକରେ ୨୫, ସଇଁନ୍ତଳା ବ୍ଲକରେ ୨୨, ଟିଟିଲାଗଡ଼ ବ୍ଲକରେ ୨୪ ଟି ଲେଖାଏଁ ପଞ୍ଚାୟତ ରହିଛି। ଏହି ସବୁ ବ୍ଲକ ବଡ ବ୍ଲକ ହୋଇଥିବା ବେଳେ ସବୁ ବ୍ଲକରୁ କିଛି ନା କିଛି ପଞ୍ଚାୟତ ନିଜ ବ୍ଲକ ଗଠନ ପାଇଁ ଦାବି କରୁଛନ୍ତି। ତେବେ ଏବେ ଜିଲ୍ଲାରେ ଥିବା ୧୪ ବ୍ଲକ କୁ ଆଉ କିତୋଟି ଅତିରିକ୍ତ ବ୍ଲକ ଗଠନ କରାଯିବ ତାହା ସବୁଠାରୁ ବଡ ପ୍ରଶ୍ନ ହୋଇରହିଛି। ତେବେ ରାଜ୍ୟ ସରକାରଙ୍କ ନୂଆ ନିଷ୍ପତ୍ତି ଯେ ଆଗକୁ ବଡ଼ ବିବାଦ ସୃଷ୍ଟି କରିବ ତାହା ସନ୍ଦେହ ନାହିଁ। କିନ୍ତୁ ଏହାରି ଭିତରେ ପୂର୍ବତନ ସରକାରଙ୍କ ନିଷ୍ପତ୍ତିକୁ ନେଇ ମଧ୍ୟ ଲୋକେ ସରକାରୀ ଦଳର ନେତାଙ୍କୁ ଆଗକୁ ଘେରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ନିର୍ବାଚନ ପୂର୍ବରୁ ଜିଲ୍ଲାରେ ଚାରୋଟି ନୂଆ ସହର ଲୋଇସିଂହା, ବେଲପଡ଼ା, ସିନ୍ଧେକେଲା ଓ ସଇଁନ୍ତଳାକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିଥିଲେ। ସ୍ଥାନୀୟ ବିଧାୟକଙ୍କ ଦାବିକ୍ରମେ ଏହି ନିଷ୍ପତ୍ତି ହୋଇଥିବା ବେଳେ ଏହାକୁ ଡବଲ ଇଞ୍ଜିନ ସରକାର ଭୁଲିଯାଇଛନ୍ତି। ଯଦି ଏହି ଘୋଷଣା କାର୍ଯ୍ୟକାରୀ ନ ହୁଏ ଓ ନୂତନ ବ୍ଲକ ଘୋଷଣା ହୁଏ ତେବେ ଜିଲ୍ଲାରେ ଏକ ଅସନ୍ତୁଷ୍ଟ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାହକୁ ନଜରରେ ରଖି ରାଜ୍ୟ ସରକାର ନିଷ୍ପତ୍ତି କରିବାକୁ ବିରୋଧୀ ଦାବି କରିଛନ୍ତି।

## ରେଡ୍ ରିବନ ଦ୍ୱାରା ଏଡ୍‌ସ ସଚେତନତା ରାଲି

**ଦେଓଗା, ୧୧।୨( ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଡ୍ ରିବନ୍ କ୍ଲବ ଦ୍ୱାରା ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ୟୁଥ୍ ରେଡକ୍ରସ କାଉନସିଲର ପ୍ରାଧ୍ୟାପକ ଦୁର୍ବାଦଳ ଘିବେଲାଙ୍କ ଉଦ୍ୟାବଧାନରେ ରେଡ ରିବନ କ୍ଲବ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ଜରାସିଂହା ଗ୍ରାମ ପରିକ୍ରମା ପୂର୍ବକ ଏଡସ୍ ସମ୍ପର୍କିତ ବିଭିନ୍ନ ଶ୍ଲୋଗାନ ଦେଇ ଏବଂ ପ୍ରଚାରପତ୍ର ବଣ୍ଟନ କରିଥିଲେ। ଭାରପ୍ରାପ୍ତ ଅଧକ୍ଷ ଗୋବିନ୍ଦ ମେହେର, ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ, ପ୍ରାଧ୍ୟାପକ ଡ.ରଞ୍ଜନ କୁମାର ପାଣିଗ୍ରାହୀ, ଅଧ୍ୟାପିକା ଶୁଭଶ୍ରୀ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଅନୀଲ ସାହୁ ହତ୍ୟାକାଣ୍ଡ ଘଟଣା

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ

**ପାଟଣାଗଡ଼, ୧୧।୨( ସମିସ):** ପାଟଣାଗଡ଼ ବ୍ଲକ ଲରମ୍ବା ଥାନା ରେଙ୍ଗାଲି ଗ୍ରାମରେ ଗତ ୨୦୧୨ ମସିହାରେ ଗ୍ରାମର ଅନିଲ ସାହୁଙ୍କ ହତ୍ୟାକାଣ୍ଡ ଘଟଣାରେ ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଶୁଣାଣି କରି ହତ୍ୟାକାରୀ ଗୁରୁବାରୁ ଡୁମଲିଆକୁ ଆଜୀବନ କାରାଦଣ୍ଡଦେଶ ସହ ଦଶ ହଜାର ଟଙ୍କା ଅର୍ଥଦଣ୍ଡ ଶୁଣାଇଛନ୍ତି। ୨୦୧୨ ମସିହାରେ ଲରମ୍ବା ଥାନା ରେଙ୍ଗାଲି ଗାଁର ପ୍ରହରୀ ମଣ୍ଡପଠାରେ କୌଣସି କାରଣ ବଶତଃ ରେଙ୍ଗାଲି ଗାଁର ଗୁରୁବାରୁ ଡୁମଲିଆ ସର୍ବ ସମ୍ମୁଖରେ ଗାଁର ଅନିଲ ସାହୁଙ୍କୁ ଟାଙ୍ଗିଆରେ ହାଣି ଫେରାର ହୋଇଯାଇଥିଲା। ଏ ସଂକ୍ରାନ୍ତରେ ଲରମ୍ବା ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ହତ୍ୟାକାରୀ ଗୁରୁବାରୁକୁ ୨୦୧୮ ମସିହାରେ ଲରମ୍ବା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ ଅଦାଲତରେ ଚାଲିଥିଲା। ମଙ୍ଗଳବାର ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲ୍ଲା ଦୌରାଜଜ ହତ୍ୟାକାରୀ ଗୁରୁବାରୁକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଆଶିଷ ଚନ୍ଦନ ଏହି ମାମଲାର ପରିଚାଳନା କରୁଥିଲେ।

## ନଳକୂପ ବିବାଦରୁ ସଂଘବଦ୍ଧ ଆକ୍ରମଣ ଘଟଣା, ୪ ଗିରଫ

**ବଲାଙ୍ଗିର, ୧୧।୨(ସମିସ):** ବଲାଙ୍ଗିର ସହର ହାତୀଶାଳ ପଡ଼ାରେ ନଳକୂପକୁ ନେଇ ବିବାଦ ସୃଷ୍ଟି ହେବାରୁ ଜଣେ ବ୍ୟକ୍ତିଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି ଟାଉନ ପୁଲିସ। ସେମାନେ ହେଲେ ହାରିଶାଳ ପଡ଼ାର ଶିବରାଜ ସୁନା, ଗୋବିନ୍ଦ ନାଏକ, ସୁଶାନ୍ତ ସୁନା ଓ ଚନ୍ଦନ ଡୁଙ୍ଗୁରି। ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦାବିରେ ପଡ଼ାବାସୀ ମଙ୍ଗଳବାର ଥାନାକୁ ଆସିଥିବାବେଳେ ସନ୍ଧ୍ୟାରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ ହାତୀଶାଳ ପଡ଼ାରେ ଥିବା ସର୍ବସାଧାରଣ ନଳକୂପକୁ ଜବରଦଖଲ କରି ରଖାଯାଇଥିଲା। ଏହାକୁ ବିରୋଧ କରି ଲକ୍ଷ୍ମୀଧର ସୁନା ଜବରଦଖଲ ହଟାଇବାକୁ ଯାଇଥିବାବେଳେ ପ୍ରାୟ ୭ ରୁ ୧୦ ଜଣ ସଂଘବଦ୍ଧ ଭାବରେ ଆକ୍ରମଣ କରିଥିଲେ। ଧାରୁଆ ଅସ୍ତ୍ର ଧରି ଆକ୍ରମଣ କରିବା ଫଳରେ ଲକ୍ଷ୍ମୀଧରଙ୍କ ପିଠି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆଣିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ଅପରାଧୀଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

## ଶିକ୍ଷଣ ଓ ପ୍ରଦର୍ଶନୀ ମେଳା



**ପାଟଣାଗଡ଼, ୧୧।୨(ସମିସ):** ପାଟଣାଗଡ଼ ବ୍ଲକ ଗଙ୍ଗାସାଗର କ୍ଲଷ୍ଟରର ଗଙ୍ଗାସାଗର ପ୍ରାଥମିକ ବିଦ୍ୟାଳୟ ଠାରେ ଦୁଇଦିନ ଧରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରାଜେଶ କୁମାର ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରତନ ଧରୁଆ ଉଦ୍‌ଘାଟନ କରିଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ପର୍ଯ୍ୟବେକ୍ଷିତ ଏହି କାର୍ଯ୍ୟକ୍ରମକୁ ଗଙ୍ଗାସାଗର କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ସାଧନକର୍ମୀ ଭାବରେ ଦେବକାନ୍ତ ମେହେର, ଏକଲବ୍ୟ ବାଗ, ବଳାମୁକୁନ୍ଦ ବରିହା ଓ ମୀନକେତନ ମେହେର ପ୍ରମୁଖ ମାର୍ଗଦର୍ଶନ କରିଥିବାବେଳେ କ୍ଲଷ୍ଟରର ଅରୁଣ ତ୍ରିପାଠୀ, ସୁନୀଲ ମହାପାତ୍ର, ସତ୍ୟବ୍ରତ ବେହେରା, ବିଷ୍ଣୁ ଶବର, ପ୍ରମୋଦିନି ସୁନା, ରୋଜାଲିନ ମହାରଣା, ନଳିନୀ ସୁନା, ସଂଯୁକ୍ତା ସାହୁ, ମୀରା ଭୋଇ, ରଶ୍ମିତା ବାଗ, ମଞ୍ଜୁ ପାଣିଗ୍ରାହୀ, ତୃପ୍ତି ଲିସା ପ୍ରିୟଦର୍ଶିନୀ ପ୍ରମୁଖ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ସହ ପ୍ରଦର୍ଶିତ କରିଥିଲେ। ତପସ୍ୱିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଓଗାଁ ପଞ୍ଚାୟତ ହାଇସ୍କୁଲର ବାର୍ଷିକ ଉତ୍ସବ




**ଦେଓଗାଁ, ୧୧।୨( ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇଙ୍କ ସଭାପତିତ୍ୱ ଓ ଶିକ୍ଷକ ପ୍ରତାପ କୁମାର ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ପିତାବାସ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ କୁମାର ଷାଣ୍ଡ, ଆଲୁମିନା କମିଟି ସଭାପତି ବସନ୍ତ କୁମାର ଅଗ୍ରୱାଲ ଉନ୍ନୟନ କମିଟି ସଭାପତି ଭକ୍ତଚରଣ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଛାତ୍ରଛାତ୍ରୀ ସମୟାନୁବର୍ତ୍ତିତା, ଶୃଙ୍ଖଳା ଏବଂ ସହନଶୀଳତା ହୋଇ ପାଠପଢ଼ିଲେ ସମାଜରେ ସୁନାଗରିକ ହୋଇ ନିଜ ପରିଚୟ ସୃଷ୍ଟି କରିବ ବୋଲି ଅତିଥିମାନେ କହିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପଞ୍ଚମନ ସାହୁ ଧନ୍ୟବାଦ ଦେଇଥିଲେ।

## ଶିରିଡ଼ି ସାଇବାବାଙ୍କ ମନ୍ଦିର ଓ ଭାଗବତ ଟୁଙ୍ଗି ପ୍ରତିଷ୍ଠା



**ଟିଟିଲାଗଡ଼, ୧୧।୨(ସମିସ):** ଟିଟିଲାଗଡ଼ ସହରର କେନ୍ଦ୍ରସ୍ଥଳ ମୁଡ଼ାବନ୍ଧଠାରେ ଶିରିଡ଼ି ସାଇବାବାଙ୍କ ମନ୍ଦିର ଏବଂ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା ଉତ୍ସବ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଯାଇଛି। ଗୁରୁଜୀ ଡ. ଶତପଥୀ ନବନିର୍ମିତ ଶ୍ରୀଗୁରୁ ଭାଗବତ ଟୁଙ୍ଗୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୁରୁଜୀ ସମବେତ ଭକ୍ତଙ୍କୁ ଉଦ୍‌ବୋଧନ ଦେଇ ମନ୍ଦିରର ପରିଚାଳନା ବ୍ୟବସ୍ଥା, ବିଭିନ୍ନ ଆଧାତ୍ମିକ ଓ ଦାତବ୍ୟ କାର୍ଯ୍ୟକ୍ରମ ଆଦି ପାଳନ କରାଯାଇଛି। ଶ୍ରୀଗୁରୁ ଭାଗବତ ଗ୍ରନ୍ଥ ଏହି ଦିଗରେ ପିଲାମାନଙ୍କ ପାଇଁ ବିଶେଷ ସହାୟକ ହୋଇପାରିବ ବୋଲି ଗୁରୁଜୀ କହିଥିଲେ। ଶ୍ରୀଗୁରୁ ଭାଗବତ ଦେଶର ୨୦ଟି ଭାଷା ଓ ଉପଭାଷାରେ ପ୍ରକାଶପାଇ ସାରିଥିବାବେଳେ ସମ୍ବଲପୁରୀ ଭାଷାରେ ମଧ୍ୟ ପ୍ରକାଶ ପାଇ ପଶ୍ଚିମ ଓଡ଼ିଶାରେ ବିପୁଳ ଆଦୃତ ହୋଇଛି ଓ ବହୁ ସ୍ଥାନରେ ଟୁଙ୍ଗୀ ମାନ ଖୋଲାଯାଇ ଏହାର ପଠନ ଓ ପାରାୟଣ କରାଯାଉଛି। ଟିଟିଲାଗଡ଼ ଶିରିଡ଼ି ସାଇ ସଂସ୍ଥାନ ପକ୍ଷରୁ ଆୟୋଜିତ ଏହି ପ୍ରତିଷ୍ଠା ଉତ୍ସବରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ତଥା ଛତିଶଗଡ଼ ଓ ବିହାରରୁ ବହୁ ଭକ୍ତ ଓ ଟୁଙ୍ଗୀ ସଦସ୍ୟ ଯୋଗ ଦେଇଥିଲେ। ୬ ତାରିଖରୁ ତିନିଦିନ ବ୍ୟାପୀ ଏହି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ପଦ୍ମନାଭ ବେହେରା, ପ୍ରଶାନ୍ତ ବେହେରା, ଚିନ୍ତାମଣି ମହାପାତ୍ର, ରାଜେନ୍ଦ୍ର ନାରାୟଣ ମିଶ୍ର, ଦୀପକ ସମଦ୍ଦାର, ସୁଧୀର ମେହେର, ବୁଲୁ ମେହେର, କେ. ଶେଷଗିରୀ ରାଓ, କେ.ଭୁବନ ରାଓ, ମନୋରଞ୍ଜନ ବାଗ, ଆଶୀର୍ବାଦ ମହାପାତ୍ର, ମନୋଜ ଦଳବେହେରା, ବାଣ୍ଟି ସିଂହ ପ୍ରମୁଖ ସହଯୋଗ କରିଥିଲେ।

### ଫ୍ରେଣ୍ଡସ କ୍ଲବ୍ ରାଜ୍ୟସ୍ତରୀୟ ଫୁଟବଲ

## ସେମିରେ ସୁନ୍ଦରଗଡ଼ର 'ଦୋସ୍ତି ବ୍ରଦର୍ସ'

**ବଲାଙ୍ଗିର, ୧୧।୨(ସମିସ):** ବଲାଙ୍ଗିର ସୁପରିଚିତ ଅନୁଷ୍ଠାନ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଦ୍ୱିତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସହରସ୍ଥିତ ପୃଥ୍ୱୀରାଜ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲୋଟସ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ସମ୍ମାନିତ ଅତିଥିଭାବରେ ବରିଷ୍ଠ ଆଇନ୍‌ଜୀବୀ ତଥା କୋଶଲବାଦୀ ନେତା ପ୍ରମୋଦ କୁମାର ମିଶ୍ର, ପୁଇଁତଳା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ରମେଶ ଚନ୍ଦ୍ର ସାହୁ, ଯୁବ ସଂଗଠକ ଚିତ୍ତରଞ୍ଜନ ରାଉଳଙ୍କ ସମେତ ସମ୍ପାଦକ ଜଗନ୍ନାଥ ମିଶ୍ର ଓ ରଞ୍ଜିତ ବେହେରା ମଞ୍ଚାସିନ ଥିଲେ। ମନୋଜ କୁମାର ମିଶ୍ର ଓ ମଧୁ ବନଛୋର କୋଡିନେଟ କରିଥିଲେ। ଦ୍ୱିତୀୟ ଦିନରରେ ସଦାନନ୍ଦ ନାଏକ ଓ ଖଲିଲ ଉର ରେହେମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ମ୍ୟାଚ କମିଶନର ଭାବରେ ଶରତ କୁମାର ନନ୍ଦ ଦାୟିତ୍ୱ ତୁଲାଇଥିବାବେଳେ ଦେବାଶିଷ ବାଗ, ନର୍ସିଙ୍ଗ ସ୍ୱାମୀ ନାଇଡୁ, ସୁଶାନ୍ତ ନାଗ, ସଞ୍ଜୟ କୁଦାଇ, ରାଜକୁମାର ପାଣିଗ୍ରାହୀ ଖେଳକୁ ପରିଚଳନା କରିଥିଲେ। ମଙ୍ଗଳବାର ଦୋସ୍ତିବ୍ରଦର୍ସ ସୁନ୍ଦରଗଡ଼ ଓ ସ୍ପୋର୍ଟ ହଷ୍ଟେଲ ମୟୁରଭଞ୍ଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ ଦୋସ୍ତି ବ୍ରଦର୍ସ ତିନିଟି ଗୋଲ୍‌ରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ସ୍ପୋର୍ଟ ହଷ୍ଟେଲ ମୟୂରଭଞ୍ଜ ଦଳ ଦୋସ୍ତି ବ୍ରଦର୍ସ ଦଳକୁ ଦୁଇ ଗୋଲ ଦେଇ ପରିଶୋଧ କରିଥିଲେ। ଖେଳ ପରିଶେଷରେ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼ ଦଳ ତିନି ଦୁଇ ଗୋଲରେ ବିଜୟୀ ହୋଇଥିଲା। ପବିତ୍ର ଖୁଣ୍ଟିଆ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ପାତ୍ର, ଟିକୁ ପରିଛା, ମନୋଜ ଦୀପ, ପ୍ରଦୀପ ସିଂହ, କିଶୋର ଦଣ୍ଡସେନା, ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ସୋମନାଥ ମିଶ୍ର, ଗୋବିନ୍ଦ ଶତପଥୀ, କମ୍ପୁ ତ୍ରିପାଠୀ, ସୋନୁ ପଟ୍ଟନାୟକ, ମୁନା ପାଳ, ନିତ୍ୟା ପଧାନ, ରମା ମିଶ୍ର, ଇନ୍ଦ୍ର ନନ୍ଦ, ପୃଥ୍ୱୀରାଜ ବରାଡ଼, ନିଶାର କାନ୍ତ ନାଗ, ରାଜୁ ସାହୁ, ପ୍ରଦୀପ ସାହୁ, ସନତ ତ୍ରିପାଠୀ, ମଣ୍ଟୁ ମିଶ୍ର, ପିଣ୍ଟୁ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।



## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



**ଟିଟିଲାଗଡ଼, ୧୧।୨(ସମିସ):** ଟିଟିଲାଗଡ଼ ବ୍ଲକ ଅଧୀନ ଖୋଲାନ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ସମାଜସେବୀ ସାମ୍ବାଦିକ ଶ୍ରୀବତ୍ସ ବେହେରା, ସରପଞ୍ଚ ନରେଶ ଅଗ୍ରୱାଲ, ମୁଖ୍ୟବକ୍ତା ବ୍ୟଙ୍ଗ କବି ଟିକେଲାଲ ବେହେରା ସମ୍ମାନିତ ପ୍ରଶାନ୍ତ ଷଡ଼ଙ୍ଗୀ ଓ ସଙ୍କୁଳ ସଂଯୋଜକ ଶ୍ୟାମସୁନ୍ଦର ମହାପାତ୍ର, ଅଲେଖ ନାୟକ, କେଶବ ଆଡ଼ଜୁଆଡ ପ୍ରମୁଖ ଯୋଗଦାନ କରିଥିଲେ। ସୁଶାନ୍ତ ପଣ୍ଡା ବାର୍ଷିକ ବିବରଣୀ ପାଠ ଓ ଗବନ୍ଧୁ ଆଡ଼ଜୁଆଡ଼ ଅତିଥି ପରିଚୟ ପ୍ରଦାନ କରିଥିଲେ। ରକ୍ଷାବନ୍ତ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି



**ବଙ୍ଗୋମୁଣ୍ଡା, ୧୧।୨(ସମିସ):** ବଙ୍ଗୋମୁଣ୍ଡା ବ୍ଲକ ପରିସରରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶଙ୍କର୍ଷଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଉପ ଜିଲ୍ଲାପାଳ ରେହାନ କ୍ଷେତ୍ରୀ ଯୋଗଦେଇ ହିତାଧିକାରୀଙ୍କ ଅଭିଯୋଗ ଶୁଣିଥିଲେ। ଜିପିଡିଓ ପୁରୁଷୋତ୍ତମ ମାଝୀ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବିଡିଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଧାୟକ ଲକ୍ଷ୍ମଣ ବାଗ ଅଧିକାରୀ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବା ପାଇଁ କହିଥିଲେ। ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ଭୋଳାନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମନରେଗାରେ ଶ୍ରମିକ ପାଉଣା ଠିକ ଭାବରେ ପାଉ ନ ଥିବା ଶ୍ରମକ ଅଭିଯୋଗ କରିଥିଲେ। ପୁଣି କାମ କରି ନ ଥିବା ଶ୍ରମିକଙ୍କ ନାମ ବା ଆକାଉଣ୍ଟରେ ମଜୁରୀ ପଡୁଥିବା ଅଭିଯୋଗ ହୋଇଥିଲା। ମନରେଗା କାମରେ ପଞ୍ଚାୟତ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଥିଲା। ୩୦୦ ଦିନ କାର୍ଯ୍ୟକରିଥିବା ଶ୍ରମିକଙ୍କୁ ଟି-ସାର୍ଟ ପ୍ରଦାନ କରାଯାଇଥିଲା।

### ପିଆର୍ ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ

# ଐତିହ୍ୟ ବିଦ୍ୟାଳୟ ମଧ୍ୟରେ ପୃଥ୍ୱୀରାଜ ହାଇସ୍କୁଲ ସର୍ବାଗ୍ରେ

**ବଲାଙ୍ଗିର, ୧୧।୨(ସମିସ)**

୧୯୧୬ ମସିହାରେ ପ୍ରତିଷ୍ଠା ହୋଇଥିବା ପୃଥ୍ୱୀରାଜ ହାଇସ୍କୁଲ ଦେଶ ପରାଧୀନ ଥିବା ସମୟରେ ବଲାଙ୍ଗିରରେ ଶିକ୍ଷାର ମୂଳଦୁଆ ପକାଇଥିଲା। ଏହି ଶତାୟୁ ଶିକ୍ଷାନୁଷ୍ଠାନ କେତେ ଯେ ମଣିଷ ଗଢ଼ିତୋଳିଛି। ରାଜ୍ୟର ଐତିହ୍ୟ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ପିଆର ହାଇସ୍କୁଲର ନାମ ବେଶ ଚର୍ଚ୍ଚାରେ ରହିଥାଏ ବୋଲି ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ରଖିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ। ମଙ୍ଗଳବାର ସକାଳେ ପୃଥ୍ୱୀରାଜ ହାଇସ୍କୁଲ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀଙ୍କ ଅଧକ୍ଷତାରେ



ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ମାନେ ତାଙ୍କର ମତରଖି ଶତାୟୁ ଶିକ୍ଷାନୁଷ୍ଠାନ ସମ୍ପର୍କରେ ମତ ରଖିଥିଲେ। ଏହି ବିଦ୍ୟାଳୟକୁ ରାଜ୍ୟର ଶତାୟୁ ଶିକ୍ଷାନୁଷ୍ଠାନମାନଙ୍କ ତାଲିକାରେ ସାମିଲ କରାଯାଇଥିବାବେଳେ ଏଠାକାର ଛାତ୍ରମାନେ ରାଜ୍ୟ ତଥା ଜାତୀୟସ୍ତରରେ କୃତିତ୍ୱ ହାସଲ କରି ବିଦ୍ୟାଳୟର ଓ ଜିଲ୍ଲାର ନାଁକୁ ଗୌରବାନ୍ୱିତ କରିଛନ୍ତି ବୋଲି ମତପୋଷଣ କରିଥିଲେ। ସଭା କାର୍ଯ୍ୟ ପରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଶିକ୍ଷାର୍ଥୀମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିକାଶ ରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ରମଣୀ ରଞ୍ଜନ ସା ଓ ମଧୁମିତା ମିଶ୍ର ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିବାବେଳେ ଶିକ୍ଷୟିତ୍ରୀ ବର୍ଷାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ସ୍କୁଲ କର୍ମଚାରୀ, ଏନ୍‌ସିସି, ସ୍କାଉଟ, ଜିଆରସି ମେମ୍ବର ଓ ଛାତ୍ରମାନ ସହଯୋଗ କରିଥିଲେ।

## ପଞ୍ଜିକା ସମୀକରଣ ବୈଠକ

# ୫ ପଞ୍ଜିକାକୁ ସ୍ୱୀକୃତି ଦେଲା ଶ୍ରୀମନ୍ଦିର ପ୍ରଶାସନ

**ପୁରୀ,୧୧।୨(ସମିସ):** ପାଞ୍ଜିକୁ ନେଇ ଅନେକ ସମୟରେ ଦ୍ୱନ୍ଦ ଦେଖାଦେଉଛି। ବିଭିନ୍ନ ପାଞ୍ଜିରେ ବିଭିନ୍ନ ମତ ଓ ତିଥିରେ ବି ଅମେଳ ରହୁଛି। ଫଳରେ କିଛି ବର୍ଷ ହେବ, ଏକାଧିକ ପର୍ବପର୍ବାଣୀକୁ ନେଇ ଲୋକେ ଦ୍ୱନ୍ଦରେ ପଡ଼ିଲେଣି। ଗୋଟିଏ ପର୍ବର ତାରିଖ ପଞ୍ଜିକାରେ ଭିନ୍ନ ଭିନ୍ନ ରହୁଛି। ତେଣୁ ପଞ୍ଜିକାଗୁଡ଼ିକ ମଧ୍ୟରେ କିପରି ସମନ୍ୱୟ ରହିବ ଏବଂ ଜନସାଧାରଣ ଦ୍ୱନ୍ଦରେ ପଡ଼ିବେ ନାହିଁ, ସେଥିଲାଗି ମଙ୍ଗଳବାର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୫ଟି ପଞ୍ଜିକା (ଶ୍ରୀରାଧାରମଣ ବିଶୁଦ୍ଧ ଖଡିରତ୍ନ, ଓଡ଼ିଶା କୋହିନୂର ପ୍ରେସ୍, ଅରୁଣୋଦୟ ପ୍ରେସ୍ ଖଡ଼ିରତ୍ନ, ଜି.ଏନ୍. ତ୍ରିପାଠୀ ଉତ୍କଳ ଜାତୀୟ ଖଡିରତ୍ନ ଓ ଭାଗ୍ୟଦୀପ ପ୍ରେସ୍)କୁ ଶ୍ରୀମନ୍ଦିର ପ୍ରଶାସନ ସ୍ୱୀକୃତି ଦେଇଛି। ସେମାନଙ୍କ ପାଣ୍ଡୁଲିପି ମନ୍ଦିର ପ୍ରଶାସନ ନିକଟରେ ଦାଖଲ ହୋଇଛି।

- ନିର୍ଭୁଲ ଓ ତ୍ରୁଟିଶୂନ୍ୟ ପଞ୍ଜିକା ପ୍ରସ୍ତୁତି ଉପରେ ଗୁରୁତ୍ୱ
- ପର୍ବପର୍ବାଣିରେ ଅମେଳ ରହିଲେ ହେବ କାର୍ଯ୍ୟାନୁଷ୍ଠାନ

ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ମନ୍ଦିର ପ୍ରଶାସନ ତରଫରୁ ନିର୍ଭୁଲ ଓ ତ୍ରୁଟିବିହୀନ ପଞ୍ଜିକା ପ୍ରସ୍ତୁତି ପାଇଁ ଲକ୍ଷ୍ୟ ରଖିଛି। ବିଗତ ଦିନରେ ସମ୍ପୃକ୍ତ ସେବାୟତଙ୍କ ସହ ଆଲୋଚନା କରାଯାଇଛି। ଏହି ସମୀକରଣ ବୈଠକ ଲାଗି ୮ଟି ପଞ୍ଜିକାକୁ ନିମନ୍ତ୍ରଣ କରାଯାଇଥିଲା। ୫ଟି ପଞ୍ଜିକାର ଗଣକ ଓ ପ୍ରକାଶକ ଯୋଗ ଦେଇଥିଲେ। ଏଥିରେ ଶ୍ରୀମନ୍ଦିରର ବାର୍ଷିକ ପର୍ବପର୍ବାଣୀ ଅନୁମୋଦିତ ହୋଇଛି। ତାହାକୁ ପଞ୍ଜିକାରମାନେ ନିଜ ପଞ୍ଜିକାରେ ସାମିଲ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନିଷ୍ପତ୍ତି ପ୍ରକାରେ ସେମାନେ ଠିକ୍ ଭାବେ ପ୍ରକାଶନ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି। ପାଞ୍ଜିଗୁଡ଼ିକ ମଧ୍ୟରେ ଯେପରି ଶ୍ରୀମନ୍ଦିରର ପ୍ରଚଳିତ ପର୍ବପର୍ବାଣୀ ଓ ଯାନିଯାତ୍ରାକୁ ନେଇ କୌଣସି ତାରତମ୍ୟ ନ ରହିବ, ସେନେଇ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିର ଦ୍ୱାରା ଅନୁମୋଦିତ ପର୍ବପର୍ବାଣୀକୁ ସାମିଲ କରିବା ପାଇଁ ପରାମର୍ଶ ଦିଆଯାଇଛି। ଯଦି କିଛି ତ୍ରୁଟି ରହିବ, ଏଥିପାଇଁ ସେମାନେ ଦାୟୀ ରହିବେ। ଶ୍ରୀମନ୍ଦିର ଆଇନ ଅନୁସାରେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପର୍ବପର୍ବାଣୀରେ ସାମଞ୍ଜସ୍ୟ ଆଣିବା ପାଇଁ ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛୁ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

## ଆରମ୍ଭ ହେଲା ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳା

# ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଜଳିଲା ଝାଡ଼ଦୀପ

**ଢେଙ୍କାନାଳ/ଗଁଦିଆ/ଯୋରନ୍ଦା,୧୧।୨(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ ଯୋରନ୍ଦା ମହିମାଗାଦିରେ ବିଶ୍ୱପ୍ରସିଦ୍ଧ ମାଘମେଳା ମଙ୍ଗଳବାର ଚତୁର୍ଦ୍ଦଶୀ ତିଥି ବ୍ରାହ୍ମମୁହୂର୍ତ୍ତରେ ଆରମ୍ଭ ହୋଇଛି। ଲକ୍ଷଲକ୍ଷ ଭକ୍ତଙ୍କ ଗହଣରେ

### ଲକ୍ଷାଧିକ ଭକ୍ତଙ୍କ ସମାଗମ

ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଗାଦି ମନ୍ଦିରର ଚାରିଦ୍ୱାରରେ ଶୂନ୍ୟପ୍ରଭୁଙ୍କ ଉଦ୍ଦେଶ୍ୟରେ ଧୂନି ମନ୍ଦିର, ଅଖଣ୍ଡଜ୍ୟୋତି ମନ୍ଦିର, ଶୂନ୍ୟ ମନ୍ଦିର, ଏକୋଇଶ ହାତିଆ ଟୁଙ୍ଗି ମନ୍ଦିରରେ ସନ୍ଧ୍ୟା ୫ଟା ୨୫ ମିନିଟରେ ଝାଡ଼ଦୀପ ପ୍ରଜ୍ୱଳିତ ହୋଇଛି। ଆଜି ମେଳାର ପ୍ରଥମ ଦିନରେ ରାଜ୍ୟ ଓ ରାଜ୍ୟ ବାହାରୁ ୫ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଶ୍ରଦ୍ଧାଳୁଙ୍କ ଗୁରୁ ଅଲେଖ ମହିମା ଧ୍ୱନିରେ ମହିମାଧାମ ଯୋରନ୍ଦା ପ୍ରକମ୍ପିତ ହୋଇଉଠିଛି। ମେଳା ଉପଲକ୍ଷେ ଭଣ୍ଡାର ଘରୁ ସୁନାରୁପା ଛତ୍ରୀ, ଆଢ଼େଣୀ, ତରାସ, ସୁନାରୁପା ଝାଡୁ ପ୍ରଭୃତି ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ରଖାଯାଇଛି। ବିଭିନ୍ନ ମଠ ମନ୍ଦିରରେ ଜଣାଣ, ଭଜନ, ଖଞ୍ଜଣି ମାଡ଼ରେ ଚଉତିଷା ଆବୃତ୍ତି କରାଯାଉଛି।

ଜିଲ୍ଲା ପ୍ରଶାସନ ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ ଯୋଗାଣ, ଆଲୋକ ବ୍ୟବସ୍ଥା, ଆଶୁ ଚିକିତ୍ସା କେନ୍ଦ୍ର, ସୂଚନା କେନ୍ଦ୍ର ସମେତ ବହୁ ସରକାରୀ, ବେସରକାରୀ ଓ ପଲିଶ୍ରୀ ମେଳା ଷ୍ଟଲ୍ ଖୋଲାଯାଇଛି। ଦେଶ ସମେତ ବିଦେଶୀ ଭକ୍ତ ମଧ୍ୟ ମେଳା ବୁଲିବା ସହ ମହିମା ଧର୍ମ ବିଷୟରେ ଅବଗତ ହୋଇଥିଲେ। ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି। ଚଳିତ ବର୍ଷ ୨୦ଜଣ ନୂତନ ସନ୍ନ୍ୟାସୀଙ୍କୁ ଡୋର, କୌପିନ, ଭେକ ଓ ବାନୀ ଦାନ କରାଯାଇଛି। ମେଳା ଉପଲକ୍ଷେ ବିଭିନ୍ନ ପ୍ରକାର ଉଠାଦୋକାନୀ ସେମାନଙ୍କ ପସରା ମେଲାଇଛନ୍ତି। ବୁଧବାର ପୂର୍ଣ୍ଣିମା ଓ ଦେଶ ପୂର୍ଣ୍ଣିମା ନିମନ୍ତେ ୨ଦିନ ଧରି ଗାଦି ଓ ଅନ୍ୟାନ୍ୟ ମନ୍ଦିରଗୁଡ଼ିକରେ ଝାଡ଼ ପ୍ରଜ୍ୱଳିତ ହୋଇ ଘୃତାହୁତି ଦିଆଯିବା କାର୍ଯ୍ୟକ୍ରମ ରହିଛି।



# ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

**ବାରିପଦା, ୧୧।୨ (ସମିସ):** ମୟୂରଭଞ୍ଜ ଆଡହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟରେ ବୁଧବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ମାମଲାର ବିଚାର କରି ଆସାମୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ, ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏଥିସହିତ ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ପ୍ରଦାନ ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସାମୀଜଣଙ୍କ ହେଲା, ଶରତ ଥାନା ଅଧୀନ ସରଡିହା ଗ୍ରାମର ଡୁମବି ସିଂ ବାନରା (୩୦)।

ସୂଚନାଯୋଗ୍ୟ, ଗତ ୨୦୧୯ ନଭେମ୍ବର ୩୦ ତାରିଖରେ ଏହି ଆପରାଧିକ ଘଟଣା ଘଟିଥିଲା। ନାବାଳିକା ଘରେ ଏକୁଟିଆ ଥିବା ବେଳେ ଡୁମବି ସିଂ ବାନରା ଏକ କାଠଫାଳିଆରେ ଆକ୍ରମଣ କରିବା ସହ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିବାକୁ ଧମକ ଦେଇଥିଲା। ପୀଡ଼ିତାଜଣକ ତା' ପରଦିନ ପରିବାରଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଶରତ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ୍ ଡୁମବିକୁ ଗିରଫ କରିଥିଲା। ୧୬ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସ୍‌ର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ଶୁଣାଣି କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

## ଦୁଇ ଛାତ୍ରୀଙ୍କ ଝୁଲନ୍ତା ଶବ ମିଳିବା ଘଟଣା

# ବ୍ୟବଚ୍ଛେଦ ରିପୋର୍ଟ ଅପେକ୍ଷାରେ ଚୁପ୍ ବସିଛି ପୁଲିସ୍

**କାଲିମେଲା,୧୧।୨(ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି-୭୨ ନୋଡାଲ ପ୍ରାଥମିକ ବିଦ୍ୟାଳୟର ଦୁଇ ଛାତ୍ରୀଙ୍କ ଝୁଲନ୍ତା ଶବ ଜଙ୍ଗଲରୁ ଉଦ୍ଧାର ହେବା ଘଟଣାକୁ ୪ ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଏଯାଏ ପୁଲିସ୍ ହାତବାନ୍ଧି ବସିଛି। ପାରିପାର୍ଶ୍ୱିକ ସ୍ଥିତି, ପରିବାରଲୋକ ଓ ସ୍ଥାନୀୟ ଲୋକ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଦାବି କରି ଆସୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା ଆଳରେ ପୁଲିସ୍ ଏପର୍ଯ୍ୟନ୍ତ ତଦନ୍ତ ମଧ୍ୟ ଆରମ୍ଭ କରିନଥିବା ଅଭିଯୋଗ ହେଉଛି। ଅପରପକ୍ଷେ, ପୁଲିସ୍ ଏହି ଘଟଣାକୁ ଚାପିବା ପାଇଁ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରୁଛି ବୋଲି ଗତକାଲି ଜଣେ ମୃତ ଛାତ୍ରୀଙ୍କ ମା' ଅଭିଯୋଗ କରିବା ପରେ ଏହାକୁ ନେଇ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାରେ ପୁଲିସ୍‌ର ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ବଢୁଥିବା ବେଳେ ସତ୍ୟାସତ୍ୟ ଜାଣିବା ପାଇଁ ଆଜି ବିଜେଡିର ଏକ ଅନୁସନ୍ଧାନକାରୀ ଦଳ (ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍) ଘଟଣାସ୍ଥଳରେ ପହଞ୍ଚିଛି।

- ଛାତ୍ରୀଦ୍ୱୟଙ୍କ ପରିବାରକୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍
- ସମବେଦନା ଜଣାଇଲେ ବିଧାୟକ

ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଆଜି ଛାତ୍ରୀଦ୍ୱୟଙ୍କ ପରିବାରଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ବିଭିନ୍ନ ବିଷୟରେ ପଚାରି ବୁଝିଛନ୍ତି। ଗଣମାଧ୍ୟମକୁ ଶ୍ରୀ ମାଡକାମୀ କହିଛନ୍ତି ଯେ ଦୁଇଜଣ ଛାତ୍ରୀ ଏକାସାଙ୍ଗରେ ଗୋଟିଏ ଡାଳରେ ବେକରେ ଓଢ଼ଣୀ ଦେଇ ଆତ୍ମହତ୍ୟା କରିବା ଏକପ୍ରକାର ଅସମ୍ଭବ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ଅନୁମେୟ ହେଉଛି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦୋଷୀଙ୍କୁ ଉଚିତ ଦଣ୍ଡ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଏହାସହ ଛାତ୍ରୀଦ୍ୱୟଙ୍କ ପରିବାରଲୋକଙ୍କୁ ନ୍ୟାୟ ସହ ଆର୍ଥିକ ସହାୟତା ଦେବାକୁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହି ଅବସରରେ ସେ ବିଜେପି ସରକାରଙ୍କୁ ସମାଲୋଚନା କରି କହିଥିଲେ ଯେ କ୍ଷମତାକୁ ଆସିବାର ୮ମାସ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସାଧାରଣ ଜନତାଙ୍କ କଥା ଛାଡ଼, ସ୍କୁଲର ନିରୀହ ଛାତ୍ରଛାତ୍ରୀମାନେ ମଧ୍ୟ ଅସୁରକ୍ଷିତ ହୋଇପଡ଼ିଛନ୍ତି, ଯାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। ତେଣୁ ପ୍ରଶାସନ ଓ ସରକାର ତତ୍ପରତାର ସହ ନେଇ ପଦକ୍ଷେପ ନେଇ ଘଟଣା ଉପରକୁ ପରଦା ହଟାଇବାକୁ ସେ ଦାବି କରିଛନ୍ତି।



ଅନ୍ୟପକ୍ଷରେ, ସ୍ଥାନୀୟ ବିଜେପି ବିଧାୟକ ନରସିଂହ ମାଡକାମି ମଧ୍ୟ ମୃତ ଛାତ୍ରୀଦ୍ୱୟଙ୍କ ପରିବାରଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ପରିବାରଲୋକଙ୍କୁ ଆଶ୍ୱାସନା ଦେବା ସହ ଏସ୍‌ପିଙ୍କ ସହ ଆଲୋଚନା କରି ତୁରନ୍ତ ଦୋଷୀଙ୍କୁ ଗିରଫ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିବେ ବୋଲି କହିଛନ୍ତି। ଏଥିସହ ଏହି ଦୁଇ ପରିବାର ଲୋକଙ୍କ ସହ ଅଞ୍ଚଳବାସୀ ଛିଡ଼ା ହେବାକୁ ଆହ୍ୱାନ ମଧ୍ୟ ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ଯାଇଥିବା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ବିଜୁ ଜନତା ଦଳର ନେତ୍ରୀ ସାମରି ଟାଙ୍ଗୁଲ, ଜିଲ୍ଲା ପରିଷଦ ସଦସ୍ୟା ମମତା ପଡ଼ିଆମୀ, ଓ ଅନ୍ୟ ଦଳୀୟ ନେତୃମଣ୍ଡଳୀ ଏବଂ କର୍ମୀମାନେ ଉପସ୍ଥିତ ଥିଲେ।

ଅପରପକ୍ଷେ, ଏହି ମାମଲାର ଅଗ୍ରଗତି ସଂପର୍କରେ ଏମଭି ୭୯ ଥାନା ଅଧିକାରୀ ଓ ମୋଟୁ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇପାରିନଥିଲା।

# ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ ଇଟାଲୀୟ ଦମ୍ପତି

**ପାରଳାଖେମୁଣ୍ଡି,୧୧।୨(ସମିସ):** ଗଜପତି ଜିଲ୍ଲାରୁ ୬୮ତମ ଶିଶୁଙ୍କୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ଇଟାଲୀ ଦେଶର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ପିତୃମାତୃହୀନ ଶିଶୁଙ୍କୁ, ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶକ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ନିଶାନ ଶାଲୋମ ଶିଶୁ ଯତ୍ନ ଅନୁଷ୍ଠାନ ଗୁମ୍ମାଠାରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୩ ବର୍ଷ ଧରି ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ୧୧ବର୍ଷୀୟ ବାଳକକୁ ପସନ୍ଦ କରି ନେବା ପାଇଁ ସ୍ଥିର କରିଥିଲେ। ସମସ୍ତ ଦସ୍ତାବିଜ୍‌କୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ମଙ୍ଗଳବାର ଶିଶୁକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ହସ୍ତାନ୍ତର ସମୟରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ନିଶାନ ଶାଲୋମ ଶିଶୁ ଯତ୍ନ ଅନୁଷ୍ଠାନର ପରିଚାଳକ ଶୁଭଙ୍କର ଲିମ୍ମା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଓମାନରେ ଫସିଛନ୍ତି ୧୨ ଓଡ଼ିଆ ଶ୍ରମିକ

- ୫ ମାସ ହେଲା ଦରମା ଦେଉନି କମ୍ପାନୀ
- ପାସପୋର୍ଟ ବି ଛଡ଼ାଇ ନେଇଛି
- ଫେରାଇ ଆଣିବାକୁ ପରିବାରଲୋକଙ୍କ ଆକୁଳ ନିବେଦନ

**ଛତ୍ରପୁର, ୧୧।୨(ସମିସ):** କାମ ଅନ୍ୱେଷଣରେ ସୁଦୂର ଓମାନ ଯାଇଥିବା ୧୨ଜଣ ଓଡ଼ିଆ ଶ୍ରମିକ ସେଠାରେ ନାହିଁ ନଥିବା ନିର୍ଯାତନା ଭୋଗୁଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ୫ ମାସ ହେଲା ଦରମା ଦେଇନଥିବା ବେଳେ ମୁହଁ ଖୋଲିଲେ ହତ୍ୟା କରି ଦିଆଯିବ ବୋଲି ଧମକ ଦିଆଯାଉଛି। ଶ୍ରମିକମାନେ ଏହାର ପ୍ରତିବାଦ କରିବାରୁ କମ୍ପାନୀ ସେମାନଙ୍କୁ ଚାକିରିରୁ ବାହାର କରିଦେଇଛି। ଏପରିକି, ସେମାନଙ୍କ ପାସ୍‌ପୋର୍ଟ ଏବଂ ଆବଶ୍ୟକ କାଗଜପତ୍ର ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଛଡ଼ାଇ ନେଇଛନ୍ତି। ଫଳରେ ସେମାନେ ଚାହିଁଲେ ମଧ୍ୟ ସ୍ୱଦେଶକୁ ଫେରି ପାରୁନାହାନ୍ତି। ତେଣୁ ଉଦ୍ଧାର କରିବା ଲାଗି ସେମାନେ ଏକ ଭିଡିଓ ଜରିଆରେ ଭାରତ ସରକାର ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଏହି ଭିଡିଓଟି ଏବେ ଭାଇରଲ ହେବାରେ ଲାଗିଛି। ନିର୍ଯାତିତ ଶ୍ରମିକଙ୍କ ମଧ୍ୟରୁ ଜଣଙ୍କ ଘର ଗଞ୍ଜାମ ଜିଲ୍ଲାରେ। ସେ ହେଲେ ରମ୍ଭା ଥାନା ଅନ୍ତର୍ଗତ ତାରିଣୀପଲ୍ଲୀ ଗ୍ରାମର ବସନ୍ତ କୁମାର ସେଠୀ। ତାଙ୍କ ମା' ଇନ୍ଦିରା ସେଠୀ ତାଙ୍କ ପୁଅଙ୍କୁ ଘରକୁ ଫେରାଇ ଆଣିବାକୁ ମଙ୍ଗଳବାର ଜିଲ୍ଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଇନ୍ଦିରା କହିଛନ୍ତି ଯେ ତାଙ୍କ ସ୍ୱାମୀ ସୁରେନ୍ଦ୍ର ସେଠୀ ଜଣେ ଦିନମଜୁରିଆ। ମୂଲ ଲାଗି ପରିବାର ଚଳାନ୍ତି। ଘରର ଆର୍ଥିକ ସ୍ଥିତି ଭଲ ନଥିବାରୁ ପୁଅ ବସନ୍ତ ୫ ମାସ ତଳେ ଓମାନ ଯାଇଥିଲା। ସେଠାରେ ବେଲକୋ ନାମକ ଏକ କମ୍ପାନୀରେ କାମ କରୁଥିଲା। କିନ୍ତୁ ସେଠାରେ ତାକୁ ନିର୍ଯାତନା ଦିଆଯାଉଛି। ତେଣୁ ତାଙ୍କୁ ଫେରାଇଆଣିବାକୁ ଇନ୍ଦିରା ଛତ୍ରପୁରସ୍ଥିତ ଜିଲ୍ଲା ଶ୍ରମ ଅଧିକାରୀ ବର୍ଷାରାଣୀ ଜେନାଙ୍କୁ ଭେଟି ଗୁହାରି କରିଛନ୍ତି।

## ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୧.୨ | ୨୦.୨ |
| ଚାନ୍ଦବାଲି | ୩୨.୨ | ୨୦.୪ |
| କଟକ | ୩୧.୬ | ୧୮.୨ |
| ପାରାଦୀପ | ୩୦.୪ | ୨୨.୬ |
| ଭୁବନେଶ୍ୱର | ୩୩.୫ | ୧୯.୮ |
| ଗୋପାଳପୁର | ୩୦.୫ | ୨୦.୩ |
| ପୁରୀ | ୩୦.୮ | ୨୩.୮ |
| ଅନୁଗୋଳ | ୩୪.୭ | ୧୫.୦ |
| ବାରିପଦା | ୩୨.୮ | ୧୮.୦ |
| ଝାରସୁଗୁଡ଼ା | ୩୫.୬ | ୧୪.୪ |
| କେନ୍ଦୁଝରଗଡ଼ | ୩୨.୩ | ୧୫.୯ |
| ସମ୍ବଲପୁର | ୩୪.୪ | ୧୮.୦ |
| ସୁନ୍ଦରଗଡ଼ | ୩୫.୪ | ୧୬.୨ |
| ହୀରାକୁଦ | ୩୪.୧ | ୧୬.୭ |
| ତାଳଚେର | ୩୧.୪ | ୧୯.୮ |
| ଭବାନୀପାଟଣା | ୩୪.୨ | ୧୫.୯ |
| ବଲାଙ୍ଗିର | ୩୫.୨ | ୧୭.୨ |
| କୋରାପୁଟ | ୩୨.୮ | ୧୪.୦ |
| ଫୁଲବାଣୀ | ୩୦.୩ | ୧୧.୫ |
| ଟିଟିଲାଗଡ଼ | ୩୫.୦ | ୨୦.୨ |
| ମାଲକାନଗିରି | ୩୬.୬ | ୧୯.୪ |
| ସୋନପୁର | ୩୪.୫ | ୧୭.୪ |
| ଦାରିଙ୍ଗବାଡ଼ି | ୨୯.୫ | ୧୫.୦ |
| ନୟାଗଡ଼ | ୩୨.୫ | ୧୮.୦ |
| ବୌଦ୍ଧ | ୩୨.୫ | ୧୭.୨ |
| ଛତ୍ରପୁର | ୩୧.୯ | ୨୧.୩ |
| ପାରଳାଖେମୁଣ୍ଡି | ୩୫.୨ | ୧୮.୦ |
| ରାୟଗଡ଼ା | ୩୩.୦ | ୧୫.୦ |
| ଭଦ୍ରକ | ୩୩.୮ | ୧୬.୦ |
| ଯାଜପୁର | ୩୨.୦ | ୧୬.୦ |
| ଢେଙ୍କାନାଳ | ୩୩.୮ | ୧୭.୫ |
| ବରଗଡ଼ | ୩୩.୨ | ୧୮.୫ |
| ଦେଓଗଡ଼ | ୩୧.୦ | ୧୭.୫ |
| ନୂଆପଡ଼ା | ୩୪.୦ | ୧୬.୦ |
| ନବରଙ୍ଗପୁର | ୩୩.୫ | ୧୪.୦ |
| ଖୋର୍ଦ୍ଧା | ୩୨.୫ | ୧୯.୦ |
| ଜଗତସିଂହପୁର | ୩୪.୦ | ୧୭.୫ |
| କେନ୍ଦ୍ରାପଡ଼ା | ୩୧.୮ | ୧୬.୮ |
| ରାଉରକେଲା | ୩୨.୯ | ୧୩.୨ |

# କୋଟିଆ ମହିଳାଙ୍କୁ ମିଳୁନି ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୧୧।୨(ସମିସ):** ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ୯୮ ଲକ୍ଷ ମହିଳାଙ୍କ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ଦେଇସାରିଥିବା ନେଇ କହିଛନ୍ତି। ହେଲେ ରାଜ୍ୟର ସବୁଠୁ ସମ୍ବେଦନଶୀଳ ଅଞ୍ଚଳ କୁହାଯାଉଥିବା କୋଟିଆରେ କୌଣସି ମହିଳା ସୁଭଦ୍ରା ଯୋଜନା ପାଉନାହାନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଆଜି ଏଭଳି ଅଭିଯୋଗ ସହ ଏମାନେ କଣ ଓଡ଼ିଶାର ଲୋକ ନୁହନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏଭଳି କାର୍ଯ୍ୟ ଦ୍ୱାରା ରାଜ୍ୟ ସରକାର ଲୋକଙ୍କୁ ବାହାର ରାଜ୍ୟକୁ ଯିବା ପାଇଁ ବାଧ୍ୟ କରୁଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ ଥିବା ସତ୍ତ୍ୱେ ରାଜ୍ୟରେ ଆଦିବାସୀମାନେ ଅବହେଳିତ ଅବସ୍ଥାରେ ରହିଛନ୍ତି। ସୁଭଦ୍ରାଠାରୁ ଆରମ୍ଭ କରି ଭତ୍ତା ଓ ପିଇବା ପାଣି ଭଳି ମୌଳିକ ସୁବିଧା ସୁଯୋଗ ପାଇବାରୁ ଆଦିବାସୀମାନେ ବଞ୍ଚିତ ରହୁଛନ୍ତି ବୋଲି ସେ କହିବା ସହ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

ସେ ଆହୁରି କହିଛନ୍ତି ଯେ ରାଜ୍ୟ ସରକାର ନିଜକୁ ଲୋକଙ୍କ ସରକାର କହୁଛନ୍ତି। କୋଟିଆ ଲୋକ ସର୍ବଦା ଓଡ଼ିଶାରେ ରହିବାକୁ ଚାହୁଁଛନ୍ତି। ହେଲେ ସେମାନଙ୍କ ଆଧାରକାର୍ଡ ନେଇ ସରକାର ଦୃଷ୍ଟି ଦେଉ ନାହାନ୍ତି। ଯାହାଦ୍ୱାରା ସେମାନେ ସୁଭଦ୍ରା ଯୋଜନା ପାଇପାରୁ ନାହାନ୍ତି। କୋଟିଆ ରାଜ୍ୟର ଅଭିନ୍ନ ଅଙ୍ଗ। ହେଲେ ବର୍ତ୍ତମାନ ସରକାର କୋଟିଆ ଉପରେ ଦୃଷ୍ଟି ଦେଉ ନାହାନ୍ତି। ଓଡ଼ିଶା ସରକାର ଯଦି କୋଟିଆ ଉପରେ ଧ୍ୟାନ ନ ଦେବେ, ସେ ଅଞ୍ଚଳ ଲୋକ ଅନ୍ୟ ରାଜ୍ୟକୁ ଚାଲିଯାଇପାରନ୍ତି। ତେଣୁ ରାଜ୍ୟରେ ଯେଉଁ ସବୁ ଯୋଜନା ରହିଛି, ତାହା ସେଠାରେ ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକ କାର୍ଯ୍ୟ ବୋଲି ଶ୍ରୀ କାଡ଼ାମ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଆଜିଯାଏ କାହିଁକି କୋଟିଆ ଗଲେ ନାହିଁ ସେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ କୋଟିଆ ଯିବା ପାଇଁ ବାରମ୍ବାର ନିମନ୍ତ୍ରଣ କରାଯାଇଛି। ମାତ୍ର ରାଜସ୍ୱ ମନ୍ତ୍ରୀ କି ମୁଖ୍ୟମନ୍ତ୍ରୀ ଏବେ ଯାଏଁ କୋଟିଆ ଯାଇନାହାନ୍ତି। ଏହା କଣ ଓଡ଼ିଆ ଅସ୍ମିତାକୁ ସୁରକ୍ଷା ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ ଅଛନ୍ତି। ରାଜ୍ୟ ବିଧାନସଭାରେ ପେସା ଆଇନ୍ ଆଣିବାକୁ ଘୋଷଣା କରିଛନ୍ତି। ହେଲେ ଏଯାଏଁ ତାହା ହୋଇ ନାହିଁ। ଆଗାମୀ ଦିନରେ ସରକାରଙ୍କୁ ଏଭଳି ପ୍ରସଙ୍ଗରେ ବିଧାନସଭାରେ କଂଗ୍ରେସ ଘେରିବ ବୋଲି ସେ କହିଛନ୍ତି।

# ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଆଇଟି ପାର୍କ

**ଭୁବନେଶ୍ୱର,୧୧।୨(ସମିସ):** ଆଇଟି କ୍ଷେତ୍ରରେ ପୂର୍ବ-ଭାରତର ପ୍ରମୁଖ ସ୍ଥଳ ଭାବେ ଓଡ଼ିଶା ଅଗ୍ରସର ହେଉଥିବା ବେଳେ ରାଜ୍ୟରେ ନିବେଶ ପାଇଁ ଏକାଧିକ ପ୍ରକଳ୍ପ ପ୍ରସ୍ତାବ ଆସୁଛି। ଏହି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱରରେ ଖୁବ୍‌ଶୀଘ୍ର ଏକ ଆଇଟି ପାର୍କ ପ୍ରତିଷ୍ଠା ହେବ। ଏଥିପାଇଁ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ପ୍ରାୟ ୨୫ଏକର ଜମି ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି।

- ୨୫ ଏକର ଜାଗା ମାଗିଲା ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ
- ପୂର୍ବରୁ ଏକାଧିକ କମ୍ପାନୀ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପାଇଛନ୍ତି ଅନୁମୋଦନ
- ଜାଗା ନମିଳିବାରୁ ଆଗେଇପାରୁନି ଶିଳ୍ପ ପ୍ରତିଷ୍ଠା

ପଟିଆ ଅଞ୍ଚଳରେ ଏହି ଜମି ଯୋଗାଇ ଦେବାକୁ ଆଇଟି ବିଭାଗ ଅନୁରୋଧ କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ଅଞ୍ଚଳରେ କେତେକ ଆଇଟି କମ୍ପାନୀ ନିଜର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପାଇଁ ଅନୁମୋଦନ ପାଇସାରିଛନ୍ତି। ସିସ୍‌ସେମ ପ୍ରାଲିଃ. ଆରଆଇଆର ପାୱାର୍ ଲିମିଟେଡ, ହେଟ୍ରୋଜେନସ୍ ଇଣ୍ଟିଗ୍ରେଟେଡ ପ୍ୟାକେଜିଂ ସଲ୍ୟୁସନ୍ ପରି କମ୍ପାନୀ ଏହି ତାଲିକାରେ ସାମିଲ ଅଛନ୍ତି। ମାତ୍ର ସେମାନଙ୍କୁ ଏଯାବତ୍ ଜାଗା ପ୍ରଦାନ କରାଯାଇପାରୁନାହିଁ। ତେଣୁ ପଟିଆ ଅଞ୍ଚଳରେ ସ୍ୱତନ୍ତ୍ର ଭାବେ ୨୫ଏକର ଜାଗା ପ୍ରଦାନ କରିବାକୁ ଇ ଆଣ୍ଡ ଆଇଟି ବିଭାଗ ଅନୁରୋଧ କରିଛି। ଏହି ଜାଗା ମିଳିବା ପରେ ଏଠାରେ ଆଇଟି, ଆଇଟିଇଏସ, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର ଆଜି ପ୍ରକଳ୍ପକୁ ଏକାସାଙ୍ଗରେ କାର୍ଯ୍ୟାନ୍ୱୟନ କରାଯାଇପାରିବ।

ପୂର୍ବରୁ ଭୁବନେଶ୍ୱରରେ ଗୋଟିଏ ସ୍ଥାନରେ ଆଇଟି ଏବଂ ସମାନଧରଣର କମ୍ପାନୀକୁ ପରିଚାଳନା କରାଯିବା ପାଇଁ ଇନ୍‌ଫୋଭ୍ୟାଲିର ପରିକଳ୍ପନା କରାଯାଇଥିଲେ ହେଁ ଏହା ସଫଳ ହୋଇପାରିନାହିଁ। ଡେଲଏଟ୍, କଗ୍ନିଜେଣ୍ଟ, କନସେନଟ୍ରିକ୍ସ ପରି ଆଇ କମ୍ପାନୀ ସହରର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଛନ୍ତି। ତେଣୁ ସରକାର ଏ ଦିଗରେ ବିଶେଷ ଭାବେ ଦୃଷ୍ଟି ଦେବାରେ ଆବଶ୍ୟକତା ରହିଛି ବୋଲି ଆଇଟି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷେ, ଗତ ମେକ୍-ଇନ୍-ଓଡ଼ିଶା କନକ୍ଲେଭ୍‌ରେ ରାଜ୍ୟ ସରକାର ସମୁଦାୟ ୧୪୫ଟି ରାଜିନାମା (ଏମଓୟୁ) ସ୍ୱାକ୍ଷର କରିଥିବା ବେଳେ ଏଥିରୁ ସମୁଦାୟ ୧୨ଲକ୍ଷ ୮୯ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ରାଜିନାମା ହୋଇଥିଲା। କିନ୍ତୁ ଆଇଟି କ୍ଷେତ୍ରରେ ମାତ୍ର ୨୨୪୬ କୋଟି ବିନିମୟରେ ମାତ୍ର ୨ଟି କମ୍ପାନୀ ସହ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। ତେଣୁ ସରକାର ଏହାକୁ ଗୁରୁତ୍ୱର ସହ ନେଇ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦିଅନ୍ତୁ ବୋଲି ବିଶେଷଜ୍ଞମହଲରେ ମତ ପ୍ରକାଶ ପାଇଛି।

# ପାରାଦୀପ ବନ୍ଦରରୁ ମାଟି ମିଶା ୪ କ୍ରୋମାଇଟ୍ ଟ୍ରକ୍ ଜବତ

**ପାରାଦୀପ, ୧୧।୨ (ସମିସ):** ଯାଜପୁରରୁ ପାରାଦୀପ ଆସୁଥିବା କ୍ରୋମାଇଟ୍ ବୋଝେଇ ଗାଡ଼ିରୁ ଅଭିନବ ଉପାୟରେ କ୍ରୋମାଇଟ୍ ଲୁଟ୍ ହେଉଛି। ଏଭଳି ଲୁଟ୍‌ରେ ସାମିଲ ୪ଟି କ୍ରୋମାଇଟ୍ ବୋଝେଇ ଟ୍ରକ୍‌କୁ ଆଜି ପାରାଦୀପ ବନ୍ଦର ସିଆଇଏସ୍ଏଫ୍ ପକ୍ଷରୁ ଜବତ କରାଯାଇଛି। ଗାଡ଼ି ଡାଲାର ଉପରେ କ୍ରୋମାଇଟ ଥିବା ବେଳେ ତଳେ ମାଟି ରହିଥିଲା। ଅଧା ରାସ୍ତାରେ ଗାଡ଼ିରୁ କ୍ରୋମାଇଟ୍ କାଢ଼ି ମାଟି ଭର୍ତ୍ତି କରି ଚାଲାଣ କରାଯାଉଥିଲା। ତେବେ ଗୋଟିଏ ଗାଡ଼ି ଫେରାର୍ ହୋଇଯାଇଥିବା ଜଣାଯାଇଛି।

## ଖସିଗଲା ଗୋଟିଏ ଟ୍ରକ୍

ସୂଚନାନୁସାରେ, ସୁକିନ୍ଦା କାଳିଆପାଣି ମାଇନ୍ସରୁ ୫ଟି ଟ୍ରକ୍‌ରେ କ୍ରୋମାଇଟ୍ ପାରାଦୀପ ଆସୁଥିଲା। ଏହି ଗାଡ଼ି ଉପରେ ମାଇନ୍ସ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ନଜର ରଖିଥିଲା। ୫ଟି ଯାକ ଟ୍ରକ୍ ଚଣ୍ଡିଖୋଲ ନିକଟରୁ ପାରାଦୀପ ଯିବା ବଦଳରେ ଜାରକା ଆଡ଼କୁ ପଳାଇଥିଲା। ଜାରକାର ମୂଳାପାଳ ବ୍ରିଜ୍ ନିକଟରେ ଟ୍ରକ୍‌ଗୁଡ଼ିକରୁ କ୍ରୋମାଇଟ୍ କଢ଼ା ଯାଇଥିଲା। ପ୍ରତ୍ୟେକ ଗାଡ଼ିରୁ ୯ ଟନ୍‌ର କ୍ରୋମାଇଟ୍ କାଢ଼ି ୯ଟନ୍‌ର ମାଟି ମିଶାଯାଇଥିଲା। ତେବେ ଏକ ସ୍ୱତନ୍ତ୍ର ଟିମ୍ ଏହା ଜାଣିବା ପରେ ମାଇନ୍ସ ବିଭାଗ ବନ୍ଦର ସିଆଇଏସ୍ଏଫଙ୍କୁ ୫ଟି ଯାକ ଗାଡ଼ିର ନମ୍ବର ପଠାଇ ଜବତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ଦର ସିଆଇଏସ୍ଏଫ୍ ୪ଟି ଗାଡ଼ିକୁ ଜବତ କରିଥିବା ବେଳେ ଆଉ ଗୋଟିଏ ଗାଡ଼ି ଘଟଣାସ୍ଥଳରୁ ଫେରାର୍ ହୋଇଯିବାରେ ସକ୍ଷମ



ହୋଇଥିଲା। ଜବତ ଗାଡ଼ିଗୁଡ଼ିକୁ ପାରାଦୀପ ଆଦର୍ଶ ଥାନା ପୁଲିସକୁ ହସ୍ତାନ୍ତର କରାଯାଇଛି। ତେବେ ସବୁ ଗାଡ଼ିର ଚାଳକମାନେ ଫେରାର୍ ହୋଇଯାଇଥିବା ଜଣାଯାଇଛି। ୫ଟି ଟ୍ରକ୍‌ରୁ କଢ଼ାଯାଇଥିବା କ୍ରୋମାଇଟ୍‌ର ମୂଲ୍ୟ ୧କୋଟି ୨୦ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। କ୍ରୋମାଇଟ୍ ଲୁଟ୍ ପଛରେ ଏଭଳି ଏକ ବଡ଼ ରାକେଟ୍ କାମ କରୁଥିବା ଅଭିଯୋଗ ହୋଇଛି।

# କୁମ୍ଭମେଳାରୁ ଫେରୁଥିଲେ; ଦୁର୍ଘଟଣାରେ ଚାଲିଗଲା ଜୀବନ

ରାଉରକେଲା, ୧୧।୨(ସମିସ)



ମହାକୁମ୍ଭ ମେଳାରେ ବୁଡ଼ ପକାଇ ପରିବାର ସହ କାର୍‌ରେ ରାଉରକେଲା ଫେରୁଥିଲେ। ମାତ୍ର ଘରେ ପହଞ୍ଚିବା ପୂର୍ବରୁ ଦୁର୍ଘଟଣାରେ ଚାଲିଗଲା ଜଣେ ଏଲ୍‌ଆଇସି ଅଫିସରଙ୍କ ଜୀବନ। ମୃତକ ହେଲେ କୋଏଲ ନଗର ଅଞ୍ଚଳର ରକ୍ତିମ ପୂଜାରୀ(୩୪)। ଏଥିସହ ତାଙ୍କ ପରିବାରର ଅନ୍ୟ ୫ଜଣ ସଦସ୍ୟ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ସୂଚନା ମୁତାବକ, ରକ୍ତିମ ପୂଜାରୀ ତାଙ୍କ ପତ୍ନୀ, ମାଆ, ମାଉସୀ ଓ ବର୍ଷକର ଝିଅ ଏବଂ ଚାଳକ କୁମ୍ଭମେଳାରେ ବୁଡ଼ ପକାଇବା ପାଇଁ ପ୍ରୟାଗରାଜ ଯାଇଥିଲେ। ସୋମବାର ବୁଡ଼ ପକାଇବା ପରେ ସେ ସେଠାରୁ କାର୍ ଯୋଗେ ରାଉରକେଲାକୁ ଫେରୁଥିଲେ। ଉତ୍ତର ପ୍ରଦେଶ ସୋନଭଦ୍ର ଜିଲ୍ଲା ବିଢ଼ମଗଞ୍ଜ ଥାନା ଅନ୍ତର୍ଗତ ଫୁଲୱାର ଗ୍ରାମଠାରେ ବିପରୀତ ଦିଗରୁ ଏକ ବସ୍ ଆସି ତାଙ୍କ କାର୍‌କୁ ଧକ୍କା ଦେଇଥିଲା। ଫଳରେ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସମସ୍ତେ ଗୁରୁତର ହୋଇଥିବାବେଳେ ସ୍ଥାନୀୟ ପୁଲିସ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ରକ୍ତିମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ମାଆ, ମାଉସୀ, ସ୍ତ୍ରୀ

**୫ ଗୁରୁତର ଡାକ୍ତରଖାନାରେ ଭର୍ତ୍ତି**

ଓ ଝିଅ ଡାକ୍ତରଖାନରେ ଚିକିତ୍ସାଧୀନ ଥିବାବେଳେ ତାଙ୍କ ମାଉସୀଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି। ଘଟଣାକୁ ନେଇ ରାଉରକେଲା ସହରରେ ଶୋକର ଛାୟା ଖେଳିଯାଇଛି।

## ୧୩ରେ ଆର୍‌ଏସ୍‌ପିର 'ନାଟକ ସନ୍ଧ୍ୟା'

**ରାଉରକେଲା, ୧୧।୨(ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଲୋକସମ୍ପର୍କ-ରାଜଭାଷା ବିଭାଗ ଫେବୃଆରୀ ୧୩ ତାରିଖରେ ରାଉରକେଲା ସ୍ଥିତ ସିଭିକ୍ ସେଣ୍ଟର ଠାରେ ବାର୍ଷିକ ନାଟକ ସମାରୋହର 'ନାଟକ ସନ୍ଧ୍ୟା' ଆୟୋଜନ କରିବାକୁ ଯାଉଛି। ଏହି ବହୁ ପ୍ରତୀକ୍ଷିତ 'ନାଟକ ସନ୍ଧ୍ୟା' କାର୍ଯ୍ୟକ୍ରମକୁ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଦ୍‌ଘାଟନ କରିବେ ବୋଲି ଜଣାପଡ଼ିଛି। ଏହି ସନ୍ଧ୍ୟାରେ ଦୁଇଟି ନାଟକ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ଓଡ଼ିଆ ଗୀତିନାଟ୍ୟ 'ଚକ୍ରବ୍ୟୁହ' ଏବଂ ପରେଶ ରଞ୍ଜନ ମାହାତୋଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଆଷାଢ୍ କା ଏକ୍ ଦିନ୍' ପ୍ରଦର୍ଶିତ ହେବ। ଏହି କାର୍ଯ୍ୟକ୍ରମଟି ସନ୍ଧ୍ୟା ସାଢ଼େ ୬ଟାରେ ଆରମ୍ଭ ହେବ। ଏହି ସନ୍ଧ୍ୟାର ଆନନ୍ଦ ନେବା ପାଇଁ ଆର୍‌ଏସ୍‌ପି ପକ୍ଷରୁ ରାଉରକେଲାବାସୀଙ୍କୁ ଉନୁରୋଧ କରାଯାଇଛି।

# ଡାକ୍ତରଖାନାରୁ ଚିକିତ୍ସାଧୀନ ଅପରାଧୀ ଚମ୍ପଟ

**ରାଉରକେଲା, ୧୧।୨(ସମିସ):** ପୁଲିସ ହେପାଜତରୁ ଚମ୍ପଟ ମାରିଛି ଜଣେ ଅପରାଧୀ। ଟାଙ୍ଗରପାଲ୍ଲୀ ଥାନା ବ୍ରିଟାନିଆ କଲୋନୀର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗତ ୨ ତାରିଖ ଅପରାହ୍ଣରେ ଗଣ୍ଡଗୋଳ ଘଟିଥିଲା। ଏହି ଘଟଣାରେ ଆହତ ହୋଇ ପୁଲିସ ହେପାଜତରେ ରହି ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବ୍ରିଟାନିଆ କଲୋନୀର ଶିବ ଚରଣ ବିନ୍ଧାଣୀ ଓରଫ ଭୀମ (୨୮) ଡାକ୍ତରଖାନାରୁ ଫେରାର ହୋଇଥିବା ସୂଚନା ମିଳିଛି। ତାକୁ ଖୋଜି ଗିରଫ କରିବା ପାଇଁ ପୁଲିସ ପୂରା ଦମ ଲଗାଇ ଦେଇଥିବା ଜଣାପଡ଼ିଛି।

ସୂଚନା ମୁତାବକ ବ୍ରିଟାନିଆ କଲୋନୀରେ ବାସ କରୁଥିବା ଶିବ ଚରଣ ଓ ମଡର୍ଣ୍ଣଇଣ୍ଡିଆରେ ବାସ କରୁଥିବା ରଞ୍ଜିତଙ୍କୁ ଗୌରବ ବିଶ୍ୱାଳ, ବାସୁ, ବଟ, କାଳିଆ, ଦେବା, ସମାଧାନ, ବିଟୁ ରିତିକ୍, ସତ୍ୟମ୍, ସାହିଲ, ମହମ୍ମଦ ସାହିଲ ଏବଂ ଅନ୍ୟମାନେ ଖଣ୍ଡା, ଭୁଜାଲି ଏବଂ ବିୟର ବୋତଲ ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଭୀମ ବିନ୍ଧାଣୀ ଆହତ ହୋଇଥିଲା ଏବଂ ପ୍ରଥମ ଅଭିଯୋଗକାରୀ, ଅପରପକ୍ଷର ଅଭିଯୋଗ କ୍ରମେ ଭୀମ ଏହି ଘଟଣାରେ ଅଭିଯୁକ୍ତ ମଧ୍ୟ ଥିଲା। ଭୀମ ଉକ୍ତ ଅଞ୍ଚଳରେ ଆତଙ୍କରାଜ ଚଳାଉଥିବାରୁ ତା ନାମରେ ପୂର୍ବରୁ ଅନେକ ମାମଲା ରହିଥିଲା। ତାକୁ ପୁଲିସ କୌଣସି ଏକ ସମ୍ବେଦନ ଦଫାରେ ଗିରଫ ପାଇଁ ଯୋଜନା କରୁଥିବାବେଳେ ସେ ଗତ ୩ ଦିନ ପୂର୍ବେ ଚିକିତ୍ସିତ ଅବସ୍ଥାରେ ଆର୍‌ଜିଏ୍‌ରୁ ଫେରାର ହୋଇ ଯାଇଥିବା ଘଟଣା ଏବେ ଚର୍ଚ୍ଚା ହେଉଛି।

# ଗାନ୍ଧୀ ମହାବିଦ୍ୟାଳୟରେ ବିଜ୍ଞାନ ଓ ଆଧ୍ୟାତ୍ମିକ ପାଠଚକ୍ର

**ରାଉରକେଲା, ୧୧।୨(ସମିସ):** ଦେଓଗାଁସ୍ଥିତ ଗାନ୍ଧୀ କଲେଜଠାରେ ରାବ୍ସ ଅନୁଷ୍ଠାନ ଓ କଲେଜର ମିଳିତ ସହଯୋଗରେ ବିଜ୍ଞାନ ଓ ଆଧ୍ୟାତ୍ମିକତା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରିକା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାବ୍ସ ଅନୁଷ୍ଠାନର ସଭାପତି ପ୍ରଜାପତି ଷଡ଼ଙ୍ଗୀ ଯୋଗଦେଇ କହିଥିଲେ ଯେ ବିଜ୍ଞାନ ପ୍ରଗତି କରିପାରେ। ମାତ୍ର ମଣିଷକୁ ଶାନ୍ତିରେ ବଞ୍ଚିବାକୁ ହେଲେ ଆଧ୍ୟାତ୍ମିକତାର ଆବଶ୍ୟକତା ଜରୁରୀ। ରାବ୍ସର ଉପସଭାପତି ଦେବ ପ୍ରସାଦ ମହାପାତ୍ର ନୋବେଲ ବିଜେତା ବୈଜ୍ଞାନିକଙ୍କ ଉଦ୍ଧୃତିଗୁଡ଼ିକୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଏସ. ପି ସ୍ୱାଇଁ ମିଲଟନ, ୱାଡସୱାର୍ଥ, ଡାରୱିନ ଓ ଶ୍ରୀ ଅରବିନ୍ଦଙ୍କ କଥାକୁ ଉପସ୍ଥାପିତ କରିବା ସହ ପ୍ରଥମେ ନିଜକୁ ଚିହ୍ନିବା ହିଁ ଆଧ୍ୟାତ୍ମିକତା ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡକ୍ଟର ବନମାଳି ଯୋଗଦେଇଥିଲେ। ଯୁକ୍ତ ତିନି ବିଜ୍ଞାନ ଛାତ୍ରୀ ସୋନାଲି ନାୟକ ସପ୍ତଦଶ ଶତାବ୍ଦୀ ଠାରୁ ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବିଜ୍ଞାନ ଓ ଆଧ୍ୟାତ୍ମିକତା ସମ୍ପର୍କୀୟ କ୍ରମ ବିକାଶକୁ ସୁନ୍ଦର ଭାବେ ଉପସ୍ଥାପିତ କରିଥିଲେ। ଅଧ୍ୟାପିକା ପିଆଲି ତ୍ରିପାଠୀ ଓ ମଧୁମଣି ଶବର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା। ଡକ୍ଟର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଣ୍ଡରା ସରକାରୀ ପ୍ରାଥମିକ ସ୍କୁଲ୍‌ର ବାର୍ଷିକୋତ୍ସବ



**ରାଉରକେଲା, ୧୧।୨(ସମିସ):** ନୂଆଗାଁ ବ୍ଲକ ଖୁଟଗାଁ କ୍ଲଷ୍ଟର ଅନ୍ତର୍ଗତ କୁଣ୍ଡରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ବିଧାୟକ ରୋହିତ ଜୋଶେଫ୍ କହିଥିଲେ ଯେ ଶୃଙ୍ଖଳା, ସମୟାନୁବର୍ତ୍ତିତା, କଠୋର ଅଧ୍ୟବସାୟ ଛାତ୍ର ଜୀବନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେବା ଉଚିତ। ସ୍କୁଲର ପ୍ରଧାନଶିକ୍ଷକ ମଧୁସୁଦନ ମହାନନ୍ଦିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଲିମଡ଼ା ପଞ୍ଚାୟତର ସରପଞ୍ଚ ମିନତୀ ତିଗା, ନୂଆଗାଁ ବ୍ଲକ ସହକାରୀ ଶିକ୍ଷାଅଧିକାରୀ ବନମାଳି ମଲ୍ଲିକ ପ୍ରମୁଖ ଯୋଗଦେଇ ଶିକ୍ଷାର ଅଭିବୃଦ୍ଧି କ୍ଷେତ୍ରରେ ଶିକ୍ଷକମାନଙ୍କ ଗୁରୁଦାୟିତ୍ୱ ଅନସ୍ୱୀକାର୍ଯ୍ୟ। ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ମଙ୍ଗଳଦାସ ଖାଲକ, ଅଜୟ କୁମାର ସେଠୀ, ଭୋଳା ବାରିକ, ଜିତନାଥ ଟୋପ୍ପ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପରେ ସ୍କୁଲରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚିତ୍ତାକର୍ଷକ ହୋଇଥିଲା। ପ୍ରଧାନଶିକ୍ଷକ ମହାନନ୍ଦିଆ ଉପସ୍ଥିତ ଥିବା ବିଧାୟକଙ୍କୁ ସ୍କୁଲରେ ପାଚେରି ନିର୍ମାଣ, ନଳକୂପ, ସ୍କୁଲ ଗୃହ ନିର୍ମାଣ ସମେତ ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍କୁଲ କମିଟିର ସଭାପତି ବୀଣାପାଣି ଗୌଡ଼, ଉପସଭାପତି ସାବିତ୍ରୀ କୁମ୍ଭାର, ସ୍କୁଲର ସହକାରୀ ଶିକ୍ଷକ ବିଶ୍ୱାମିତ୍ର ସାହୁ, ଦିପୁରଞ୍ଜନ ଲେଙ୍କା, ଜଗଦୀଶ ପ୍ରସାଦ, ସବିତା ଓରାମ, ସମାଜସେବୀ ଉଲ୍ଲାସ ମାହାତ, ବିଧାୟକ ପ୍ରତିନିଧି ସୁଲେମାନ କାଉଡ଼ିଆ, ପ୍ରକାଶ ସାହୁ, ପୂର୍ବତନ ସରପଞ୍ଚ ସମରା ଓରାମ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ବଳିଦାନ ଦିବସ



**ରାଉରକେଲା, ୧୧।୨(ସମିସ):** ଭାରତୀୟ ଜନତା ପାର୍ଟି, ଲହୁଣୀପଡ଼ା ମଣ୍ଡଳ ପକ୍ଷରୁ ରାଜାମୁଣ୍ଡା କାର୍ଯ୍ୟାଳୟରେ ଭାରତୀୟ ଜନ ସଂଘର ପ୍ରତିଷ୍ଠାତା ସଦସ୍ୟ, ଏକାତ୍ମ ମାନବବାଦ ଅନ୍ତ୍ୟୋଦୟ ଦର୍ଶନର ପ୍ରବର୍ତ୍ତକ, ମହାନ ରାଷ୍ଟ୍ରନାୟକ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ପୁଣ୍ୟ ତିଥିକୁ ବିଜେପି ପକ୍ଷରୁ ସମର୍ପଣ ଦିବସ ଭାବେ ପାଳନ କରିଛି। ବିଜେପି ନେତୃମଣ୍ଡଳୀ ପଣ୍ଡିତ ଉପାଧ୍ୟାୟଙ୍କର ମହାନ୍ ଦର୍ଶନ ଓ ଜୀବନୀ ଉପରେ ସ୍ମୃତି ଚାରଣ ପୂର୍ବକ ତାଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ପରେ ସଙ୍ଗଠନ ପାଇଁ ଯଥା ଶକ୍ତି ଅର୍ଥ ରାଶି ଅନ୍ ଲାଇନ୍ ମାଧ୍ୟମରେ ସମର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ରାହାସ ବିହାରୀ ପ୍ରଧାନ ଯୋଗ ଦେଇ ବକ୍ତବ୍ୟ ରଖିଥିବା ବେଳେ କାର୍ଯ୍ୟକ୍ରମ ଲହୁଣୀ ପଡ଼ା ବିଜେପି ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ସମର୍ପଣ ଦିବସ କାର୍ଯ୍ୟକ୍ରମରେ କାର୍ଯ୍ୟକର୍ତ୍ତାଙ୍କ ସହ ଲୁଥାର ଓରାମ, ଉପେନ୍ଦ୍ର ବେହେରା, ନମିତା ମାହାନ୍ତ, ମହେଶ ଶାହା, ନାରାୟଣ କୁମ୍ଭାର, ନିଳକମଳ ମାହାନ୍ତ, କିରଣ କାଲୋ, କୁଡେଇ କଳା ସରପଞ୍ଚ ଶିବ ଶଙ୍କର ନାଏକ, ବିଜୟ କୁମାର ଠାକୁର, ରାଜେନ୍ଦ୍ର କୁମାର ପାତ୍ର, ନମିତା ମାହାନ୍ତ, ବଳ ଓରାମ, ଗାନ୍ଧୁରୁ ଓରାମ, ଏତୁଆ ଓରାମ, ସୁଜିତ୍ କୁମାର ଜୈସ୍ୱାଲ, ଦମୟନ୍ତୀ ଓରାମ, ଶିବ ଚରଣ ମାହାନ୍ତ, କୁନ୍ତୀ ମାହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପି ବ୍ଲାଷ୍ଟ ଫର୍ଣ୍ଣେସ୍ ନମ୍ବର ୫ରେ ୪ର୍ଥ ଷ୍ଟୋଭ୍ ସ୍ଥାପନ ପାଇଁ ପ୍ରାଇମେଟାଲ୍ସ ସହ ଚୁକ୍ତି




**ରାଉରକେଲା, ୧୧।୨(ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଏହାର ବ୍ଲାଷ୍ଟ ଫର୍ଣ୍ଣେସ୍-୫ ରେ ଚତୁର୍ଥ ଷ୍ଟୋଭ ସ୍ଥାପନ ପାଇଁ ପ୍ରାଇମେଟାଲ୍ସ ଟେକ୍ନୋଲୋଜିସ୍ ଇଣ୍ଡିଆ ଲିମିଟେଡ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ପ୍ରକଳ୍ପ ବିଭାଗର ସିଜିଏମ୍ ପିନାକୀ ଚୌଧୁରୀ, ବ୍ଲାଷ୍ଟ ଫର୍ଣ୍ଣେସ ବିଭାଗର ସିଜିଏମ୍ ସୁମିତ କୁମାର, ସିଇଟି ଆର୍‌ଏସ୍‌ସିର ସିଜିଏମ୍ ସଲଭ ଶର୍ମା ଏବଂ ଆର୍‌ଏସ୍‌ପି, ସିଇଟି ଏବଂ ପ୍ରାଇମେଟାଲ୍ସ ଟେକ୍ନୋଲୋଜିସ୍ ଇଣ୍ଡିଆ ଲିମିଟେଡର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା। ଉକ୍ତ ପ୍ରକଳ୍ପ ପାଇଁ ସ୍ୱୀକୃତି ପତ୍ର ୨୦୨୪ ଜାନୁଆରୀ ୨୩ ତାରିଖରେ ପ୍ରଦାନ କରାଯାଇଥିଲା। ପ୍ରକଳ୍ପର ମୋଟ ମୂଲ୍ୟ ୧୦୬.୪୮ କୋଟି ଟଙ୍କା ରହିଛି। ଏହି ପ୍ରକଳ୍ପ ସ୍ୱାକ୍ଷରିତ ହେବାର ପ୍ରଭାବୀ ତାରିଖରୁ ୨୦ ମାସ ମଧ୍ୟରେ ସମାପ୍ତ ହେବାର ଆଶା କରାଯାଉଛି। ଚତୁର୍ଥ ଷ୍ଟୋଭର ସ୍ଥାପନ ବ୍ଲାଷ୍ଟ ଫର୍ଣ୍ଣେସ୍ ନମ୍ବର ୫ ର କାର୍ଯ୍ୟଦକ୍ଷତା ଏବଂ ଉତ୍ପାଦକତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ତଥା ସେଲର ସାମଗ୍ରିକ ଇସ୍ପାତ ଉତ୍ପାଦନ କ୍ଷମତାରେ ଆରଏସପିର ଅବଦାନକୁ ଆହୁରି ସୁଦୃଢ଼ କରିବ। ବିସ୍ତୃତ ଯୋଜନା ଅନୁଯାୟୀ ଥିବା ଷ୍ଟୋଭଗୁଡ଼ିକର ପର୍ଯ୍ୟାୟକ୍ରମେ ଉନ୍ନତୀକରଣକୁ ମଧ୍ୟ ଏହା ସହଜ କରିବ।

## ଓଡ଼ିଶା ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ବଣାଇଁ ଗସ୍ତ

# ଜଙ୍ଗଲ ନିଆଁ ରୋକିବାକୁ ଗଡ଼ିଲା ସଚେତନତା ରଥ

**ବଣାଇଁ, ୧୧।୨(ସମିସ):** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ଆଜି ଦିନିକିଆ ବଣାଇଁ ବନଖଣ୍ଡ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବଣାଇଁ ବନଖଣ୍ଡରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ଉପରେ ଗୁରୁତ୍ୱ



ଦେବା ସହ ବଣାଇଁ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ନିଆଁ ନିବାରଣ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ବଣାଇଁ ବନଖଣ୍ଡରେ ଥିବା ୭ ଟି ରେଞ୍ଜର ବିଭିନ୍ନ ଗ୍ରାମକୁ ଯାଇ ନିଆଁକୁ ପ୍ରତିରୋଧ କରିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ସହାୟକ ହେବ ବୋଲି କହିଛନ୍ତି। ଏହି ଅବସରରେ ତୃଣମୂଳସ୍ତରରୁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବନ ସୁରକ୍ଷା ସମିତିକୁ ବନ ବିଭାଗ ପକ୍ଷରୁ ସହଯୋଗର ହାତ ବଢ଼ାଇ ବଣାଇଁ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଏକ ଜୈବିକ କୃଷିଜାତ ଦ୍ରବ୍ୟର ବିକ୍ରୟ ପାଇଁ ଏକ ଷ୍ଟଲକୁ ଶ୍ରୀ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଯାହାକି

**ପର୍ଯ୍ୟଟନ ସ୍ଥଳୀର ବିକାଶ ଉପରେ ଗୁରୁତ୍ୱ**

ଆଗାମୀ ଦିନରେ ସ୍ୱୟଂ ସହାୟକ ଗୋଷ୍ଠୀ ସହ ବନବାସୀଙ୍କ ଅର୍ଥନୈତିକ ସୁଦୃଢ଼ ଦିଗରେ ସହାୟ ହେବ। କାର୍ଯ୍ୟକ୍ରମରେ ରାଉରକେଲା ଆଞ୍ଚଳିକ ବନ ସଂରକ୍ଷକ ରାମାସ୍ୱାମୀ ପି, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ସୁନ୍ଦରଗଡ଼ ବନଖଣ୍ଡର ଶିକ୍ଷାନବୀଶ ରମେଶ କୁମାର ପ୍ରମୁଖ ଉପସ୍ଥିତ ରହିଥିଲେ।

## ୮ମ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବଲାଣିକୁ ହରାଇ ଏଡ୍‌ଭିକ୍ କ୍ଲବ୍ ଚାମ୍ପିଅନ

**ରାଉରକେଲା, ୧୧।୨(ସମିସ):** ସ୍ଥାନୀୟ ଲାଠିକଟା ବ୍ଲକ ଏରଗେଡ଼ା ସ୍କୁଲ ଖେଳପଡ଼ିଆଠାରେ ଏରଗେଡ଼ା ଫୁଟବଲ କ୍ଲବ ପକ୍ଷରୁ ଆୟୋଜିତ ୮ମ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଲାଣି ଫୁଟବଲ କ୍ଲବ୍‌କୁ ୧-୦ ଗୋଲରେ ହରାଇ ଏଡଭିକ୍ ଫୁଟବଲ କ୍ଲବ୍ ଚାମ୍ପିଅନ ହୋଇଛି। ସୂଚନାଯୋଗ୍ୟ ଯେ ଗତ ୮ ତାରିଖରୁ ଦୁଇ ଦିନ ଧରି ଏହି ୮ମ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଏରଗେଡ଼ା ସ୍କୁଲ ଖେଳପଡ଼ିଆଠାରେ ଅନୁଷ୍ଠିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚଟି ବଲାଣି ଫୁଟବଲ କ୍ଲବ୍ ଏବଂ ମନକୋର ଏଡ୍‌ଭିକ୍ ଫୁଟବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ବଲାଣି ଫୁଟବଲ କ୍ଲବ ଦଳ କୌଣସି ଗୋଲ ସ୍କୋର କରି ପାରି ନଥିଲା। ଏଡଭିକ୍ ଫୁଟବଲ କ୍ଲବ୍ ଦଳର ସଞ୍ଜୟ ଓରାମ ଗୋଟିଏ ଗୋଲ୍ ଦେଇ ଦଳକୁ ବିଜୟୀ କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଲାଠିକଟା ସରପଞ୍ଚ ଗୋପୀନାଥ ଖାଲଖୋ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ସମିତି ସଦସ୍ୟ ମଦନ ତିର୍କୀ, ସୁନିତା ଲାକ୍ରା, ସମାଜସେବୀ ସୋନୁ ସିଂହ ଭୂମିଜ, ଇଂ ଚନ୍ଦ୍ରମୋହନ ମାଝୀ, ସମାଜସେବୀ ମଙ୍ଗଳ ମୁଣ୍ଡାରୀ, ସୁବ୍ରତୀ ଅଲ୍ଲୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିଅନ୍ ଦଳ ଏଡଭିକ୍ ଫୁଟବଲ କ୍ଲବକୁ ୨୦ ହଜାର ଟଙ୍କା ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରନର୍ସ ଅପ୍ ଦଳ ବଲାଣି ଏଫ୍‌ସି ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ଏରଗେଡ଼ା ଫୁଟବଲ କ୍ଲବ୍‌ର ସଭାପତି ମନୋଜ ମୁଣ୍ଡାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଉପସଭାପତି ମହେଶ ମୁଣ୍ଡାରୀ, ଆବାସ୍ ଅଲ୍ଲୀ, ସମ୍ପାଦକ କେ ଏମ୍ ଭୂମିଜ, ଇର୍ସାଦ ଅଲ୍ଲୀ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏତଦ୍‌ବ୍ୟତୀତ ମୁରାଦ ଅଲ୍ଲୀ, ରଜାକ୍ ଅଲ୍ଲୀ, ମହାଦେବ ମୁଣ୍ଡା, ଅନୱର ଅନସାରୀ, ଅବୁଲ ଅନସାରୀ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଇ-ୱେଷ୍ଟ ସମ୍ପର୍କିତ କର୍ମଶାଳା



**ରାଉରକେଲା, ୧୧।୨(ସମିସ):** ଏସ୍‌ପିସିବି ଏବଂ ହୁଲାଡେକର ମିଳିତ ଆନୁକୂଲ୍ୟରେ ଇ-ୱେଷ୍ଟ ପରିଚାଳନା ନେଇ ଏକ କର୍ମଶାଳା ଆଜି ସ୍ଥାନୀୟ ବ୍ରାହ୍ମଣୀ କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପିସିବି ରାଉରକେଲା ଆଞ୍ଚଳିକ ଶାଖା ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଡ. ଅନୁପ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ଭିତ୍ତିପ୍ରବନ୍ଧ ଉପସ୍ଥାପନା କରି ଇ - ୱେଷ୍ଟ ପରିଚାଳନା ନେଇ ରହିଥିବା ବିଭିନ୍ନ ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଏଣିକି ରାଉରକେଲାରେ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟ ବସ୍ତୁ ସମସ୍ୟା ଦୂର ପାଇଁ ପ୍ରଚଳିତ ବ୍ୟବସ୍ଥାର ସୁଯୋଗ ନେବାକୁ ସେ ସହରବାସୀଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଏସ୍‌ପିର ପରିବେଶ ବିଭାଗ ଜିଏମ୍‌ପିସି ଦାସ, ରାଉରକେଲା ଚ୍ୟାମ୍ବର ଅଫ କମର୍ସ ଆଣ୍ଡ ଏଣ୍ଡଷ୍ଟ୍ରି ର ସଭାପତି ପ୍ରଭାତ ତିବ୍ରିୱାଲ, ଲୟନ୍ସ ଇଣ୍ଟର ନେସନାଲ ର କାଉନସିଲ ସେକ୍ରେଟାରୀ ପ୍ରାବୀନ ଅଗ୍ରୱାଲ, ହୁଲାଡେକ ରିସାଇକ୍ଲିଙ୍ଗ ପ୍ରାଇଭେଟ ଲିମିଟେଡ଼ ର ଫାଉଣ୍ଡର ତଥା ଏମଡି ନନ୍ଦନ ମଲ୍ଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହୁଲାଡେକର ରାଉରକେଲା ରିଜିଓନାଲ ପାର୍ଟନର ଗୌତମ ଜୟସ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଇ-ୱେଷ୍ଟ କଲେକ୍ସନ ପାଇଁ ଇ ରିକ୍ସା ପ୍ରଚଳନର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ପିସିବିର ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ, ଏଇଇ ପ୍ରିତମ କୁମାର ପତି, ଏଇଏସ୍ ପ୍ରଜ୍ଞାଜ୍ୟୋତି ସେନାପତିଙ୍କ ସମେତ ବିଭିନ୍ନ କାରଖାନା ଓ ଖଣିର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ଆଦର୍ଶ ପାଠାଗାର ପୁସ୍ତକ ମେଳା ଉଦ୍‌ଯାପିତ

# ତାରିଣୀ ସାହୁଙ୍କୁ 'ଲକ୍ଷ୍ମୀଧର ସାହୁ ସାରସ୍ୱତ ସମ୍ମାନ'

**ରାଉରକେଲା, ୧୧।୨(ସମିସ):** ଆଦର୍ଶ ପାଠାଗାର ଆୟୋଜିତ ୩୦ତମ ରାଉରକେଲା ପୁସ୍ତକମେଳାର ଉଦ୍‌ଯାପିତ ହୋଇଯାଇଛି। ପାଠାଗାରର ସଭାପତି ଚନ୍ଦ୍ରଶେଖର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ପ୍ରାକ୍ତନ ନିର୍ବାହୀ ନିର୍ଦ୍ଦେଶକ ଭାରତ ଭୂଷଣ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ସମ୍ପ୍ରତି ଓଡ଼ିଆ ଭାଷା ସଂଘର୍ଷମୟ ସ୍ଥିତିରେ ଥିବାବେଳେ ଏଭଳି ଏକ ପୁସ୍ତକ ମେଳା ଓ ସାହିତ୍ୟ ସଭା ଓଡ଼ିଆ ଭାଷା ପ୍ରେମୀଙ୍କ ପାଇଁ ପ୍ରେରଣା ଯୋଗାଉଛି। ୧୯୫୭ରୁ ପାଠାଗାର ଭାଷା ବଞ୍ଚାଇବା ପାଇଁ ନିରନ୍ତର ପ୍ରୟାସ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ସେ କହିଥିଲେ। ଭଞ୍ଜ ସାଂସ୍କୃତିକ ନ୍ୟାସର କାର୍ଯ୍ୟକାରୀ ସଭାପତି ତଥା ପାଠାଗାରର ଉପଦେଷ୍ଟା ଅଭୟ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାଷା ସାହିତ୍ୟ ସଂସ୍କୃତିର ପ୍ରତିବଦ୍ଧତା ଭାବେ ପାଠାଗାରର ଅବଦାନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଶିଷ୍ଟ ଗୀତିକବି ତାରିଣୀ ଚରଣ ସାହୁଙ୍କୁ ମାନପତ୍ର, ଉପଢୌକନ, ମେମୋଣ୍ଟୋ ଓ ପୁଷ୍ପଗୁଚ୍ଛ ଦିଆଯାଇ ଚଳିତବର୍ଷ ଲକ୍ଷ୍ମୀଧର ନାୟକ ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଡକ୍ଟର ସନାତନ ପ୍ରଧାନ ମାନପତ୍ର ପାଠ କରିଥିଲେ। ସମ୍ପାଦକ ଅଶୋକ କୁମାର ବଳଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସଭାପତି ଶ୍ରୀ ଶତପଥୀ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ



ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପାଠାଗାର ତରଫରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଉକ୍ତ ପ୍ରତିଯୋଗିତାର ବିଚାରକମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


# ଆର୍‌ଏସ୍‌ପି ଶିକ୍ଷାନବିସଙ୍କ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲା, ୧୧।୨(ସମିସ)



ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଓ ବିକାଶ ବିଭାଗ ଦ୍ୱାରା ଶିକ୍ଷାନବିଶଙ୍କ ପାଇଁ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା 'ସ୍ପର୍ଦ୍ଧା- ୨୦୨୫' ଉଦ୍‌ଯାପିତ ହୋଇଯାଇଛି। ଟ୍ରେନିଜ୍ ହଷ୍ଟେଲ ଷ୍ଟାଡିୟମରେ ଆୟୋଜିତ ସମାପନୀ ଉତ୍ସବରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ସିଜିଏମ ଶ୍ରୀମନ୍ତ ପଣ୍ଡା, ଏଚଆର ଏଲଆଣ୍ଡ? ବିଭାଗର ସିଜିଏମ ପି କେ ସାହୁ, ମେକାନିକାଲ୍ ବିଭାଗର ସି ଜି ଏମ ଆର କେ ରାଜେନ୍ଦ୍ରନ, ପ୍ଲେଟ୍ ମିଲ ବିଭାଗର ସିଜିଏମ ଏତୁଆ ଓରାମ, ନୂତନ ପ୍ଲେଟ ମିଲ ବିଭାଗର ସିଜିଏମ ଆର୍‌କେ ବିସାରେ ଏବଂ ୟୁଟିଲିଟି ବିଭାଗର ସି ଜି ଏମ ହୀରାଲାଲ ମହାପାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ବିଭିନ୍ନ କ୍ରୀଡ଼ା ଇଭେଣ୍ଟର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖନୀୟ ଯେ ଜ୍ଞାନାର୍ଜନ ଓ ବିକାଶ ବିଭାଗର ଅଧୀନରେ ଆସୁଥିବା ଆର୍‌ଏସ୍‌ପି ଏବଂ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ଏକ ଶହରୁ ଉର୍ଦ୍ଧ୍ୱ ଏସିଟିଟି, ଓସିଟିଟି ଏବଂ ଏମଟିଟି ଶିକ୍ଷାନବିଶ ସପ୍ତାହବ୍ୟାପୀ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶ୍ରୀ ମିଶ୍ର ତାଙ୍କ ଅଭିଭାଷଣରେ ବିଜେତାମାନଙ୍କୁ ତଥା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ କ୍ରୀଡ଼ା ମନୋଭାବ ବୃଦ୍ଧି କରିବାରେ କ୍ରୀଡ଼ାର ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସଫଳତା ସହକାରେ ପ୍ରତିଯୋଗୀତାର ଆୟୋଜନ ପାଇଁ ଏଲ ଏଣ୍ଡ ଡି ବିଭାଗର ପ୍ରୟାସର ମଧ୍ୟ ସେ ପ୍ରଶଂସା କରିଥିଲେ। ପ୍ରତିଯୋଗିତାରେ ଆୟୋଜିତ ବିଭିନ୍ନ କ୍ରୀଡ଼ା ଇଭେଣ୍ଟରେ କ୍ରିକେଟ୍, ପୁରୁଷ ଏବଂ ମହିଳାଙ୍କ ପାଇଁ ସିଙ୍ଗଲ୍ସ ଏବଂ ଡବଲ୍ସ ବ୍ୟାଡମିଣ୍ଟନ୍, ଚେସ୍, ୧୦୦ ମିଟର ଦୌଡ଼ ଏବଂ ସଟ୍ ପୁଟ୍ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା। ଟି ଏଣ୍ଡ ଆର ଏମ ବିଭାଗର ଜିଏମ ଏସ୍ କେ ଭୂୟାଁ, ଇଭେଣ୍ଟଗୁଡ଼ିକର ସୁପରିଚାଳନାରେ ସହଯୋଗ କରିଥିଲେ। ଏଚ ଆର ଏଲ ଏଣ୍ଡ ଡି ବିଭାଗ ର ବରିଷ୍ଠ ପ୍ରବନ୍ଧକ ହିମାଂଶୁ ମିଶ୍ର ଏବଂ ଏଲ୍ ଆଣ୍ଡ ଡି ବିଭାଗର ଟିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସମ୍ପାଦକୀୟ



କୌଣସି ବାହ୍ୟ ତତ୍ତ୍ୱ ଆମ ଆନ୍ତରାତ୍ମାକୁ ଶାସନ କରିପାରିବ ନାହିଁ। ଏହି ସତ୍ୟ ଜାଣିଯିବା ପରେ ଯାଇ ଆମେ ପୂର୍ଣ୍ଣ ସ୍ୱାଧୀନ ବୋଲି ଘୋଷଣା କରିପାରିବା।
-ଗୌତମ ବୁଦ୍ଧ

ସକାଳ
THE SAKALA

## ଦେବତ୍ୱର ସନ୍ଧାନ

ଉତ୍ତମ ହେଉ କି ଅଧମ କୃତ୍ରିମ ବୁଦ୍ଧିମତ୍ତା ଯଦି ପୂର୍ଣ୍ଣ ବିକଶିତ ହୋଇଯାଏ ତେବେ ତାହା ମାନବ ସଭ୍ୟତାକୁ ଧ୍ୱଂସ କରିଦେବ - ବିଗତ ଦଶନ୍ଧିରେ ପ୍ରଖ୍ୟାତ ବୈଜ୍ଞାନିକ ଷ୍ଟିଫେନ୍ ହକିଂ କରିଥିବା ଏହି ଚେତାବନୀ ସତେଯେପରି ଅପ୍ରାସଙ୍ଗିକ ହୋଇପଡ଼ିଛି ଏଆଇ ରୂପକ ଭସ୍ମାସୁରର ଆହ୍ୱାନ ଆଗରେ। ସମ୍ପ୍ରତି ମାତ୍ର ୧୦% ରୁ ୧୫% ବିକଶିତ ହୋଇଥିବା ଏଆଇର ଦାନବ-ସୁଲଭ ପ୍ରଭାବ ଡିପ୍‌ଫେକ୍, ସାଇବର କ୍ରାଇମ୍, ଡାଟା ଥେଫ୍ଟ ଆଦି ଜରିଆରେ ମାନବ ସଭ୍ୟତାକୁ ଆକ୍ରାନ୍ତ କରିସାରିଲାଣି। ଏଥିପାଇଁ ବିଶ୍ୱସ୍ତରୀୟ ଘନ ଘନ ଶୀର୍ଷସମ୍ମିଳନୀମାନ ଆୟୋଜିତ ହେଉଛି। ଆଲୋଚନା-ପର୍ଯ୍ୟାଲୋଚନା, ବିଚାର-ବିମର୍ଶ ହୋଇ କାର୍ଯ୍ୟପନ୍ଥା ସ୍ଥିର ହେଉଛି। ସମ୍ପ୍ରତି ଫ୍ରାନ୍ସରେ ଅନୁଷ୍ଠିତ ଏଆଇ ଶୀର୍ଷ ସମ୍ମିଳନୀ ଏହି ଦୃଷ୍ଟିରୁ ଅନେକ ଗୁରୁତ୍ୱ ବହନ କରେ। ଏହାପୂର୍ବରୁ ୨୦୨୩ ନଭେମ୍ବରରେ ୟୁକେର ବ୍ଲେଚ୍‌ଲି ପାର୍କରେ ୨୮ ଟି ଦେଶ ମିଳିତ ଭାବେ ଯେଉଁ ନିଷ୍କର୍ଷରେ ପହଞ୍ଚିଥିଲେ ତାହା ଏଆଇକୁ ବିକାଶମୁଖୀ, ନିଯୁକ୍ତିସୃଷ୍ଟିଭିତ୍ତିକ, ମାନବ ସଭ୍ୟତାର ସୁରକ୍ଷା କୈନ୍ଦ୍ରିକ, ବିଶ୍ୱସନୀୟ ଓ ଉତ୍ତରଦାୟୀ କରିବା ଦିଗରେ ଅଭିପ୍ରେତ ଥିଲା। ୨୦୨୪ ମେ' ମାସରେ ଦକ୍ଷିଣ କୋରିଆର ସିଓଲ୍ ଶୀର୍ଷ ସମ୍ମିଳନୀରେ ଉପରୋକ୍ତ ସଂକଳ୍ପକୁ ଦୋହରାଯାଇଥିଲା ସିନା ଏହାର ବିପଦ ଆଶଙ୍କାକୁ ପ୍ରତିହତ କରିବା ପାଇଁ ନିର୍ଦ୍ଦିଷ୍ଟ ଉପାୟ ଚିନ୍ତା କରିବା ଉପରେ ଗୁରୁତ୍ୱ ଦିଆଯାଇ ନ ଥିଲା। ବିଡ଼ମ୍ବନା ହେଉଛି ସମ୍ମିଳନୀଗୁଡ଼ିକର ନିଷ୍କର୍ଷ ବାସ୍ତବବାଦୀ ଓ ପ୍ରୟୋଗାତ୍ମକ ହେଉ ନ ଥିବାରୁ ଏବଂ ସଦସ୍ୟ ରାଷ୍ଟ୍ରମାନେ ପ୍ରତିଯୋଗିତା ମନୋବୃତ୍ତିକୁ ଅଗ୍ରାଧିକାର ଦେଇ ଏଆଇର ଦାନବସୁଲଭତାକୁ ଅଣଦେଖା କରୁଥିବାରୁ ମାନବ ସଭ୍ୟତା ପ୍ରତି ବିପଦ ଘନୀଭୂତ ହେବାରେ ଲାଗିଛି।

ପ୍ଲାଷ୍ଟିକ୍ ପରି ଏଆଇ ମଧ୍ୟ ଯେ କ୍ରମଶଃ ଆମ ଜୀବନଚକ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇସାରିଛି, ଏହାକୁ ଅସ୍ୱୀକାର କରିହେବ ନାହିଁ। ସାମ୍ପ୍ରତିକ ଇଣ୍ଟରନେଟ୍ ଆଧିପତ୍ୟ ଯୁଗରେ ଏଆଇକୁ ବାଦ୍ ଦେଇ ଉନ୍ନତି, ପ୍ରଗତି ଆଦିର ପରିକଳ୍ପନା ମଧ୍ୟ ଏକପ୍ରକାର ଅବାଞ୍ଛନୀୟ ହୋଇପଡ଼ିଛି। ତେଣୁ ଏଆଇକୁ ଆହୁରି ଉନ୍ନତ କରି ଏହାର ପ୍ରୟୋଗକ୍ଷେତ୍ର ବୃଦ୍ଧି ପାଇଁ ବିଶ୍ୱସ୍ତରରେ ନିରନ୍ତର ଉଦ୍ୟମ ଜାରି ରହିଛି। ଏଆଇର କଲ୍ୟାଣକାରୀ ରୂପ ଓ ମଙ୍ଗଳମୟ ଲକ୍ଷ୍ୟ ନିଶ୍ଚୟ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ ହେଲେ ମଧ୍ୟ ମଝିରେ ମଝିରେ ତା'ଭିତରେ ଲୁଚି ରହିଥିବା ଦାନବସୁଲଭ ଚରିତ୍ର ସାମ୍ନାକୁ ଆସିଯାଉଥିବାରୁ କେବଳ ଏଆଇ ବିପକ୍ଷବାଦୀ ବୁଦ୍ଧିଜୀବୀ ନୁହନ୍ତି, କେତେକ ରାଷ୍ଟ୍ରର ସରକାର ମଧ୍ୟ ଚିନ୍ତିତ ହୋଇପଡ଼ିଛନ୍ତି। ବିଶ୍ୱର ସବୁଠୁ ଅଗ୍ରଣୀ ଓ ବିକଶିତ ଦେଶ ଆମେରିକା ଏଆଇର ଅବାଧ ବ୍ୟାବହାରିକ ବୃଦ୍ଧି ଓ ସମ୍ଭାବ୍ୟ ବିନାଶକାରୀ କ୍ଷମତା ସମ୍ପର୍କରେ ଗତବର୍ଷ ରିପୋର୍ଟ ପାଇବା ପରେ ପ୍ରତିକାର ଖୋଜିବା ପାଇଁ ତତ୍ପର ହୋଇପଡ଼ିଥିଲା। ତତ୍କାଳୀନ ଆମେରିକା ପ୍ରଶାସନ ଗୁଗୁଲ, ମାଇକ୍ରୋସଫ୍ଟ ସମେତ ବିଭିନ୍ନ ଆଇଟି କମ୍ପାନୀର ପରିଚାଳକଙ୍କୁ ହ୍ୱାଇଟ୍‌ହାଉସକୁ ଡକାଇ ଆଲୋଚନା କରିଥିଲା। ସେଥିରୁ ମିଳିଥିବା କେତେକ ସୂଚନା ଅନୁଯାୟୀ ଆମେରିକା ସରକାର ଏଆଇର ଦୁରୁପଯୋଗ ଓ ସରକାରୀ ନିୟନ୍ତ୍ରଣହୀନତାକୁ ନେଇ ଅଧିକ ବିବ୍ରତ। ଯେତେବେଳେ ଆମେରିକା ପରି ଉନ୍ନତ ତଥା ଏଆଇର ଜନ୍ମଦାତା ତାହାର ଦାନବ ସୁଲଭ ଚରିତ୍ର ପାଇଁ ଚିନ୍ତିତ, ସେତେବେଳେ ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରଙ୍କ ପରାଭବ ଅନୁମାନସାପେକ୍ଷ। ନବ ଉଦ୍ଭାବିତ ଔଷଧ ବଜାରକୁ ଛାଡ଼ିବା ପୂର୍ବରୁ ବିଭିନ୍ନ ସ୍ତରରେ ପରୀକ୍ଷା ନିରୀକ୍ଷା ଭଳି ବ୍ୟବସ୍ଥା ଏଆଇର ବିକାଶ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ କରିବା ପାଇଁ କେତେକ ମହଲରୁ ମତ ପ୍ରକାଶ ପାଇଛି। କିନ୍ତୁ ବହୁସ୍ତରୀୟ ପରୀକ୍ଷା, କଟକଣା, ତଦାରଖ ସତ୍ତ୍ୱେ ଯଦି ଅସଲି ବ୍ରାଣ୍ଡରେ ନକଲି ଔଷଧ ବଜାରରେ ଅବାଧରେ ବିକ୍ରି ହୋଇପାରୁଛି ଏବଂ ଲୋକମାନେ ବିପଦ ବରଣ କରୁଛନ୍ତି, ଏଆଇ କ୍ଷେତ୍ରରେ ଯେ ସେଭଳି ଯେ ଘଟିବ ନାହିଁ ତାହା ନିଶ୍ଚିତ କିଏ କରିବ?

ଏକଦା ମରୁପ୍ରାନ୍ତରକୁ ଶସ୍ୟଶ୍ୟାମଳା ଓ ସ୍ୱର୍ଣ୍ଣପ୍ରସୂ କରିବା ସହିତ ମାନବ ସଭ୍ୟତାର ଅଶେଷ କଲ୍ୟାଣ ସାଧନ ପାଇଁ ପରମାଣୁର ଅଫୁରନ୍ତ ଶକ୍ତି ଉତ୍ସକୁ ବିନିଯୋଗ କରିବା ଉଦ୍ଦେଶ୍ୟରେ ଆଇନଷ୍ଟାଇନ୍‌ଙ୍କ ଉଦ୍‌ଭାବିତ ସୂତ୍ରର ଦେବତ୍ୱ ପ୍ରକଟ ହେବାର ବହୁପୂର୍ବରୁ ତାହାର ଦାନବ ସ୍ୱରୂପର ଆବିର୍ଭାବ ଘଟିଲା। ଏହା ପରେ ପରେ ଆଣବିକ ଶକ୍ତିକୁ ବିଶ୍ୱ ଶାନ୍ତି ଓ ମାନବ ସଭ୍ୟତାର ବିକାଶ ବଦଳରେ ବିଶ୍ୱବିଧ୍ୱଂସୀ ଅସ୍ତ୍ର ନିର୍ମାଣ ଓ ମହଜୁଦ ପାଇଁ ବିଶ୍ୱସ୍ତରରେ ପ୍ରତିଯୋଗିତା ଆରମ୍ଭ ହୋଇଗଲା। ଏବେ ସେହି ମାନସିକତାର ପ୍ରତିଫଳନ ଏଆଇ କ୍ଷେତ୍ରରେ ଦେଶଦେଶ ମଧ୍ୟରେ ଦେଖିବାକୁ ମିଳୁଛି। ଆମେରିକାର ଓପନ୍ ଏଆଇ, ଚାଟଜିପିଟି ଆଦିକୁ ଟକ୍କର ଦେଇ ନିକଟରେ ଚୀନ୍ ବୈଜ୍ଞାନିକଙ୍କ ଦ୍ୱାରା ଅପେକ୍ଷାକୃତ ବହୁ ସ୍ୱଳ୍ପ ମୂଲ୍ୟରେ ଅଧିକ ଦକ୍ଷ ଓ ବିକଶିତ 'ଡିପ୍‌ସେକ୍' ଆମେରିକା ସମେତ ବିଶ୍ୱର ବିକଶିତ ଦେଶମାନଙ୍କୁ ଆଚମ୍ବିତ ଓ ଚିନ୍ତିତ କରିଛି। ବୈଶ୍ୱିକ ପ୍ରତିଯୋଗିତାରେ ଦୁଇପାଦ ଆଗରେ ରହିବାର ଅହଂ ହିଁ ଏଆଇ ନିର୍ମାଣ ପ୍ରତିଯୋଗିତାକୁ(ପରମାଣୁ ବୋମା ବା ଆଣବିକ ଅସ୍ତ୍ର ନିର୍ମାଣ ଭଳି) ଆହୁରି ତୀବ୍ର କରିବାକୁ ଯାଉଛି। ଏହିକ୍ରମରେ ଭାରତ ମଧ୍ୟ ୧୦, ୩୭୧ କୋଟି ଟଙ୍କା ବ୍ୟୟରେ ଇଣ୍ଡିଆ ଏଆଇ ମିଶନ୍ ଆରମ୍ଭ କରିଛି। ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଆଇ ପ୍ୟାରିସ୍ ସମ୍ମିଳନୀରେ ଯୋଗ ଦେଇ ଏଆଇ ବିକାଶ ଓ ବ୍ୟବହାର ଦିଗରେ ଭାରତର ଅଙ୍ଗୀକାରବଦ୍ଧତାକୁ ଦୋହରାଇଛନ୍ତି।

ଏଆଇ ଯେତେ ଅଧିକ ଦକ୍ଷ ହେବ ତା'ଭିତରେ ଉଭୟ ଦେବ ଓ ଦାନବ ସୁଲଭ ଚରିତ୍ର ବିକଶିତ ହୋଇଚାଲିବ। ଏଆଇର ଏହି ଦାନବ ଚରିତ୍ର ଯଦି ଚୀନ୍, ଉତ୍ତରକୋରିଆ ପରି ଦୁଷ୍ଟ ଦେଶ ଓ ଆତଙ୍କବାଦୀ ସଂଗଠନମାନଙ୍କର ବଶତା ସ୍ୱୀକାର କରିନେବ, ତା' ଆଗରେ ଏଆଇର ଦେବସୁଲଭ ଗୁଣ ନିଷ୍ପ୍ରଭ ହୋଇ ପୁରାଣବର୍ଣ୍ଣିତ ଅତଳ ସାଗରେ ଆତ୍ମଗୋପନ କରିବା ଅବଶ୍ୟମ୍ଭାବୀ ହୋଇପଡ଼ିବ। ତପ ଶକ୍ତି ଉଭୟ ସୁର ଓ ଅସୁରଙ୍କ ପାଖରେ ଥିଲା। ସୁରମାନେ ସୃଷ୍ଟିର ସେବାରେ ସେହି ଦିବ୍ୟଶକ୍ତିକୁ ନିୟୋଜିତ କରୁଥିବା ବେଳେ ଅସୁରମାନେ ସେହି ଶକ୍ତିର ଦୁରୁପଯୋଗରେ ଧ୍ୱଂସଲୀଳା ରଚନା କରୁଥିଲେ। ଏଆଇ ଧୀସମ୍ପନ୍ନ ମସ୍ତିଷ୍କମାନଙ୍କର ଦୀର୍ଘ ଗବେଷଣା ଓ ସାଧନାସମ୍ଭୂତ କୋମଳଶକ୍ତି, ଯାହା ମାନବ ପାଇଁ ଅସାଧ ମନେ ହେଉଥିବା କାର୍ଯ୍ୟକୁ ସହଜ ଓ ସତ୍ୱରେ ସାଧନ କରିପାରେ। କିନ୍ତୁ ଏହାର ଦୁରୁପଯୋଗ ମାନବ ସଭ୍ୟତାକୁ ନିମିଷକେ ଧ୍ୱଂସ ମଧ୍ୟ କରିପାରେ। ଏବେ ସମୟ ଆସିଛି ଦେଶମାନେ ନିଜନିଜ ଉତ୍କର୍ଷ ପ୍ରତିପାଦନ ପାଇଁ କୃତ୍ରିମ ବୁଦ୍ଧିମତ୍ତାର ମଡେଲ୍ ତିଆରି ପ୍ରତିଯୋଗିତାରେ ସାମିଲ୍ ନ ହୋଇ ବରଂ ତାହାର ଦାନବ-ସୁଲଭ ଅବତାରର ଭ୍ରୂଣନଷ୍ଟ ଦିଗରେ ବ୍ରତୀ ହେବାକୁ ପଡ଼ିବ। ଏଆଇ ଭିତରେ ଦେବତ୍ୱର ସନ୍ଧାନ ପ୍ରକ୍ରିୟା ଓ ବ୍ୟବହାର ମାନସିକତା ଯେତେ ଅଧିକ ବଳଶାଳୀ ହେବ ତାହା ମାନବ ହିତୈଷୀ ହୋଇପାରିବ। ବ୍ଲେଚ୍‌ଲି ପାର୍କ, ସିଓଲ୍ କିମ୍ବା ପ୍ୟାରିସ୍ ସମ୍ମିଳନୀ ଏଆଇରେ ଦେବତ୍ୱ ଆରୋପଣ ପାଇଁ ଯଥେଷ୍ଟ ନୁହେଁ। ଦେବତ୍ୱ ଅନୁସନ୍ଧାନ ପ୍ରକ୍ରିୟା ଓ ମାନସିକତାକୁ ଆହୁରି ତୀବ୍ର ଓ ସତ୍ୱର କରିବାକୁ ହେବ।

# ଆତ୍ମହତ୍ୟାର ଆର୍ଥିକ ବୋଝ

**ଡ. ଅନ୍ତର୍ଜିତା ନାୟକ**

ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ ବ୍ୟାପାର ବିଭାଗ ଅନୁଯାୟୀ, ଭାରତ ବିଶ୍ୱର ସବୁଠାରୁ ଜନବହୁଳ ରାଷ୍ଟ୍ର ଭାବରେ ଚୀନ୍‌କୁ ଅତିକ୍ରମ କରିଛି। ସକାରାତ୍ମକ ଦୃଷ୍ଟିକୋଣରୁ, ଜନସଂଖ୍ୟା ବୃଦ୍ଧିକୁ ଜନସଂଖ୍ୟା ଜନିତ ଲାଭାଂଶର ବୃଦ୍ଧି(ଡେମୋଗ୍ରାଫିକ୍ ଡିଭିଡେଣ୍ଡ) ବୋଲି କୁହାଯାଇପାରିବ। ଗୋଟିଏ ଦେଶର ମୋଟ କର୍ମକ୍ଷମ ଜନସଂଖ୍ୟା ତୁଳନାରେ ଯଦି କର୍ମହୀନ ବା ନିର୍ଭରଶୀଳ ଜନସଂଖ୍ୟା କମ ରୁହେ, ତେବେ ସେହି ଅବସ୍ଥାକୁ ଜନସଂଖ୍ୟା ଜନିତ ଲାଭାଂଶ ବୋଲି କୁହାଯାଏ। ୟୁନେସ୍କୋ ରିପୋର୍ଟ ଅନୁଯାୟୀ, ୧୫-୬୪ ବର୍ଷ ବୟସର ଜନଗଣଙ୍କୁ କର୍ମକ୍ଷମ ଭାବେ, ୧୪ ବର୍ଷରୁ କମ ଶିଶୁ ଓ କିଶୋର ଏବଂ ୬୫ ବର୍ଷରୁ ଅଧିକ ବୟସ୍କମାନଙ୍କୁ ନିର୍ଭରଶୀଳ ବୋଲି ବିବେଚନା କରାଯାଇଛି। ଜାତିସଂଘର ଏହି ପରିସଂଖ୍ୟାନ ଅନୁଯାୟୀ, ଭାରତରେ ୬୫ ବର୍ଷର ବୟସ୍କ ଲୋକଙ୍କ ସଂଖ୍ୟା ଭାରତର ସମୁଦାୟ ଜନସଂଖ୍ୟାର ମାତ୍ର ୭% ହୋଇଥିଲା ବେଳେ ଚୀନ୍ ଓ ଆମେରିକା ଭଳି ବିକଶିତ ଦେଶମାନଙ୍କରେ ତାହା ଏବେ ଯଥାକ୍ରମେ ୧୪% ଓ ୧୭%। ଆକଳନ ଅନୁସାରେ ୨୦୫୦ ମସିହା ବେଳକୁ ଚୀନ୍‌ର କର୍ମକ୍ଷମ ଲୋକଙ୍କ ସଂଖ୍ୟା ମାତ୍ର ୫୮% ଓ ଆମେରିକାର ୬୧% ହେବାର ସମ୍ଭାବନା ଥିବା ବେଳେ ଭାରତର ଏହି ସଂଖ୍ୟା ୬୭% ରହିବାର ସମ୍ଭାବନା ଅଛି। ସେଥିପାଇଁ ଆଜି ଭାରତ ଯୁବ ରାଷ୍ଟ୍ର ରୂପେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛି।

ଏହି ସବୁ ତଥ୍ୟ, ଅନୁମାନ, ସଂଖ୍ୟା ଓ ପରିସଂଖ୍ୟାନ, ଯାହା ବର୍ତ୍ତମାନ ଆମେ ଦେଖୁଛନ୍ତି, ତା' ଆଢୁଆଳରେ ଥିବା ଅଣଦେଖା ସଙ୍କଟକୁ ଏଡ଼ାଇଦେଲେ ତାହା ବର୍ତ୍ତମାନ ଓ ଭବିଷ୍ୟତର ବିକାଶ ଓ ଅଭିବୃଦ୍ଧି ଲାଗି ବାଧକ ସାଜି ପାରେ। ସେଥିମଧ୍ୟରୁ ଯୁବ ଆତ୍ମହତ୍ୟା ଦୁଃଖଦ ଘଟଣା। ଏହା କେବଳ ପରିବାର ପାଇଁ ଏକ ଭାବପ୍ରବଣ ବିପର୍ଯ୍ୟୟ ନୁହେଁ, ବରଂ ସାରା ସମାଜ ଉପରେ ପଡୁଥିବା ଅଣଦେଖା ଆର୍ଥିକ ବୋଝ। ଭାରତ, ଯାହାର ଜନସଂଖ୍ୟାର ପ୍ରାୟ ୩୪% ଯୁବକ, ଏହି ବର୍ଗରେ ଆତ୍ମହତ୍ୟାର ବୃଦ୍ଧି କେବଳ ଏକ ସାମାଜିକ ଓ ସାଂସ୍କୃତିକ ସଙ୍କଟର ସଙ୍କେତ ଦିଏ ନାହିଁ, ବରଂ ଦେଶର ଅର୍ଥନୈତିକ ଏବଂ ବିକାଶ ଆକାଂକ୍ଷା ପାଇଁ ଏକ ଅପୂରଣୀୟ କ୍ଷତି ମଧ୍ୟ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଆଧାରରେ ଛାତ୍ରଛାତ୍ରୀ ଆତ୍ମହତ୍ୟା ସମ୍ପର୍କିତ ରିପୋର୍ଟରେ ଦର୍ଶାଯାଇଛି ଯେ, ସାମଗ୍ରିକ ଆତ୍ମହତ୍ୟା ସଂଖ୍ୟା ବାର୍ଷିକ ୨% ହାରରେ ବୃଦ୍ଧି ପାଉଥିବା ବେଳେ ଛାତ୍ର ଆତ୍ମହତ୍ୟା ମାମଲା ୪% ବୃଦ୍ଧି ପାଇଛି। ରିପୋର୍ଟରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ, ଛାତ୍ର ଆତ୍ମହତ୍ୟା ଘଟଣା ଉଭୟ ଜନସଂଖ୍ୟା ବୃଦ୍ଧି ହାର ଓ ସାମଗ୍ରିକ ଆତ୍ମହତ୍ୟା ଧାରାକୁ ଅତିକ୍ରମ କରିଚାଲିଛି।

ଗତ ଦଶନ୍ଧି ମଧ୍ୟରେ ୦ ରୁ୨୪ ବର୍ଷ ବୟସ୍କଙ୍କ ସଂଖ୍ୟା ୫୮୨ ନିୟୁତରୁ ୫୮୧ ନିୟୁତକୁ ହ୍ରାସ ପାଇଥିବା ବେଳେ ଛାତ୍ର ଆତ୍ମହତ୍ୟା ସଂଖ୍ୟା ୬, ୬୫୪ ରୁ ୧୩, ୦୪୪କୁ ବୃଦ୍ଧି ପାଇଛି। କୋଟା ଭଳି ସହର, ଯାହା ଭାରତର କୋଚିଂ ଶିଳ୍ପର କେନ୍ଦ୍ରସ୍ଥଳୀ, ସହିତ ଭାରତର ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ଏନଆଇଟି, ଆଇଆଇଟି, ଆଇଆଇଏମ, ଏମ୍ସ ଆଦି ଏହି କ୍ରମବର୍ଦ୍ଧିଷ୍ଣୁ ସଙ୍କଟ ପାଇଁ ହଟସ୍ପଟ୍ ପାଲଟିଛନ୍ତି, ଯାହା ଉପରେ ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ। ୨୦୨୩ରେ କୋଟାରେ ଦୁଇ ଡଜନରୁ ଅଧିକ ଛାତ୍ର ଆତ୍ମହତ୍ୟା କରିଥିବା ତଥ୍ୟ ସାମ୍ନାକୁ ଆସିଥିବା ବେଳେ ୨୦୨୪ ରେ ୧୬ଟି ମାମଲା ରିପୋର୍ଟ କରାଯାଇଥିଲା। ବିଭିନ୍ନ ପ୍ରୟାସ ସତ୍ତ୍ୱେ ଏହି ଦୁଃଖଦ ଧାରାକୁ ଅଟକାଇ ପାରୁନାହିଁ। ଗତ ଜାନୁଆରୀ ମାସରେ ଛଅ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି।

ମାନବ ପୁଞ୍ଜିର ବିକାଶରେ ଯୁବପିଢ଼ି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିନିଧିତ୍ୱ କରିନ୍ତି। ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସହିତ ସେମାନଙ୍କର ଉତ୍ପାଦନକ୍ଷମ ବର୍ଷ, ଦେଶର ଅର୍ଥନୀତିରେ ସେମାନଙ୍କ ଉତ୍ପାଦନ କ୍ଷମତାର ଯୋଗଦାନ ଏବଂ ଦେଶର ଜନସଂଖ୍ୟା ଲାଭାଂଶ ପ୍ରଭାବିତ ହୁଏ। ବିଶ୍ୱବ୍ୟାଙ୍କର ଏକ ରିପୋର୍ଟରେ ଦର୍ଶାଯାଇଛି ଯେ, କୁଶଳୀ ଯୁବକମାନଙ୍କ ଅକାଳମୃତ୍ୟୁ ହେତୁ ଭାରତର ଜିଡିପି କୋଟିକୋଟି ଟଙ୍କା ହରାଇପାରେ। ଛାତ୍ରଛାତ୍ରୀମାନେ ବା ଆମ କର୍ମକ୍ଷମ ଯୁବ ପିଢ଼ି ଦେଶର ପୁଞ୍ଜି। ଯଦି ଦେଶର ଉଜ୍ଜ୍ୱଳ ତଥା ଯୋଗ୍ୟ ଛାତ୍ରଛାତ୍ରୀ ଓ ଯୁବକମାନେ ଆତ୍ମହତ୍ୟା କରନ୍ତି, ତେବେ ଉତ୍ପାଦନକାରୀ ଶ୍ରମ ଏବଂ ଅଣ-ଉତ୍ପାଦକ ଗ୍ରାହକଙ୍କ ମଧ୍ୟରେ ଅସନ୍ତୁଳନ ଦେଖା ଦେବ, ଯେଉଁଠାରେ ଅଣ-ଉତ୍ପାଦକ ଉପଭୋକ୍ତା ଉତ୍ପାଦକ ଯୋଗଦାନକାରୀ ଓ ସେମାନଙ୍କ ଉତ୍ପାଦନ ଅବଦାନକୁ ଅତିକ୍ରମ କରିବ। ଦେଶର ଅର୍ଥନୀତି ଲାଗି ଏହା ଏକ ଶୁଭସଂକେତ ନୁହେଁ।

ମାନବ ପୁଞ୍ଜି ସିଦ୍ଧାନ୍ତରେ ଦର୍ଶାଯାଇଛି ଯେ ଶିକ୍ଷା ଓ ଦକ୍ଷତା ବିକାଶରେ ନିବେଶ, ଉତ୍ପାଦକତା ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଉର୍ଦ୍ଧ୍ୱମୁଖୀ କରିଥାଏ। କିନ୍ତୁ ଯୁବ ଆତ୍ମହତ୍ୟା ଏହି ଚକ୍ରକୁ ବ୍ୟାହତ କରେ। ଉଦାହରଣ ସ୍ୱରୂପ, ଜଣେ ଛାତ୍ରଙ୍କ ଶିକ୍ଷାରେ ବର୍ଷ ବର୍ଷ ଧରି କରାଯାଇଥିବା ନିବେଶ ଖର୍ଚ୍ଚ, ଆତ୍ମହତ୍ୟା ସହିତ ବ୍ୟର୍ଥ ହୋଇଯାଏ, ଯାହା ଆର୍ଥିକ ଉତ୍ପାଦନରେ କ୍ଷତିର କାରଣ ହୋଇଥାଏ। ଆର୍ଥିକ ଦୃଷ୍ଟିକୋଣରୁ, ଯୁବ ଆତ୍ମହତ୍ୟା ସହିତ ଶ୍ରମଶକ୍ତି, ନବସୃଜନତା ଓ ଅର୍ଥନୈତିକ ଅଭିବୃଦ୍ଧିରେ ଅବଦାନ ସ୍ଥାୟୀ ଭାବେ ସମାପ୍ତ ହୋଇଯାଏ। ପ୍ରତ୍ୟେକ ଶିକ୍ଷିତ, ଉପଯୁକ୍ତ ଓ କର୍ମ ନିଯୁକ୍ତ ଯୁବକ କେବଳ ନିଜ ଘରୋଇ ଆୟରେ ଯୋଗଦାନ କରନ୍ତି ନାହିଁ, ବରଂ ଉପଭୋଗ ଓ ନିବେଶ ମାଧ୍ୟମରେ ବ୍ୟାପକ ଅର୍ଥବ୍ୟବସ୍ଥାରେ ମଧ୍ୟ ଯୋଗଦାନ କରନ୍ତି, ଯାହା ଯୁବ ଆତ୍ମହତ୍ୟା ସହିତ ବାଧାପ୍ରାପ୍ତ ହୋଇଥାଏ। ଅକାଳ ଜୀବନହାନି, ଘରୋଇ ଆୟକୁ ହ୍ରାସ କରିଥାଏ ଏବଂ ଆର୍ଥିକ କାର୍ଯ୍ୟକଳାପକୁ ହ୍ରାସ କରି ଏକ ତରଙ୍ଗ ପ୍ରଭାବ ସୃଷ୍ଟି କରେ, ଯାହା ସ୍ଥାନୀୟ ଏବଂ ଜାତୀୟ ଅର୍ଥନୀତିକୁ ପ୍ରଭାବିତ କରେ।

ଭାରତରେ ଯୁବ ଆତ୍ମହତ୍ୟା ହାର ବୃଦ୍ଧି ହେଉଛି ମନସ୍ତାତ୍ତ୍ୱିକ, ସାମାଜିକ ଏବଂ ବ୍ୟବସ୍ଥିତ କାରଣଗୁଡ଼ିକର ଏକ ଜଟିଳ ପାରସ୍ପରିକ କ୍ରିୟା। ଭାରତର ଶିକ୍ଷା ବ୍ୟବସ୍ଥା ସାମଗ୍ରିକ ବିକାଶ ତୁଳନାରେ ଶ୍ରେଣୀ ପରୀକ୍ଷାଗତ ସଫଳତା ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଥାଏ। କୋଟାରେ ଛାତ୍ରଛାତ୍ରୀମାନେ କଠିନ ପରିସ୍ଥିତିରେ ଦିନକୁ ୧୪-୧୬ ଘଣ୍ଟା ଅଧ୍ୟୟନ କରିବାକୁ ବାଧ୍ୟ। ବିଫଳତା ଓ ନିରନ୍ତର ପ୍ରତିଯୋଗିତାର ଭୟ ଏକ ବିଷାକ୍ତ ପରିବେଶ ସୃଷ୍ଟି କରିଦିଏ, ଯାହା ଅନେକଙ୍କୁ ଅବସାଦ ଆଡ଼କୁ ଠେଲି ଦିଏ। ମାନସିକ ସ୍ୱାସ୍ଥ୍ୟ ଭାରତରେ ଏକ କମ ଆଲୋଚିତ ବିଷୟ। ଚିନ୍ତା, ଅବସାଦ କିମ୍ବା ଅବସାଦ ସହିତ ସଂଘର୍ଷ କରୁଥିବା ଛାତ୍ରଛାତ୍ରୀମାନେ ସମାଜ ଓ ପରିବାର ଭୟ ହେତୁ କ୍ୱଚିତ୍ ସାହାଯ୍ୟ ମାଗନ୍ତି। ଏପରିକି ଯେତେବେଳେ ସେମାନେ ସାହାଯ୍ୟ ଲୋଡ଼ନ୍ତି, ସେତେବେଳେ ତାଲିମପ୍ରାପ୍ତ ପରାମର୍ଶଦାତା ଓ ପେସାଦାର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅଭାବ ଏହି ସମସ୍ୟାକୁ ଅଧିକ ବୃଦ୍ଧି କରିଦିଏ। ପିଲାମାନଙ୍କ ସଫଳତା ପାଇଁ ପିତାମାତାଙ୍କ ଆକାଂକ୍ଷା ଅଯଥା ଚାପରେ ପରିଣତ ହୁଏ। ଅନେକ ପିତାମାତା ଇଞ୍ଜିନିୟରିଂ କିମ୍ବା ଡାକ୍ତରୀ ଡିଗ୍ରୀକୁ ସଫଳତାର ଏକମାତ୍ର ମାର୍ଗ ଭାବରେ ଦେଖନ୍ତି, ଯାହା ସେମାନଙ୍କ ପିଲାମାନଙ୍କର ଆବେଗ ଓ ମାନସିକ ସୁସ୍ଥତା ପ୍ରତି ଧ୍ୟାନ ଦିଏ ନାହିଁ। ଉଚ୍ଚ ଶିକ୍ଷାନୁଷ୍ଠାନର ଅନେକ ଛାତ୍ରଛାତ୍ରୀ ଛାତ୍ରାବାସରେ ବା ଘରୁ ଦୂରରେ ରୁହନ୍ତି, ଯାହା ସେମାନଙ୍କୁ ନିଜର ମାନସିକ ଅସୁସ୍ଥତା ସହିତ ମୁକାବିଲା କରିବା ଲାଗି କଷ୍ଟକର ହୋଇପଡ଼େ।

ଯୁବ ଆତ୍ମହତ୍ୟା ଜନିତ ଆର୍ଥିକ ବୋଝ ଓ ସାମାଜିକ ପ୍ରଭାବକୁ ସମାଧାନ କରିବା ପାଇଁ ଏକ ବହୁମୁଖୀ ଆଭିମୁଖ୍ୟ ଆବଶ୍ୟକ। ଶିକ୍ଷାନୁଷ୍ଠାନଗୁଡ଼ିକରେ ତାଲିମପ୍ରାପ୍ତ ମାନସିକ ସ୍ୱାସ୍ଥ୍ୟ ପେସାଦାରଙ୍କ ସଂଖ୍ୟା ବୃଦ୍ଧି, ସ୍କୁଲ ପାଠ୍ୟକ୍ରମରେ ଜୀବନକୌଶଳ ଓ ଚାପ ପରିଚାଳନା କାର୍ଯ୍ୟକ୍ରମକୁ ସାମିଲ କରିବା, ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କର ମାନସିକ ସ୍ୱାସ୍ଥ୍ୟ ଓ ବ୍ୟକ୍ତିଗତ ଇଚ୍ଛାକୁ ଗୁରୁତ୍ୱ ଦେବା ପାଇଁ ଉତ୍ସାହିତ କରିବା, ଶିକ୍ଷାନୁଷ୍ଠାନରେ ମାନସିକ ସ୍ୱାସ୍ଥ୍ୟ ସମୀକ୍ଷାକୁ ବାଧ୍ୟତାମୂଳକ, ଛାତ୍ରଛାତ୍ରୀଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ କୋଚିଂ ସେଣ୍ଟରରେ କଠୋର ନିୟମାବଳୀ କାର୍ଯ୍ୟକାରୀ କରିବା ଆଦି କିଛି ଆନୁଷ୍ଠାନିକ ପଦକ୍ଷେପର ଅନୁସରଣ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ସମସ୍ୟାର ମୁକାବିଲା ନିମନ୍ତେ ଲାଭଦାୟକ ହୋଇପାରିବ। ନୀତି ନିର୍ଦ୍ଧାରକମାନେ ମାନସିକ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ନିବେଶକୁ ପ୍ରାଥମିକତା ଦେବା ଉଚିତ, ଯାହା ସହଜ ଓ ସୁଲଭ ମାନସିକ ଯତ୍ନକୁ ସୁନିଶ୍ଚିତ କରିବ। ପରିବାର ଓ ସମଗ୍ର ସମାଜ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱକୁ ସ୍ୱୀକାର କରିବା ଉଚିତ। ଯୁବ ଆକାଂକ୍ଷା ଏବଂ ଆହ୍ୱାନଗୁଡ଼ିକ ପ୍ରତି ଅଧିକ ସହାନୁଭୂତିଶୀଳ ଓ ସମାବେଶୀ ଆଭିମୁଖ୍ୟ ଗ୍ରହଣ କରିବା ଉଚିତ।

ଭୁବନେଶ୍ୱର, ୬୩୭୦୯୦୫୯୪୭

# ସାମାଜିକ ବିପ୍ଳବର ବାର୍ତ୍ତାବହ ସନ୍ଥ ଭୀମଭୋଇ

**ପ୍ରଦ୍ୟୁମ୍ନ ରଥ**

ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ମହାନ ସନ୍ଥକବି ଭୀମଭୋଇ ତାଙ୍କ କାଳଜୟୀ ରଚନା ମାଧ୍ୟମରେ ଲୋକଲୋଚନକୁ ଆସିଥିଲେ। ଗୁରୁ ମହିମା ସ୍ୱାମୀଙ୍କ ଆଶୀର୍ବାଦ ପ୍ରାପ୍ତ ଆଦିବାସୀ ଯୁବକ ଭୀମଭୋଇ ତାଙ୍କ ରଚିତ ଭକ୍ତି ସାହିତ୍ୟ ମାଧ୍ୟମରେ ସାରା ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲେ। ଯେଉଁଥିପାଇଁ ବିଶ୍ୱ ଜାତିସଂଘରେ ତାଙ୍କରି ଲେଖା-

'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କେବା ସହୁ / ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ।' ଓଡ଼ିଆ କବି ଡ. ମାୟାଧର ମାନସିଂହଙ୍କ ଦ୍ୱାରା ଅନୂଦିତ ହୋଇ ସ୍ଥାନ ଲାଭ କରିବାରେ ସକ୍ଷମ ହୋଇଥିଲା। ନିଜକୁ ନର୍କରେ ନିକ୍ଷେପ କରି ବିଶ୍ୱର କଲ୍ୟାଣ କାମନା କରିବାର ଐକାନ୍ତିକ ବାସନା ବିଶ୍ୱ ସାହିତ୍ୟ ଜଗତରେ ଅନନ୍ୟ ଥିଲା। ଭାରତୀୟ ସଂସ୍କୃତିରେ ଥିବା ଜାତିବାଦକୁ ଭୀମଭୋଇ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ ଓ ବିରୋଧ କରିଥିଲେ।

ବାସ୍ତବରେ ଭୀମଭୋଇଙ୍କ ଦର୍ଶନ ଆର୍ଯ୍ୟ ସନାତନ ବୈଦିକ ଧର୍ମର ମୂଳଭିତ୍ତି ଉପରେ ହିଁ ପର୍ଯ୍ୟବସିତ ହୋଇଥିଲା। ଶାସ୍ତ୍ରାନୁଯାୟୀ ବିଶ୍ୱରେ ସପ୍ତ-ଚିରଞ୍ଜୀବୀଙ୍କ ମଧ୍ୟରେ ମହର୍ଷୀ ବ୍ୟାସଦେବ ଅନ୍ୟତମ। ସେ ହେଉଛନ୍ତି ଅଷ୍ଟାଦଶ ପୁରାଣର ରଚୟିତା। ତାଙ୍କୁ ମଧ୍ୟ 'ବ୍ୟାସାୟ ବିଷ୍ଣୁ ରୂପାୟ' ବୋଲି କୁହାଯାଇଥାଏ। ଅଷ୍ଟାଦଶ ପୁରାଣ ମଧ୍ୟରେ ସାର ହେଲା 'ଗୀତାଭାଷ୍ୟ'। ଏହା ମହାଭାରତ ଯୁଦ୍ଧରେ ରାଷ୍ଟ୍ରନାୟକ ଅସାଧାରଣ କୂଟନୀତିଜ୍ଞ କୃଷ୍ଣ ଦ୍ୱୈପାୟନଙ୍କ କର୍ମକୁଣ୍ଠ ଅର୍ଜୁନଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ନିଃସୃତ ଶାସ୍ତ୍ରବାଣୀ। ଏଥିରେ ଜାତିବାଦକୁ ନେଇ ସେ କହିଥିଲେ, 'ଚାତୁର୍ବର୍ଣ୍ଣଂ ମୟା ସୃଷ୍ଟଂ ଗୁଣକର୍ମ ବିଭାଗତାଃ'। ଜନ୍ମକୁ ନେଇ ନୁହେଁ, ବରଂ କର୍ମକୁ ନେଇ ସମାଜରେ ଚାରିବର୍ଣ୍ଣ ବା ଜାତିର ପ୍ରଚଳନ ଥିଲା। ଏଥିରେ ସମାଜର ମାର୍ଗଦର୍ଶକ ଓ ଶିକ୍ଷାବିତ୍ ଥିଲେ ବ୍ରାହ୍ମଣ, ରାଜ୍ୟ ରକ୍ଷାରେ ତଥା ସମାଜରେ ଧର୍ମ ଓ ଶୃଙ୍ଖଳା ରକ୍ଷାରେ ନିୟୋଜିତ ବ୍ୟକ୍ତିବିଶେଷ ଥିଲେ କ୍ଷତ୍ରିୟ, କୃଷି, ଗୋପାଳନ, ବ୍ୟବସାୟ ଓ ବାଣିଜ୍ୟାଦି ଦ୍ୱାରା ସମାଜର ସମୃଦ୍ଧି ଆଣୁଥିବା ବ୍ୟକ୍ତି ଥିଲେ ବୈଶ୍ୟ ଏବଂ ସମାଜକୁ ନାନାବିଧ ସେବା ଯୋଗାଉଥିବା ଓ ନୂତନ ବସ୍ତୁ ଉଦ୍ଭାବନ କରି ସମାଜର ପ୍ରଗତି ଘଟାଉଥିବା ବ୍ୟକ୍ତିବିଶେଷ ଶୂଦ୍ର ରୂପେ ପରିଚିତ ଥିଲେ।



ଶୂଦ୍ରମୁନି ବା ସୂତମୁନି ଅନ୍ୟାନ୍ୟ ବର୍ଗର ଋଷିମାନଙ୍କୁ ମଧ୍ୟ ଶିକ୍ଷା ଦେଉଥିବାର ଦୃଷ୍ଟାନ୍ତ ପୁରାଣମାନଙ୍କରେ ରହିଛି। ସ୍ୱର୍ଗ ବାରାଙ୍ଗନା ଉର୍ବଶୀ ଓ ବ୍ରହ୍ମାଙ୍କ ମିଳନରୁ ବ୍ରହ୍ମର୍ଷୀ ବଶିଷ୍ଠଙ୍କର ଜନ୍ମ ହୋଇଥିଲା। ଏହିପରି ବଶିଷ୍ଠ ଓ ଚାଣ୍ଡାଳ (ଶୂଦ୍ର) କନ୍ୟା ଅରୁନ୍ଧତୀଙ୍କ ସଂଭୋଗରୁ ଶକ୍ତିମୁନୀଙ୍କ ଜନ୍ମ ହୋଇଥିଲା। ଶକ୍ତିମୁନୀ ଓ ଶବର କନ୍ୟାଙ୍କ ଔରସରୁ ମହର୍ଷୀ ପରାଶର ସମ୍ଭୂତ ହୋଇଥିଲେ। ପରାଶର ଏବଂ କୈବର୍ତ୍ତ କନ୍ୟା ସତ୍ୟବତୀଙ୍କ ଔରସରୁ ମହାମୁନୀ ବ୍ୟାସଦେବଙ୍କର ଜନ୍ମ ହୋଇଥିଲା।

ଏକଦା ସ୍ୱର୍ଗସ୍ଥିତ ସୁଧର୍ମା ସଭାରେ ନାରଦମୁନୀ ଦେବଗଣ କର୍ତ୍ତୃକ ଉପରୋକ୍ତ ଚାରି ମହାମୁନୀଙ୍କୁ ଅର୍ଘ୍ୟ ଦାନ କରି ସମ୍ମାନିତ କରିବା ଯୋଜନାକୁ ବର୍ଣ୍ଣସଙ୍କର କହି ବିରୋଧ କରିବାରୁ ବ୍ୟାସଦେବଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀବତ୍ସ ମୁନୀ କ୍ରୋଧ ଜର୍ଜରିତ ହୋଇ ବୈକୁଣ୍ଠଶାୟୀ ବିଷ୍ଣୁଙ୍କୁ ଏହାର ଯଥାର୍ଥ ସମୟରେ ପ୍ରଶ୍ନ କରିବାକୁ ଯାଇଥିବା ବେଳେ ଛଳନାରେ ଶୟନରତ ମହାପ୍ରଭୁ ଶ୍ରୀବିଷ୍ଣୁଙ୍କ ବକ୍ଷଦେଶରେ ପଦାଘାତ କରିଥିଲେ। ଏଥିରେ ନିଦ୍ରାଭଗ୍ନ ଶ୍ରୀବିଷ୍ଣୁ ବ୍ରାହ୍ମଣ ଶ୍ରୀବତ୍ସଙ୍କ ପାଦକୁ ଆଉଁସି ଦେଇ ମୋ ବକ୍ଷ ବଜ୍ରଠାରୁ କଠିନ ବୋଲି କହିଥିଲେ ଏବଂ ସେହିଦିନଠାରୁ ନିଜକୁ 'ଶ୍ରୀବତ୍ସ ଲାଞ୍ଛନ' ନାମରେ ଅଭିହିତ କରି ସ୍ୱବକ୍ଷ ଦେଶରେ ଶ୍ରୀବତ୍ସ ବ୍ରାହ୍ମଣଙ୍କ ପଦଚିହ୍ନକୁ ଧାରଣ କରିଥିଲେ। ରାମାବତାରରେ ଅସ୍ପୃଶ୍ୟା ଶବରୀର ଉଚ୍ଛିଷ୍ଟ ଫଳ ଭକ୍ଷଣ କରିବା, କୃଷ୍ଣାବତାରରେ ଦାସୀପୁତ୍ର ବିଦୂର ଘରେ ଭୋଜନ କରିବା ଏବଂ କଳିଯୁଗାବତାର ମହାପ୍ରଭୁ ଶ୍ରୀଜଗନ୍ନାଥ ଭାବେ ମା' ଲକ୍ଷ୍ମୀଙ୍କ ଅନୁରୋଧରେ ଜାତିଭେଦ ଦୂର କରିବା ପାଇଁ ଆବ୍ରହ୍ମଚଣ୍ଡାଳ ମହାପ୍ରସାଦ ସେବନ କରିବା ଏ ସମାଜର ଜାତିଗତ ବିଭେଦକୁ ପ୍ରତ୍ୟାଖ୍ୟାନ କରିବାର ମହନୀୟ ଉଦାହରଣ ମାତ୍ର। ସେଇଥିପାଇଁ ତ ସନ୍ଥ ଭୀମଭୋଇ ତାଙ୍କ ରଚିତ 'ସ୍ତୁତି ଚିନ୍ତାମଣି'ର ୭୦ତମ ବୋଲିରେ ବଜ୍ର ନିର୍ଘୋଷ କଣ୍ଠରେ ଗାଇଲେ-

ଛତିଶ କୁଳ ଯେ ବାଉନ ପାଟକ ଯାଚି ବୋଲା ନାହିଁ ଯାଏ, ପାଣି ଅନ୍ତର ପାଟକ ସିନା ଏହି ସୁପଣ୍ଡିତେ କର ନ୍ୟାୟେ।୧୨। / ତିନି ବ୍ରହ୍ମାଣ୍ଡରେ ଲୋଡ଼ିଆସ ତୁମେ ଏକଜଣ ଏକ ଜାତି, ସେହି ସବୁଙ୍କୁ ଶତ ଜାତି କରିଛି ତାହାର ରଚିଲା ପୃଥ୍ୱୀ।୧୩। / ସ୍ତିରୀ ପୁରୁଷ ଦୁହିଁଙ୍କୁ ଗଢ଼ିଅଛି ଯୋଡ଼ିଏ ସ୍ୱରୂପ ଦେଖ, ଦ୍ୱିତୀୟ ଜାତିରୁ ତିନିଜାତି ନାହିଁ ସୁଜନେ କର ବିବେକ।୧୪। / ପାଣି ପବନରୁ ସଞ୍ଚରି ଅଛନ୍ତି ଦେହ ଧାରୀଚନ୍ତି ଯେତେ, ସ୍ଥାବର ଜଙ୍ଗମ କୀଟରୁ ପତଙ୍ଗ ଚଳ ଅଚଳ ସହିତେ।୧୫।

ସ୍ଥାବର ଜଙ୍ଗମ କୀଟ ପତଙ୍ଗଠାରୁ ଆରମ୍ଭ କରି ପଶୁପକ୍ଷୀ, ସରୀସୃପ ଓ ମାନବ ଯାଏଁ ସର୍ବତ୍ର ସମଦର୍ଶନ ଓ ସର୍ବଦେହେ ଏକବ୍ରହ୍ମର ଦର୍ଶନ ସେ ପାଇଛନ୍ତି। ଏହା ହିଁ ତ ବ୍ୟାସ ରଚିତ ଅଷ୍ଟାଦଶ ପୁରାଣର ସର୍ବସାର। ସର୍ବତ୍ର ହରିଦର୍ଶନର ଭାବ। ସବୁ ଜୀବାତ୍ମା, ପରମାତ୍ମା ପରଂବ୍ରହ୍ମଙ୍କର ପ୍ରକାଶ ବୋଲି ପଣ୍ଡିତମାନେ ମତ ଦେଇଥା'ନ୍ତି। ଏଥିରେ ଅସ୍ପୃଶ୍ୟତା ଓ ଜାତିବାଦ ଆସିଲା କେଉଁଠୁ? ପ୍ରସଙ୍ଗକ୍ରମେ ଭୀମଭୋଇଙ୍କ ମୌଖିକ ରଚନାକୁ ଚାରି ବ୍ରାହ୍ମଣ ପଣ୍ଡିତ ହରିପଣ୍ଡା, ବାସୁପଣ୍ଡା, ମାର୍କଣ୍ଡ ଦାସ ଓ ଧର୍ମାନନ୍ଦ ଦାସ ହିଁ ଲେଖାରୂପ ଦେଇଥିଲେ। ସାମାଜିକ ବିପ୍ଳବର ଏହି ମହାନ ବାର୍ତ୍ତାବହଙ୍କୁ ଆମର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି।

ଢେଙ୍କାନାଳ, ମୋ: ୯୪୩୭୨୯୧୮୨୩

# ସିଂହଦ୍ୱାରରେ ପତିତପାବନ

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ଏହି ଶୀର୍ଷକରେ ଗତ ସପ୍ତାହରେ ଆମେ ସାଲବେଗଙ୍କ ଆଖ୍ୟାନ ପଢ଼ିଥିଲେ। ଏଥିସହିତ ଜଡ଼ିତ ଐତିହାସିକ କଥାବସ୍ତୁ ବିଷୟରେ ଚଳିତ ଅଧ୍ୟାୟରେ ଜାଣିବା। ୧୭୨୭ ମସିହାରେ ତକି ଖାଁ ଓଡ଼ିଶାର ନାଏବ ନାଜିମ ପଦରେ ନିଯୁକ୍ତ ହେବା ପରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ଏବଂ ମନ୍ଦିର ଓ ଦିଅଁଙ୍କୁ କ୍ଷତି କରିବା ତା'ର ପ୍ରଥମ ଲକ୍ଷ୍ୟ ହେଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆମାନଙ୍କର ପରମାରାଧ୍ୟ ଦେବତା ଥିବାରୁ ତାଙ୍କ ମନ୍ଦିରକୁ ଧ୍ୱଂସ କରି ରତ୍ନଭଣ୍ଡାର ଲୁଟ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଆକ୍ରମଣ କଲା। ଓଡ଼ିଶାର ତତ୍କାଳୀନ ଗଜପତି ଭୋଇ ବଂଶର ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କୁ ତକି ଖାଁ ଯୁଦ୍ଧରେ ପରାସ୍ତ କରି ବନ୍ଦୀ କରି କଟକରେ ରଖିଲା। ଇତିମଧ୍ୟରେ ଗଜପତି ତକି ଖାଁର ଭଉଣୀ ଅପୂର୍ବ ସୁନ୍ଦରୀ ରେଜିୟାର ପ୍ରେମରେ ପଡ଼ି ଯାଇଥିଲେ। ରେଜିୟା ମଧ୍ୟ ରାମଚନ୍ଦ୍ର ଦେବଙ୍କ ପ୍ରତି ଆକର୍ଷିତ ହୋଇସାରିଥିଲା। ତକି ଖାଁ ଏ ଖବରପାଇ ନିଜ ଭଉଣୀକୁ ବାହା ହେବା ପାଇଁ ଗଜପତିଙ୍କୁ ବାଧ୍ୟ କଲା। ଚତୁର ଗଜପତି ଏହି ସୁଯୋଗକୁ ପ୍ରୟୋଗ କରି ମହାପ୍ରଭୁଙ୍କୁ ଯବନ ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ଚିନ୍ତା କଲେ। ସେ ରେଜିୟାକୁ ବିବାହ କରି ଧର୍ମାନ୍ତରିତ ହେଲେ। ତକି ଖାଁ ରାମଚନ୍ଦ୍ରଙ୍କୁ ମୁକ୍ତ କରିଦେଲା। ରାଜା ନବବଧୂସହ ଫେରିବା ବେଳକୁ ରିକ୍ତ ରାଜବାଟୀ ତାଙ୍କୁ ଅପେକ୍ଷା କରି ରହିଥିଲା।

ଗଜପତି ଧର୍ମାନ୍ତରିତ ହୋଇଥିଲେ ମଧ୍ୟ ମନରେ ମହାପ୍ରଭୁଙ୍କ ପ୍ରତି ଅପାର ଭକ୍ତି ଥିଲା। ମହାପ୍ରଭୁଙ୍କ ଉପରେ ଯବନ ଆକ୍ରମଣର ଭୟ ଦୂର ହେଲା ବୋଲି ଚିନ୍ତା କରି ସେ ଆଶ୍ୱସ୍ତ ହେଲେ। କିନ୍ତୁ ସେ ଯେତେବେଳେ ଖବର ପାଇଲେ ଯେ ମୁକ୍ତିମଣ୍ଡପ ପଣ୍ଡିତସଭା ତାଙ୍କର ମନ୍ଦିର ପ୍ରବେଶ ବାରଣ କରିଛନ୍ତି, ଏକାଦଶୀ ଦିନ ଚୂନରା ସେବକମାନେ ମହାଦୀପ ନେଇ ମନ୍ଦିର ଚୂଡ଼ାରେ ତାଙ୍କ ନାମ ଡାକ ଦେଉ ନାହାନ୍ତି, ସେ ମର୍ମାହତ ହେଲେ। ରାତି ଅଧ ସରିକି ଯେତେବେଳେ ସାରା ଜଗତ ଶୋଇ ଯାଇଥିଲା ସେ ଘୋଡ଼ାଚଢ଼ି ଶ୍ରୀକ୍ଷେତ୍ର ଅଭିମୁଖେ ଚାଲିଲେ। ସିଂହଦ୍ୱାର ସମ୍ମୁଖରେ ଘୋଡ଼ାକୁ ଠିଆ କରାଇ ଦୁଇ ହାତ ଉପରକୁ ଟେକି ମହାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲେ - 'ମହାପ୍ରଭୁ ବଳିଆର ଭୁଜ! ପରିବାର ମୋତେ ଛାଡ଼ି ଚାଲିଗଲେ। ଏବେ ଆପଣଙ୍କ ଦର୍ଶନରୁ ବଞ୍ଚିତ ହେଲେ ମୋର ଏ ଛାର ଜୀବନରେ କି ଲାଭ?' ଭକ୍ତର ଆକୁଳ ପ୍ରାର୍ଥନାରେ ମହାପ୍ରଭୁଙ୍କ ଆସନ କମ୍ପିଲା। ମହାପ୍ରଭୁ ପହୁଡ଼ ବେଶରେ ସିଂହଦ୍ୱାରକୁ ଭକ୍ତପାଖକୁ ଧାଇଁ ଆସିଲେ। ରାଜା ମହାପ୍ରଭୁଙ୍କୁ ଦର୍ଶନ କରି ସେହିଠାରେ ଭୂମିରେ ପଡ଼ି ସାଷ୍ଟାଙ୍ଗ ପ୍ରଣିପାତ କଲେ। ସେ ଉଠିବା ବେଳକୁ ମହାପ୍ରଭୁ ଅନ୍ତର୍ହିତ ହୋଇ ଯାଇଥିଲେ। ଗଜପତି ମହା ଆନନ୍ଦରେ ଖୋର୍ଦ୍ଧା ଫେରିଗଲେ।

ପରଦିନ ସକାଳୁ ସେବକମାନେ ଶ୍ରୀମନ୍ଦିର ମୁଦ ଖୋଲି ଭିତରକୁ ପଶିବାବେଳେ ବାଇଶି ପାହାଚରେ ଶ୍ରୀଅଙ୍ଗ ଛଡ଼ା ଫୁଲ, ତୁଳସୀ ଆଦି ପଡ଼ିଥିବାର ଦେଖିଲେ। ଭିତର ବେଢ଼ା ଏପରିକି ଗର୍ଭଗୃହରେ ମଧ୍ୟ ଏକା କଥା ଦେଖିବାକୁ ମିଳିଲା। ମହାପ୍ରଭୁଙ୍କ ପଲଙ୍କର ଶେଯ ତକିଆ ମଧ୍ୟ ଏପଟସେପଟ ହୋଇ ପଡ଼ିଥିଲା। ତା'ହେଲେ ପ୍ରଭୁ ପହୁଡ଼ ଛାଡ଼ି ଯାଇଥିଲେ କୁଆଡ଼େ? ତା' ପରଦିନ ସେହି ଘଟଣାର ପୁନରାବୃତ୍ତି ଘଟିବାରୁ ବଡ଼ପଣ୍ଡା ମହାପ୍ରଭୁଙ୍କ ପାଖରେ ଗୁହାରିଆ ପଡ଼ିଲେ। ମହାପ୍ରଭୁ ଶୂନ୍ୟବାଣୀ କରି କହିଲେ - 'ବଡ଼ପଣ୍ଡା! ରାଜା ରାମଚନ୍ଦ୍ର ଦେବ ମୋର ପରମ ଭକ୍ତ। ମୋର ମାନ ରକ୍ଷା କରିବା ପାଇଁ ସେ ଜାତିଭ୍ରଷ୍ଟ ହୋଇଛି। ସେ ସବୁଦିନ ଅଧା ରାତିରେ ମୋର ଦର୍ଶନ ପାଇଁ ଆସୁଥିବାରୁ ମୋତେ ପହୁଡ଼ ଛାଡ଼ି ଗୁମୁଟକୁ ଆସିବାକୁ ପଡୁଛି। ଏଣିକି ମୁଁ ତା'ର ଦର୍ଶନ ପାଇଁ ଗୁମୁଟରେ ବିରାଜମାନ କରିବି। ସେଠାରେ ମୋର ସମସ୍ତ ନୀତି ପାଳନ କରାଯିବ। ରାଜା ଯେତେବେଳେ ଚାହିଁଲେ ମୋତେ ଓ ମୋର ନୀତି ଦର୍ଶନ କରି ପାରିବେ।'

ତା' ପରଦିନ ପଣ୍ଡିତମାନଙ୍କର ସଭା ବସିଲା। ନିଷ୍ପତ୍ତି ହେଲା ଯେ ମହାପ୍ରଭୁଙ୍କର ଏକକ ବିଗ୍ରହ ଗୁମୁଟରେ ଅଙ୍କିତ ହେବ। ସେଠାରେ ମହାପ୍ରଭୁ ଗଜପତିଙ୍କୁ ଦର୍ଶନ ଦେବେ। ରାଜା ଆସନ୍ତା ରଥଯାତ୍ରାରେ ଛେରାପହଁରା ସେବା କରିବେ। ଏକାଦଶୀ ଦିନ ଚୂନରା ସେବକ ଗଜପତିଙ୍କ ନାମ ନେଇ ମନ୍ଦିର ଚୂଡ଼ାରେ ଦୀପଦାନ କରିବେ। ରାଜାଙ୍କର ମନ୍ଦିର ପ୍ରବେଶ ବିଷୟରେ ମହାପ୍ରଭୁ କୌଣସି ସୂଚନା ଦେଇ ନ ଥିବାରୁ ସେ ମନ୍ଦିର ପ୍ରବେଶ କରି ପାରିବେ ନାହିଁ। ସେହିଦିନଠାରୁ ମହାପ୍ରଭୁଙ୍କ ପତିତପାବନ ବିଗ୍ରହ ଗୁମୁଟରେ ଆରାଧିତ ହେଲେ। ଗଜପତି ଅରୁଣ ଚକଡାରୁ ପତିତପାବନଙ୍କୁ ଦର୍ଶନ କରି ତୃପ୍ତ ହେଲେ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି

**ସୁନ୍ଦରଗଡ଼,୧୧।୨(ସମିସ):** ସବ୍‌ଡେଗା ବ୍ଲକ୍‌ର ୨ଟି ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ଅଭିଯାଗ ହୋଇଛି। ଗତ ୯ ତାରିଖ ରାତିରେ ଚୋରମାନେ ରାଜପୁର ଏବଂ ଟେଡଗାମୁହାନ ଅଙ୍ଗନବାଡ଼ି କେନ୍ଦ୍ରର ଗ୍ୟାସ ସିଲିଣ୍ଡର ଚୋରାଇ ନେଇଛନ୍ତି। ରାଜପୁର କେନ୍ଦ୍ରର ଅଙ୍ଗନବାଡ଼ି କର୍ମୀ ଲଳିତା ମିଞ୍ଜ ଓ ଟେଡଗାମୁହାନ କେନ୍ଦ୍ରର କର୍ମୀ ସଞ୍ଜୁରୀ ଗର୍ଡିଆ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜମି ବିବାଦକୁ ନେଇ ମହିଳାଙ୍କୁ ମାଡ଼ ଅଭିଯୋଗ

**ସୁନ୍ଦରଗଡ଼,୧୧।୨(ସମିସ):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ମହୀପାନି ଗ୍ରାମରେ ଜମି ବିବାଦକୁ ନେଇ ଜଣେ ମହିଳାଙ୍କୁ ମାଡ଼ ଅଭିଯୋଗ ହୋଇଛି। ଗ୍ରାମର ଜୟନ୍ତୀ ନାଏକ ଓ ବିଶ୍ୱନାଥ ଛତ୍ରିଆଙ୍କ ପରିବାର ମଧ୍ୟରେ ଜମି ବିବାଦ ରହିଥିଲା। ଉକ୍ତ ଘଟଣାକୁ କେନ୍ଦ୍ର କରି ବିଶ୍ୱନାଥ ଜୟନ୍ତୀଙ୍କ ମାଡ ମାରି ଆହତ କରିଛନ୍ତି। ଏ ନେଇ ଜୟନ୍ତୀ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଆହତଙ୍କ ଘରେ ପୁଲିସର ଚଢ଼ଉ, ମଦ ଜବତ

**ସୁନ୍ଦରଗଡ଼,୧୧।୨(ସମିସ):** ଭଷ୍ମା ଥାନା ଦର୍ଲିପାଲି ବୁରୋଭଗାର ଠାରେ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଟ୍ରକ୍ ମାଲିକ ସର୍ଦ୍ଧାପାଲି ଗ୍ରାମର ସୁରଜ ପଟେଲଙ୍କ ଘରେ ପୁଲିସ ଚଢ଼ଉ କରିଛି। ସୁରଜଙ୍କ ବାପା ସନ୍ତୋଷ ପଟେଲ ତାଙ୍କ ଘରେ ଚୋରା ମଦ କାରବାର ଚଳାଉଥିବା ଖବର ପାଇ ପୁଲିସ ଅତର୍କିତ ଚଢ଼ଉ କରିଥିଲା। ତାଙ୍କ ଘରୁ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରା ଯାଇ ବାପା ସନ୍ତୋଷଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ପୁଲିସ ତଦନ୍ତ ଜାରି ରହିଛି।

# ଦୁର୍ଘଟଣାରେ ୨ ବାଇକ୍ ଚାଳକ ଗୁରୁତର

**ହେମଗିରି,୧୧।୨(ସମିସ):** ସୋମବାର ରାତିରେ ହେମଗିରି ଥାନା କାଲୋ ବାହାଲ ଛକ ଠାରେ କୋଇଲା ବୋଝେଇ ଟ୍ରକ୍ ପଛପଟେ ପିଟିହୋଇ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ଦୁହେଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏ ନେଇ ବିଭିନ୍ନ ଦାବିରେ ମଙ୍ଗଳବାର ସକାଳୁ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକ କରିଥିଲେ। ପରେ ଦାବି ପୂରଣ ପ୍ରତିଶ୍ରୁତି ମିଳିବାରୁ ରାସ୍ତା ରୋକ ହଟିଥିଲା।

# ବ୍ୟାଟେରି ଚୋରିକରି ଧରାପଡ଼ିଲେ ୨ ନାବାଳକ

**ସୁନ୍ଦରଗଡ଼,୧୧।୨(ସମିସ):** ସୁନ୍ଦରଗଡ଼ରେ ବ୍ୟାଟେରି ଚୋରି ରାକେଟର ୨ ଜଣ ନାବାଳକଙ୍କୁ ଲୋକେ ଧରି ଆଜି ଟାଉନ ଥାନା ପୁଲିସକୁ ଜିମା ଦେଇଛନ୍ତି। ସୁନ୍ଦରଗଡ଼ରେ ବିଭିନ୍ନ ଚୋରି ରାକେଟର ସର୍ଦ୍ଦାର ମାନେ ଚୋରା କାର୍ଯ୍ୟରେ ନାବାଳକଙ୍କୁ ନିୟୋଜିତ କରୁଥିବା ଚର୍ଚ୍ଚା ହେଉଥିଲା। ଏହି ଚର୍ଚ୍ଚାର ସତ୍ୟତା ଥିବା ଏବେ ପ୍ରମାଣିତ ହୋଇଛି। ଆଜି ସକାଳ ପ୍ରାୟ ସାଢ଼େ ୫ଟାରେ ସୁନ୍ଦରଗଡ଼ ବାଇପାସ୍‌ସ୍ଥିତ ସେଣ୍ଟ୍ରାଲ ସ୍କୁଲ ରାସ୍ତାର ଏକ ଗ୍ୟାରେଜ୍ ନିକଟରେ ଥିବା ଏକ ମାରୁତି କାର୍‌ରୁ ଦୁଇଟି ବ୍ୟାଟେରି ଚୋରି କରୁଥିବା ସମୟରେ ଲୋକଙ୍କ ଦ୍ୱାରା ୨ ନାବାଳକ ଧରାପଡ଼ିଥିଲେ। ସେମାନଙ୍କୁ ଜନୈକ ବ୍ୟକ୍ତି ନିୟୋଜିତ କରିଥିବା ସେମାନେ ସୂଚନା ଦେଇଛନ୍ତି। ଉକ୍ତ ନାବାଳକ ବଡ଼ଗାଁ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ପୁଲିସ ତାଙ୍କୁ ଶିଶୁ ସେବା ସଦନ 'ଆଦୃତ'ରେ ରଖି ବୁଧବାର ଜୁଭେନାଇଲ ଜଷ୍ଟିସ ବୋର୍ଡ ଆଗରେ ହାଜର କରିବାକୁ ଯୋଜନା କରିଛି।

# ଦୁର୍ଘଟଣାରେ ଯୁବକ ମୃତ

**ରାଉରକେଲା,୧୧।୨(ସମିସ):** ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଗତକାଲି ବଡ଼ଗାଁ ବାସିନ୍ଦା ସୁରେଶ ସାଏ (୨୬) ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ସେଠାରୁ ରାଉରକେଲାକୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଅଣାଯାଉ ଥିଲା। ହେଲେ ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ରାସ୍ତାରେ ଆମ୍ବୁଲାନ୍ସ ଓ ଅଜଣା ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରୁ ଡାକ୍ତରଖାନା ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି।

# ଯୁବତୀଙ୍କ ଆତ୍ମହତ୍ୟା

**ରାଉରକେଲା, ୧୧।୨(ସମିସ):** ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ବାଗଲତା ଗ୍ରାମର ଆରତୀ ଲାକ୍ରା(୨୦) ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଘରେ କେହି ନଥିବାବେଳେ ସେ ଏହି ପଦକ୍ଷେପ ଆପଣାଇ ଥିବା ଜଣାପଡିଛି। ପୁଲିସ ମୃତଦେହକୁ ମର୍ଗ ହାଉସରେ ରଖିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ମହିଳାଙ୍କ ଆତ୍ମହତ୍ୟା

**ସୁନ୍ଦରଗଡ,୧୧।୨(ସମିସ):** ବଡ଼ଗାଁ ଥାନା ଅନ୍ତର୍ଗତ ବଡଗାଁ ଇଲେକ୍ଟ୍ରି ପଡାର ଜଣେ ମହିଳା ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସଂପୃକ୍ତ ମହିଳା ଜଣକ ଗ୍ରାମର କିଶୋର କଲସେରଙ୍କ ସ୍ତ୍ରୀ ଭୂମିସୂତା କଲସେର ବୋଲି ଜଣାପଡ଼ିଛି। ଭୂମିସୂତା ଆଜି ସକାଳେ ତାଙ୍କ ବେକରେ ଶାଢୀରେ ଫାଶୀ ଲଗାଇ ତାଙ୍କ ଘରେ ଝୁଲି ପଡିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅଭିଯୋଗ ପାଇ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବାଙ୍କିବାହାଲ-ଟପରିଆ ରାସ୍ତା ମରଣଯନ୍ତା

# ବେଆଇନ ପାର୍କିଂ ବଢ଼ାଉଛି ଦୁର୍ଘଟଣା

**ହେମଗିରି,୧୧।୨(ସମିସ)**

ହେମଗିରି ଭଳି ଖଣି ଖାଦାନ ଅଞ୍ଚଳରେ କୋଇଲା ପରିବହନ ଯୋଗୁଁ ପ୍ରତିଦିନ ଶହ ଶହ ଟ୍ରକ୍ ଯାତାୟାତ କରୁଛି। ଫଳରେ ବାୟୁ ପ୍ରଦୂଷଣ ସହ ଦୁର୍ଘଟଣା ବଢ଼ିବାରେ ଲାଗିଛି। ବେଆଇନ ପାର୍କିଂ, କୋଇଲା ପ୍ରଦୂଷଣ ଓ ବେପରୁଆ ଗାଡ଼ି ଚାଳନା ଦୁର୍ଘଟଣାର ମୁଖ୍ୟ କାରଣ ସାଜିଛି। ହେମଗିରି ଅଞ୍ଚଳରେ ବାଙ୍କିବାହାଲ ଟପରିଆ ରାସ୍ତା, ଏମ୍‌ସିଏଲ କନିକା ରାସ୍ତା, ଏମ୍‌ସିଏଲ୍ ସୁନ୍ଦରଗଡ଼ ରାସ୍ତାରେ ଏପରି ସ୍ଥିତି ପ୍ରତିଦିନ ଦେଖିବାକୁ ମିଳୁଛି। ମୁଖ୍ୟତଃ ବାଙ୍କିବାହାଲ ଟପରିଆ ରାସ୍ତାରେ ଏଭଳି ବହୁ ଦୁର୍ଘଟଣା ଘଟୁଛି। ଏଥିଯୋଗୁଁ ବାରମ୍ବାର ଆନ୍ଦୋଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଡିଏମ୍‌ଏଫ୍ ପାଣ୍ଠିରୁ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ସରକାର ଅର୍ଥ ଯୋଗାଇଥିବାବେଳେ ଗତ ବର୍ଷ ରାସ୍ତା ନିର୍ମାଣ ସରିଥିଲା। କିନ୍ତୁ ଲୋକେ ପ୍ରଦୂଷଣ ଓ ଟ୍ରାଫିକ ସମସ୍ୟାରୁ ମୁକ୍ତି ପାଇବା ବଦଳରେ ଜୋରଜବରଦସ୍ତି ଭାବେ ସମସ୍ୟା ସୃଷ୍ଟି କରାଯାଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ରାସ୍ତାରେ ବେଆଇନ ପାର୍କିଂ, ପାର୍କିଂ ଜନିତ ପ୍ରଦୂଷଣ ଓ ରାସ୍ତାରେ ମଧ୍ୟ ବେଆଇନ ପାର୍କିଂ ଯୋଗୁଁ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହି ରାସ୍ତାରେ ହଲଦିବାହାଲ ଚଟାଜୋର୍‌ଠାରେ ଥିବା ବେଆଇନ ପାର୍କିଂ ଯୋଗୁଁ ଜନସାଧାରଣଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ହଲଦିବାହାଲ ଗ୍ରାମର ସରକାରୀ ଓ ଗୋଚର ଜମିରେ ବେଆଇନ ପାର୍କିଂ ଯୋଗୁଁ ରାସ୍ତାରେ ଜାମ୍ ହେଉଛି। ଫଳରେ ଅନେକ ସମୟରେ ଆମ୍ବୁଲାନ୍ସ ଓ ସ୍କୁଲ ବସ୍ ଦୀର୍ଘ ସମୟ ଧରି ଛିଡ଼ା ହୋଇରହୁଛି। ଏହି ପାର୍କିଂରେ ଖଣିର ଓଭି ଡମ୍ପ କରି ପାର୍କିଂ କରିଥିବାରୁ କୋଇଲା ଗୁଣ୍ଡ ଓ ମାଟି ଖରାଦିନରେ ମାତ୍ରାଧିକ ପ୍ରଦୂଷଣ କରିଥାଏ। ଗାଡ଼ି ଚକରେ ମାଟି, ଧୂଳି ଓ କୋଇଲା ଗୁଣ୍ଡ କଂକ୍ରିଟ୍ ରାସ୍ତାରେ ଆସି ବ୍ୟାପକ ମାତ୍ରାରେ ପ୍ରଦୂଷଣ ହୋଇଥାଏ। ସେଥିଯୋଗୁଁ ରାସ୍ତା ଓ ଗାଡ଼ି ସବୁ ଦେଖାଯାଏ ନାହିଁ ତେଣୁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟି ଧନ ଜୀବନ ହାନି ହୋଇଥାଏ। ଏହା ଆଗାମୀ ଦିନରେ ଏକ ବଡ଼ ସମସ୍ୟା ଭାବେ ଉଭା ହେବ। ବର୍ଷା ଋତୁରେ କାଦୁଅ ହେଉଛି ଓ ଖରା ସମୟରେ ତୀବ୍ର ପ୍ରଦୂଷଣ ହେଉଛି। ହଲଦିବାହାଲ ଗ୍ରାମର ଶ୍ମଶାନକୁ ଖୋଲି ପାର୍କିଂ କରିଥିବା ଅଭିଯୋଗ ମଧ୍ୟ ରହିଛି। ଯାହାକୁ ଗ୍ରାମବାସୀ ବିରୋଧ କରି ବିଭିନ୍ନ ସମୟରେ ପାର୍କିଂକୁ ବନ୍ଦ କରିଥିଲେ। କିନ୍ତୁ ତାହା ସତ୍ତ୍ୱେ ଜୋର୍ ଜବରଦସ୍ତ ପାର୍କିଂ ଏବେ ମଧ୍ୟ ହେଉଛି। ଏହା ସହ ପୋଡ଼ା ଜଳଙ୍ଗା ଛକ ଠାରେ



### ରାସ୍ତା ନିର୍ମାଣ ପରେ ବି କମୁନି ପ୍ରଦୂଷଣ

ମଧ୍ୟ ରାସ୍ତା ଉଭୟ ପାର୍ଶ୍ୱରେ ଚାରି ଲାଇନରେ ଭାରିଯାନ ପାର୍କିଂ ଯୋଗୁଁ ବାଇକ୍ ଚାଳକ ଯାତାୟାତ ପାଇଁ ଅସୁବିଧାରେ ପଡ଼ିଥାନ୍ତି। ଏଠାରେ ରାସ୍ତା ପାର୍ଶ୍ୱରେ ଥିବା ଜମି ଗୁଡ଼ିକରେ ଶହ ଶହ ଭାରିଯାନ ପାର୍କିଂ ଯୋଗୁଁ ରାସ୍ତାକୁ ବର୍ଷା ଦିନେ କାଦୁଅ ଓ ଅନ୍ୟ ସମୟରେ ବ୍ୟାପକ ପ୍ରଦୂଷଣ ହୋଇଥାଏ। ଏ ନେଇ ଅନେକ ସମୟରେ ସ୍ଥାନୀୟ ଲୋକେ ବିରୋଧ କରିଆସୁଥିଲେ ହେଁ ପ୍ରଶାସନ, ଖଣି କର୍ତ୍ତୃପକ୍ଷ ଓ ପରିବହନ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଇ ନଥିବା ଅଭିଯୋଗ ହେଉଛି।

# ସପ୍ତମ ବେତନ ଦରମା ଲାଗୁ କରିବାକୁ ଦାବି



**ସୁନ୍ଦରଗଡ଼,୧୧।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ୨୮୦୦ ଗ୍ରେଡ ପେ ଶିକ୍ଷକ ସଂଘ ପକ୍ଷରୁ ଗୋଟିଏ ବିଦ୍ୟାଳୟରେ ସମାନ ସେଲ ନିୟମରେ ସପ୍ତମ ବେତନ ଦରମା ଲାଗୁ କରିବା ଦାବିରେ ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶା ଯାଇଛି ଯେ, ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟରେ ପିଅନ, କିରାଣି, ହିନ୍ଦୀ, ସଂସ୍କୃତ, ପିଇଟି, ଟିଜିଟି ଶିକ୍ଷକ ମୂଳରୁ ଏକ ସାଙ୍ଗରେ ୨୦୦୪ ଜାନୁଆରୀ ୧ରୁ ସରକାରୀ ଅନୁଦାନ ପାଇ ଦରମା ପାଇଛନ୍ତି। ଷଷ୍ଠ ବେତନରେ ସମସ୍ତେ ସମାନ ଇନକ୍ରିମେଣ୍ଟ ସହ ଦରମା ପାଉଥିବାବେଳେ ସପ୍ତମ ବେତନର ସେଲ୍ ଇନକ୍ରିମେଣ୍ଟରେ ବହୁତ ତାରତମ୍ୟ ରହୁଛି। ସପ୍ତମ ବେତନରେ ପିଅନ ଲେବଲ-୧ ସେଲ-୧୬ ହାରରେ ଦରମା ପାଉଥିବା ବେଳେ ୨୮୦୦ ଗ୍ରେଡ୍ ପେ ଶିକ୍ଷକ (

### ଉପବାଚସ୍ପତିଙ୍କୁ ସ୍ମାରକପତ୍ର

ହିନ୍ଦୀ, ସଂସ୍କୃତ, ପିଆଇଟି) ଲେବଲ-୮ ସେଲ-୫ରେ ଦରମା ପାଉଛନ୍ତି। ଏଣୁ ଚାକିରିର ସମୟକୁ ବିଚାରକୁ ନେଇ ଓ ଏକ ସାଙ୍ଗରେ ମୂଳରୁ ତଥା ୨୦୦୪ ଜାନୁଆରୀ ପହିଲାରୁ ପିଅନ, ହିନ୍ଦୀ, ସଂସ୍କୃତ, କିରାଣୀ, ପିଆଇଟି, ଟିଜିଟି ସରକାରୀ ଅନୁଦାନ ସହ ୨୮୦୦ ଗ୍ରେଡ୍ ପେ ଶିକ୍ଷକଙ୍କ ସେଲ୍‌କୁ ସେହି ବିଦ୍ୟାଳୟର ପିଅନ ପାଉଥିବା ସେଲ୍ ସହ ସମାନ କରାଯାଇ ଏହି ଶିକ୍ଷକଙ୍କୁ ସପ୍ତମ ବେତନ ଦରମା ପ୍ରଦାନ ତଥା ଗୋଟିଏ ବିଦ୍ୟାଳୟରେ ସମାନ ସେଲ୍ ନିୟମରେ ସପ୍ତମ ବେତନ ଦରମା ଲାଗୁ କରିବାକୁ ଦାବି କରା ଯାଇଛି।

# ପଣ୍ଡିତ ଦୀନଦୟାଲଙ୍କ ପୁଣ୍ୟତିଥି



**ସୁନ୍ଦରଗଡ଼,୧୧।୨(ସମିସ):** ପ୍ରଖର ରାଷ୍ଟ୍ରବାଦୀ, ମହାନ ବିଚାରକ, ଲୋକ କଲ୍ୟାଣ ଓ ମାନବ କଲ୍ୟାଣର ମାର୍ଗଦର୍ଶକ ତଥା ପଥ ପ୍ରଦର୍ଶକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ତଥା ସମ୍ପର୍ପଣ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ବିଜେପି କାର୍ଯ୍ୟାଳୟଠାରେ ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାରୋହରେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ବପ୍ରଥମେ ଉପାଧ୍ୟାୟଙ୍କ ତୈଳ ଚିତ୍ରରେ ଦୀପ ପ୍ରଜ୍ୱଳନ ଏବଂ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଉପସଭାପତି ସୁରେନ୍ଦ୍ର ଭିତ୍ରିଆ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ ଜିଲ୍ଲା, ମହିଳା ମୋର୍ଚ୍ଚା ସଭାନେତ୍ରୀ ସଂଯୁକ୍ତା ନାଏକ ଯୋଗ ଦେଇଥିଲେ। ଅତିଥିମାନେ ଦୀନ ଦୟାଲଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ରାଷ୍ଟ୍ରହିତ ପାଇଁ ତାଙ୍କ ପଥକୁ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଶ୍ରୀକାନ୍ତ ଭଞ୍ଜ, କାଉନ୍‌ସିଲର ରମେଶ ସୋରେଙ୍ଗ, ମମତା ଖାଲ୍‌କୋ, ଅଶୋକ ପଟେଲ, ଘନଶ୍ୟାମ ରଣା, ଦୀନେଶ ନାଏକ, ସୁଶୀଳ ଗୁପ୍ତା, ରାଜ ଭଟ୍ଟାଚାର୍ଯ୍ୟ, ଲତିକା ପଟ୍ଟନାୟକ, ଶକୁନ୍ତଳା କାଲୋ କାନନବାଲା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସମ୍ପାଦକ ଅମୀୟ ପଟ୍ଟନାୟକ ସଭା ପରିଚାଳନା କରିଥିଲେ।

# ଇଣ୍ଟରନେଟ୍ ସୁରକ୍ଷା ଦିବସରେ ସଚେତନତା କାର୍ଯ୍ୟକ୍ରମ





**ସୁନ୍ଦରଗଡ଼,୧୧।୨(ସମିସ):** ଇଣ୍ଟରନେଟ ସୁରକ୍ଷା ଦିବସ ଅବସରରେ କିରେଇସ୍ଥିତ ସୁନ୍ଦରଗଡ଼ ଯାନ୍ତ୍ରିକ ମହାବିଦ୍ୟାଳୟଠାରେ ସାଇବର ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଇଣ୍ଟରନେଟର ସଦୁପଯୋଗ କରିବା ସହିତ ସାଇବର ଠକେଇରୁ କିଭଳି ବର୍ତ୍ତି ପାରିବେ ସେ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ଏଥିରେ ବିଶେଷ କରି ସାଇବର ସୁରକ୍ଷା, ସାଇବର ଠକେଇ ତଥା ଏହାର ପ୍ରତିକାର ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଛାତ୍ରଛାତ୍ରୀ ଇଣ୍ଟରନେଟ ମାଧ୍ୟମରେ ହେଉଥିବା ବିଭିନ୍ନ ପ୍ରକାର ଠକେଇରୁ କିଭଳି ଭାବେ ସୁରକ୍ଷିତ ରହିବେ ତାହା ଉପରେ ଆଲୋଚନା ହୋଇଥିଲା। ସାଇବର ଅପରାଧୀମାନେ କିଭଳି ଟଙ୍କା ଠକେଇ କରନ୍ତି, ଅନଲାଇନ୍ ୟୁ ପି ଆଇ ମାଧ୍ୟମରେ ଠକେଇ, କ୍ୟୁ ଆର୍ କୋଡ ସ୍କାନର୍ ଠକେଇ, ପାର୍ସଲ ନାଁ ରେ ଠକେଇ, ରିଚାର୍ଜ କରିବା ନାଁରେ ଠକେଇ, ଇ-କେୱାଇସି କରେଇବା ନାଁ ରେ ଠକେଇ, ଡିଜିଟାଲ ଆରେଷ୍ଟ ଆଦି ଉପରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁଗ୍ମ ନିର୍ଦ୍ଦେଶକ (ଆଇଟି) କାନ୍ଦ୍ରା ହେମ୍ବ୍ରମ, ପ୍ରଫେସର ଅରୁଣ ନାଏକ, ପ୍ରଫେସର ଅଜିତ ଦାସ, ପ୍ରଫେସର୍ ପ୍ରମୋଦ ମହାପାତ୍ର ପ୍ରମୁଖ ଯୋଗଦେଇ ମାର୍ଗ ଦର୍ଶନ କରିଥିଲେ।

## ● ମହିଳା କଲେଜ ଛାତ୍ରୀ ନିବାସର ବାର୍ଷିକୋତ୍ସବ

# ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ




**ସୁନ୍ଦରଗଡ଼,୧୧।୨(ସମିସ):** ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ନିବାସର ୨୮ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଇନ୍ଦିରା ଗଡ଼ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାରୋହରେ ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷା ଡକ୍ଟର ଇନ୍ଦିରା ନାୟକ ଯୋଗ ଦେଇଥିଲେ। ଅତିଥି ମାନେ ନିଜ ବକ୍ତବ୍ୟରେ ଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ନାତକୋତ୍ତର ସୁପରିଟେଣ୍ଡେଣ୍ଟ ଡ. ଭାନୁପ୍ରିୟା, ସ୍ନାତକର ସୁପରିଟେଣ୍ଡେଣ୍ଟ ଡ. ସରୋଜିନୀ ମିଞ୍ଜ, ସହକାରୀ ସୁପରିଟେଣ୍ଡେଣ୍ଟ ଦୀପାଳି ହାଁସଦା ଏବଂ ଯୁକ୍ତଦୁଇ ଛାତ୍ରୀ ନିବାସର ସୁପରିଟେଣ୍ଡେଣ୍ଟ ଡ. ଅମିତା ପ୍ରିୟଦର୍ଶିନୀ ବେହେରା ଉପସ୍ଥିତ ଥିଲେ। ଛାତ୍ରୀ ପ୍ରତିନିଧି ସ୍ନାତକୋତ୍ତରର କରିନା ପ୍ରଧାନ ଏବଂ ସ୍ନାତକର ସ୍ମରଣିକା ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ପ୍ରତିନିଧି ଭଗବତୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ।

# ସାହାସପୁର ୟୁପି ସ୍କୁଲର ବାର୍ଷିକୋତ୍ସବ



**ସୁନ୍ଦରଗଡ,୧୧।୨(ସମିସ):** ସାହାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାତୃ ମେଳା ତଥା ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ତୁମଲିଆ ସରପଞ୍ଚ ଶେଷବତୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାରୋହରେ ହେମଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ କରୁଣା ସାଗର ପଟେଲ ମୁଖ୍ୟ ଅତିଥି ଓ ମାଣିକେଶ୍ୱରୀ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ସହଦେବ ମହାକୁଡ଼ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କିଶୋର କୁମାର ଅର୍କ, ପ୍ରଦୀପ ପଧାନ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଭାରତୀ ପଟେଲ, ଆଞ୍ଚଳିକ ସାଧନ କର୍ମୀ ସଞ୍ଜୀବ କୁମାର ନାଏକ, ସ୍କୁଲ ପରିଚାଳନା କମିଟି ସଭାପତି ଜୟ ପଧାନ, ପ୍ରସନ୍ନ ପଧାନ, ଖଣି ମୁଖ୍ୟ ମିନାକ୍ଷୀ କୋଇଲା, ମୁକେଶ କୁମାର ଝା, ଅମିତାଭ ପଟ୍ଟନାୟକ, ଭକ୍ତ ଭୂଷଣ ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ପାତ୍ର ଏବଂ ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ସହ ଶିକ୍ଷକ ଗଣେଶ ରାମ ପଟେଲ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କନ୍ଦର୍ପ ଗର୍ଡିଆ ମଞ୍ଚ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପଟେଲ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ କେଦାର ରାୟ ଧନ୍ୟବାଦ ଦେଇଥିଲେ। ରଥୁ ବାଗ, ଯୋଗେଶ୍ୱରୀ ନାଏକ, ଗୀତ ପଧାନ, ଶେଷ କୋକ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସୁନ୍ଦରଗଡ଼,୧୧।୨(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ୍ ଧରୁଆଡିହି ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗର୍ଜନବାହାଲ ଗ୍ରାମର ଲକ୍ଷ୍ମୀକାନ୍ତ ନାଏକଙ୍କ ଦ୍ୱାରା ନିର୍ମିତ ଉକ୍ତ ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ଖଗେଶ୍ୱର ନାଏକ କର୍ତ୍ତା ଏବଂ ପଣ୍ଡିତ ମନବୋଧ ଧର, ପଣ୍ଡିତ ବୈଭବ ସମ୍ପନ୍ନ ଧର, ପଣ୍ଡିତ ରଞ୍ଜନ କୁମାର କର, ପଣ୍ଡିତ ଶୁଭମ କୁମାର ପତ୍ରୀ ଓ ପଣ୍ଡିତ ବୃଷଭାନୁ ତିୱାରୀ ପୂଜା କାର୍ଯ୍ୟ ତୁଲାଇଥିଲେ। ତିନିଦିନ ଧରି ଉକ୍ତ ପ୍ରତିଷ୍ଠା ଉତ୍ସବ ଚାଲିଥିବାବେଳେ ଏଥିରେ ବହୁ ଶ୍ରଦ୍ଧାଳୁଙ୍କ ବେଶ ସମାଗମ ହୋଇଥିଲା।



# ନିଖିଳ ଉତ୍କଳ ୫୦୦ ଘର ଢେଲକି ଖଡ଼ିଆ ସମାଜର ସାଂସ୍କୃତିକ ମହୋତ୍ସବ

**ବାଲିଶଙ୍କରା,୧୧।୨(ସମିସ)**



ନିଖିଳ ଉତ୍କଳ ୫୦୦ ଘର ଢେଲକି ଖଡ଼ିଆ ସମାଜର ପ୍ରଥମ ରାଜ୍ୟସ୍ତରୀୟ ସାଂସ୍କୃତିକ ମହୋତ୍ସବ ଶୁକ୍ରବାର ସୁଖରାମ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ସାଂସଦ ପ୍ରତିନିଧି ରବିରତ୍ନ ପଟେଲ ଯୋଗଦେଇ ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଓ ତଳସରା ବିଧାୟକ ତଥା ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଦୃଷ୍ଟି ଆକର୍ଷଣ କରି ସମାଜର ବିଭିନ୍ନ ଅସୁବିଧା ଦୂରକରିବା ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ପିଏସ୍ କଲେଜ ଅଧ୍ୟକ୍ଷ କୁଳମଣି ସାହୁ, ଜିଲ୍ଲା ପରିଷଦ (ଖ) ଜୋନ ସଭ୍ୟା ଜୟନ୍ତୀ ଏକ୍କା, ତଲସରା ସରପଞ୍ଚ, ଯାଇସର ସରପଞ୍ଚ, ଯମୁନା ସରପଞ୍ଚ, ସମାଜର ବରିଷ୍ଠ ଉପଦେଷ୍ଟା ଧନେଶ୍ୱର ନାଏକ, ସ୍ୱପ୍ନକାନ୍ତ ବାଗ ତଥା ସମାଜର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସମାଜର ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୩୫ରୁ ଅଧିକ ନୃତ୍ୟ ଦଳ ନୃତ୍ୟ ପରିବେଷଣ କରିଥିଲେ। ଛତିଶଗଡ଼ର କେତେକ ନୃତ୍ୟ ଦଳ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜର ସେବକ ଅର୍ଜୁନ ନାଏକ ପରିଚାଳନା କରିଥିବାବେଳେ ସମ୍ପାଦକ ରୂପନ ପ୍ରଧାନ, ଦସରୁ ନାଏକ, ମହେନ୍ଦ୍ର ବାଗ, ସହଦେବ ଦଣ୍ଡସେନା, ବୀରେନ୍ଦ୍ର ପ୍ରଧାନ, ସୁରଜ ନାଏକ ଓ ଅନ୍ୟାନ୍ୟ ସମାଜର କର୍ମକର୍ତ୍ତା ଯୋଗ ଦେଇଥିଲେ।




ସକାଳ
www.sakalaepaper.com

# ଅଢ଼େଇ ଫୁଟ୍‌ର ବରକୁ ତିନି ଫୁଟିଆ କନ୍ୟା


କୁରକ୍ଷେତ୍ର, ୧୧।୨ (ଏଜେନ୍ସି): ହରିୟାଣାର ଏକ ବିବାହକୁ ନେଇ ସାରା ଦେଶରେ ଚର୍ଚ୍ଚା ହେଉଛି। ପ୍ରଥମେ ଫେସବୁକରେ ସାକ୍ଷାତ। ପରେ ପ୍ରେମ, ପୁଣି ଅଢେଇ ବର୍ଷର ଡେଟିଂ। ଆଉ ଏବେ ବିବାହ। ଅଢ଼େଇ ଫୁଟର ବରଙ୍କ ହାତ ଧରି ତିନି ଫୁଟର ଏନ୍‌ଆରଆଇ କନ୍ୟା କାନାଡ଼ାରୁ କୁରକ୍ଷେତ୍ରକୁ ବୋହୂ ହୋଇ ଆସିଛନ୍ତି। ଉଭୟଙ୍କ ବିବାହର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି।

ଅଢ଼େଇ ଫୁଟର ଜସମେର ସିଂହ ଓରଫ ପୋଲା ମଲିକ ଜଲନ୍ଧରର ତିନି ଫୁଟିଆ କନ୍ୟା ସୁପ୍ରିତ କୌରଙ୍କୁ ବିବାହ କରିଛନ୍ତି। ସୁପ୍ରିତ କାନାଡ଼ାରେ ରୁହନ୍ତି। ସେ ବିବାହ ପାଇଁ ଜଳନ୍ଧର ଆସିଥିଲେ। ଗତ ଶନିବାର ଗୁରୁଦ୍ୱାର ସାହିବରେ ଉଭୟେ ସାତ ଜନମର ସାଥି ହୋଇଥିଲେ। ଭାଇରାଲ ଭିଡିଓରେ ଉଭୟେ ବିବାହ ପରେ ଡ୍ୟାନ୍ସ କରୁଥିବା ଦେଖାଯାଉଛି। ସୋମବାର ଉଭୟେ ବିବାହ ଭୋଜି ଦେଇଛନ୍ତି।

**ଫେସବୁକରେ ହୋଇଥିଲା ପ୍ରେମ**

ପୋଲା ମଲିକ ସାରସା ଗ୍ରାମର ବାସିନ୍ଦା। ସେ ୫ ଏକର ଜମିର ମାଲିକ। ଚାଷବାସ କରି ପୋଲା ଜୀବିକା ନିର୍ବାହ କରନ୍ତି। ପୋଲା ସୋସିଆଲ ମିଡିଆରେ ଖୁବ୍ ସକ୍ରିୟ ଅଛନ୍ତି। ତାଙ୍କୁ ଫେସବୁକ୍‌ରେ ୧୭ ହଜାର ଏବଂ ଇନଷ୍ଟାଗ୍ରାମରେ ୫ ହଜାର ଫଲୋଅର୍ସ ଅଛନ୍ତି। ସେ ରିଲ୍ସ ବନାଇ ସୋସିଆଲ ମିଡିଆରେ ଅପଲୋଡ କରୁଛନ୍ତି। ଅଢ଼େଇ ବର୍ଷ ତଳେ ପୋଲା ଫେସବୁକରେ ଏକ ସଂସ୍ଥାର ପେଜ୍‌ରେ ସୁପ୍ରିତଙ୍କୁ ଭେଟିଥିଲେ। ସେ କାନାଡ଼ା ନାଗରିକତା ଗ୍ରହଣ କରିଛନ୍ତି। କେବେ କେବେ ସେ ଭାରତ ଆସନ୍ତି।

କଥା ହେବା ପରେ ଧିରେ ଧିରେ ଉଭୟଙ୍କ ମଧ୍ୟରେ ପ୍ରେମରେ ପଡ଼ିଥିଲେ। ବିବାହ ପୂର୍ବରୁ ସୁପ୍ରିତ ଅନେକ ଥର ପୋଲାଙ୍କୁ ଭେଟିବା ପାଇଁ ତାଙ୍କ ଗାଁକୁ ଆସିଥିଲେ। ପରିବାର ବିଷୟରେ ଜାଣିଥିଲେ। ପରେ ଉଭୟେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଉଭୟେ ପ୍ରେମ ବିବାହ ପାଇଁ ନିଜ ମାତାପିତାଙ୍କୁ ରାଜି କରାଇ ଥିଲେ।





# ଦାଗୀ ନେତାଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

## ଆଇନ ଉଲ୍ଲଂଘନକାରୀ କେମିତି ପ୍ରସ୍ତୁତ କରିବେ ଆଇନ

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): କୌଣସି ସରକାରୀ କର୍ମଚାରୀ ଦୋଷୀ ସାବ୍ୟସ୍ତ ହେଲେ ସାରା ଜୀବନ ପାଇଁ ସେବାରୁ ବାହାର ହୋଇ ଯାଉଛନ୍ତି। ତେବେ ଦୋଷୀ ସାବ୍ୟସ୍ତ ହୋଇଥିବା ନେତାଙ୍କ ଉପରେ ୬ ବର୍ଷ ପାଇଁ କାହିଁକି କଟକଣା ଲଗାଯିବ। ଏହା କୌଣସି ଦୃଷ୍ଟିରୁ ମଧ୍ୟ ଉଚିତ ନୁହେଁ। ଏଭଳି ବ୍ୟକ୍ତି ପୁଣିଥରେ ସଂସଦକୁ କେମିତି ଫେରିପାରିବ। ଆଇନ ଭାଙ୍ଗୁଥିବା ଲୋକ ଆଇନ କେମିତି ପ୍ରସ୍ତୁତ କରିପାରିବ? ଯେଉଁ ବ୍ୟକ୍ତି ସରକାରୀ ଚାକିରି କରିବାକୁ ଯୋଗ୍ୟ ନୁହେଁ, ସେ ମନ୍ତ୍ରୀ କେମିତି ହୋଇପାରିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏ ନେଇ ଜବାବ ରଖିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ସାଂସଦ ଏବଂ ବିଧାୟକଙ୍କ ଆଜୀବନ ନିର୍ବାଚନ ଲଢ଼ିବା ଉପରେ କଟକଣା ଲଗାଇବା ଦାବିରେ ଆଗତ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରି ଜଷ୍ଟିସ ମନମୋହନ ଏବଂ ଜଷ୍ଟିସ ଦୀପାଙ୍କର ଦତ୍ତାଙ୍କ ଖଣ୍ଡପୀଠ ସୋମବାର ଏହି ଟିପ୍ପଣୀ ଦେଇଥିଲେ। ଏହା ଉପରେ ୩ ସପ୍ତାହ ଭିତରେ ଜବାବ ଦେବା ପାଇଁ କେନ୍ଦ୍ର ଏବଂ ଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଧାର୍ଯ୍ୟ ସମୟ ସୁଦ୍ଧା ଜବାବ ନ ଦେଲେ ମାମଲା ଆଗକୁ ବଢ଼ିବ ବୋଲି କହିଥିଲେ। ମାର୍ଚ୍ଚ ୪ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଶୁଣାଣି ସମୟରେ ନିମ୍ନ ଅଦାଲତ ଏବଂ ଏମ୍‌ପି/ଏମଏଲଏ କୋର୍ଟରେ ମନ୍ଥର ଗତିରେ ଶୁଣାଣିକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଥିଲେ। ନିମ୍ନ କୋର୍ଟରେ ଶୁଣାଣିକୁ ବାରମ୍ବାର ସ୍ଥଗିତ କରିବା ଉପରେ ପ୍ରଶ୍ନ ଉଠାଇ ଥିଲେ। ଜଷ୍ଟିସ ମନମୋହନ କହିଥିଲେ ଯେ ଦିଲ୍ଲୀର ନିମ୍ନ ଅଦାଲତରେ ଗୋଟିଏ କିମ୍ବା ଦୁଇଟା ମାମଲା ଚାଲୁଥିବା ସେ ଦେଖିଛନ୍ତି। ବିଚାରପତି ୧୧ଟା ପରେ ନିଜ ଚ୍ୟାମ୍ବରକୁ ଚାଲି ଯାଆନ୍ତି। ଏହା ଉପରେ କୋର୍ଟ ମିତ୍ର ବିଜୟ ହଂସାରିଆ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ ଦେଶର ଅନ୍ୟ ରାଜ୍ୟଗୁଡିକରେ ମଧ୍ୟ ବାରମ୍ବାର ଶୁଣାଣିକୁ ସ୍ଥଗିତ କରିଦିଆଯାଉଛି। ଏଥିପାଇଁ କାରଣ ମଧ୍ୟ ଦର୍ଶାଯାଉ ନାହିଁ। ଏହା ଉପରେ କୋର୍ଟ ଚିନ୍ତା ପ୍ରକଟ କରି କହିଥିଲେ ଯେ ଏବେ ବି ଏଭଳି ଅନେକ ରାଜ୍ୟ ରହିଛି ଯେଉଁଠି ଏମପି/ଏମଏଲଏ କୋର୍ଟ ଗଠନ କରାଯାଇ ନାହିଁ। ଏହାପରେ ହଂସାରିଆ ରାଜନୀତିର ଅପରାଧିକରଣକୁ ବନ୍ଦ କରିବା ପାଇଁ ଏକ ପ୍ରସ୍ତାବ ଦେଇଥିଲେ। ଗୁରୁତର ମାମଲାରେ ଦଣ୍ଡ ପାଇଥିବା ଲୋକଙ୍କୁ ଦଳୀୟ ପଦାଧିକାରୀ ନିଯୁକ୍ତି ନ କରିବା ପାଇଁ ଇସି ନିୟମ ପ୍ରଣୟନ କରିପାରିବେ କି ନାହିଁ ବୋଲି ପଚାରି ଥିଲେ।

ଖଣ୍ଡପୀଠ କହିଥିଲେ ଯେ ରାଜନୀତିର ଅପରାଧୀକରଣ ଏକ ବଡ଼ ପ୍ରସଙ୍ଗ ହୋଇ ରହିଛି। ଏହା ଉପରେ ନିର୍ବାଚନ କମିଶନ ଧ୍ୟାନ ଦେବା ଉଚିତ। ସରକାରୀ ଚାକିରି କରିବାକୁ ଯୋଗ୍ୟ ହେଉ ନ ଥିବା ବ୍ୟକ୍ତି କେମିତି ମନ୍ତ୍ରୀ ହୋଇପାରିବ ତାହା ଇସି ଜଣାଇବା ଉଚିତ। ସେହିପରି ଖଣ୍ଡପୀଠ ଜନପ୍ରତିନିଧି ଆଇନର ଧାରା ୮ ଏବଂ ୯ ର କିଛି ଅଂଶ ଯାଞ୍ଚ କରିବାକୁ ରାଜି ହୋଇଛନ୍ତି।

ବିଜେପି ନେତା ତଥା ଓକିଲ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ଆଗତ ଏହି ଆବେଦନରେ ଆପରାଧିକ ପୃଷ୍ଠଭୂମିରୁ ଆସୁଥିବା ଲୋକଙ୍କ ନିର୍ବାଚନ ଲଢ଼ିବା ଉପରେ କଟକଣା ଲଗାଇବାକୁ ଦାବି କରାଯାଇଛି। ସେ ଏହି ଆବେଦନରେ ଜନପ୍ରତିନିଧି ଆଇନ ୧୯୫୧ର ଧାରା ୮ ଏବଂ ୯ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରିଛନ୍ତି। ସ୍ୱଚ୍ଛ ଭାବମୂର୍ତ୍ତି ଥିବା ଲୋକଙ୍କୁ ରାଜନୈତିକ ଦଳ କାହିଁକି ଖୋଜିପାରୁ ନାହାନ୍ତି ତାହା ଜଣାଇବାକୁ ଦାବି କରିଛନ୍ତି। ଆପରାଧିକ ପୃଷ୍ଠଭୂମିରୁ ଆସିଥିବା ବ୍ୟକ୍ତିଙ୍କୁ ଉଚିତ ଦର୍ଶାଇବା ପାଇଁ ରାଜନୈତିକ ଦଳଗୁଡିକ ପ୍ରୟାସ କରୁଛନ୍ତି। ଅଭିଯୁକ୍ତ ଜଣେ ସାମାଜିକ କର୍ମୀ। ତାଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରାଯାଇଥିବା କୁହାଯାଉଛି। ଏବେ ଆପରାଧିକ ମାମଲାରେ ୨ ବର୍ଷରୁ ଅଧିକ ଜେଲ୍ ଦଣ୍ଡ ହେଲେ ନେତା ୬ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ନ ଲଢ଼ିବାର ନିୟମ ରହିଛି।

**ବୈଶ୍ୱିକ ସହଯୋଗ ଉପରେ ମୋଦୀଙ୍କ ଗୁରୁତ୍ୱ**

# ଏଆଇ ନିଯୁକ୍ତି ହ୍ରାସ କରେନି, ନୂଆ ସୁଯୋଗ ଆଣେ



ପ୍ୟାରିସ୍,୧୧।୨(ଏଜେନ୍ସି): ପ୍ୟାରିସରେ ଆୟୋଜିତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି (ଏଆଇ) ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇ ଏହାର ଭବିଷ୍ୟତ ଏବଂ ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଆଇକୁ ନେଇ ଏବେ ସାଧାରଣରେ ଯେଉଁଳି ଭୟର ବାତାବରଣ ଦେଖାଯାଉଛି ତାହାକୁ ସେ ଅଗ୍ରାହ୍ୟ କରି ଏଆଇ ନିଯୁକ୍ତି ହ୍ରାସ କରେ ନାହିଁ ବରଂ ନୂଆ ସୁଯୋଗ ଆଣେ ବୋଲି କହିଛନ୍ତି। ତେବେ ବିଭିନ୍ନ କ୍ଷେତ୍ରରେ ଏଆଇ'ର ଉପଯୋଗ ପାଇଁ ଆମର ଦକ୍ଷତା ବୃଦ୍ଧି କରିବାକୁ ପଡ଼ିବ ଏବଂ ଏଆଇକୁ ଆଧାର କରି ଡି ।।ଫେକ୍ ଭଳି ଯେଉଁ ବିପଦ ରହିଛି ସେଥିପ୍ରତି ମଧ୍ୟ ସତର୍କ ରହିବାକୁ ପଡ଼ିବ। ତେବେ ଏସବୁ ପାଇଁ ବୈଶ୍ୱିକ ସ୍ତରରେ ସହଯୋଗ ପ୍ରତିଷ୍ଠାର ଯଥେଷ୍ଟ ଆବଶ୍ୟକ ରହିଛି ବୋଲି ମୋଦୀ କହିଛନ୍ତି। ଏହି ଅବସରରେ ସେ ଶିକ୍ଷା ଏବଂ କୃଷି ଭଳି ଅନେକ କ୍ଷେତ୍ରରେ ଏଆଇର ଉପଯୋଗ ବିଷୟ ଉଲ୍ଲେଖ କରିଛନ୍ତି । ଏହାବ୍ୟତୀତ ସେ ଏଆଇକୁ ନେଇ ସାଧାରଣରେ ଉଠୁଥିବା ବହୁ ପ୍ରଶ୍ନର ବି ଉତ୍ତର ଦେଇଛନ୍ତି । ସେ କହିଛନ୍ତି ଇତିହାସ ସାକ୍ଷୀ ରହିଛି ଯେ ପ୍ରଯୁକ୍ତି ଦ୍ୱାରା କାମ ଶେଷ ହୁଏ ନାହିଁ । ବରଂ କାମ କରିବାର ପ୍ରକ୍ରିୟାରେ ପରିବର୍ତ୍ତନ ଆସିଥାଏ ଏବଂ ନୂତନ ପ୍ରକାର ରୋଜଗାର ସୃଷ୍ଟି ହୁଏ । ତେଣୁ ଏଆଇ ଦୁନିଆରେ ଲୋକଙ୍କୁ ନୂଆ ଦକ୍ଷତା ଶିଖିବାର ଆବଶ୍ୟକତା ଉପରେ ଜୋର ଦେବାକୁ ପଡ଼ିବ ବୋଲି ମୋଦୀ କହିଛନ୍ତି।

# ବଦଳି ପାରନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ, ବିଧାୟକ ବୈଠକରେ ଆଲୋଚନା

ନୂଆଦିଲ୍ଲୀ,୧୧।୨(ଏଜେନ୍ସି): ଦିଲ୍ଲୀ ନିର୍ବାଚନ ହାରିବା ପରେ ଆମ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଏକପ୍ରକାର ବିବଶ ହୋଇପଡ଼ିଛନ୍ତି। ଏକଦା ଦିଲ୍ଲୀ ଏବଂ ପଞ୍ଜାବ ସମେତ ଅନ୍ୟ କିଛି ରାଜ୍ୟରେ କାୟା ବିସ୍ତାର କରି ଆପ୍‌କୁ ଏକ ଜାତୀୟ ଦଳରେ ପରିଣତ କରିବାକୁ ଚାହୁଁଥିବା କେଜ୍ରିୱାଲ ନିଜେ ନିର୍ବାଚନ ହାରିଯିବା ବିଷୟ ତାଙ୍କ ରାଜନୈତିକ ଭବିଷ୍ୟତ ପ୍ରତି ବଡ଼ ପ୍ରଶ୍ନ ଉଠାଇଛି। ଏହାକୁ ଦୃଷ୍ଟିରେ ରଖି ସେ ଏବେ ପଞ୍ଜାବ ରାଜନୀତି ଉପରେ ଫୋକସ୍ କରିଥିବା କୁହାଯାଉଛି। ଏପରିକି ପଞ୍ଜାବରୁ ମୁଖ୍ୟମନ୍ତ୍ରୀ ଭଗୱତ ମାନଙ୍କୁ ହଟାଇବାକୁ ଯୋଜନା କରିଥିବା ଜଣାପଡ଼ିଛି।



ଦିଲ୍ଲୀ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦୁଇ ଦିନ ପରେ କେଜ୍ରିୱାଲ ପଞ୍ଜାବର ସମସ୍ତ ଆପ୍ ବିଧାୟକ ଏବଂ ମନ୍ତ୍ରୀଙ୍କୁ ମଙ୍ଗଳବାର ଦିଲ୍ଲୀ ଡକାଇଥିଲେ। ସେହି ଅନୁସାରେ ବହୁ ବିଧାୟକ ଏବଂ ମନ୍ତ୍ରୀ ଦିଲ୍ଲୀ ଆସି ବୈଠକରେ ଯୋଗ ଦେଇଥିଲେ। କିନ୍ତୁ ଏହି ବୈଠକର ନିର୍ଯ୍ୟାସ କ'ଣ ଥିଲା ତାହା ସାମ୍ନାକୁ ଆସି ନ ଥିଲା ବେଳେ ମାତ୍ର ୨୬ ମିନିଟ୍ ମଧ୍ୟରେ ବୈଠକ ଶେଷ ହୋଇଯିବା ବିଷୟକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏହାବ୍ୟତୀତ ପଞ୍ଜାବ ରାଜନୀତିକୁ ନେଇ ଦିଲ୍ଲୀରେ କାହିଁକି ବୈଠକ କରାଗଲା ବୋଲି ମଧ୍ୟ ଅନେକ ପ୍ରଶ୍ନ ଉଠାଇଛନ୍ତି। ତେବେ କେଜ୍ରିୱାଲ ରାଜନୀତିରେ ସକ୍ରିୟ ରହିବା ସହିତ ନିଜର ଏବଂ ଦଳର ଭବିଷ୍ୟତକୁ ସଜାଡିବା ଲାଗି ପଞ୍ଜାବରେ ଦବଦବା ଜାରି ରଖିବାକୁ ଏହି ବୈଠକରେ ସଙ୍କେତ ଦେଇଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ଭଗୱତ ସିଂ ମାନଙ୍କୁ ଏ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା ବେଳେ ସେ ଏଭଳି ସମ୍ଭାବନାକୁ ଏଡାଇ ଦେଇଥିଲେ ମଧ୍ୟ ତାଙ୍କ ମାନସିକ ସ୍ଥିତି ଯେଉଳି ରହିଥିଲା ତାହା ଏଭଳି ବିଷୟକୁ ସ୍ପଷ୍ଟ କରିଥିବା ଅନେକ ଗଣମାଧ୍ୟମ ପ୍ରକାଶ କରିଛନ୍ତି।

ସେ ନିଜେ ପଞ୍ଜାବ ମୁଖ୍ୟମନ୍ତ୍ରୀ ହେବାକୁ ଯୋଜନା ଚଳାଇଛନ୍ତି ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ବୈଠକ ପରେ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କେଜ୍ରିୱାଲ ଏକ ସାମ୍ବିଧାନିକ ପଦରେ ରହି ରାଜନୀତିରେ ସକ୍ରିୟ ହେବାକୁ ଚାହୁଁଛନ୍ତି ବୋଲି କୁହାଯାଉଛି। କିନ୍ତୁ ଆପ୍ ପକ୍ଷରୁ ଏହାର ଖଣ୍ଡନ କରାଯାଇଛି। ଆପ୍ ନେତାମାନେ କହିଛନ୍ତି ଯେ ପଞ୍ଜାବରେ ଦଳ ଲୋକମାନଙ୍କର ଆହୁରି କିପରି ନିକଟତର ହୋଇପାରିବ, ତାହାକୁ ନେଇ ମାନସମନ୍ଥନ ହୋଇଛି। । ୨୦୨୨ରେ ପଞ୍ଜାବରେ ୧୧୭ ଆସନ ମଧ୍ୟରୁ ଆପ୍ ୯୨ଟି ଆସନରେ ବିଜୟ ହାସଲ କରି ସରକାର ଗଠନ କରିଛି। ଅନ୍ୟ କୌଣସି ଦଳ ଆପ୍‌କୁ ବିପଦରେ ପକାଇବା ଭଳି ସାମର୍ଥ୍ୟ ରଖି ନାହିଁ।

**ଏଲ୍‌ଓସିରେ ଆଇଇଡି ବିସ୍ଫୋରଣ କଲେ ଆତଙ୍କବାଦୀ**

# ୨ ଯବାନ ସହିଦ; ଜଣେ ଗୁରୁତର

ଶ୍ରୀନଗର, ୧୧।୨ (ଏଜେନ୍ସି):ଜମ୍ମୁ ଜିଲ୍ଲା ଅଖନୁର କ୍ଷେତ୍ରର ଏଲ୍‌ଓସି ନିକଟରେ ଥିବା ଲାଲୋଲି ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ସେନାର ପାଟ୍ରୋଲିଂ ଟିମ୍‌କୁ ନିଶାଣ କରି ଆତଙ୍କବାଦୀ ମଙ୍ଗଳବାର ଅପରାହ୍ଣରେ ଆଇଇଡି ବିସ୍ଫୋରଣ କରିଛନ୍ତି। ଏଥିରେ ୨ ଯବାନ ସହିଦ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେନା ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ଏବେ ସୁରକ୍ଷାବାହିନୀ ଉକ୍ତ ଅଞ୍ଚଳକୁ ଘେରାଉ କରି ତଲାସୀ ଅଭିଯାନ ଆରମ୍ଭ କରିଛି। ସେନାର ହ୍ୱାଇଟ ନାଇଟ୍ କ୍ରସ୍ ପକ୍ଷରୁ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। କ୍ୟାପ୍‌ଟେନ କେଏସ୍ ବକ୍ସି ଏବଂ ମୁକେଶ ଏହି ଆକ୍ରମଣରେ ସହିଦ ହୋଇଥିବା ସୂଚନା ମିଳିଛି। ତେବେ ଏ ନେଇ ସେନା ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଏହା ପୂର୍ବରୁ ସୋମବାର ରାଜୌରିର ଏଲ୍‌ଓସିର ପାକିସ୍ତାନ ପକ୍ଷରୁ ଗୁଳିଗୋଳା ମାଡ଼ କରାଯାଇଥିଲା। ଏଥିରେ ଜଣେ ଯବାନ ଗୁରୁତର ଆହତ ହୋଇଥିଲେ। ସେହପରି ଗତ ଜାନୁଆରୀ ୧୪ରେ ଜମ୍ମୁ-କଶ୍ମୀର ରାଜୌରି ନିକଟସ୍ଥ ମକରି ଅଞ୍ଚଳକୁ ଲାଗି ରହିଥିବା ଏଲଓସିରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଏଥିରେ ଗୋରଖା ରାଇଫଲ୍ସର ୬ ଯବାନ ଆହତ ହୋଇଥିଲେ।

# ସଙ୍ଗମରେ ବୁଡ଼ ପକାଇଲେ ଅମ୍ବାନୀ ପରିବାର



ପ୍ରୟାଗରାଜ, ୧୧।୨ (ଏଜେନ୍ସି): ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ନିଜ ପରିବାର ସହିତ ମଙ୍ଗଳବାର ମହାକୁମ୍ଭରେ ପହଞ୍ଚିଛନ୍ତି। ପୁଅ ଅନନ୍ତ, ବୋହୂ ରାଧିକା ମର୍ଚ୍ଚାଣ୍ଟ, ମାଆ କୋକିଳାବେନ ଅମ୍ବାନୀଙ୍କ ସହ ମୁକେଶ ସଙ୍ଗମରେ ବୁଡ଼ ପକାଇଛନ୍ତି। ଅନ୍ୟପକ୍ଷରେ ମହାକୁମ୍ଭର ୩୦ ତିମ ଦିନରେ ବୁଡ଼ ପକାଇବା ପାଇଁ ପ୍ରବଳ ଗହଳି ହୋଇଛି। ସନ୍ଧ୍ୟା ସୁଦ୍ଧା ୧.୨୩ କୋଟି ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଏ ପର୍ଯ୍ୟନ୍ତ ମୋଟ ୪୫.୮୫ କୋଟିରୁ ଅଧିକ ଶ୍ରଦ୍ଧାଳୁ ଗଙ୍ଗାରେ ବୁଡ଼ ପକାଇଲେଣି। ଏବେ ବି ୨୫ କିମି ପର୍ଯ୍ୟନ୍ତ ରାସ୍ତାଘାଟ ଜାମ ରହିଛି। ଏହା ମଧ୍ୟରେ ମାଘ ପୂର୍ଣ୍ଣମୀ (ବୁଧବାର) ବୁଡ଼ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରକୁ 'ନୋ ଭେଇକିଲ ଜୋନ' ଘୋଷଣା କରାଯାଇଛି।

# ସନାତନ ଧର୍ମ ଆପଣାଇଲେ ୬୮ ବିଦେଶୀ



ପ୍ରୟାଗରାଜରେ ଚାଲୁଥିବା କୁମ୍ଭ ମେଳାରେ ଆଜି ୬୮ ବିଦେଶୀ ନାଗରିକ ବିଧିବିଧାନରେ ସନାତନ ଧର୍ମ ଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ଆମେରିକା ନାଗରିକ ସାମିଲ ଅଛନ୍ତି। ସନାତନ ଧର୍ମ ଗ୍ରହଣ କରିଥିବା ଏହି ବିଦେଶୀଙ୍କ ମଧ୍ୟରେ ଆମେରିକାର ୪୧ ଜଣ, ଅଷ୍ଟ୍ରେଲିଆର ୭, ସ୍ୱିଜରଲାଣ୍ଡର ୪, ଫ୍ରାନ୍ ଏବଂ ବେଲଜିୟମର ୩ ଜଣ ଲେଖାଏଁ, ବ୍ରିଟେନ, ଆୟରଲାଣ୍ଡ, କାନାଡ଼ାର ୨ ଜଣ ଲେଖାଏଁ ଏବଂ ନରୱେ, ଜାପାନ, ଇଟାଲୀ, ଜର୍ମାନୀର ଜଣେ ଲେଖାଏଁ ନାଗରିକ ସାମିଲ ଅଛନ୍ତି।

# ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଏକାକୀ ଲଢ଼ିବ ଟିଏମ୍‌ସି

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି): ବିରୋଧୀ ଦଳଗୁଡିକର ମେଣ୍ଟ 'ଇଣ୍ଡିଆ'କୁ ଝଟ୍‌କା ପରେ ଝଟ୍‌କା ଲାଗି ଚାଲିଛି। ଦିଲ୍ଲୀ ବିଧାନସଭା ନିର୍ବାଚନରେ ପରାଜୟ ପରେ ମେଣ୍ଟର ଏକତା ଉପରେ ପ୍ରଶ୍ନ ଉଠାଯାଉଛି। ଏହି ନିର୍ବାଚନରେ ମେଣ୍ଟର ସଦସ୍ୟ ଆମ ଆଦମୀ ପାର୍ଟି ଏବଂ କଂଗ୍ରେସ ଅଲଗା ଅଲଗା ନିର୍ବାଚନ ଲଢ଼ିବାରୁ ବିଜେପି ଜିତିଲା ବୋଲି କୁହାଯାଉଛି। ଏହାକୁ ନେଇ ଦୁଇ ଦଳଙ୍କୁ ସମାଲୋଚନା କରାଯାଉଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ମେଣ୍ଟକୁ ଆଉ ଏକ ବଡ଼ ଝଟ୍‌କା ଦେଇଛନ୍ତି। ୨୦୨୬ରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଟିଏମ୍‌ସି ଏକାକୀ ଲଢ଼ିବ ବୋଲି ଦିଦି ଘୋଷଣା କରିଛନ୍ତି। ଏହା ଉପରେ ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି ଯେ ଟିଏମ୍‌ସି ଏକାକୀ ରାଜ୍ୟରେ ନିର୍ବାଚନ ଲଢ଼ିଆସୁଛି। ମମତା ରାଜ୍ୟରେ ମେଣ୍ଟଠାରୁ ସମ୍ପର୍କ ଛିନ୍ନ କରି ସାରିଛନ୍ତି। କିନ୍ତୁ ସେ କେନ୍ଦ୍ରୀୟ ମେଣ୍ଟରେ ସାମିଲ ଅଛନ୍ତି। ଏହି ଦୃଷ୍ଟିରୁ ନିର୍ବାଚନ ଲଢ଼ିବା ନେଇ ଘୋଷଣା କରିବା ପୂର୍ବରୁ ମମତାଙ୍କୁ କଂଗ୍ରେସ ସହ ଆଲୋଚନା କରିବାର ଥିଲା।

ଅନ୍ୟପଟେ ମମତା କହିଛନ୍ତି ଯେ କଂଗ୍ରେସ ଦିଲ୍ଲୀରେ ଆପ୍‌କୁ ସମର୍ଥନ ଦେଲାନାହିଁ। ସେହିପରି ହରିୟାଣାରେ ଆପ୍ କଂଗ୍ରେସକୁ ସହଯୋଗ କଲା ନାହିଁ। ତେଣୁ ଉଭୟ ରାଜ୍ୟରେ ବିଜେପି ବିଜୟୀ ହୋଇଥିଲା। ସମସ୍ତେ ଏକାଠି ହେବା ଉଚିତ। ମାତ୍ର ପଶ୍ଚିମବଙ୍ଗରେ କଂଗ୍ରେସର ଅସ୍ତିତ୍ୱ ନାହିଁ। ଏଥିପାଇଁ ଟିଏମ୍‌ସି ଏକାକୀ ଲଢ଼ିବ।

**ପୁଣି ହମାସ୍‌କୁ ଧମକ ଦେଲେ ଟ୍ରମ୍ପ**

# ବନ୍ଦୀଙ୍କୁ ନ ଛାଡ଼ିଲେ ଗାଜା ଧ୍ୱଂସ ହୋଇଯିବ

ୱାଶିଂଟନ, ୧୧।୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଆତଙ୍କବାଦୀ ସଂଗଠନ ହମାସକୁ ଧମକ ଦେଇଛନ୍ତି। ଶନିବାର ଦ୍ୱିପହର ସୁଦ୍ଧା ଇସ୍ରାଏଲ ବନ୍ଦୀଙ୍କୁ ମୁକ୍ତ ନ କଲେ ଗାଜାରେ ସବୁ ବର୍ବାଦ ହୋଇଯିବ। ଅସ୍ତ୍ରବିରତି ଚୁକ୍ତି ରଦ୍ଦ କରିଦିଆଯିବ। ଟ୍ରମ୍ପ ନିଜ ଓଭାଲ ଅଫିସରେ ସାମ୍ବାଦିକଙ୍କ ସହ ଆଲୋଚନା ସମୟରେ ଏହି ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ ଅସ୍ତ୍ରବିରତି ଜାରି ରଖିବା କିମ୍ବା ବନ୍ଦ କରିବା ନିଷ୍ପତ୍ତି ଇସ୍ରାଏଲକୁ ନେବାକୁ ହେବ। କିନ୍ତୁ ଅନ୍ୟ ସବୁ ବନ୍ଦୀଙ୍କୁ ଥର ଥରକେ ପରିବର୍ତ୍ତେ ଏକାଥରକେ ମୁକ୍ତ କରାଯିବା ଉଚିତ। ଏହି ସମୟସୀମାକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ସହ ଆଲୋଚନା କରିବେ ବୋଲି ଟ୍ରମ୍ପ ଉଲ୍ଲେଖ କରିଛନ୍ତି। ତେବେ ଏ ବିଷୟରେ ସେ ବିସ୍ତୃତ ସୂଚନା ଦେଇ ନାହାନ୍ତି। ଏହା ପୂର୍ବରୁ ହମାସ୍ ଅସ୍ତ୍ରବିରତି ରଦ୍ଦ କରିବା ପାଇଁ ଧମକ ଦେଇଥିଲା। ଇସ୍ରାଏଲ ଚୁକ୍ତି ଉଲ୍ଲଘଂନ କରୁଥିବା ଅଭିଯୋଗ ଲଗାଇ ଥିଲା।

ଇସ୍ରାଏଲ ସହ ଯୁଦ୍ଧ ଯୋଗୁଁ ଗାଜା ଧ୍ୱଂସ ସ୍ତୁପରେ ପରିଣତ ହୋଇଗଲାଣି। ଯେତିକି ଅବଶେଷ ଗଦା ହୋଇଛି ତାହାକୁ ଶହେ ଟ୍ରକରେ ବାହାର କଲେ ୧୫ ବର୍ଷ ଲାଗିବ। ଏବେ ୯୨ ପ୍ରତିଶତ ଘର କ୍ଷତିଗ୍ରସ୍ତ କିମ୍ବା ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ୯୫ ପ୍ରତିଶତ ସ୍କୁଲ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ମାତ୍ର ୨୫ ପ୍ରତିଶତରୁ କମ୍ ରାସ୍ତାଘାଟ ଏବଂ ପାଣି ସ୍ରୋତ ରହିଛି। କେବଳ ଗାଜାରେ ୫ ଟନ୍ ଅବଶେଷ ଗଦା ହୋଇଛି। ଏହା ଦ୍ୱାରା ଗାଜାର ଗ୍ରେଟ ପିରାମିଡ୍‌କୁ ୧୨ ଥର ପୂର୍ଣ୍ଣ କରାଯାଇପାରିବ।

# ଟ୍ରମ୍ପଙ୍କ ରାସ୍ତାରେ ବ୍ରିଟେନ ପିଏମ୍ ଷ୍ଟାର୍ମର

ଲଣ୍ଡନ,୧୧।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ବ୍ରିଟେନ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର ମଧ୍ୟ ବେଆଇନ ପ୍ରବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଇଛନ୍ତି। ଏହିକ୍ରମରେ ବ୍ରିଟେନରେ ବେଆଇନ ଭାବେ ବସବାସ କରି ବ୍ୟବସାୟ ଚଳାଉଥିବା ଲୋକମାନଙ୍କ ଉପରେ ଚଢଉ କରାଯାଇଛି। ପ୍ରବାସୀ ଭାରତୀୟ ଶ୍ରମିକମାନେ କାମ କରୁଥିବା ଭାରତୀୟ ରେଷ୍ଟୁରାଣ୍ଟ, ନେଲ୍ ବାର୍, ଅନ୍ୟ ଦୋକାନ ଏବଂ କାର୍ ୱାସିଂ ଗ୍ୟାରେଜଗୁଡ଼ିକରେ ପୁଲିସ ଚଢଉ କରିଛି। ବ୍ରିଟେନ ଗୃହ ସଚିବଙ୍କ ଦ୍ୱାରା ତଦାରଖ କରାଯାଉଥିବା ଏହି କାର୍ଯ୍ୟାନୁଷ୍ଠାନର ଏକ ଅଂଶ ଭାବେ ଗତ ଜାନୁଆରୀ ଶେଷ ଭାଗରେ ୮୨୮ଟି ସ୍ଥାନରେ ଚଢଉ କରାଯାଇଥିଲା। ଏଥିରେ ୬୦୯ ଜଣଙ୍କୁ ଗିରଫ ମଧ୍ୟ କରାଯାଇଛି। ବେଆଇନ ଭାବେ ବସବାସ କରୁଥିବା ଶ୍ରମିକଙ୍କ ସମ୍ପର୍କରେ ଗୁପ୍ତ ସୂଚନା ଆଧାରରେ ଗୃହ ବିଭାଗ କାର୍ଯ୍ୟ କରୁଛି। ଗତ ମାସରେ ରେଷ୍ଟୁରାଣ୍ଟ, ଟେକଆୱେ ଏବଂ କାଫେ ସହିତ ଖାଦ୍ୟ, ପାନୀୟ ଏବଂ ତମାଖୁ ଶିଳ୍ପକୁ ଟାର୍ଗେଟ କରାଯାଇଥିଲା। ଷ୍ଟାର୍ମରଙ୍କ ଲେବର ପାର୍ଟି ଦଳ ଏବେ ବେଆଇନ ପ୍ରବାସୀଙ୍କୁ ଦେଶାନ୍ତର କରିବାକୁ ଜୋର ଦେଇ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦେଶକୁ ସୁରକ୍ଷିତ ରଖିବାକୁ ହେଲେ ସୀମାକୁ ଅନୁପ୍ରବେଶକାରୀଙ୍କ ଠାରୁ ସୁରକ୍ଷା ଦେବାକୁ ପଡ଼ିବ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି।

# କିଏ ହେବେ ମଣିପୁର ମୁଖ୍ୟମନ୍ତ୍ରୀ

ଇମ୍ଫାଲ,୧୧।୨(ଏଜେନ୍ସି): ପ୍ରାୟ ଦୁଇ ବର୍ଷ ତଳେ ମଣିପୁରରେ ସୃଷ୍ଟି ହୋଇଥିବା ଜାତିଗତ ହିଂସାର ପ୍ରଭାବ ଏବେ ମଧ୍ୟ ଜାରି ରହିଛି। ରାଜ୍ୟର ବିଭିନ୍ନ ସଂପ୍ରଦାୟ ମଧ୍ୟରେ ବିବାଦ ତୁଟି ନଥିଲାବେଳେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇ ନାହିଁ। ଏହାସତ୍ତ୍ୱେ ନିରବ ରହିଥିବା ମୁଖ୍ୟମନ୍ତ୍ରୀ ବୀରେନ ସିଂ ଅପ୍ରତ୍ୟାଶିତ ଭାବେ ଗତ ରବିବାର ନିଜ ପଦରୁ ଇସ୍ତଫା ଦେବା ଘଟଣା ବିଭିନ୍ନ ମହଲରେ ପ୍ରଶ୍ନ ସୃଷ୍ଟି କରିଛି। ପ୍ରଶାସନିକ ବିଫଳତା ସତ୍ତ୍ୱେ ବିଜେପି ବୀରେନଙ୍କୁ କାହିଁକି ମୁଖ୍ୟମନ୍ତ୍ରୀ ପଦରୁ ହଟାଉ ନଥିଲା ତାହା କିଛି ମହଲରେ ପ୍ରଶ୍ନ ଉଠିଥିଲା ବେଳେ ଏବେ କିଏ ମୁଖ୍ୟମନ୍ତ୍ରୀ ହେବ ତାହାକୁ ନେଇ ମଧ୍ୟ ଆଲୋଚନା ଜୋର ଧରିଛି। ବିଜେପି ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନଥିଲା ବେଳେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଦୌଡ଼ରେ ୫ ନେତା ରହିଥିବା କୁହାଯାଉଛି । ଏହି ୫ ନେତା ରାଜ୍ୟ ପ୍ରଭାରୀ ସମ୍ବିତ ପାତ୍ରଙ୍କ ସହ ମଧ୍ୟ ରୁଦ୍ଧଦ୍ୱାର ବୈଠକ କରିଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ଦୌଡ଼ରେ ପ୍ରଥମ ନାମ ସତ୍ୟବ୍ରତ ସିଂହଙ୍କ ରହିଛି। ସେ ୨୦୧୭ ଓ ୨୦୨୨ରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୟାଇସକୁଲ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ଶ୍ରୀ ସିଂହ ପୂର୍ବରୁ ଖାଉଟି ବ୍ୟାପାର, ଆଇନ, ଶ୍ରମ ଓ ନିଯୁକ୍ତି ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲା ବେଳେ ଏବେ ମଣିପୁର ବିଧାନସଭା ବାଚସ୍ପତି ରହିଛନ୍ତି। ତାଙ୍କର ଦୃଢ ଅଭିଜ୍ଞତାକୁ ନେଇ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି କୁହାଯାଉଛି। ସେହିପରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ବସନ୍ତ କୁମାର ସିଂହ। ସେ ବିଷ୍ଣୁପୁର ଜିଲ୍ଲା ନମବୋଲ ଆସନରୁ ୪ଥର ବିଧାୟକ ରହିବା ସହିତ ବୀରେନ ସିଂହ ସରକାରର ଦ୍ୱିତୀୟ ପାଳିରେ ଶିକ୍ଷା ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ଅନ୍ୟ ନେତାଙ୍କ ମଧ୍ୟରେ ରାଧେଶ୍ୟାମ ସିଂହଙ୍କ ନାମ ଚର୍ଚ୍ଚାରେ ରହିଥିଲା ବେଳେ ୨୦୧୭ରେ ରାଧେଶ୍ୟାମ ପ୍ରଥମଥର ପାଇଁ ବିଜେପି ଟିକଟରେ ହେଇରୋକ ଆସନରୁ ବିଜୟୀ ହୋଇଥିଲେ। ବୀରେନ ସିଂହ ସରକାରର ପ୍ରଥମ ପାଳିରେ ତାଙ୍କୁ ଶିକ୍ଷା, ଶ୍ରମିକ ଓ ନିଯୁକ୍ତି ମନ୍ତ୍ରୀ କରାଯାଇଥିଲା। ୨୦୨୨ରେ ସେ ସେ ପୁଣି ବିଜେପି ଟିକଟରୁ ବିଜୟୀ ହୋଇଥିଲେ। ସେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ରାଧେଶ୍ୟାମ ଜଣେ ଅବସରପ୍ରାପ୍ତ ଆଇପିଏସ ହୋଇଥିଲା ବେଳେ ଜାତିସଂଘରେ ମଧ୍ୟ କାର୍ଯ୍ୟ କରି ଦୃଢ ଅଭିଜ୍ଞତା ହାସଲ କରିଛନ୍ତି। ଏହାବ୍ୟତୀତ ସେ ମଣିପୁର ରାଜ୍ୟପାଳଙ୍କ ଏଡିସି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଅନ୍ୟ ଚର୍ଚ୍ଚିତ ନାମ ମଧ୍ୟରେ ୱାଇ ଖେମଚାନ୍ଦ ସିଂହ ରହିଛନ୍ତି। ଖେମଚାନ୍ଦ ୨୦୧୭ରୁ ୨୦୨୨ ଯାଏ ମଣିପୁର ବିଧାନସଭାର ବାଚସ୍ପତି ଭାବେ କାର୍ଯ୍ୟ କରିବା ସହିତ ବୀରେନ ସିଂହ ସରକାରଙ୍କ ଦ୍ୱିତୀୟ ପାଳିରେ ଶିକ୍ଷା ମନ୍ତ୍ରୀ ହୋଇଥିଲେ।

## ବାଇକ୍ ଚୋରି ଅଭିଯୋଗରେ ୨ ଗିରଫ

**ତରଭା, ୧୧।୨(ସମିସ):** ବାଇକ୍ ଚୋରି ଅଭିଯୋଗରେ ପୁଲିସ ୨ଜଣଙ୍କୁ ଗିରଫ କରିଛି। ତରଭା ନୂଆପଡ଼ାର ବିଜୟ ମେହେରଙ୍କ ବାଇକ ଗତ ୭ ତାରିଖ ରାତିରେ ତାଙ୍କର ଘର ସମ୍ମୁଖରୁ ଚୋରି ହୋଇଯାଇଥିଲା। ସେ ଏନେଇ ତରଭା ଥାନାରେ ରିପୋର୍ଟ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତରୁ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବୈରାସର ଅଞ୍ଚଳରେ ଚୋରି ବାଇକ ଥିବା ଜାଣିବାକୁ ପାଇଥିଲା। ପୁଲିସ ଚଢ଼଼ଉ କରି ବୈରାସର ଅଞ୍ଚଳର ଉମାକାନ୍ତ ପାଣ୍ଡେଙ୍କ ନିକଟରୁ ଗୋଟିଏ ଓ ତରଭା ହାଟପଦାପଡ଼ାର ଜଣେ ନାବାଳକ ପାଖରୁ ୨ଟି ଚୋରି ବାଇକ୍ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଅନିତା କିଡ଼ୋଙ୍କ ପାଖରୁ ଜଣାଯାଇଛି।

## ମହିଳାଙ୍କୁ ମାନସିକ ନିର୍ଯାତନା ଘଟଣା ଦୋଷୀକୁ ୨ ବର୍ଷ ଜେଲ

**ଭବାନୀପାଟଣା, ୧୧।୨(ସମିସ)** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଟାଉନ ଥାନା ଅଞ୍ଚଳରେ ଗତ ୨୦୧୬ ମସିହାରେ ସ୍ଥାନୀୟ ଜନୈକା ବିବାହିତା ମହିଳାଙ୍କୁ ଅନୈତିକ ଭାବରେ ପିଛା କରିବା ସହ ମାନସିକସ୍ତରରେ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ମହିଳା ଜଣକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ।ମଙ୍ଗଳବାର ଭବାନୀପାଟଣ ଜେଏମଏଫସି/ସିଭିଲ ଜର୍ଜ (ଜୁନିୟର ଡିଭିଜନ) ସୁମିତ୍ରା ବିଶ୍ୱାଳ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଏହି ମାମଲାରେ ଅଭିଯୁକ୍ତ ଆନନ୍ଦ ଜୈନଙ୍କୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ୬ମାସ ଅତିରିକ୍ତ ଜେଲ ଦଣ୍ଡାଦେଶ ଭୋଗିବେ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ଏପିପି ରାଜ କୁମାର ଛତ୍ରିଆ ପରିଚାଳନା କରିଥିଲେ।

## ଚିକିତ୍ସକ ଭାବେ ଯୋଗଦେଲେ ଗାୟିକା ଡ.ଅର୍ଚ୍ଚନା ପାଢ଼ୀ

**ବୀରମହାରାଜପୁର/ସୁବଳୟା, ୧୧।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଲୁଡୁରପଙ୍କସ୍ଥିତ ଆୟୁର୍ବେଦିକ ଚିକିତ୍ସାଳୟରେ ମଙ୍ଗଳବାର ନୂତନ ଚିକିତ୍ସକ ଭାବେ ଯୋଗଦେଇଛନ୍ତି ଲୋକପ୍ରିୟ ଗାୟିକା ଡ.ଅର୍ଚ୍ଚନା ପାଢ଼ୀ। ସେ ତାଙ୍କ ଚାକିରି ଜୀବନର ପ୍ରଥମ କରି ଏହି ଚିକିତ୍ସାଳୟରେ ଚିକିତ୍ସକ ଭାବେ ଯୋଗଦାନ କରିଛନ୍ତି। ଏହି ଅବସରରେ ଡ.ପାଢ଼ୀଙ୍କୁ ଗ୍ରାମର ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କ୍ଲବ ଉପଦେଷ୍ଟା ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦ, ପୂର୍ବରୁ ଚିକିତ୍ସାଳୟର ଦାୟିତ୍ୱରେ ଥିବା ଚିକିତ୍ସକ ଡ. ମଧୁସ୍ମିତା ପତି, କ୍ଲବର ପୂର୍ବତନ ସଭାପତି ସୁଧୀର ପ୍ରଧାନ, ଗ୍ରାମ୍ୟ ପରିଚାଳନା କମିଟିର ସମ୍ପାଦକ ସନାତନ ମହାକୁର, ଉପସଭାପତି ଟୁଟୁ ମହାକୁର, ସହ ସମ୍ପାଦକ ଆଶିଷ ମେହେର, ବରିଷ୍ଠ ସଭ୍ୟ ସୁନିଲ ପ୍ରଧାନ, ପ୍ରମୋଦ ବେଦୋକ୍ତା, ରଘୁନାଥ ପ୍ରଧାନ ଓ ସତ୍ୟଜିତ ମହାକୁର ପ୍ରମୁଖ ଯୋଗଦେଇଥିଲେ। ଡ.ପାଢ଼ୀ ନିଜ ପ୍ରତିକ୍ରିୟାରେ ଚିକିତ୍ସାଳୟ ଭିତ୍ତିଭୂମି ବିକାଶ ସହିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି।



## ବିଜେପି ମେଣ୍ଡାମଣ୍ଡଳ ତରଫରୁ ବଳିଦାନ ଦିବସ

**ତରଭା, ୧୧।୨(ସମିସ):** ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିରେ ତରଭା ବ୍ଲକ ମେଣ୍ଡାମଣ୍ଡଳ ତରଫରୁ ବଳିଦାନ ଦିବସ ମଙ୍ଗଳବାର ପାଳନ କରାଯାଇଛି। ପୁଆ ଶିବମନ୍ଦିର ପ୍ରାଙ୍ଗଣରେ ମଣ୍ଡଳ ସଭାପତି ଭୁବନାନନ୍ଦ ବାଦୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗିର ସାଂସଦଙ୍କ ତରଭା ବ୍ଲକ ପ୍ରତିନିଧି ନରେଶ ଷାଣ୍ଢ ଯୋଗଦେଇଥିଲେ। ମୁଖ୍ୟବକ୍ତା ସନ୍ତୋଷ ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଚୈତନ୍ୟ ସାହୁ, ତୀର୍ଥ ମହାକୁର, ସତ୍ୟବାନ କୁଅଁର, ପ୍ରଶାନ୍ତ ନାଏକ, ବସୁ ସାହୁ ଓ ମଧୁ ଦେହେରି ଯୋଗଦେଇ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶେଷରେ ସାଂସଦ ପ୍ରତିନିଧି ଶ୍ରୀ ଷାଣ୍ଢ ଧନ୍ୟବାଦ ଦେଇଥିଲେ।

## ଖଡ଼ିଆଳ; ଖାଲିପଡ଼ିଛି ବିଡିଓ ପଦବୀ

### ତହସିଲ ଓ ବ୍ଲକ୍ କାର୍ଯ୍ୟାଳୟରେ ଜନସେବା ବ୍ୟାହତ

**ନୂଆପଡ଼ା/ଖଡ଼ିଆଳ, ୧୧।୨(ସମିସ):** ନୂଆପଡ଼ା ଜିଲ୍ଲାର ଏକ ଅଗ୍ରଣୀ ବ୍ଲକ ଖଡ଼ିଆଳରେ ଦୀର୍ଘ ଦିନ ଧରି ବିଡିଓ ପଦବୀ ଖାଲି ପଡ଼ିଥିବାରୁ ସରକାରଙ୍କ ତରଫରୁ କାର୍ଯ୍ୟାନ୍ୱୟନ ହେଉଥିବା ବିଭିନ୍ନ ଯୋଜନାରୁ ସାଧାରଣ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ ଏଠାରେ ଅବସ୍ଥାପିତ ଥିବା ବିଡିଓ ବୀରସେନ ବେହେରା ଆଜିକୁ ଦୁଇ ମାସ ତଳେ ଅନ୍ୟତ୍ର ବଦଳି ହେବାପରେ ବର୍ତ୍ତମାନ ଖଡ଼ିଆଳ ତହସିଲଦାର ନରସିଂହ ଗଡ଼ବା ଦାୟୀତ୍ୱରେ ରହିଛନ୍ତି। ସୂଚନାଯୋଗ୍ୟ ଯେ ବିଡିଓ ଶ୍ରୀ ବେହେରା ଗତ ବର୍ଷ ଅକ୍ଟୋବର ମାସରେ ତିନିମାସିଆ ତାଲିମ କାର୍ଯ୍ୟକ୍ରମରେ ବାହାରକୁ ଯିବାରୁ ଏମିତି ବି ପଦବୀ ଖାଲି ପଡ଼ିଥିଲା। ବର୍ତ୍ତମାନ ପୁଣି ବଦଳି ହେବାପରେ ଅର୍ଥାତ ଆଜିକୁ ମୋଟ ପାଞ୍ଚ ମାସ ହେବ ଖାଲିପଡ଼ିଥିବାରୁ ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ ବାଧାପ୍ରାପ୍ତ ହେଉଛି। ଉଲ୍ଲେଖ ଯୋଗ୍ୟଯେ ବିଡିଓଙ୍କ କାର୍ଯ୍ୟାଳୟରୁ ତହସିଲ କାର୍ଯ୍ୟାଳୟର ଦୂରତା ଅନ୍ୟୁନ୍ୟ ଅଧ କିମି ଦୂର ରହିଛି। ବିଭିନ୍ନ ସମୟରେ ଉଭୟ ତହସିଲଦାରଙ୍କ କାର୍ଯ୍ୟାଳୟରେ ବିଭିନ୍ନ କାମ ପାଇଁ ହିତାଧିକାରୀମାନେ ଦୂର ଦୁରାନ୍ତରୁ ଆସି ଦିନ ତମାମ ବସି ରହୁଛନ୍ତି। ଏପରିକି ତହସିଲଦାରଙ୍କ କାର୍ଯ୍ୟାଳୟରେ ଲୋକେ ଠିକ ସମୟରେ ଜମି ପଟ୍ଟା ସହ ବିଭିନ୍ନ ପ୍ରକାର ସାର୍ଟିଫିକେଟ, ଜମି ଜମି କାମ କାର୍ଯ୍ୟରୁ ସେବା ପାଇପାରୁ ନଥିବା ବେଳେ ବ୍ଲକରେ ମଧ ପ୍ରଧାନମନ୍ତ୍ରୀ ଆବାସ, ଉନ୍ନୟନ କାର୍ଯ୍ୟର ପେମେଣ୍ଟ ଶ୍ରମିକମାନଙ୍କୁ ମିଳୁନଥିବା ଅଭିଯୋଗ ହେଉଛି। ତୁରନ୍ତ ବ୍ଲକରେ ବିଡିଓ ପଦବୀ ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ବ୍ଲକବାସୀ ଦାବି କରିଛନ୍ତି।

## କ୍ଲଷ୍ଟରସ୍ତରୀୟ 'ନିପୁଣ ଓଡ଼ିଶା' ମେଳା

**କର୍ଲାମୁଣ୍ଡା, ୧୧।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଅବୁଜବାହାଲ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ପ୍ରଧାନ ଶିକ୍ଷକ ଭବାନୀ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କର୍ଲାମୁଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରୋହିତ କୁମାର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ।ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ କୁମାର ଯୋଗଦେଇଥିଲ। ପ୍ରଶାନ୍ତ ମିଶ୍ର ଅତିଥି ପରିଚୟ ଓ ଦୁଷ୍ମନ୍ତ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମ କୁ ସିଆରସିସି ଟୁକୁନୁ କୁମାର ପରିଚାଳନା କରିଥିଲେ।କାଯ'କ୍ରକ୍ରମରେ ୭ ଟି ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ପିତାମ୍ବର ସାହୁ, ଚଞ୍ଚଳା ଭୁଏ, ମୋହନ ମହାନ ସିକଦାର ପ୍ରମୁଖ ସହଯୋଗ କରିଥିଲେ।

# ସମ୍ବଲପୁର- ସୋନପୁର ରେଳଲାଇନ୍ ଦାବି

### ଗୃହରେ ପ୍ରସଙ୍ଗ ଉଠାଇଲେ ସାଂସଦ ସୁଜିତ କୁମାର

**ସୋନପୁର, ୧୧।୨(ସମିସ)**

ପ୍ରସ୍ତାବିତ ସମ୍ବଲପୁର-ଗୋପାଳପୁର ରେଳ ଲାଇନକୁ ସୋନପୁର ଦେଇ ନିର୍ମାଣ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ବହୁ ଦିନ ଦାବି ହୋଇଆସୁଛି। ଜିଲ୍ଲା ସଚେତନ ନାଗରିକ ମଞ୍ଚ ଓ ମହାନଦୀ ଯୁବ ସଂଗଠନ ଆଦି ଅନୁଷ୍ଠାନ ବିଭିନ୍ନ ଫୋରମରେ ଏହି ଦାବି ଉପସ୍ଥାପନ କରି ଆସୁଛନ୍ତି। ଏବେ ରାଜ୍ୟସଭାରେ ଉଠିଛି ସମ୍ବଲପୁର- ସୋନପୁର ରେଳଲାଇନ୍ ପ୍ରସଙ୍ଗ। ଅଞ୍ଚଳବାସୀଙ୍କ ଦାବିକୁ ପ୍ରାଧାନ୍ୟଦେଇ ସାଂସଦ ସୁଜିତ କୁମାର ସମ୍ବଲପୁରରୁ ସୋନପୁରକୁ ନୂତନ ରେଳ ଲାଇନ୍ ନିର୍ମାଣ ପାଇଁ ଦାବି କରିଛନ୍ତି। ସେ କହିଛନ୍ତି ସମ୍ବଲପୁର ଏବଂ ସୋନପୁର ପଶ୍ଚିମଓଡ଼ିଶାର ଦୁଇଟି ପ୍ରମୁଖ ସହର। ଏହି ଦୁଇ ସହରକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ଦେଇ ଟ୍ରକ୍ ଯୋଗେ ଖଣିଜ ଦ୍ରବ୍ୟ ପରିବହନ ହେଉଥିବାରୁ ଏହା ଦୁର୍ଘଟଣା ପ୍ରବଣ ରାସ୍ତା ଭାବେ ପରିଗଣିତ ହୋଇଛି। ତେଣୁ ନୂଆ ରେଳ ଲାଇନ୍ ନିର୍ମାଣ ହେଲେ ଟ୍ରାଫିକ ନିୟନ୍ତ୍ରଣ ସହ ଗମନାଗମନରେ ସୁବିଧା ହେବ ବୋଲି ସେ ଦର୍ଶାଇଛନ୍ତି। ଝାରସୁଗୁଡ଼ା-ସମ୍ବଲପୁର ଶିଳ୍ପାଞ୍ଚଳକୁ ପୂର୍ବଓଡ଼ିଶା ସହ ଏହି ରେଳ ଲାଇନ୍ ସଂଯୋଗ କରୁଥିବାରୁ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ସାଂସଦ ସୁଜିତ କୁମାର କହିଛନ୍ତି। ତେଣୁ ସମ୍ବଲପୁର- ସୋନପୁର ରେଳ ସଂଯୋଗ ନିତାନ୍ତ ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିଥିବାରୁ ସାଂସଦ ସୁଜିତ କୁମାରଙ୍କୁ ଜିଲ୍ଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ କୃତଜ୍ଞତା ଜଣାଯାଇଛି। ସଭାପତି ସୀତାଂଶୁ ମିଶ୍ର ସାଂସଦ ସୁଜିତ କୁମାରଙ୍କୁ ସାଧୁବାଦ ଜଣାଇବା ସହ ପଶ୍ଚିମଓଡ଼ିଶାର ଦୁଇ ପୁରାତନ ଏବଂ ସଂସ୍କୃତି ସମ୍ପନ୍ନ ସହରକୁ ରେଳ ଲାଇନରେ ଯୋଡ଼ିବାର ନିତାନ୍ତ ଆବଶ୍ୟକତା ରହିଛି ବୋଲି କହିଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ଧାରଣା

**ନୂଆପଡ଼ା, ୧୧।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ ଉନ୍ନୟନମୂଳକ କାମରେ ଅନିୟମିତତା ହୋଇଥିବା ନେଇ ୩ଜଣ ଯନ୍ତ୍ରୀଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଥିବା ବେଳେ ଏହାର ସବିଶେଷ ତଦନ୍ତ କରି ସମ୍ପୃକ୍ତ ଅଧିକାରୀ ଓ ଜନ ପ୍ରତିନିଧିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ମଙ୍ଗଳବାର ଦ୍ୱିତୀୟ ଦିବସରେ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଧାରଣାସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଛନ୍ତି।

ପ୍ରକାଶ ଯେ ଯୁବ କଂଗ୍ରେସ ସଭାପତି ଅମିତ ଅହୀରଙ୍କ ନେତୃତ୍ୱରେ ବିଗତ ଦିନରେ ଜିଲ୍ଲା ପ୍ରଶାସନକୁ ମାନପତ୍ର ଦିଆଯାଇ ଏହାଉପରେ କାର୍ଯ୍ୟାନୁଷ୍ଠାନ ନହେଲେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ହେଲେ କୌଣସି ପଦକ୍ଷେପ ନନେବା ପରେ ଧାରଣା ଦିଆଯାଇଥିବା କଂଗ୍ରେସ ତରଫରୁ କୁହାଯାଇଛି। ପ୍ରଥମ ଦିନରେ କୌଣସି ଅଧିକାରୀ ଧାରଣାସ୍ଥଳକୁ ମାଡ଼ିନଥିବା ବେଳେ ମଙ୍ଗଳବାର ଉପଜିଲ୍ଲାପାଳ ଶ୍ରୀ ମାଝୀ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅଧିକାରୀଙ୍କ ଆଲୋଚନା ସନ୍ତୋଷଜନକ ହେଲାନି ବୋଲି ଧାରଣାକୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ କରାଯିବ ବୋଲି ଦଳ ତରଫରୁ କୁହାଯାଇଛି।



### ଦ୍ୱିତୀୟ ଦିନରେ ଆସିଲେ ଉପଜିଲ୍ଲାପାଳ

ଏହି ଧାରଣାରେ ନୂଆପଡ଼ା ଜିଲ୍ଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ ଅହୀର, ରାଜ୍ୟ ସମ୍ପାଦକ ପାଶା ମହାନନ୍ଦ, ରାଜ୍ୟ ସମ୍ପାଦକ ଶାହରୁଖ ଖାନ, ଜିଲ୍ଲା ସମ୍ପାଦକ ସୌରଭ ଚନ୍ଦ୍ରକାର, ବିଧାନସଭାସ୍ତରୀୟ ସଭାପତି ନରେନ୍ଦ୍ର ନାଗ, ଭୀମ ଯାଦବ, ବିରାଟ ତାଣ୍ଡି, ଛବି ପାଣ୍ଡେ, ଜିତୁ ସାହୁ, ଜଗନ୍ନାଥ ନାୟକ, ମୁରଲୀ ଦୀପ, ଅଶୋକ ଦଣ୍ଡସେନା, ଚୁନୁଲାଲ ଶବର ବ୍ଲକ ସଭାପତି, ଉମା ବଞ୍ଜୋର, ଅମୃତ ଶବର, କିଶନ ମହାର, ପପୁ ମହାରା, ଶୁଭମ ସେଠୀ, ଟୁଲୁ ସାହୁ, ମାନୁ ଚନ୍ଦ୍ରକାର, ରାମସିଂ ମାଝୀ, ହରକ ପାଣ୍ଡେ, ରାମଲାଲ ସାହୁ, ଟୁନା ନାଇକ, ବିନୋଦ ରାଉତ, ସଦାନନ୍ଦ ମାଝୀ, ମନୋଜ ନାଇକ, ଭୋଳା ଶବର ଓ ମେହେନ ସାହୁ ପ୍ରମୁଖ ସାମିଲ ଅଛନ୍ତି।

## ଧାନପିଣ୍ଡି ସ୍ଥାନର ଉନ୍ନତିକରଣ ଦାବି



**ସିନାପାଲି, ୧୧।୨(ସମିସ):** ସିନାପାଲି ବ୍ଲକ ଅଧୀନ ସିଙ୍ଗଝରରେ ଆର୍‌ଏମ୍‌ସି ଦ୍ୱାରା ନିର୍ମିତ ହୋଇଥିବା ଧାନପିଣ୍ଡି ସ୍ଥାନର ଉନ୍ନତିକରଣ ଦାବି ହୋଇଛି। ଏନେଇ ଅଞ୍ଚଳର ଚାଷୀମାନେ ଗତ ସୋମବାର ସିନାପାଲି ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁସାରେ ଆଜକୁ ୬ବର୍ଷ ହେବ ସିଙ୍ଗଝରେ ମାଁ ତୁଳସି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଧାନମଣ୍ଡିରେ ସୁଚାରୁ ରୂପେ ଚାଷୀ ଧାନ ବିକ୍ରୟ କରି ଆସୁଛନ୍ତି। ଏଠାରେ ଆରଏମସି ଦ୍ୱାରା ନିର୍ମିତ ହୋଇଥିବା ଗୋଟିଏ ଧାନପିଣ୍ଡି ରହିଛି। ହେଲେ ସେହି ସ୍ଥାନକୁ ଯାନବାହାନ ଯାତାୟାତ କରିବା ପାଇଁ କୌଣସି ସୁବିଧା ନାହିଁ। ବର୍ଷାରେ ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ପଡ଼ିରହୁଥିବା ବେଳେ ବର୍ଷାରେ ଭିଜି କ୍ଷୟକ୍ଷତି ହୋଇଯାଉଛି। ଫଳରେ ଅଞ୍ଚଳର ଚାଷୀ ଅନେକ ସମସ୍ୟାର ସମ୍ମୁଖିନ ହେବାକୁ ପଡୁଥିବା ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ସିଙ୍ଗଝର ଗ୍ରାମରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ, ପଞ୍ଚାୟତ ଅଞ୍ଚଳରେ ଜଳସେଚନର ସୁବିଧା ପାଇଁ ମଧ୍ୟ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ସରପଞ୍ଚ କହଲସିଂ ବାଗ, ଲକ୍ଷପତି ନାଗ, ଲକ୍ଷ୍ମିକାନ୍ତ ବୈଠାରୁ, ଶଶିଭୂଷଣ ନାଗ, ଧରମସିଂ ବୈଠାରୁ, ଚନ୍ଦ୍ର ଶେଖର ସୁନାନୀ, ଦିଲୀପ ନାଗ, ଯୀଶୁରାମ ବୈଠାରୁ, କୁଞ୍ଜଲସିଂ ମାଝୀ, ଯୁଗେଶ୍ୱର ବାଗ ଓ ମୁକେଶ ସା ସମେତ ଅନେକ ଚାଷୀ ଦାବି କରିଛନ୍ତି।

## ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ

**ଶଗଡ଼ା, ୧୧।୨(ସମିସ):**ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମଙ୍ଗଳବାର କଣ୍ଟାମାଳ ବ୍ଲକ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ପଣ୍ଡା ପ୍ରଥମେ ନାରାୟଣ ପ୍ରସାଦଠାରେ ବ୍ୟାଙ୍କିଙ୍ଗ କେନ୍ଦ୍ର ଉଦଘାଟନ ପରେ ନାରାୟଣ ପ୍ରସାଦ ମଣ୍ଡି ପରିଦର୍ଶନ କରିଥିଲେ। ପରେ ରେଘାମୁଣ୍ଡା ବିଦ୍ୟାଳୟ କୋଠା, ଖମନମୁଣ୍ଡାରେ ଗୋଷ୍ଠୀ ଶୌଚାଳୟ ଆଦି ଉଦ୍‌ଘାଟନ କରିଥିଲେ।ଜିଲ୍ଲାପାଳ ଶ୍ରୀପଣ୍ଡା ନାରାୟଣ ପ୍ରସାଦ କଲେଜ, ରିଙ୍ଗାପଡ଼ା ଉଚ୍ଚ ବିଦ୍ୟାଳୟ, ଦିଗୁଣାମାଲ ଉଚ୍ଚ ବିଦ୍ୟାଳୟ ଆଦି ପରିଦର୍ଶନ କରିବା ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସେନା, ବିଡ଼ିଓ ସାମି ଜୟଶ୍ରୀ ରେ‡ୀ, ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସ୍ଥାନୀୟ ସରପଞ୍ଚଙ୍କ ସମେତ ଅନେକ କର୍ମଚାରୀ ଉପସ୍ଥିତ ଥିଲେ।

### ହିତାଧିକାରୀଙ୍କ ଭତ୍ତା ଟଙ୍କା ହଡ଼ପ ଘଟଣା

## ଏକାଥରକେ ୨୧ ମାସର ଭତ୍ତା ଟଙ୍କା ପ୍ରଦାନ

**ନୂଆପଡ଼ା, ୧୧।୨(ସମିସ):** ହିତାଧିକାରୀଙ୍କ ଭତ୍ତା ଟଙ୍କା ହଡ଼ପ ନେଇ ବାରମ୍ବାର ଖବର ପ୍ରକାଶ ପରେ ବୃଦ୍ଧାଙ୍କୁ ଏକାଥରକେ ୨୧ ମାସର ଭତ୍ତା ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଦର ପଞ୍ଚାୟତରେ ଭତ୍ତା ବଣ୍ଟନରେ ଅନିୟମିତତା କରି ୨୧ମାସର ଟଙ୍କା ହଡ଼ପ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ସଦର ପଞ୍ଚାୟତ ଅଧୀନ ସିନାପାଲି ନିବାସୀ ବିଧବା ବୃଦ୍ଧା କୁନ୍ତି ମେହେର (୮୦)ଙ୍କ ୨୧ ମାସର ଭତ୍ତା ଟଙ୍କା ହଡ଼ପ ହେଇଥିବା ସେ ଅଭିଯୋଗ କରିଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନିକ ମହଲରେ ତତ୍ପରତା ଦେଖା ଦେବାସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସିନାପାଲି ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ ହୋଇଥିଲା। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୩ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ଉକ୍ତ ଘଟଣାକୁ ଚପାଇ ଦେବାକୁ ସମ୍ପୃକ୍ତ ଅଧିକାରୀମାନେ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ସିନାପାଲି ନିବାସୀ ବିହାରୀ ଜଗତ ଗତ ୫ ତାରିଖରେ ଘଟଣାକୁ ନେଇ ସୂଚନା ଅଧିକାର ଆଇନ ବଳରେ ଆବେଦନ କରିଥିଲେ। ଘଟଣା ଲୋକଲୋଚନକୁ ଆସିବା ପରେ ଅଧିକାରୀଙ୍କ ମୁଖା ଖୋଲିବା ନେଇ ଭୟ ରହିଛି। ଏଣୁ ସମ୍ପୃକ୍ତ ଅଧିକାରୀମାନେ ଏକତ୍ରିତ ହୋଇ ସେହି ହିତାଧିକାରୀଙ୍କୁ ଭେଟି ଏକାଥରକେ ୨୧ମାସର ମୋଟ ୨୦ ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ହେଲେ ଉକ୍ତ ଘଟଣାକୁ ନେଇ ସିନାପାଲି ବିଡିଓ କାର୍ମୀ ଓରାମଙ୍କୁ ପଚାରିବାରୁ ଉକ୍ତ ଭତ୍ତା ଟଙ୍କା କେହି ଆତ୍ମସାତ କରିନାହାନ୍ତି। ଏହା ସମ୍ପୃକ୍ତ ହିତାଧିକାରୀଙ୍କୁ ତିନିତିନି ମାସର କରି ପ୍ରଦାନ କରାଯିବ, ଏକା ସାଙ୍ଗରେ ଦେବାର ବ୍ୟବସ୍ଥା ନାହିଁ ବୋଲି ସେ କହିଛନ୍ତି। ଅନିୟମିତତା ଘଟଣାକୁ ନେଇ ଆଜିଠାରୁ (ବୁଧବାର) ବ୍ଲକ କାର୍ଯ୍ୟାଳୟରେ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଧାରଣା ଦେବାକୁ ଦଳିତ ଅଧିକାର ମଞ୍ଚର ସଭାପତି ପଦ୍ମନାଭ ଜଗତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସିନାପାଲି ବିଡିଓ ଏବଂ ଥାନା ଅଧିକାରୀଙ୍କୁ ଅଭିଯୋଗ ପ୍ରଦାନ କରିଛନ୍ତି।

### ରାଜ୍ୟ କଂଗ୍ରେସ ସଭାପତି ହେଲେ ଭକ୍ତ ଦାସ

## କଳାହାଣ୍ଡି ଜିଲ୍ଲାରେ ଖୁସିର ଲହରୀ

**ଭବାନୀପାଟଣା, ୧୧।୨(ସମିସ):** କଂଗ୍ରେସରବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ଓଡ଼ିଶା କଂଗ୍ରେସ ସଭାପତି ନିଯୁକ୍ତ ହୋଇଛନ୍ତି। ମଙ୍ଗଳବାର ଏଆଇସିସି ପକ୍ଷରୁ ବିଜ୍ଞପ୍ତି ଜାରୀ କରି ସୂଚନା ଦିଆଯାଇଛି। ଭକ୍ତ ଚରଣ ଦାସ ଓଡ଼ିଶା ବିଧାନସଭାରେ ବିଧାୟକ ଭାବରେ ଥରେ ଏବଂ ସାଂସଦ ଭାବରେ ତିନି ଥର କାର୍ଯ୍ୟ କରିଛନ୍ତି। ୧୯୮୫ ମସିହାର ଓଡ଼ିଶା ବିଧାନ ସଭା ନିର୍ବାଚନରେ ସେ ଭବାନୀପାଟଣା ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ୯ମ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ୧୯୮୯, ୧୯୯୬ ଓ ୨୦୦୯ ଭାରତୀୟ ସାଧାରଣ ନିର୍ବାଚନରେ ସେ କଳାହାଣ୍ଡି ଲୋକ ସଭା ନିର୍ବାଚନ ମଣ୍ଡଳୀରୁ ଯଥାକ୍ରମେ ୯ମ, ୧୧ଶ ଓ ୧୫ଶ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ସେ ଜଣେ ଛାତ୍ର ନେତା ଭାବେ ଜୟପ୍ରକାଶ ନାରାୟଣଙ୍କ ଆନ୍ଦୋଳନରେ ସାମିଲ ହୋଇଥିଲେ। ମାତ୍ର ୩୦ ବର୍ଷ ବୟସରେ ୧୯୮୯ ମସିହାରେ ଜନତା ପାର୍ଟି ଟିକଟରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଚନ୍ଦ୍ରଶେଖରଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ସେ କେନ୍ଦ୍ର ରେଳ ମନ୍ତ୍ରୀ ହୋଇଥିଲେ। ପରବର୍ତ୍ତୀ ସମୟରେ ଭକ୍ତ ଚରଣ ଦାସ କଂଗ୍ରେସରେ ଯୋଗଦେଇଥିଲେ। ଦୀର୍ଘ ଦିନ ଧରି ଖାଲିପଡ଼ିଥିବା ରାଜ୍ୟ ପିସିସି ସଭାପତି ପଦରେ ତାଙ୍କୁ ଦାୟିତ୍ୱ ଦିଆଯାଇଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ତାଙ୍କୁ ନିଯୁକ୍ତି ଦେଇଛନ୍ତି। ଭକ୍ତ ଚରଣ ଦାସ ଓଡ଼ିଶା କଂଗ୍ରେସ ସଭାପତି ନିଯୁକ୍ତ ହେବା ପରେ କଳାହାଣ୍ଡି ଜିଲ୍ଲାରେ ତାଙ୍କର ସମର୍ଥକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ରାଜ୍ୟ ସଭାପତି ଭାବେ ନିଯୁକ୍ତ ହେଲାପରେ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଶ୍ରୀ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି। କଳାହାଣ୍ଡି ମାଟିର ଲଢୁଆ ନେତା ହୋଇଥିବାରୁ ଯୁବ ନେତା ମହମ୍ମଦ ସାହେବ, ଜିଲ୍ଲା ସଭାପତି ଭାରତ ବେମାଲ ଏବଂ କଳାହାଣ୍ଡି ଜିଲ୍ଲା ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ସଭାପତି ପରମାନନ୍ଦ ମାଝୀ। କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାୟକ ଓ ମହା ସଚିବ ଦେବୀ ସିନ୍ଧୁର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



## କେସିଙ୍ଗା ଓ ଜୁନାଗଡ଼ରେ ସ୍ୱାଗତ ସମ୍ବର୍ଦ୍ଧନା



**କେସିଙ୍ଗା /ଜୁନାଗଡ଼, ୧୧।୨(ସମିସ):** କଳାହାଣ୍ଡି ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ଭାରତୀୟ ଜାତୀୟ କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବରେ ମନୋନୀତ କରାଯାଇଛି। ଏହି ଅବସରରେ ଜୁନାଗଡ଼ କଂଗ୍ରେସ କମିଟିର ଜିଲ୍ଲା ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ନିଆଲ, ନଗର ସଭାପତି ଅମିତ ଅଗ୍ରୱାଲ, ଯୁବ ନେତା ପ୍ରଭାତ ଦାସ ଏବଂ ବରିଷ୍ଠ କଂଗ୍ରେସ ନେତା ସୁରେଶ ପଣ୍ଡା ପ୍ରମୁଖ ଭକ୍ତ ଚରଣ ଦାସଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି।

ସେହିପରି କେସିଙ୍ଗା କଂଗ୍ରେସରେ ଖୁସିର ଲହରୀ ଖେଳିଯାଇଛି।ସ୍ଥାନୀୟ ଦୁର୍ଗାମଣ୍ଡପ ଛକରେ ନଗର ସଭାପତି ସୁଭାଷ ଅଗ୍ରୱାଲଙ୍କ ନେତୃତ୍ୱରେ ସହର ବହୁ କଂଗ୍ରେସକର୍ମୀ ବାଣ ଫୁଟାଇ ଖୁସି ଜାହିର କରିଛନ୍ତି। ରାମ କୁମାର ଜୈନ, ଟିକେମନ୍ ଦିପ, ବିଜୟ ଦିପ, ରାମଜୀ ମାତଖଣ୍ଡିଆ, ବିନୋଦ ଜୈନ ଓ ଅନ୍ୟାନ୍ୟ ବରିଷ୍ଠ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

### ଚାରବାହାଲକୁ ବ୍ଲକ୍ ଘୋଷଣା ଦାବି ଜୋର ଧରିଲା

## ବ୍ଲକ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର



**ଚାରବାହାଲ, ୧୧।୨(ସମିସ)**

ରାଜ୍ୟ ସରକାର ନୂତନ ପଞ୍ଚାୟତ ଓ ନୂତନ ବ୍ଲକ ଗଠନକୁ ମାର୍ଚ୍ଚ ମାସ ଶେଷରେ ଚୂଡାନ୍ତ ନିଷ୍ପତ୍ତି ନେଉଥିବା ଗଣମାଧ୍ୟମରେ ଜାଣିବାକୁ ମିଳିଛି। ଫଳରେ ବହୁଦିନରୁ ଆଶା ବାନ୍ଧିଥିବା କଳାହାଣ୍ଡି ଜିଲ୍ଲାର ପହିଲିପାର ରାଜଧାନୀ ଭାବେ ପରିଚିତ ଚାରବାହାଲ ପଞ୍ଚାୟତର ଗ୍ରାମବାସୀ ଚଳଚଞ୍ଚଳ ହୋଇ ଉଠିଛନ୍ତି। ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଅମଳରୁ ଚାରବାହାଲ ଠାରେ ବ୍ଲକ ଗଠନ ପାଇଁ ପ୍ରତିଶ୍ରୁତି ମିଳିଆସିଛି। ବର୍ତ୍ତମାନ ବିଜେପି ଦଳ କ୍ଷମତାକୁ ଆସିବାପରେ ନୂତନ ବ୍ଲକ ଗଠନ ପାଇଁ ପ୍ରସ୍ତୁତି ଚଳାଇଥିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଦୀର୍ଘ ବର୍ଷର ନୀରବତା ପରେ ସରକାରଙ୍କ ଘୋଷଣାରେ ବହୁ ପ୍ରତୀକ୍ଷିତ ଚାରବାହାଲ ପଞ୍ଚାୟତବାସୀଙ୍କ ଆଶା ଉଜ୍ଜୀବିତ ହୋଇ ଉଠିଛି। ଚାରବାହାଲ ବ୍ଲକ କ୍ରିୟାନୁଷ୍ଠାନ କମିଟି ଚାରବାହାଲକୁ ଆଗାମୀ ଦିନରେ ରାଜ୍ୟ ସରକାର ବ୍ଲକ ଘୋଷଣା କରିବା ପାଇଁ ଅଗ୍ରାଧିକାର ଦେବାକୁ ୧୧ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ପ୍ରତିନିଧି ଦଳ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କୁ ତାଙ୍କ ଦାବିପତ୍ର ଦେଇ ପ୍ରଶାସନିକସ୍ତରରେ ପୂର୍ଣ୍ଣ ସହଯୋଗ କରିବାକୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଚାରବାହାଲ ପଞ୍ଚାୟତଟି ଧର୍ମଗଡ଼, ଜୁନାଗଡ଼, କଲମପୁର, ଜୟପାଟଣା ଓ କୋକସରା ଠାରୁ ପ୍ରାୟ ୨୦ କିମି ଦୂରତା ବିଶିଷ୍ଟ କେନ୍ଦ୍ରସ୍ଥଳରେ ଅବସ୍ଥିତ। ବ୍ଲକ ଗଠନ ପାଇଁ ଆବଶ୍ୟକୀୟ ସମସ୍ତ ପ୍ରକାର ଆନୁଷଙ୍ଗିକ ଭିତ୍ତିଭୂମି ରହିଛି। ପ୍ରତିନିଧି ଦଳରେ ପୂର୍ବତନ ସରପଞ୍ଚ ରାମ ନାରାୟଣ ପଣ୍ଡା, ପ୍ରାଣ କିଶୋର ପଣ୍ଡା, ସମାଜସେବୀ ମିନକେତନ ଦଳପତି, ରଜନୀକାନ୍ତ ସମର୍ଲିଆ, ରୁଚେନ ବାଗ, ସାମ୍ବାଦିକ ନିକୁଞ୍ଜ ବିହାରୀ ଚଲାନ, ଆଶିଷ କୁମାର ପଣ୍ଡା, ଚନ୍ଦ୍ରଶେଖର କର, ଭୀଷ୍ମ ଧଙ୍ଗଡ଼ାମାଝୀ ପ୍ରମୁଖ ସାମିଲ୍ ଥିଲେ।

## ଜାତୀୟ କ୍ରୀଡ଼ାରେ ରୌପ୍ୟ ଜିତିଲେ ପ୍ରତୀକ



**ବୌଦ୍ଧ, ୧୧।୨(ସମିସ):** ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ କ୍ରୀଡାରେ ବୌଦ୍ଧର ପ୍ରତୀକ ଦାସ ରୌପ୍ୟ ପଦକ ଜିତିଛନ୍ତି। ବୌଦ୍ଧ ସହର ଗାଈଗୋଠପଡ଼ାର ରାଜେନ୍ଦ୍ର ଦାସଙ୍କ ପୁତ୍ର ପ୍ରତୀକ ବାଇଆଥଲେଟ ଇଭେଣ୍ଟରେ ସିନିଅର ପୁରୁଷ ବିଭାଗରେ କୃତିତ୍ୱ ହାସଲ କରି ବୌଦ୍ଧ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ବାଇଆଥଲେଟ ହେଉଛି ଏଭଳି ଏକ କ୍ରୀଡା ଯେଉଁଥିରେ ଆରମ୍ଭରେ ଖେଳାଳିଙ୍କୁ ୧୬୦୦ ମିଟର ଦୌଡିବାକୁ ହୁଏ, ତାପରେ ୨୦୦ ମିଟର ପହଁରିବା ପରେ ପୁଣି ଶେଷରେ ୧୬୦୦ ମିଟର ଦୌଡିବାକୁ ହୁଏ।୧୪ ମିନିଟ ୧୯.୬୩ ସେକେଣ୍ଡରେ ପ୍ରତୀକ ଏହି ମର୍ଯ୍ଯାଦା ବାଇଆଥଲେଟ ଇଭେଣ୍ଟ ସମାପ୍ତ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ପ୍ରତୀକଙ୍କ କୃତିତ୍ୱରେ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୩୯ ● ପାଉଣ୍ଡ ୧୦୭.୭୪
- ୟୁରୋ ୯୦.୫୯ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୦,୧୦୦ (ଭୁବନେଶ୍ୱର)
- ରୁପା : ୯୮,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୨୯୩.୦୦
- ନିଫ୍ଟି ୨୩,୦୭୧.୦୦




**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



■ ବ୍ୟାଟେରି ଉତ୍ପାଦନ ଚାହିଦା ପୂରଣ

## ବିଶ୍ୱ ପାଇଁ ଶତ ପ୍ରତିଶତ ଅଧିକ ଲିଥିୟମ୍ ଆବଶ୍ୟକ: ଅନୀଲ୍ ଅଗ୍ରୱାଲ



ଭୁବନେଶ୍ୱର,୧୧।୨(ସମିସ): ଆଗାମୀ ପାଞ୍ଚ ବର୍ଷରେ ବ୍ୟାଟେରି ଉତ୍ପାଦନର ଚାହିଦା ପୂରଣ କରିବା ପାଇଁ ବିଶ୍ୱକୁ ୧୬% ଅଧିକ ତମ୍ବା, ୧୦୦% ଅଧିକ ଲିଥିୟମ୍ ଏବଂ ପ୍ରାୟ ୫୦% ଅଧିକ କୋବାଲଟ୍ ଆବଶ୍ୟକ ହେବ ବୋଲି ଅନୁମାନ କରାଯାଉଥିବା ବେଦାନ୍ତ ଲିମିଟେଡ୍‌ର ଅଧ୍ୟକ୍ଷ ଅନୀଲ୍ ଅଗ୍ରୱାଲ କହିଛନ୍ତି। ତମ୍ବାର ଅନ୍ୟାନ୍ୟ ଅନେକ ପ୍ରୟୋଗ ମଧ୍ୟ ରହିଛି। ଏହାର ବିଦ୍ୟୁତ୍ ପରିଚାଳନା ଗୁଣ ଏହାକୁ ପ୍ରାୟ ସମସ୍ତ ଉଚ୍ଚ-ପ୍ରଯୁକ୍ତି ଉତ୍ପାଦନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପାଦାନରେ ପରିଣତ କରିଛି। ଏହାର ଚାହିଦା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବ। ତେଣୁ, ନୂତନ ଖଣି ଖୋଲିବା ଏବଂ ଅନୁସନ୍ଧାନ ମାଧ୍ୟମରେ ଅଧିକ ସମ୍ବଳ ଖୋଜିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ପୂର୍ବରୁ ଥିବା ଖଣିରୁ ଉତ୍ପାଦନ ବୃଦ୍ଧି କରିବା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ତମ୍ବା କ୍ଷେତ୍ରରେ ଭାରତର ସେହି ଅନନ୍ୟ ସୁଯୋଗ ରହିଛି।

## ୮୪ ହଜାର କୋଟିରେ ଓପନ୍ ଏଆଇ କିଣିବାକୁ ମସ୍କଙ୍କ ପ୍ରସ୍ତାବ

ୱାଶିଂଟନ୍,୧୧।୨(ଏଜେନ୍ସି): ଟେସଲା ମାଲିକ ଏଲନ ମସ୍କ ଏଆଇ କମ୍ପାନୀ ଓପନଏଆଇକୁ ୯.୭୪ ବିଲିୟନ ଡଲାର (ପ୍ରାୟ ୮୪,୬୦୦ କୋଟି ଟଙ୍କା) ରେ କିଣିବାକୁ ପ୍ରସ୍ତାବ ଦେଇଛନ୍ତି। ଏହି ପ୍ରସ୍ତାବ ମସ୍କଙ୍କ ଏଆଇ କମ୍ପାନୀ ଏକ୍ସଏଆଇ ଏବଂ ଭାଲୋର ଇକ୍ୱିଟି ପାର୍ଟନର୍ସ ବ୍ୟାରେନ କ୍ୟାପିଟାଲ ଭଳି ନିବେଶକମାନେ ଅଫର ଦେଇଛନ୍ତି। ମସ୍କଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି, ଓପନଏଆଇ ସିଇଓ ସାମ୍ ଅଲ୍ଟମ୍ୟାନ୍ ଏକ ଏକ୍ସ ପୋଷ୍ଟରେ କହିଛନ୍ତି - ନାହିଁ ଧନ୍ୟବାଦ, ଯଦି ଆପଣ (ମସ୍କ) ଚାହାଁନ୍ତି, ତେବେ ଆମେ ଟ୍ୱିଟର (ବର୍ତ୍ତମାନର ଏକ୍ସ)କୁ ୯.୭୪ ବିଲିୟନ ଡଲାରରେ କିଣିବୁ। ଜବାବରେ, ମସ୍କ ଅଲ୍ଟମ୍ୟାନଙ୍କୁ "ସ୍କାମ ଅଲ୍ଟମ୍ୟାନ" ବୋଲି କହିଛନ୍ତି।

### ଟ୍ରମ୍ପ୍ ଶୁଳ୍କ ଛାଟରେ ପୁଞ୍ଜି ବଜାର ଘାଇଲା

# ୫ ଦିନରେ ଉଡ଼ିଗଲା ୧୭ ଲକ୍ଷ କୋଟି

ମୁମ୍ବାଇ,୧୧।୨(ଏଜେନ୍ସି)

ଭାରତୀୟ ସେୟାର ବଜାରରେ ସମ୍ପ୍ରତି ହା ହା କାର ସ୍ଥିତି ଦେଖିବାକୁ ମିଳିଛି। କ୍ରମାଗତ ଭାବେ ୫ ଦିନ ଧରି ଷ୍ଟକ୍ ବଜାର ଧରାଶାୟୀ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶୁଳ୍କ ଛାଟରେ ଘାଇଲା ହୋଇଛି ଘରୋଇ ପୁଞ୍ଜି ବଜାର। ଟ୍ରମ୍ପ୍ ପ୍ରଶାସନ ଦ୍ୱାରା ନୂଆ ଟାରିଫ୍ ବା ଶୁଳ୍କ ଘୋଷଣା ପରଠାରୁ ଭାରତୀୟ ସେୟାର ବଜାର ତଳମୁହାଁ। ଗତ ୫ ଦିନ ଧରି ହୋଇଥିବା ଏହି ହ୍ରାସେ ଯୋଗୁ ନିବେଶକମାନଙ୍କର ୧୭ ଲକ୍ଷ କୋଟି ଟଙ୍କା ବୁଡିଯାଇଛି। ଏହି ପାଞ୍ଚ କାରବାର ଦିବସରେ ସେନ୍‌ସେକ୍ସ ମୋଟ ୨୨୯୦ ପଏଣ୍ଟ ହ୍ରାସ ଘଟିଛି।

ମଙ୍ଗଳବାର କାରବାରରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୧,୦୧୮ ପଏଣ୍ଟ ହ୍ରାସ ଘଟିଛି। ଅପରପକ୍ଷେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍‌ଟି) ରେ ହ୍ରାସ ଘଟି ଏହା ୨୩,୧୦୦ ପଏଣ୍ଟ ତଳେ ବନ୍ଦ ହୋଇଛି। ଆଜି କାରବାର ଶେଷ ବେଳକୁ ବିଏସ୍‌ଇର ୩୦ ସେୟାର ବିଶିଷ୍ଟ ସୂଚକାଙ୍କ ସେନ୍‌ସେକ୍ସରେ ୧୦୧୮.୨୦ ପଏଣ୍ଟ ବା ୧.୩୨ ପ୍ରତିଶତ ହ୍ରାସ ହୋଇ ୭୬,୨୯୩.୬୦ ପଏଣ୍ଟରେ ବନ୍ଦ ହୋଇଛି। ଅପରପକ୍ଷେ ଏନ୍‌ଏସ୍‌ଇର ୫୦ ସେୟାର ବିଶିଷ୍ଟ ସୂଚକାଙ୍କ ନିଫ୍‌ଟିରେ ୩୦୯.୮୦ ପଏଣ୍ଟ ବା ୧.୩୨ ପ୍ରତିଶତ ହ୍ରାସ ଘଟି ତାହା ୨୩,୦୭୧.୮୦ ପଏଣ୍ଟ ସ୍ତରରେ କାବରାର ଶେଷ ହୋଇଛି। ମଙ୍ଗଳବାର କାରବାରରେ ମାତ୍ର ୫ ଘଣ୍ଟାରେ ନିବେଶକମାନେ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

ଆଜିର କାରବାରରେ ବିଏସ୍‌ଇ ମିଡ୍‌କ୍ୟାପ୍ ଏବଂ ସ୍ମଲ୍‌କ୍ୟାପ୍ ଯଥାକ୍ରମେ ୨.୮୮ ପ୍ରତିଶତ ଏବଂ ୩.୪ ପ୍ରତିଶତ ହ୍ରାସ ପାଇଛି। ଏପରିକି ଆଜି ସମସ୍ତ କ୍ଷେତ୍ରଭିତ୍ତିକ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି। ବଜାର ବିଶେଷଜ୍ଞଙ୍କ ମତରେ ଟ୍ରମ୍ପଙ୍କ ନୂଆ ଟାରିଫ୍ ଘୋଷଣା, ବିଦେଶୀ ନିବେଶକଙ୍କ ଦ୍ୱାରା ସେୟାର ବିକ୍ରି, ଭାରତୀୟ ମୁଦ୍ରା ଦୁର୍ବଳ ହେବା, କମ୍ପାନୀଗୁଡ଼ିକର ଦୁର୍ବଳ ଆର୍ଥିକ ଫାଳାଫଳ, ସ୍ମଲକ୍ୟାପ୍ ଏବଂ ମିଡ୍‌କ୍ୟାପ ସେୟାରଗୁଡ଼ିକର ଉଚ୍ଚ ଭେଲ୍ୟୁଏସନ୍ ଯୋଗୁ ବଜାରରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି।

ବିଏସ୍‌ରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକ ମୋଟ୍ ବଜାର ପୁଞ୍ଜି ଆଜି ହ୍ରାସ ପାଇ ୪୦୮.୫୦ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଅର୍ଥାତ୍ ସୋମବାର ଫେବୃଆରୀ ୧୦ରେ ଏହା ୪୧୭.୮୨ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାରେ ପୁଞ୍ଜିରେ ଆଜି ପ୍ରାୟ ୯.୩୨ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ସେନ୍‌ସେକ୍ସର ୩୦ରୁ ୨୯ ସେୟାର ହ୍ରାସ ସହ ବନ୍ଦ ହୋଇଥିଲା।

> ପାଞ୍ଚ କାରବାର ଦିବସରେ ୨୨୯୦ ପଏଣ୍ଟ ହ୍ରାସ
>
> ସେନ୍‌ସେକ୍ସ ୧୦୧୮ ପଏଣ୍ଟ ଖସିଲା
>
> ମଙ୍ଗଳବାର ୫ ଘଣ୍ଟାରେ ନିବେଶକ ହରାଇଲେ ୧୦ ଲକ୍ଷ କୋଟି



## ୨୨ କ୍ୟାରେଟ୍ ସୁନା ୮୦ ହଜାର ଟପିଲା

ନୂଆଦିଲ୍ଲୀ, ୧୧।୨(ଏଜେନ୍ସି)



> ମୂଲ୍ୟ ବୃଦ୍ଧିରେ ଲାଗୁନି ବ୍ରେକ୍

ହୁ ହୁ ହୋଇ ବଢୁଛି ସୁନା ଦର। ବୈଶ୍ୱିକ ଉତ୍ତେଜନାରେ ଘରୋଇ ବଜାରରେ ସୁନା ମହଙ୍ଗା। ଚଳିତବର୍ଷ ସୁନା ଦର ଯେଉଁ ହାରରେ ବୃଦ୍ଧି ପାଉଛି ନିକଟ ଭବିଷ୍ୟତରେ ସେଥିରେ ବ୍ରେକ୍ ଲାଗିବାର ସମ୍ଭାବନା ବହୁତ କମ୍। ଆଜି ବୁଲିଅନ୍ ବଜାରରେ ସୁନା ଦର ଏହାର ପୂର୍ବ ସମସ୍ତ ରେକର୍ଡ ଭାଙ୍ଗି ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୮ ହଜାର ଟଙ୍କା ଉପରେ ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୮୦,୦୦୦ ଟଙ୍କା ସ୍ତର ଅତିକ୍ରମ କରିଛି।

ମଙ୍ଗଳବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୮୮,୦୮୦ ଟଙ୍କା ରହିଥିଲା। ସେହିପରି ନୂଆଦିଲ୍ଲୀରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୮୦,୭୫୦ ଟଙ୍କାରେ ପହଞ୍ଚିଛି। ଯଦି ଆମେ ରାଜଧାନୀ ଭୁବନେଶ୍ୱର କଥା ଦେଖିବା ତେବେ ଏଠାରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୮୭,୩୮୦ ଟଙ୍କାରେ ପହଞ୍ଚିଛି। ତେବେ ଏହି ସମୟରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୮୦,୧୦୦ ଟଙ୍କାରେ କାରବାର କରୁଛି। ବଜାର ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ଯଦି ବର୍ତ୍ତମାନର ପରିସ୍ଥିତି ସମାନ ଜାରି ରୁହେ ତେବେ ଦୀପାବଳି ସୁଦ୍ଧା ଘରୋଇ ବଜାରରେ ସୁନା ମୂଲ୍ୟ ୧ ଲକ୍ଷ ଟଙ୍କା ସ୍ତର ଛୁଇଁପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଶୁଳ୍କ ଲାଗୁ ଘୋଷଣା ସୁନା ବଜାରକୁ ଆହୁରି ମହଙ୍ଗା କରିଦେଇଛି। ଏହାର ପ୍ରଭାବରେ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଅଧିକ ଦୁର୍ବଳ ହେବାକୁ ଯୋଗୁ ଦେଶକୁ ଆମଦାନୀ ମହଙ୍ଗା ହୋଇଛି। ଫଳସ୍ୱରୂପ ସୁନା ମହଙ୍ଗା ହୋଇଛି।

## ଅରୁନ୍ଧତୀ ଜୁଏଲର୍ସର ନୂଆ ଡାଇମଣ୍ଡ କଲେକ୍ସନ୍ 'ଅମୋରା' ଉନ୍ମୋଚିତ

ବରଗଡ,୧୧।୨(ସମିସ)




ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ସର୍ବଦା ନିଜ ଗ୍ରାହକ ବନ୍ଧୁଙ୍କ ପସନ୍ଦ ଓ ଚାହିଦା ମୁତାବକ ନିରବଚ୍ଛିନ୍ନ ସେବା ଯୋଗାଇଆସୁଛି। ଚଳିତ ଭାଲେଣ୍ଟାଇନ ଓ ବିବାହ ଋତୁକୁ ଆଖି ଆଗରେ ରଖି ଗତକାଲି ଅରୁନ୍ଧତୀ ଜୁଏଲର୍ସ ବରଗଡ଼ ଶାଖାଠାରେ ବହୁ ପ୍ରତିକ୍ଷିତ ନୂଆ ଡିଜାଇନ ଭରା ଡାଏମଣ୍ଡ କଲେକ୍ସନ 'ଅମୋରା' ଉନ୍ମୋଚନ କରାଯାଇଛି। ଓଲିଉଡ଼ ଅଭିନେତ୍ରୀ ତଥା ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସଡର ଅର୍ଚ୍ଚିତା ଏହି ଉନ୍ମୋଚନ ଅବସରରେ ଉପସ୍ଥିତ ରହିବା ସହ ଅରୁନ୍ଧତୀ ପରିବାର ତଥା ଶତାଧିକ ଗ୍ରାହକବନ୍ଧୁଙ୍କ ସହ କିଛି ସମୟ ବିତାଇଥିଲେ। ହୀରା ଖଚିତ ଏହି ସ୍ୱତନ୍ତ୍ର ଡିଜାଇନର ସୂକ୍ଷ୍ମ କାରୁକାର୍ଯ୍ୟ ଉପସ୍ଥିତ ଗ୍ରାହକ ବନ୍ଧୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଓଡିଶାର କଳା, ସଂସ୍କୃତି, ଐତିହ୍ୟ କୁ ନିଜ ଅଳଙ୍କାର ଡିଜାଇନରେ ପ୍ରତିଫଳିତ କରାଇ ସର୍ବତ୍ର ଆଦୃତି ଲାଭ କରିଥିବା ଅରୁନ୍ଧତୀ ଜୁଏଲର୍ସ ନୂଆ 'ଅମୋରା' ଡିଜାଇନକୁ ନେଇ ମଧ୍ୟ ବେଶ ଉତ୍ସାହିତ ରହିଛନ୍ତି।

ଓଡିଶା ସାରା ଅରୁନ୍ଧତୀ ଜୁଏଲର୍ସର ସମସ୍ତ ୯ଟି ଶାଖାରେ ଗ୍ରାହକଙ୍କ ନିମନ୍ତେ ଏହି ଡିଜାଇନ ଉପଲବ୍ଧ। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ସମସ୍ତ ଗ୍ରାହକ ବନ୍ଧୁଙ୍କୁ ନୂତନ 'ଅମୋରା' କଲେକ୍ସନ ପ୍ରଦର୍ଶନୀ ଉତ୍ସବରେ ଯୋଗଦାନ ପାଇଁ ନିମନ୍ତ୍ରଣ କରିବା ସହ ଆଗାମୀ ଦିନରେ ମଧ୍ୟ ଅରୁନ୍ଧତୀ ଜୁଏଲର୍ସ ଅନେକ ନୂତନ ଡିଜାଇନ ନେଇ ଆସିବା ସହ ସବୁବର୍ଗର ଗ୍ରାହକ ବନ୍ଧୁଙ୍କୁ ସୁହାଇଲା ଭଳି ଅଫର ନେଇ ଆସିବେ ବୋଲି ପ୍ରକାଶ କରିଛନ୍ତି।

## ବଜାଜ୍ ଫିନ୍‌ସର୍ଭ ମଲ୍ଟି କ୍ୟାପ୍ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ,୧୧।୨

ବଜାଜ ଫିନସର୍ଭ ଏଏମସି, ବଜାଜ ଫିନସର୍ଭ ମଲ୍ଟି କ୍ୟାପ ଫଣ୍ଡର ଶୁଭାରମ୍ଭ ଘୋଷଣା କରିଛି। ଏହା ଏକ ଓପନ-ଏଣ୍ଡେଡ୍ ଇକ୍ୱିଟି ଯୋଜନା ଯାହା ଲାର୍ଜ କ୍ୟାପ,ମିଡ କ୍ୟାପ ଏବଂ ସ୍ମଲ କ୍ୟାପ ଷ୍ଟକରେ ନିବେଶ କରେ। ଏହି ପାଣ୍ଠି ୨୦୨୫ ଫେବୃଆରୀ ୬ରେ ସବସ୍କ୍ରିପସନ ପାଇଁ ଖୋଲିବ ଏବଂ ଫେବୃଆରୀ ୨୦, ୨୦୨୫ ରେ ବନ୍ଦ ହେବ। ବଜାଜ ଫିନସର୍ଭ ମଲ୍ଟି କ୍ୟାପ୍ ଫଣ୍ଡ ଏକ ବିପରୀତ ରଣନୀତି ବ୍ୟବହାର କରିବ, ଯାହା ଅବ୍ୟବହୃତ ଏବଂ ଅବମୂଲ୍ୟାୟନିତ ସୁଯୋଗଗୁଡ଼ିକୁ ଚିହ୍ନଟ କରିବ। ଏହି ଫଣ୍ଡ ବଡ଼, ମଧ୍ୟମ ଏବଂ ଛୋଟ କମ୍ପାନୀଗୁଡ଼ିକରେ ନିବେଶର ଏକ ସନ୍ତୁଳିତ ମିଶ୍ରଣ ବଜାୟ ରଖିବ, ଏକ ବିବିଧ ଏବଂ ସନ୍ତୁଳିତ ପୋର୍ଟଫୋଲିଓ ସୁନିଶ୍ଚିତ କରିବ। ଶୃଙ୍ଖଳିତ ନିବେଶ ପଦ୍ଧତି ସହିତ ଏହି ଫଣ୍ଡ ଉଚ୍ଚତର ଦୀର୍ଘକାଳୀନ ରିଟର୍ଣ୍ଣ ହାସଲ କରିବାକୁ ଲକ୍ଷ୍ୟ ରଖିବ।

## ଏନ୍‌ଏସ୍‌ଇ-ଏସ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ପ୍ରଶାନ୍ତି ବାଳମନ୍ଦିର ଟ୍ରଷ୍ଟର ବୃହତ୍ ପ୍ରକଳ୍ପ ପଞ୍ଜୀକୃତ



ଭୁବନେଶ୍ୱର,୧୧।୨(ସମିସ): ଜଣାଶୁଣା ପବ୍ଲିକ୍ ଚାରିଟେବୁଲ ଟ୍ୟଷ୍ଟି ପ୍ରଶାନ୍ତି ବାଳମନ୍ଦିର ଟ୍ରଷ୍ଟ(ପିବିଟି) ଏହାର ବୃହତ୍ ପ୍ରକଳ୍ପକୁ ଏନ୍‌ଏସ୍‌ଇ-ସୋସିଆଲ ଷ୍ଟକ୍ ଏକ୍ସଚେଞ୍ଜ (ଏସ୍‌ଏସ୍‌ଇ) ପ୍ଲାଟ୍‌ଫର୍ମରେ ପଞ୍ଜୀକରଣ କରିଛି। ଅନୁଷ୍ଠାନ ଏନ୍‌ଏସ୍‌ଇ-ଏସ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ଦେଶର ବୃହତ୍ ଡିଏଫ୍‌ଆର୍‌ଡି ଫାଇଲ୍ କରି ଇତିହାସ ରଚିଛି। ଏହି ପ୍ରକଳ୍ପରେ କର୍ଣ୍ଣାଟକର ଚିକାବଲ୍ଲପୁର ସ୍ଥିତ ମୁଦ୍ଦେନାହାଲ୍ଲୀରେ ପ୍ରତିଷ୍ଠା ହେବାକୁ ଥିବା ଏକ ୬୦୦ ଶର୍ଯ୍ୟା ବିଶିଷ୍ଟ ହସ୍‌ପିଟାଲରେ ଏକ ଷ୍ଟେଟ୍-ଅଫ୍-ଆର୍ଟ ଇମର୍ଜେନ୍ସି ଏବଂ ଟର୍ମାକେୟାର ବିଭାଗ ନିର୍ମାଣ ଲାଗି ୧୮ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରାଯିବ। ଏଠାରେ ଦସୂଚନାଯୋଗ୍ୟ ଯେ, ପ୍ରଶାନ୍ତି ବାଳମନ୍ଦିର ଟ୍ରଷ୍ଟ ସମାଜର ଅବହେଳିତ ବର୍ଗଙ୍କୁ ଉନ୍ନତ ମାନର ଶିକ୍ଷା ସହ ସ୍ୱାସ୍ଥ୍ୟସେବା ଯୋଗଇଥାଏ। ୨୦୨୪ ଫେବୃଆରୀରେ ଏନ୍‌ଏସ୍‌ଇ-ଏସ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ପ୍ରଶାନ୍ତି ବାଳମନ୍ଦିର ଟ୍ରଷ୍ଟ ଏହି ବୃହତ୍ ପ୍ରକଳ୍ପ ପାଇଁ ପଞ୍ଜିକରଣ କରି ଏକ ମାଇଲ୍‌ଖୁଣ୍ଟ ପ୍ରତିଷ୍ଠା କରିଛି।

**ଆଦାନୀ ଗ୍ରୁପ୍‌କୁ ଆଶ୍ୱସ୍ତି**

# ଏଫ୍‌ସିପିଏ ଆଇନ ଉପରେ ଟ୍ରମ୍ପ୍ ଲଗାଇଲେ ଅସ୍ଥାୟୀ ରୋକ୍

ନୂଆଦିଲ୍ଲୀ,୧୧।୨(ଏଜେନ୍ସି)



> ● ମୋଦିଙ୍କ ଆମେରିକା ଗସ୍ତ
>
> ● ଥଣ୍ଡା ପଡ଼ିବ ଲାଞ୍ଚ ମାମଲା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆମେରିକା ଗସ୍ତର ଅବ୍ୟବହିତ ପୂର୍ବରୁ ଗୌତମ ଆଦାନୀଙ୍କ ପାଇଁ ଆମେରିକାରୁ ଆସିଛି ବଡ଼ ଆଶ୍ୱସ୍ତିର ଖବର। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସ୍ଥାୟୀ ଭାବରେ ବିଦେଶୀ ଦୁର୍ନୀତି ଅଭ୍ୟାସ ଆଇନ (ଏଫ୍‌ସିପିଏ) ଆଇନକୁ ବନ୍ଦ କରିଦେଇଛନ୍ତି। ଏହି ଆଇନ ଅନୁଯାୟୀ, ଗୌତମ ଆଦାନୀ ଏବଂ ତାଙ୍କ ଭଣଜା ସାଗର ଆଦାନୀଙ୍କ ବିରୁଦ୍ଧରେ ଲାଞ୍ଚ ଅଭିଯୋଗ ଆସିଥିଲା। ଏହି ନିଷ୍ପତ୍ତିକୁ ଆଦାନୀ ଗ୍ରୁପ୍ ପାଇଁ ଏକ ଆଶ୍ୱସ୍ତି ଖବର ଭାବରେ ବିବେଚନା କରାଯାଉଛି।

ଯେବେଠାରୁ ସେ ଆମେରିକାର ରାଷ୍ଟ୍ରପତି ହୋଇଛନ୍ତି। ସେବେଠାରୁ ସେ ଦ୍ରୁତ ନିଷ୍ପତ୍ତି ନେଉଛନ୍ତି। ଏବେ ଟ୍ରମ୍ପ ଦେଶର ଆଇନଗତ ବ୍ୟବସ୍ଥା ସହ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସେ ପ୍ରାୟ ୫୦ ବର୍ଷ ପୁରୁଣା ଆଇନକୁ ବନ୍ଦ କରି ଏହାକୁ ପୁନର୍ବାର ସମୀକ୍ଷା କରିବାକୁ ନ୍ୟାୟ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଆପଣଙ୍କୁ କହିରଖୁଛୁ ଯେ ଏହି ପୁରୁଣା ଆଇନ ଅନୁଯାୟୀ, ଆଦାନୀ ଗ୍ରୁପ୍ ଉପରେ ଲାଞ୍ଚ ନେବାର ଅଭିଯୋଗ ଆସିଥିଲା। ଟ୍ରମ୍ପ ୧୯୭୭ ମସିହାର ବିଦେଶୀ ଦୁର୍ନୀତି ଅଭ୍ୟାସ ଆଇନକୁ ନିଷିଦ୍ଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତିକୁ ଆଦାନୀ ଗ୍ରୁପ୍ ପାଇଁ ଏକ ଆଶ୍ୱସ୍ତିକର ଖବର ଭାବରେ ବିବେଚନା କରାଯାଉଛି। ତଥାପି, ଆଗାମୀ ୬ ମାସ ମଧ୍ୟରେ ନ୍ୟାୟ ମନ୍ତ୍ରଣାଳୟ କି ଆଭିମୁଖ୍ୟ ଗ୍ରହଣ କରୁଛି ତାହା ଦେଖିବା ବାକି ରହିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଟର୍ଣ୍ଣି ଜେନେରାଲ ପାମେଲା ବଣ୍ଡିଙ୍କୁ ଏଫ୍‌ସିପିଏ ଆଇନ କାର୍ଯ୍ୟକାରୀ କରିବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଫ୍‌ସିପିଏ ଆଇନ ମୂଳତଃ ଆମେରିକାରେ ବ୍ୟବସାୟ କରିବାକୁ ଆସୁଥିବା ବିଦେଶୀ କମ୍ପାନୀଗୁଡ଼ିକୁ ସେଠାକାର ଅଧିକାରୀମାନଙ୍କୁ କୌଣସି ପ୍ରକାରର ଲାଞ୍ଚ ଦେବାରୁ ନିଷେଧ କରେ। ଏହି ଆଇନ ଅନୁଯାୟୀ, ଭାରତୀୟ ବ୍ୟବସାୟୀ ଗୌତମ ଆଦାନୀ ଏବଂ ତାଙ୍କ ଭଣଜା ସାଗର ଆଦାନୀଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା। ତେବେ ଦେଶର ବଡ଼ ଶିଳ୍ପପତି ଗୌତମ ଆଦାନୀ ଏବଂ ତାଙ୍କ ସହଯୋଗୀମାନଙ୍କୁ ଏହି ଆଇନ ଅନୁଯାୟୀ ଅଭିଯୁକ୍ତ କରାଯାଇଥିଲା। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ ଗତ ବର୍ଷ ଆଦାନୀ ଉପରେ ସୌରଶକ୍ତି ଚୁକ୍ତିନାମା ପାଇଁ ଅନୁକୂଳ ସର୍ତ୍ତାବଳୀ ବଦଳରେ ଭାରତୀୟ ଅଧିକାରୀମାନଙ୍କୁ ୨୫୦ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୨୧୦୦ କୋଟି ଟଙ୍କା) ରୁ ଅଧିକ ଲାଞ୍ଚ ଦେବା ପାଇଁ ଏକ ଯୋଜନାରେ ସାମିଲ ଥିବା ନେଇ ଅଭିଯୋଗ କରିଥିଲେ। ତଥାପି, ଆଦାନୀ ଗ୍ରୁପ୍ ଏହି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛି। ଡୋନାଲ୍ଡ ଟ୍ରମ୍ପ ଏଫ୍‌ସିପିଏ ଆଇନ ଉପରେ ରୋକ ଲଗାଇବା ପରେ ୧୮୦ ଦିନ ମଧ୍ୟରେ ଏଫ୍‌ସିପିଏ ଅଧୀନରେ ତଦନ୍ତ ଏବଂ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ପରିଚାଳନା କରୁଥିବା ନିର୍ଦ୍ଦେଶାବଳୀ ଏବଂ ନୀତିଗୁଡ଼ିକର ସମୀକ୍ଷା କରିବାକୁ ଆଟର୍ଣ୍ଣି ଜେନେରାଲଙ୍କୁ କୁହାଯାଇଛି। ଏହା ସହିତ, ସମୀକ୍ଷା ଅବଧି ମଧ୍ୟରେ ଆଟର୍ଣ୍ଣି ଜେନେରାଲ କୌଣସି ନୂତନ ଏଫ୍‌ସିପିଏ ତଦନ୍ତ କିମ୍ବା ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିପାରିବେନାହିଁ।

**ଆଦାନୀ ଠକେଇ ମାମଲା**

## ଆଟର୍ଣ୍ଣି ଜେନେରାଲ୍‌ଙ୍କୁ ଚିଠି ଲେଖିଲେ ଆମେରିକୀୟ ସାଂସଦ

ୱାଶିଂଟନ୍,୧୧।୨(ଏଜେନ୍ସି)

ସୋମବାର ଆମେରିକାର ଛଅ ଜଣ ସାଂସଦ ଆଦାନୀ ଗ୍ରୁପ୍ ବିରୋଧରେ ବାଇଡେନ ସରକାରଙ୍କ ନ୍ୟାୟ ବିଭାଗ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ତଦନ୍ତ ଦାବି କରିଥିଲେ। ଏ ସମ୍ପର୍କରେ ନୂତନ ଆଟର୍ଣ୍ଣି ଜେନେରାଲ ପାମ୍ ବଣ୍ଡିଙ୍କୁ ଏକ ଚିଠି ଲେଖାଯାଇଛି। ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି କହି ଏହି ସାଂସଦମାନେ କହିଛନ୍ତି ଯେ ବାଇଡେନଙ୍କ ନ୍ୟାୟ ବିଭାଗର କାର୍ଯ୍ୟ ଆମେରିକାକୁ କ୍ଷତି ପହଞ୍ଚାଇଛି। ସାଂସଦ ଲାନ୍ସ ଗୁଡେନ୍, ପ୍ୟାଟ୍ ଫାଲନ୍, ମାଇକ୍ ହରିଡୋପୋଲୋସ୍, ବ୍ରାଣ୍ଡନ୍ ଗିଲ୍, ୱିଲିୟମ୍ ଆର. ଟିମ୍‌ନ୍ସ ଏବଂ ବ୍ରାଏନ୍ ବାବିନ୍ କହିଛନ୍ତି ଯେ ନ୍ୟାୟ ବିଭାଗର କାର୍ଯ୍ୟ ଏକ "ମୂର୍ଖତାପୂର୍ଣ୍ଣ" ନିଷ୍ପତ୍ତି ଯାହା ଭାରତ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ସହିତ ସମ୍ପର୍କକୁ ଦୁର୍ବଳ କରିପାରେ। ସେ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକୁ ଏକ ଭ୍ରମାତ୍ମକ ଅଭିଯାନ ବୋଲି ବର୍ଣ୍ଣନା କରିଥିଲେ। ବାସ୍ତବରେ, ଗତ ବର୍ଷ ଆମେରିକାରେ ଗୌତମ ଆଦାନୀ ସମେତ ୮ ଜଣଙ୍କ ବିରୁଦ୍ଧରେ କୋଟି କୋଟି ଟଙ୍କାର ଠକେଇ ଅଭିଯୋଗ ଆସିଥିଲା। ଚାର୍ଜସିଟ୍ ଅନୁଯାୟୀ, ଆଦାନୀଙ୍କ କମ୍ପାନୀ ଅନୁଚିତ ଉପାୟରେ ଭାରତରେ ନବୀକରଣୀୟ ଶକ୍ତି ପ୍ରକଳ୍ପଗୁଡ଼ିକୁ ଅଧିଗ୍ରହଣ କରିଥିଲା। ଏଥିପାଇଁ, ସରକାରୀ ଅଧିକାରୀମାନଙ୍କୁ ୨୫୦ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୨୦୨୯ କୋଟି ଟଙ୍କା ଲାଞ୍ଚ ଦେବାକୁ ଯୋଜନା କରାଯାଇଥିଲା। ଏହା ବ୍ୟତୀତ, ଅଭିଯୁକ୍ତମାନେ ଆମେରିକୀୟ ନିବେଶକ ଏବଂ ବ୍ୟାଙ୍କଗୁଡ଼ିକୁ ମିଛ କହି ଟଙ୍କା ସଂଗ୍ରହ କରିଥିଲେ। ଏହି ସମ୍ପୂର୍ଣ୍ଣ ମାମଲା ଆଦାନୀ ଗ୍ରୁପ୍ କମ୍ପାନୀ ଆଦାନୀ ଗ୍ରୀନ୍ ଏନର୍ଜି ଲିମିଟେଡ୍ ଏବଂ ଅନ୍ୟ ଏକ ଫାର୍ମ ସହିତ ଜଡିତ ଥିଲା। ଏହି ମାମଲା ୨୦୨୪ ଅକ୍ଟୋବର ୨୪ରେ ନ୍ୟୁୟର୍କର ଫେଡେରାଲ୍ କୋର୍ଟରେ ଦାୟର କରାଯାଇଥିଲା।

### ବାଇଡେନ୍ ପ୍ରଶାସନ ବିରୁଦ୍ଧରେ ତଦନ୍ତ ଦାବି



# ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରୁ ରୋଜଗାର



ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ ଆଦି ପ୍ଲାଟ୍‌ଫର୍ମ ଯୁବପିଢ଼ିଙ୍କ ପାଇଁ ନୂଆ ସମ୍ଭାବନା ପାଲଟିଛି । ଏହା ମାଧ୍ୟମରେ ସେମାନେ ନିଜର ଲୁକ୍କାୟିତ ପ୍ରତିଭା ସର୍ବସାମ୍ନାକୁ ଆଣି ଏହା ମାଧ୍ୟମରେ ରୋଜଗାର କରିପାରୁଛନ୍ତି । ଏହି କ୍ରମରେ ଆହୁରି ବି ଅନେକ ଅନଲାଇନ୍ ପ୍ଲାଟ୍‌ଫର୍ମ ଅଛି, ଯାହାକୁ ଆପଣାଇ ଯୁବପିଢ଼ିଙ୍କୁ ରୋଜଗାର କରିବା ସହଜ ହୋଇଛି । ତେବେ କେଉଁ ସବୁ ଅନଲାଇନ୍ ପ୍ଲାଟଫର୍ମ ମାଧ୍ୟମରେ ରୋଜଗାର କରିହେବ, ସେ ସମ୍ପର୍କରେ ଜାଣିବା ।

**କଣ୍ଟେଣ୍ଟ କ୍ରିଏସନ୍ ପ୍ଲାଟ୍‌ଫର୍ମ:** ସୃଜନଶୀଳ ଜ୍ଞାନ କୌଶଳକୁ ଆପଣାଇ ଏହା ମାଧ୍ୟମରେ ଭଲ ଆୟ କରିପାରିବେ । ଏହି ପ୍ଲାଟ୍‌ଫର୍ମରେ ଭିଡିଓ, ରିଲ୍ସ ଏବଂ ସର୍ଟସ ତିଆରି କରି ଟଙ୍କା ରୋଜଗାର କରିପାରିବେ । ଧ୍ୟାନ ଦେବା ଦରକାର, କଣ୍ଟେଣ୍ଟ ଯେଭଳି ନିଆରା ଓ ନୂତନ ହୋଇଥିବ ।

**ଷ୍ଟକ୍ ଫଟୋଗ୍ରାଫି:** ଫଟୋଗ୍ରାଫି ମାଧ୍ୟମରେ ବି ରୋଜଗାର କରିହେବ । ଭଲ ଫଟୋ ଉତ୍ତୋଳନ କରି ତାହାକୁ ବିକ୍ରି କରିପାରିବେ ।

**ଫ୍ରିଲାନ୍‌ସିଂ ପ୍ଲାଟ୍‌ଫର୍ମ:** ଏହି ପ୍ଲାଟ୍‌ଫର୍ମରେ ଲେଖାଲେଖି, ଗ୍ରାଫିକ୍ ଡିଜାଇନ, ୱେବ୍‌ସାଇଟ୍ ଡେଭଲପମେଣ୍ଟ ଏବଂ ଡିଜିଟାଲ ମାର୍କେଟିଂ ସହିତ ଜଡ଼ିତ କାମ କରିବେ । ଏସବୁର ଚାହିଦା ଏବେ ଖୁବ୍ ଅଧିକ ଥିବାରୁ ଯୁବପିଢ଼ି ଏହାକୁ ବେଶ୍ ପସନ୍ଦ କରୁଛନ୍ତି ।

**ବ୍ଲଗିଂ:** କୌଣସି ବିଷୟରେ ଗଭୀର ଦଖଲ ଥିଲେ ତାହାକୁ ଆପଣାଇ ବ୍ଲଗ୍ ଲେଖିପାରିବେ । ଆଫିଲିଏଟ୍ ମାର୍କେଟ୍‌ରୁ ମଧ୍ୟ ଟଙ୍କା ରୋଜଗାର କରିପାରିବେ ।

**ଅନଲାଇନ୍ ସର୍ଭେ:** ପ୍ରଥମେ କୌଣସି ବିଷୟରେ ଗବେଷଣା କରିବାକୁ ହୁଏ । ଏହାପରେ ସେହି ବିଷୟ ଉପରେ ସର୍ଭେ କରିପାରିବେ । ଏଭଳି କରି ଅନେକ ଆଜିର ସମୟରେ ରୋଜଗାର କରିପାରୁଛନ୍ତି ।


**ଅନ୍‌ଲାଇନ୍ ଟ୍ୟୁସନ:** ଟ୍ୟୁସନ କରି ମଧ୍ୟ ରୋଜଗାର କରିପାରିବେ । ଅନ୍‌ଲାଇନ ଟ୍ୟୁସନ ମାଧ୍ୟମରେ ଯେକୌଣସି ସ୍ଥାନର ପିଲାଙ୍କୁ ପଢ଼ାଇ ସହଜରେ ରୋଜଗାର କରିବା ସମ୍ଭବ ।

**ଅନ୍‌ଲାଇନ୍ କୋର୍ସ:** ସେହିପରି କୌଣସି ବିଷୟରେ ପାରଙ୍ଗମ ଥିଲେ ଏହା ସମ୍ବନ୍ଧିତ କୋର୍ସ ପ୍ରସ୍ତୁତ କରନ୍ତୁ । ତାହାକୁ ଅନ୍‌ଲାଇନ୍‌ରେ ଉପଲବ୍ଧ କରିପାରିବେ । ଏଭଳି କରି ଅନେକ ରୋଜଗାର କରୁଛନ୍ତି ।

**ଆପ୍ ଡେଭଲପମେଣ୍ଟ:** ଆପ୍ ବିକଶିତ କରିବା ଆୟର ଅନ୍ୟତମ ମାର୍ଗ । ତେବେ ଆପ୍ ବିକଶିତ ଜ୍ଞାନକୌଶଳ ଜଣାଥିଲେ ଏହାକୁ ଆପ୍ ଷ୍ଟୋରରେ ବିକ୍ରି କରି ଭଲ ରୋଜଗାର କରିପାରିବେ ।

# ଉତ୍ତମ ଅଭ୍ୟାସରୁ ସଫଳତା


କେବଳ କଠିନ ପରିଶ୍ରମ ଦ୍ୱାରା ସଫଳତା ମିଳି ନ ଥାଏ । ସଫଳତା ପାଇଁ କିଛି ଭଲ ଅଭ୍ୟାସକୁ ଅବଶ୍ୟ ଆପଣାଇବାକୁ ହେବ । ତେବେ କେଉଁ ଅଭ୍ୟାସକୁ ଗ୍ରହଣ କରିବା ଦ୍ୱାରା ସଫଳତା ସାଉଁଟିବେ, ଜାଣିବା ସେ ସମ୍ପର୍କରେ ।



- ସୂର୍ଯ୍ୟୋଦୟ ପୂର୍ବରୁ ଉଠିବାକୁ ଚେଷ୍ଟା କରନ୍ତୁ । ସକାଳୁ ଉଠିବା ଦ୍ୱାରା ସବୁ କାମ କରିବା ପାଇଁ ବହୁତ ସମୟ ମିଳିଥାଏ ।
- ସମୟର ମୂଲ୍ୟକୁ ବୁଝିବା ଜରୁରି । ସମୟରେ କାମ କରିବା ଓ ଶେଷ କରିବା ଉପରେ ଗୁରୁତ୍ୱ ଦିଅନ୍ତୁ । କୌଣସି ସ୍ଥାନକୁ ଠିକ୍ ସମୟରେ ପହଞ୍ଚିବାକୁ ଚେଷ୍ଟା କରିବା ଦରକାର ।
- ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନିଅନ୍ତି । ବ୍ୟାୟାମ କରିବା ସହ ସନ୍ତୁଳିତ ଆହାର ଖାଇବା ଉପରେ ଗୁରୁତ୍ୱ ଦିଅନ୍ତି ।
- ସକାରାତ୍ମକ ଚିନ୍ତାଧାରା ରହିଲେ ସମସ୍ତ କାର୍ଯ୍ୟରେ ସଫଳତା ମିଳେ ।
- ସଫଳତା ରାସ୍ତାରେ ଚାଲୁଥିବା ଲୋକେ କେବେ ରିସ୍କ୍ ନେବାକୁ ଭୟ କରନ୍ତି ନାହିଁ ।
- ସଫଳତା ସାଉଁଟିଥିବା ଲୋକ ବିଫଳତାକୁ ଭୟ କରନ୍ତି ନାହିଁ ।
- ସବୁବେଳେ ନିଜ ଭୁଲ୍‌ରୁ ଶିଖିବାକୁ ଚେଷ୍ଟା କରନ୍ତୁ ।
- ସଫଳ ହେବାକୁ ହେଲେ ନିରନ୍ତର ପ୍ରୟାସ ଏବଂ କଠିନ ପରିଶ୍ରମ କରିବା ଭଲ ।
- ନିଜ ଉପରେ ଭରସା ରଖିବା ଜରୁରି ।

# ପରୀକ୍ଷା ପୂର୍ବରୁ କ'ଣ କରିବେ

ପ୍ରତ୍ୟେକ ପରୀକ୍ଷାର୍ଥୀ ପରୀକ୍ଷା ଲାଗି କଠିନ ପରିଶ୍ରମ କରନ୍ତି । ବିଶେଷକରି ଦିନକ ପୂର୍ବରୁ ପରୀକ୍ଷାର୍ଥୀଙ୍କ ପ୍ରସ୍ତୁତି ବହୁତ ଅଧିକ ଥାଏ । ତେବେ ପରୀକ୍ଷାର ଦିନକ ପୂର୍ବରୁ କେଉଁ ସବୁ ଦିଗ ଉପରେ ଗୁରୁତ୍ୱ ଦେବା ଦରକାର, ନିମ୍ନ ପ୍ରଦତ୍ତ ଦିଗରୁ ଜାଣନ୍ତୁ ।



- ପରୀକ୍ଷା ପୂର୍ବରୁ ଭଲ ନିଦ ଜରୁରି । ଏହା ମସ୍ତିଷ୍କକୁ ଶାନ୍ତ ରଖିବାରେ ସାହାଯ୍ୟ କରେ । ତା'ସହ ପଢ଼ାରେ ଧ୍ୟାନ କେନ୍ଦ୍ରିତ କରି ହୁଏ ।
- ପୁଷ୍ଟିକର ଖାଦ୍ୟ ଖାଆନ୍ତୁ । ଶରୀରକୁ ଶକ୍ତି ମିଳିବ ଏବଂ ମସ୍ତିଷ୍କ ଭଲରେ କାମ କରେ ।
- ପରୀକ୍ଷା ପୂର୍ବରୁ ରିଭିଜନ୍ କରିବା ଜରୁରି । ଏହାଦ୍ୱାରା ସମସ୍ତ ଗୁରୁତ୍ୱପୂର୍ଣ୍ଣ ପାଠ ମନେ ରହେ ।
- ଚିନ୍ତା ଏବଂ ଅବସାଦ ପରୀକ୍ଷା ଉପରେ ପ୍ରଭାବ ପକାଏ । ତେଣୁ ପରୀକ୍ଷା ପୂର୍ବରୁ ଶାନ୍ତ ରହିବା ଉଚିତ ।
- ପରୀକ୍ଷା ବାବଦରେ ଅଧିକ ଭାବି ଭୟଭୀତ ହୁଅନ୍ତୁ ନାହିଁ । ସକାରାତ୍ମକ ଚିନ୍ତାଧାରାରେ ରହିବାକୁ ଚେଷ୍ଟା କରନ୍ତୁ ।
- ପରୀକ୍ଷା କେନ୍ଦ୍ରରେ ସମୟରେ ପହଞ୍ଚିବା ଜରୁରି । ବିଳମ୍ବରେ ପହଞ୍ଚିବା ଦ୍ୱାରା ପରୀକ୍ଷା ଦେବାରେ ସମସ୍ୟା ସୃଷ୍ଟି ହୁଏ ।
- ପରୀକ୍ଷା ସମୟରେ ନିଜ ଭିତରେ ଆତ୍ମବିଶ୍ୱାସ ରଖିବା ଜରୁରି ।


# ଚୁପ୍ ରହିବା ଭଲ



ଅନେକ ସମୟରେ ଲୋକମାନେ ଆବଶ୍ୟକତାଠାରୁ ଅଧିକ କଥା କୁହନ୍ତି ଏବଂ ଅନ୍ୟର କଥା କମ୍ ଶୁଣନ୍ତି । ଯଦିଓ ଏହାଦ୍ୱାରା କୌଣସି ସମସ୍ୟା ହୋଇ ନ ଥାଏ, ତଥାପି ବେଳେ ବେଳେ କମ୍ କହିବା ଏବଂ ଚୁପ୍ ରହିବା ମଧ୍ୟ ଭଲ । କମ୍ କଥା କହି ଅନ୍ୟର କଥା ଅଧିକ ଶୁଣିବା ଦ୍ୱାରା ଅନ୍ୟକୁ ଭଲଭାବେ ବୁଝି ହୁଏ । ଏହାଦ୍ୱାରା ପରିବାର ଏବଂ ସାଙ୍ଗସାଥୀଙ୍କ ସହିତ ସମ୍ବନ୍ଧ ଭଲ ହୋଇଥାଏ । କମ୍ କହିବା ଏବଂ ଚୁପ୍ ରହିବା ଦ୍ୱାରା ଚିନ୍ତା କରିବା ପାଇଁ ଅଧିକ ସମୟ ମିଳେ । ଅନେକ ସମୟରେ କିଛି ନ ଚିନ୍ତା କରି ଲୋକମାନେ ଅଧିକ କଥା କହନ୍ତି, ଯାହାକି ସେମାନଙ୍କ ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଏ ।

ଚୁପ୍ ରହି ଅନ୍ୟର କଥାକୁ ବେଶି ଶୁଣିବା ଦ୍ୱାରା ଅଧିକ ଶିଖିବାକୁ ମିଳେ । ନୂଆ ତଥ୍ୟ ଜାଣିବା ସହଜ ହୁଏ । ନିଜ କଥାକୁ ମଧ୍ୟ ଠିକ୍ ଭାବେ ଉପସ୍ଥାପନ କରି ହୁଏ । ଏଭଳି କରିବା ଦ୍ୱାରା ନିଜ କଥାର ମହତ୍ତ୍ୱ ବୃଦ୍ଧି ପାଏ । ଚୁପ୍ ରହିବା ଦ୍ୱାରା ମନକୁ ଶାନ୍ତି ମିଳେ । ତା'ସହ ନିଜ ଭିତର ଆତ୍ମବିଶ୍ୱାସ ବୃଦ୍ଧି ପାଏ । ଚୁପ୍ ରହି ଅନ୍ୟକୁ କହିବାର ସୁଯୋଗ ପ୍ରଦାନ କରିବା ଜଣେ ଉତ୍ତମ ବ୍ୟକ୍ତିର ଲକ୍ଷଣ । ଏଭଳି କରିବା ଦ୍ୱାରା ଲୋକଙ୍କ ସହିତ ସମ୍ପର୍କ ମଜଭୁତ୍ ତଥା ଘନିଷ୍ଠ ହୁଏ । କମ୍ କଥା ମାଧ୍ୟମରେ ନିଜ ମତକୁ ସ୍ପଷ୍ଟ ରଖିବା ମଧ୍ୟ ଏକ କଳା । ଯାହାକି ସମସ୍ତେ କରିପାରନ୍ତି ନାହିଁ ।

# କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ



**Across**
3. What are birds covered in
5. A Woodland bird which drills holes in trees
6. what bird do you usually find at the seaside
8. What bird has a red breast
12. what bird cannot fly

**Down**
1. What bird is usually pink in colour
2. Which bird likes shiny things
4. What do you call a baby duck
7. The things baby birds hatch out of
9. A night bird that hoots
10. Where a bird lays its eggs
11. A bird's nose and mouth

# କେମିତି ଶିଖିବେ ନୂଆ ଶବ୍ଦ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| S | H | M | I | L | N | P | F | D | S | A | C | N | G |
| P | F | U | C | N | R | W | F | U | Y | P | S | P | U |
| O | P | Z | M | Y | O | S | H | Q | K | N | I | Q | M |
| N | R | L | A | M | F | I | D | J | O | N | R | W | C |
| W | F | A | E | N | Q | R | X | K | E | U | Q | F | Z |
| A | R | E | N | A | A | J | I | A | E | Z | L | W | I |
| B | G | C | G | G | M | N | P | H | T | H | N | Q | O |
| Y | Z | V | H | E | E | P | A | L | M | O | G | R | K |
| R | H | J | J | E | L | X | O | B | L | F | A | X | A |
| R | T | B | M | E | R | C | O | E | H | X | K | F | T |
| E | V | U | G | X | E | R | M | U | Z | I | L | Z | X |
| B | K | X | C | H | T | R | Y | U | R | I | Q | A | W |
| P | J | J | V | P | E | R | S | J | Z | R | L | S | Z |
| S | N | I | S | T | C | C | U | M | D | A | F | Z | R |
| A | Q | C | A | H | M | G | W | Y | J | E | S | I | L |
| R | P | W | T | A | D | L | L | Q | L | P | C | V | M |

ନିତିଦିନ ଜୀବନରେ ନୂଆ ଶବ୍ଦ ଶିଖିଲେ ଭାଷାଗତ ଜ୍ଞାନ ବୃଦ୍ଧି ପାଏ । ପ୍ରତିଦିନ ୫-୧୦ ନୂଆ ଶବ୍ଦ ଶିଖିବା ଲକ୍ଷ୍ୟ ରଖନ୍ତୁ । ଏ ନେଇ ଶବ୍ଦକୋଷ, ବହି, ଅନ୍‌ଲାଇନ ପ୍ଲାଟଫର୍ମର ବ୍ୟବହାର କରନ୍ତୁ । ତେବେ କେବଳ ଶବ୍ଦର ପରିଭାଷାକୁ ମନେ ରଖିଲେ ହେବ ନାହିଁ, ବରଂ ତାହାକୁ ବାକ୍ୟ ସଂରଚନା ଏବଂ ପାରାଗ୍ରାଫ୍‌ରେ ବ୍ୟବହାର କରିବାର କଳାକୌଶଳ ଶିଖନ୍ତୁ । ବହି ପଢ଼ିବା, ଲେଖାଲେଖି କରିବା, ଖବରକାଗଜ ଏବଂ ବ୍ଲଗ୍ ପଢ଼ିବା ଦ୍ୱାରା ଶବ୍ଦଜ୍ଞାନରେ ସୁଧାର ଆସେ । ସେହିପରି କୌଣସି ନୂଆ ଶବ୍ଦ ସଂସ୍ପର୍ଶରେ ଆସିଲେ, ତାହାକୁ ଲେଖି ରଖନ୍ତୁ ଏବଂ ତାହାର ଅର୍ଥକୁ ବୁଝିବା ପାଇଁ ଚେଷ୍ଟା କରନ୍ତୁ ।

ନୂଆ ଶବ୍ଦକୁ ବ୍ୟବହାର କରି ବାକ୍ୟ ଗଠନ କରନ୍ତୁ । ନୂଆ ଶବ୍ଦକୁ ବ୍ୟବହାର କରି ଅନ୍ୟ ସହିତ କଥାବାର୍ତ୍ତା କରନ୍ତୁ । ଏଭଳି କରିବା ଦ୍ୱାରା ଭାଷାରେ ସୁଧାରେ ଆସେ । ତେବେ କିଛି ଖେଳ ଏଭଳି ଅଛି, ଯାହାକି ନୂଆ ଶବ୍ଦ ଶିଖିବା ଦିଗରେ ସାହାଯ୍ୟ କରେ । ୱାର୍ଡ ପଜଲ ଏ ଦିଗରେ ଅଧିକ ପ୍ରଭାବଶାଳୀ ହୋଇଥାଏ । କେବଳ ସେତିକି ନୁହେଁ, ଅନେକ ୱେବ୍‌ସାଇଟ୍ ଏବଂ ଆପ୍‌ରେ ବି ନୂଆ ଶବ୍ଦ ଶିଖିବାର ସୁବିଧା ଉପଲବ୍ଧ ଅଛି ।

# ହ୍ୱାଟ୍ସଆପ୍‌ର ନୂଆ ଫିଚର୍



ବିଶ୍ୱର ସବୁଠୁ ବଡ଼ ଇନ୍‌ଷ୍ଟାଣ୍ଟ ମେସେଜିଂ ଆପ୍ଲିକେସନ୍ ହେଉଛି ହ୍ୱାଟ୍ସଆପ୍ । ତେବେ ବ୍ୟବହାରକାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହା ବିଭିନ୍ନ ସମୟରେ ନୂଆ ଫିଚର୍ ଜାରି କରେ । ତେବେ ଆଗାମୀ ଦିନରେ ହ୍ୱାଟ୍ସଆପ୍ ଏମିତି ଏକ ଫିଚର୍ ଆଣିବାକୁ ଯାଉଛି, ଯେଉଁଠି ନିତିଦିନ ଜୀବନର ଅନେକ କାମ କରିବା ସହଜ ଓ ସରଳ ହେବ । ଏବେ ଯେଉଁ ନୂଆ ଫିଚର୍ ଜାରି କରାଯିବ, ଏହା ମାଧ୍ୟମରେ ବ୍ୟବହାରକାରୀ ଭିନ୍ନ ଭିନ୍ନ ବିଲ୍ ପେମେଣ୍ଟ କରିପାରିବେ । ଅବଶ୍ୟ ଏହି ଫିଚର୍ ଉପରେ ପରୀକ୍ଷା ଜାରି ରହିଛି ।

ସେହିପରି ଖୁବ୍‌ଶୀଘ୍ର ନୂଆ ଫିଚର୍ ମାଧ୍ୟମରେ ବ୍ୟବହାରକାରୀ ବିଜୁଳି ବିଲ୍, ପାଣି ବିଲ୍ ପେମେଣ୍ଟ କରିପାରିବେ । ଏହାବାଦ୍ ନୂଆ ଫିଚର୍‌ରେ ମୋବାଇଲ ରିଚାର୍ଜ କରିବାର ମଧ୍ୟ ସୁବିଧା ମିଳିବ । କେବଳ ସେତିକି ନୁହେଁ, ବ୍ୟବହାରକାରୀ ଘରଭଡ଼ା ମଧ୍ୟ ଏହି ଫିଚର୍ ମାଧ୍ୟମରେ ଦେଇପାରିବେ ।

# ନାଟ୍ୟକଳାର ଅନନ୍ୟ ପ୍ରତିଭା ରୋହିତ

ବିଲୁପ୍ତ ନାଟ୍ୟକଳାକୁ ଉଜ୍ଜୀବିତ ରଖିବା ପାଇଁ ଦୀପ ଶିଖା ଭଳି ଆଗକୁ ଆସିଛନ୍ତି ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନକାପୁର ଗ୍ରାମର ରୋହିତ ନାଗେଶ । ସେ ଅନେକ ନାଟକ ରଚନା କରିଛନ୍ତି । ତାଙ୍କ ରଚିତ ନାଟକ ଗୁଡ଼ିକ ଦର୍ଶକୀୟ ଆଦୃତି ଲାଭ ସହ ପ୍ରଶଂସିତ ହୋଇଛି । ଶବ୍ଦ ସଂଯୋଜନା, ଗୀତ ରଚନା ସାଙ୍ଗକୁ ନାଗଶେ ନିର୍ଦ୍ଦେଶନାରେ ବି ବେଶ୍ ପାରଙ୍ଗମ । ତାଙ୍କର ଏ ଅନନ୍ୟ ପ୍ରତିଭା ପରିବାର ଓ ଅଞ୍ଚଳବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି ।



ନାଟ୍ୟ ଗୁରୁ ରୋହିତଙ୍କ ଜନ୍ମ ୧୯ ୯୧ ମସିହା ବୈଶାଖ ପୂର୍ଣ୍ଣିମା ମଙ୍ଗଳବାରରେ । ଭାସ୍କର ନାଗେଶ ଓ ଜୟମନି ନାଗେଶଙ୍କର ରୋହିତ ହେଲେ ଜ୍ୟେଷ୍ଠ ପୁତ୍ର । ପିଲାଟି ଦିନରୁ ତାଙ୍କର ନାଟ୍ୟକଳା ପ୍ରତି ରୁଚି ରହିଥିଲା । ମାତ୍ର ୧୬ ବର୍ଷରେ ସେ ନାଟକ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ । ଏହା ସହ ସେ ଗୀତ ରଚନା, ଶବ୍ଦ ସଂଯୋଜନା କରିଥିଲେ । ତାଙ୍କ ଅଭିନୀତ ନାଟକଗୁଡ଼ିକ ବେଶ୍ ଲୋକପ୍ରିୟତା ଅର୍ଜନ କରିଛି । ତାଙ୍କ ଅଭିନୟ ମଧ୍ୟ ବେଶ୍ ମନଛୁଆଁ । କାଳ୍ପନିକ ଓ ପୌରାଣିକ ନାଟକ ଗୁରୁ ରୂପେ ସେ ଅନେକ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି । ଅନେକ ନାଟ୍ୟ ପ୍ରତିଯୋଗିତାରେ ତାଙ୍କ ରଚିତ ତଥା ଅଭିନୀତ ନାଟକ ଗୁଡ଼ିକ ପ୍ରଥମ ସ୍ଥାନ ଅଧିକାର କରିଛି । କଳାହାଣ୍ଡି ଜିଲ୍ଲା କୋକୋଡ଼ି ଗ୍ରାମ ନାଟ୍ୟ ପ୍ରତିଯୋଗିତା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲେଶୁନପାଲି ନାଟ୍ୟ କଳା ପରିଷଦ ଦ୍ୱାରା ପରିବେଷିତ ନାଟକ 'ରାମ ବିଜେତା ହନୁ' ,କଳାହାଣ୍ଡି ଜିଲ୍ଲା ପିପଲଗୁଡା ଓ ମଙ୍ଗଳପୁର ନାଟ୍ୟ ପ୍ରତିଯୋଗିତାରେ 'ଋଷି ପୁତ୍ର ନୁହେଁ ଛଦ୍ମବେଶୀ', 'ଅଶ୍ୱକର୍ଣ୍ଣ ବଧ' ପ୍ରଥମ ସ୍ଥାନ ଅଧିକାର କରିଛି ।

ଶ୍ରୀ ନାଗେଶଙ୍କ ନାଟକ ନୂଆପଡ଼ା ସମେତ ବଲାଙ୍ଗୀର, ନବରଙ୍ଗପୁର,କଳାହାଣ୍ଡି, ପଡ଼ୋଶୀ ଛତିଶଗଡ଼ରେ ବେଶ୍ ଲୋକପ୍ରିୟତା ସାଉଁଟିଛି । ତାଙ୍କ ଦ୍ୱାରା ଲିଖିତ' ସାଗର ଝୁରୁଛି ଝରଣା ପାଇଁ ', ସଧବା ନାରୀ ର ବିଧବା ବେଶ ', 'ନରାନ୍ତକ ସୁର ବଧ', 'ଘର ଭାଙ୍ଗିଲା ପର କଥାରେ', 'ଦୁଷ୍ମନ୍ତ ଶକୁନ୍ତଳା', 'କାନ୍ଦେ ରାଜପୁତ୍ର ହସେ ଜନତା', 'ସାଥୀକୁ ଶବାରି ସାତ ସପନ', 'ପୁଅ ଭାଙ୍ଗି ଦେଲା ସୁନା ସଂସାର', 'ରାକ୍ଷୀ ପାଉଣାର ବାଙ୍କ କାହାଣୀ', 'ସତ୍ୟବାଦୀ ହରିଶ୍ଚନ୍ଦ୍ର', 'ଅମର ବିଳାସ', 'ରାମ ବିଜେତା ହନୁ', 'ସତୀ ପିନ୍ଧିଅଛି କଳଙ୍କ ଟିକା', 'ହସୁଛି ମା' କାନ୍ଦୁଛି ପୁଅ', 'ସିନ୍ଦୂର ମୋ ପାଇଁ ରକତ ଗାର' ସମେତ ଅନେକ ନାଟକ ନାଟ୍ୟ ଜଗତରେ କୀର୍ତ୍ତି ସୃଷ୍ଟି କରିଛି ।

ନାଟକ ରଚନା ଓ ଅଭିନୟ କରି ବେଶ୍ ଖୁସି ଅଛନ୍ତି ନାଗେଶ । ଏହାବାଦ୍ ସେ ଅଞ୍ଚଳର ଲୁପ୍ତପ୍ରାୟ ନାଟ୍ୟକଳାକୁ ଉଜ୍ଜୀବିତ ରଖିବାକୁ ଇଚ୍ଛା ରଖିଛନ୍ତି । ସମାଜରେ ଘଟୁଥିବା ଅସାମାଜିକ କାର୍ଯ୍ୟକୁ ନାଟକ ମାଧ୍ୟମରେ ଉପସ୍ଥାପନ କରି ସମାଜକୁ ଶୃଙ୍ଖଳିତ ରଖି ଉଚିତ ମାର୍ଗଦର୍ଶନ କରିବାକୁ ପ୍ରଚେଷ୍ଟା କରୁଥିବା ସେ କହନ୍ତି । ଅନ୍ୟପକ୍ଷରେ ସେ ତାଙ୍କର ଏହି କାର୍ଯ୍ୟ ପାଇଁ ଅନେକ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ହୋଇଛନ୍ତି ।

- ଶୁଭ୍ରାଂଶୁ କୁମାର ନାଏକ, ସିନାପାଲି, ନୂଆପଡ଼ା

ଇଂଲଣ୍ଡ ବିପକ୍ଷ ଶେଷ ଦିନିକିଆ ଆଜି

# ସିରିଜ୍ ସୁଇପ୍ ଲକ୍ଷ୍ୟରେ ଭାରତ

ଅହମ୍ମଦାବାଦ୍,୧୧।୨(ଏଜେନ୍ସି):

ଭାରତ ଓ ଇଂଲଣ୍ଡ ମଧ୍ୟରେ ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ବୁଧବାର ଚଳିତ ଦିନିକିଆ ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଖେଳାଯିବ। ଏହା ପୂର୍ବରୁ ନାଗପୁର ଓ କଟକରେ ଖେଳାଯାଇଥିବା ପ୍ରଥମ ଦୁଇଟି ମୁକାବିଲାକୁ ଭାରତ ୪ ୱିକେଟରେ ଜିତି ଆଗୁଆ ସିରିଜ୍ କବଜା କରିଛି। ଆସନ୍ତା ୧୯ରୁ ପାକିସ୍ତାନ ଓ ୟୁଏଇର ଦୁବାଇରେ ଅନୁଷ୍ଠିତ ହେବ ଚାମ୍ପିଅନ୍ସ ଟ୍ରଫି ଦିନିକିଆ କ୍ରିକେଟ। ଏହା ପୂର୍ବରୁ ଉଭୟ ଦଳ ଏହି ମ୍ୟାଚ୍ ଜିତି ନିଜକୁ ପ୍ରସ୍ତୁତ କରିନେବାକୁ ଯୋଜନା କରିଛନ୍ତି। କିନ୍ତୁ କୌଣସି ମୁକାବିଲାରେ ଲଢ଼େଇ କରି ପାରି ନ ଥିବା ଇଂଲଣ୍ଡ ବିପକ୍ଷରେ ଏହି ମ୍ୟାଚ୍ ଜିତି ସିରିଜ୍ କ୍ଲିନ୍ ସୁଇପ୍ କରିବା ଭାରତର ଲକ୍ଷ୍ୟ ରହିଛି।



ଚଳିତ ସିରିଜ୍‌ରେ ଇଂଲଣ୍ଡ ଦଳ ଭାରତର ସ୍ପିନରଙ୍କୁ ଉଚିତ ମୁକାବିଲା କରିପାରି ନାହିଁ କିମ୍ବା ବ୍ୟାଟରଙ୍କୁ ଅଟକାଇପାରୁ ନାହିଁ। ଘାଇଲା ଇଂଲଣ୍ଡ ଦଳ ଭାରତକୁ କିପରି ମୁକାବିଲା କରିବ ତାହା ବ୍ରେଣ୍ଡନ ମ୍ୟାକ୍‌କୁଲମ ଓ ଜୋଶ ବଟ୍ଲରର ଯୋଜନା କରିବାରେ ବିଫଳ ହୋଇଛନ୍ତି। ଏଥିରୁ ଫାଇଦା ଉଠାଇ ଭାରତ ଏହି ମ୍ୟାଚ୍‌କୁ ମଧ୍ୟ ସହଜରେ ଜିତିବ ବୋଲି ଆଶା ରଖିଛି। ବ୍ୟାଟିଂରେ ଭାରତର ଦୁଇ ପ୍ରମୁଖ ଖେଳାଳି ଅଧିନାୟକ ରୋହିତ ଶର୍ମା ଓ କିଙ୍ଗ ବିରାଟ କୋହଲି ଫର୍ମରେ ନ ଥିଲେ। କଟକରରେ ୯୦ ବଲ୍‌ରୁ ୧୧୯ ରନ୍ କରି ରୋହିତ ଫର୍ମକୁ ଫେରିବା ସହ ନିଜ ଓ ଟିମ୍ ମ୍ୟାନେଜମେଣ୍ଟ ଉପରୁ ଚାପ ହଟାଇଦେଇଛନ୍ତି। ଏବେ ପାଳି ରହିଛି ବିରାଟଙ୍କ ଉପରେ। ଏଠାରେ ସେ ଯଦି ଏକ ବଡ଼ ଇନିଂସ ଖେଳିପାରନ୍ତି ତେବେ ବିନା ଚାପରେ ଭାରତ ଚାମ୍ପିଅନ୍ସ ଟ୍ରଫିରେ ମୁକାବିଲା କରିବାକୁ ଯିବ। ରେକର୍ଡ ଦୃଷ୍ଟିରୁ ଦେଖିଲେ ଏହି ମ୍ୟାଚ୍‌ରେ ଆଉ ୧୧ ରନ୍ କଲେ ରୋହିତ ୧୧,୦୦୦ ଏବଂ ୮୯ ରନ୍ କଲେ ବିରାଟ ୧୪,୦୦୦ ରନ୍ ଦିନିକିଆରେ ପୂରଣ କରିବେ। ଏଣୁ ଉଭୟଙ୍କ ଲାଗି ଏହି ମ୍ୟାଚ୍‌ଟି ସ୍ମରଣୀୟ ହେବ ବୋଲି ଆଶା କରାଯାଉଛି। ଅନ୍ୟ ଏକ ଘଟଣା ହେଲା ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଭାରତ ଏହି ଭେନ୍ୟୁରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଥିଲା। ଏବେ ଏଠାରେ ବିଜୟୀ ହୋଇ ମନୋବଳ ବଢ଼ାଇବ ବୋଲି ଆଶା କରାଯାଉଛି।

ସିରିଜ୍ ଫଳାଫଳର ଗୁରୁତ୍ୱ ନ ଥିଲେ ମଧ୍ୟ ବିଜୟ ଧାରା ବଜାୟ ରଖିବା ଯେ କୌଣସି ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। ଏଣୁ

**ଖେଳ ଆରମ୍ଭ**
**ଅପରାହ୍ଣ ୧ଟା ୩୦**
**ପ୍ରସାରଣ**
**ଷ୍ଟାର ସ୍ପୋର୍ଟ୍ସ, ହଟ୍‌ଷ୍ଟାର**

ଭାରତ ଆଉ କୌଣସି ପରୀକ୍ଷା ନିରୀକ୍ଷା ନ କରି ତାହାର ଶ୍ରେଷ୍ଠ ଦଳକୁ ଏହି ମ୍ୟାଚ୍ ଖେଳାଇବ। ବ୍ୟାଟର ତଥା ୱିକେଟରକ୍ଷକ ଲୋକେଶ ରାହୁଲ ପ୍ରଥମ ଦୁଇଟି ମ୍ୟାଚ୍‌ରେ କ୍ଲିକ୍ କରିନାହାନ୍ତି। ତାଙ୍କ ସ୍ଥାନରେ ଋଷଭ ପନ୍ତଙ୍କୁ ସୁଯୋଗ ଦେବା ଏକମାତ୍ର ପରିବର୍ତ୍ତନ ହୋଇପାରେ।


ରୋହିତ-ଶୁବମନଙ୍କ ଯୋଡି କ୍ଲିକ୍ କରୁଥିବାରୁ ଯଶସ୍ୱୀ ଜୟସ୍ୱାଲ ପୂର୍ବପରି ବାହାରେ ରହିବେ। ଏହା ବ୍ୟତୀତ ଅନ୍ୟ କିଛି ପରିବର୍ତ୍ତନ ହୋଇ ନ ପାରେ। ବୋଲିଂରେ ମଧ୍ୟ ସମାନ ଅବସ୍ଥା। ଯଶପ୍ରୀତ୍ ବୁମ୍‌ରା ଏବେ ଅନ୍‌ଫିଟ୍। ଚାମ୍ପିଅନ୍ସ ଟ୍ରଫି ଖେଳିବେ କି ନାହିଁ ତାହା ଉପରେ କେହି ଜୋର ଦେଇ କହିପାରିବେ ନାହିଁ। ଆହତ ସମସ୍ୟାରୁ ଫେରିବା ପରେ ମହମ୍ମଦ୍ ସାମି ଭଲ କରୁଛନ୍ତି। କିନ୍ତୁ ତାଙ୍କ ପାର୍ଟନର ହର୍ଷିତ ରାଣା ୱିକେଟ ପାଉଥିଲେ ମଧ୍ୟ ରନ୍ ନିୟନ୍ତ୍ରଣ କିମ୍ବା ଖେଳାଳିଙ୍କୁ ଅଡୁଆରେ ପକାଇ ପାରୁ ନାହାନ୍ତି। ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଏହା ଭାରତର ଶେଷ ମ୍ୟାଚ୍ ହୋଇଥିବାରୁ ଅର୍ଶଦୀପ୍ ସିଂହଙ୍କୁ ଟେଷ୍ଟ କରାଯାଇପାରେ।

ରୋହିତ ଶର୍ମାଙ୍କଠାରୁ ପ୍ରେରଣା ପାଇଛନ୍ତି ଇଂଲଣ୍ଡ ଅଧିନାୟକ ଜୋଶ ବଟ୍ଲର। କଟକରେ ଦଳର କିଛି ବ୍ୟାଟର ଫର୍ମକୁ ଫେରିଥିଲେ। ଜୋ ରୁଟ ସର୍ବାଧିକ ୬୯ ରନ୍ କରିଥିଲେ ମଧ୍ୟ ତାହାକୁ ଶତକରେ ପରିଣତ କରି ପାରି ନ ଥିଲେ। ଦଳର ଶୀର୍ଷ ୬ଜଣ ବ୍ୟାଟର ଭଲ ଆରମ୍ଭ କରିଥିଲେ, କିନ୍ତୁ କେହି ବଡ଼ ସ୍କୋର କରି ପାରି ନ ଥିଲେ। ଦୁଇ ଓପନର ଫିଲ୍ ସଲ୍ଟ ଓ ବେନ୍ ଡକେଟ ସବୁ ମ୍ୟାଚ୍‌ରେ ଭଲ ପାର୍ଟନରସିପ୍ ଦେଉଛନ୍ତି, କିନ୍ତୁ ଏହାର ଫାଇଦା ଇଂଲଣ୍ଡ ନେଇପାରୁ ନାହିଁ। ଦଳ ଫାଷ୍ଟ ବୋଲରଙ୍କ ଉପରେ ନିର୍ଭର କରୁଛି। ଏମାନେ ମଧ୍ୟ ପ୍ରଭାବ ପକାଇବାରେ ଅସମର୍ଥ। ଦଳର ଏକମାତ୍ର ସ୍ପିନର ଆଦିଲ ରଶିଦ୍‌ଙ୍କୁ ଛାଡ଼ିଦେଲେ ଭାରତୀୟ ବ୍ୟାଟରଙ୍କ ଉପରେ ଆଉ କେହି ପ୍ରଭାବ ପକାଇବାରେ ସମର୍ଥ ହୋଇ ନାହାନ୍ତି। ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ବଟ୍ଲର ଓ ତାଙ୍କ ଟିମ୍ ଏହି ମ୍ୟାଚ୍ ଜିତି ଦୃଢ଼ ଆତ୍ମବଳ ପାଇବେ ବୋଲି ଆଶା କରାଯାଉଛି।

■ ୩୮ତମ ଜାତୀୟ କ୍ରୀଡ଼ା

## ତୃତୀୟ ସ୍ୱର୍ଣ୍ଣ ଜିତିଲେ ଅନିମେଶ

ଭୁବନେଶ୍ୱର, ୧୧।୨ (ସମିସ): ଓଡ଼ିଶାର ଉଦୀୟମାନ ଧାବକ ଅନିମେଶ କୁଜୁର ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାର ୩୮ତମ ସଂସ୍କରଣରେ ତାଙ୍କ ସ୍ୱର୍ଣ୍ଣିମ ସଫଳତା ଧାରା ଜାରି ରଖିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ରେସ୍‌ରେ ଅନିମେଶ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣପଦକ ଜିତିଛନ୍ତି। ଏହି ଦୂରତାକୁ ଅନିମେଶ ୨୦.୫୮ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି ଇଭେଣ୍ଟରେ ରୌପ୍ୟ ଓ କାଂସ୍ୟ ପଦକ ତାମିଲନାଡୁର ଦୁଇ ଧାବକ ରଗୁଲ କୁମାର (୨୧.୦୬) ଓ ବି. ନୀତୀନ (୨୧.୦୭) ହାସଲ କରିଥିଲେ। ଚଳିତ ଜାତୀୟ କ୍ରୀଡ଼ାରେ ଅନିମେଶଙ୍କ ଏହା ୩ୟ ସ୍ୱର୍ଣ୍ଣପଦକ ଥିଲା। ଏଥିପୂର୍ବରୁ ସେ ପୁରୁଷ ୧୦୦ ମିଟର ଓ ୪ ଗୁଣା ୧୦୦ ମିଟର ରିଲେ ରେସରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ତେବେ ମାତ୍ର .୦୫ ସେକେଣ୍ଡ ପାଇଁ ଅନିମେଶ ଆଗାମୀ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନରୁ ବଞ୍ଚିତ ହୋଇଛନ୍ତି।



### ରଶ୍ମିତା ସାହୁଙ୍କୁ କାଂସ୍ୟ

ଜଳକ୍ରୀଡ଼ାରେ ଓଡ଼ିଶାକୁ ବୁଧବାର ଏକ କାଂସ୍ୟ ପଦକ ମିଳିଛି। ଓଡ଼ିଶାର ଉଦୀୟମାନ ରୋୟର ରଶ୍ମିତା ସାହୁ ଏହି ସଫଳତା ଆଣିଛନ୍ତି। ସେ କାନୋଇଂର ମହିଳା ୨୦୦ ମିଟର କାଟାଗୋରୀରେ ପୋଡିୟମର ୩ୟ ସ୍ଥାନରେ ରହି କାଂସ୍ୟ ପଦକ ହାତେଇଥିଲେ। ଚଳିତ ଜାତୀୟ କ୍ରୀଡ଼ାରେ ମଙ୍ଗଳବାର ସୁଦ୍ଧା ଓଡ଼ିଶା ୧୦ ସ୍ୱର୍ଣ୍ଣ ୧୨ ରୌପ୍ୟ ଓ ୧୩ କାଂସ୍ୟ ସହ ମୋଟ୍ ୩୫ ପଦକ ଜିତିସାରିଛି। ଶୁକ୍ରବାର ଜାତୀୟ କ୍ରୀଡ଼ା ଉଦ୍‌ଯାପିତ ହେବ।



### ମେଘାଳୟକୁ ୨୦୨୭ ସଂସ୍କରଣ ଆୟୋଜନ ଅଧିକାର


ଜାତୀୟ କ୍ରୀଡ଼ାର ପରବର୍ତ୍ତୀ ତଥା ୩୯ତମ ସଂସ୍କରଣ ଆୟୋଜନ ଅଧିକାର ମେଘାଳୟକୁ ମିଳିଛି। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ପକ୍ଷରୁ ମେଘାଳୟ ମୁଖ୍ୟମନ୍ତ୍ରୀ କୋନାର୍ଡ ସାଙ୍ଗମାଙ୍କୁ ଚିଠି ଲେଖି ଏହି ସୂଚନା ଦିଆଯାଇଛି। ୨୦୨୭ ଫେବ୍ରୁଆରୀରୁ ମାର୍ଚ୍ଚ ମଧ୍ୟରେ ଏହି ସମ୍ମାନଜନକ ଅନୁଷ୍ଠିତ ହେବ।

■ ଓସିଏ ସଭାପତି ନିର୍ବାଚନ

## ଆଜି ନାମାଙ୍କନ; ପଙ୍କଜଙ୍କ ଉପରେ ନଜର

କଟକ,୧୧।୨(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର ସଭାପତି ପଦ ନିମନ୍ତେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ନାମାଙ୍କନ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଦିନ ୧୧ଟାରୁ ୫ଟା ଭିତରେ ଆଶାୟୀ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବେ। ତେବେ ଓସିଏ ଉପସଭାପତି ତଥା କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ତୁଲାଉଥିବା ପଙ୍କଜ ଲୋଚନ ମହାନ୍ତି ଏକାକୀ ପ୍ରାର୍ଥୀପତ୍ର ଦାଖଲ କରିପାରନ୍ତି ବୋଲି ଶୁଣିବାକୁ ମିଳିଛି। ତାଙ୍କ ବିପକ୍ଷରେ କେହି ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି କୁହାଯାଉଛି। ଆସନ୍ତା ୨୩ରେ ଓସିଏର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ହେବ। ସେହିଦିନ ନୂତନ ସଭାପତି ଦାୟିତ୍ୱ ଗ୍ରହଣ କରିବେ। ପ୍ରକାଶଥାଉକି, ଡିସେମ୍ବର ୨୯ରେ ଓସିଏର ବାର୍ଷିକ ସାଧାରଣ ପରିଷଦ ବୈଠକରେ ପ୍ରଣବ ପ୍ରକାଶ ଦାସ ବ୍ୟକ୍ତିଗତ କାରଣ ଦର୍ଶାଇ ସଭାପତି ପଦରୁ ଇସ୍ତଫା ପତ୍ର ପ୍ରଦାନ କରିଥିବା ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ନିୟମ ଅନୁସାରେ ୪୫ଦିନ ଭିତରେ ପଦ ପୂରଣ ହେବ। ତେବେ ଫେବୃୟାରୀ ୧୦ ସୁଦ୍ଧା ନୂତନ ସଭାପତି ଦାୟିତ୍ୱ ଗ୍ରହଣ କରିବା କଥା। ମାତ୍ର ଏହା ପୂର୍ବଦିନ ବାରବାଟୀରେ ଭାରତ-ଇଂଲଣ୍ଡ ମ୍ୟାଚ ରହିଥିବାରୁ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଏବଂ ସଭାପତି ନିମନ୍ତେ କର୍ମକର୍ତ୍ତା ନିର୍ବାଚନକୁ ଫେବୃୟାରୀ ୨୩କୁ ଘୁଞ୍ଚାଇ ଦିଆଯାଇଛି। ଓସିଏର ନିର୍ବାଚନ ଅଧିକାରୀ ଏମ୍.ଏଲ୍.ମଜୁମଦାର ନିର୍ବାଚନ ପରିଚାଳନା କରୁଛନ୍ତି।

## ସେଲେଡନଙ୍କ ଅବସର



ନୂଆଦିଲ୍ଲୀ,୧୧।୨(ଏଜେନ୍ସି): ସୌରାଷ୍ଟ୍ର ବ୍ୟାଟର ସେଲଡନ ଜ୍ୟାକସନ ମଙ୍ଗଳବାର ପେସାଦାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଗୁଜରାଟ ବିପକ୍ଷ ରଣଜୀଟ୍ରଫି କ୍ୱାର୍ଟରଫାଇନାଲରେ ଦଳର ପରାଜୟ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଦୀର୍ଘ ୧୫ ବର୍ଷର କ୍ୟାରିଅରରେ ସେ ୧୦୫ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୪୫.୮୦ ହାରରେ ୭,୨୦୦ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୨୧ଟି ଶତକ ଓ ୩୯ଟି ଅର୍ଦ୍ଧଶତକ ସାମିଲ ରହିଛି। ସେ ୮୧ଟି ଲିଷ୍ଟ ଏ ମ୍ୟାଚ୍ ଖେଳି ୩୬.୩୫ ହାରରେ ୨,୫୬୪ ରନ ସଂଗ୍ରହ କରିଛନ୍ତି। ଏଥିରେ ୯ଟି ଶତକ ଓ ୧୩ଟି ଅର୍ଦ୍ଧଶତକ ସାମିଲ ରହିଛି। ସେ ମଧ୍ୟ ୮୪ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ସେ ଭାରତ ପାଇଁ ମ୍ୟାଚ୍ ଖେଳିପାରି ନାହାନ୍ତି।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୧।୨(ସମିସ): ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ କ୍ରିକେଟ୍ ଚାମ୍ପିଅନସିପ୍ (ପୁରୁଷ) କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଆନୁକୂଲ୍ୟରେ ଆୟୋଜିତ ଏହି ଚାମ୍ପିଅନସିପ୍‌ରେ ପୂର୍ବାଞ୍ଚଳର ୭୨ ବିଶ୍ୱବିଦ୍ୟାଳୟର ୧୬୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ଅଫିସିଆଲ୍ ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଘରୋଇ ଓଡ଼ିଶାର ୧୨ ବିଶ୍ୱବିଦ୍ୟାଳୟ ରହିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ। ଫେବ୍ରୁଆରୀ ୨୨ରେ ଉଦ୍‌ଯାପିତ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ର ମ୍ୟାଚ୍‌ଗୁଡ଼ିକ କିଟ୍ ବ୍ୟତୀତ ରେଭେନଶା କ୍ରିକେଟ୍ ଗ୍ରାଉଣ୍ଡ, ବିକାଶ କ୍ରିକେଟ୍ ଗ୍ରାଉଣ୍ଡ ଓ ନିମପୁର କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶାର ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ବାରିପଦା) ୨୪ ରନରେ ଶାରଳା ବିର୍ଲା ବିଶ୍ୱବିଦ୍ୟାଳୟ (ଝାଡ଼ଖଣ୍ଡ) କୁ ପରାସ୍ତ କରିଛି।



■ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

## ଭାରତୀୟ ଦଳର ଅଭ୍ୟାସ ଆଜି

ଭୁବନେଶ୍ୱର,୧୧।୨(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚଳିତମାସ ୧୫ରୁ ୨୫ ତାରିଖଯାଏ ଉଭୟ ପୁରୁଷ ଓ ମହିଳା ବିଭାଗରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଏଥିରେ ଭାରତ ଉଭୟ ବିଭାଗରେ ଅଂଶଗ୍ରହଣ କରିବ। ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଏଠାରେ ପୂର୍ବରୁ ଆସି ଅଭ୍ୟାସ ଜାରି ରଖିଛନ୍ତି। ଇଂଲଣ୍ଡ ପୁରୁଷ ଦଳ ଆସନ୍ତାକାଲି ଆସିବ। ଭାରତର ଉଭୟ ଦଳ କଳିଙ୍ଗ ଷ୍ଟାଡିୟମ୍‌ର ଫ୍ଲଡ୍‌ଲାଇଟ୍‌ରେ ବୁଧବାର ଅଭ୍ୟାସ କରିବେ। ଏହା ମଧ୍ୟରୁ ମହିଳା ଦଳ ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ଯାଏ ଓ ପୁରୁଷ ଦଳ ରାତି ୭ଟା ୧୦ରୁ ୮ଟା ୪୦ ଯାଏ ଅଭ୍ୟାସ କରିବେ ବୋଲି ହକି ଇଣ୍ଡିଆ ସୂତ୍ରରୁ ଜଣାଯାଇଛି।

୩୧ତମ ଜାତୀୟ ଦୁଃସାହସିକ ମହୋତ୍ସବ

## ଅନୀତାଙ୍କୁ ଅଦମ୍ୟ ସାହାସ ପୁରସ୍କାର

ଭୁବନେଶ୍ୱର,୧୧।୨(ସମିସ): ଓଡ଼ିଶାର ଅନୀତା ସ୍ୱାଇଁ ଚଣ୍ଡିଗଡ଼ରେ ଶେଷ ହୋଇଥିବା ୩୧ତମ ଜାତୀୟ ଦୁଃସାହସିକ ମହୋତ୍ସବରେ ପର୍ବତାରୋହଣ ଲାଗି ଅଦମ୍ୟ ସାହାସ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ମାତ୍ର ଅଳ୍ପ ବୟସରେ ଅନୀତା ୟୁରୋପର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରସ୍, ଦକ୍ଷିଣ ଆଫ୍ରିକାର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରୋ, ଲଦାଖର ମାଉଣ୍ଟ ଡିଓ ଜୋଙ୍ଗୋ, କାଙ୍ଗ ୟାତ୍ସେ ଆରୋହଣ କରିବାରେ ସଫଳ ହୋଇଛନ୍ତି। ଓଡ଼ିଶାର ଏକମାତ୍ର ଦୁଃସାହସିକ କ୍ଲବ୍ ଆସାର ସେ ସକ୍ରିୟ ସଦସ୍ୟ ତଥା ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନାଙ୍କ କନ୍ୟା। ପୁରସ୍କାର ବାବଦରେ ତାଙ୍କୁ ୩୧,୦୦୦ ଟଙ୍କା ଓ ଟ୍ରଫି ମିଳିଛି। ଏହି ସମ୍ମାନ ଲାଗି ଆସାର ଉପଦେଷ୍ଟା ଅଶୋକ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାମାନେ ଅନୀତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।






ରଣଜୀ ଟ୍ରଫି

# ସେମିରେ ମୁମ୍ବାଇ-ବିଦର୍ଭ ମୁକାବିଲା

କୋଲକାତା,୧୧।୨(ଏଜେନ୍ସି):

ଚଳିତ ରଣଜୀ ଟ୍ରଫିରେ ମୁମ୍ବାଇ, ବିଦର୍ଭ ଓ ଗୁଜରାଟ କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ସେମିକୁ ଉଠିଛନ୍ତି। କୋଲକାତାରେ ଅନୁଷ୍ଠିତ ତୃତୀୟ କ୍ୱାର୍ଟରରେ ମୁମ୍ବାଇ ୧୫୨ ରନରେ ହରିୟାଣାକୁ, ନାଗପୁରରେ ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟରରେ ବିଦର୍ଭ ୧୯୮ ରନରେ ତାମିଲନାଡୁକୁ ଓ ରାଜକୋଟ୍‌ରେ ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟରରେ ଗୁଜରାଟ ଏକ ଇନିଂସ ଓ ୯୮ ରନରେ ସୌରାଷ୍ଟ୍ରକୁ ହରାଇ ସେମିକୁ ଉଠିଛନ୍ତି। ଦ୍ୱିତୀୟ ସେମିରେ ମୁମ୍ବାଇ ଓ ବିଦର୍ଭ ମୁହାଁମୁହିଁ ହେବେ। ସେହିପରି ପ୍ରଥମ ସେମିରେ ଗୁଜରାଟ ପ୍ରଥମ କ୍ୱାର୍ଟରର ବିଜେତା କେରଳ କିମ୍ବା ଜମ୍ମୁ-କଶ୍ମୀରକୁ ଭେଟିବ।



### ହରିୟାଣାକୁ ହରାଇଲେ ଶାର୍ଦ୍ଦୁଳ

ପ୍ରଥମ ପାଳିରେ ୧୪ ରନର ଅଗ୍ରଣୀ ହାସଲ କରିଥିବା ମୁମ୍ବାଇ ଦ୍ୱିତୀୟ ପାଳିରେ ୮୫.୩ ଓଭରରେ ୩୩୯ ରନକରି ଅଲଆଉଟ ହୋଇଥିଲା। ଫଳରେ ହରିୟାଣା ସମ୍ମୁଖରେ ୩୫୪ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ ହରିୟାଣା ମଙ୍ଗଳବାର ଚତୁର୍ଥ ଦିବସରେ ୫୭.୩ ଓଭରରେ ୨୦୧ ରନକରି ଅଲଆଉଟ ହୋଇ ୧୫୨ ରନରେ ପରାସ୍ତ ହୋଇଛି। ମ୍ୟାଚ୍‌ରେ ଶାର୍ଦ୍ଦୁଳ ଠାକୁର ମୋଟ୍ ଉପରେ ୯ ୱିକେଟ ନେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି।

### ତାମିଲନାଡୁର ବିପର୍ଯ୍ୟୟ

ପ୍ରଥମ ପାଳିରେ ୧୨୮ ରନର ଅଗ୍ରଣୀ ହାସଲ କରିଥିବା ବିଦର୍ଭ ଦ୍ୱିତୀୟ ପାଳିରେ ୯୨.୩ ଓଭରରେ ୨୭୨ ରନକରି ଅଲଆଉଟ ହୋଇଥିଲା। ଫଳରେ ତାମିଲନାଡୁ ସମ୍ମୁଖରେ ୪୦୧ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ ତାମିଲନାଡୁ ଦ୍ୱିତୀୟ ପାଳିରେ ୬୧.୧ ଓଭରରେ ୨୦୨ ରନକରି ଅଲଆଉଟ ହେବା ସହ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରଥମ ପାଳିରେ ୧୨୨ ଓ ଦ୍ୱିତୀୟରେ ୨୯ ରନକରି କରିଥିବା ବିଦର୍ଭ ବ୍ୟାଟର କରୁଣ ନାୟର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

### ସୌରାଷ୍ଟ୍ରର ଇନିଂସ ପରାଜୟ

ଗୁଜରାଟ ପ୍ରଥମ ପାଳିରେ ୨୯୫ ରନରେ ଇନିଂସ ଅଗ୍ରଣୀ ହେବା ପରେ ସୌରାଷ୍ଟ୍ର ଦ୍ୱିତୀୟ ପାଳି ୬୨.୧ ଓଭରରେ ୧୯୭ ରନକରି ଅଲଆଉଟ ହୋଇଥିଲା। ଫଳରେ ସୌରାଷ୍ଟ୍ର ଏକ ଇନିଂସ ୯୮ ରନରେ ପରାସ୍ତ ହୋଇ ବାଦ୍ ପଡିଛି। ପ୍ରଥମ ପାଳିରେ ଗୁଜରାଟର ଜୟମିତ ପଟେଲ ୨ ୱିକେଟ ନେବା ସହ ଦ୍ୱିତୀୟ ପାଳିରେ ୧୦୩ ରନର ଶତକୀୟ ପାଳି ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

### କେରଳର ଟାର୍ଗେଟ ୩୯୯

ପୁଣେରେ ଚାଲିଥିବା ପ୍ରଥମ କ୍ୱାର୍ଟରରେ ୧ ରନ ପଛରେ ପଡିଥିବା ଜମ୍ମୁ- କଶ୍ମୀର ଦ୍ୱିତୀୟ ପାଳିରେ ୧୦୦.୨ ଓଭରରେ ୩୯୯/୯ରେ ପାଳି ଘୋଷଣା କରିଥିଲା। ଫଳରେ କେରଳ ସମ୍ମୁଖରେ ୩୯୯ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ପାଳି ଆରମ୍ଭ କରି କେରଳ ମଙ୍ଗଳବାର ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୩୬ ଓଭରରେ ୨ ୱିକେଟ ହରାଇ ୧୦୦ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଗୋଟିଏ ଦିନ ବାକିଥିବା ବେଳେ ୮ ୱିକେଟ ବାକି ରଖି କେରଳ ଆଉ ୨୯୯ ରନ ଆବଶ୍ୟକ କରୁଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS